# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୧/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, April 11/2023 | Page 16 | ₹ 7.00

୪୯ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 136 | ମୂଲ୍ୟ ₹୭/-




## ପରଦାକୁ ଫେରୁଛନ୍ତି ରିୟା

ବଲିଉଡ୍ ଅଭିନେତ୍ରୀ ରିୟା ବହୁ ବାଦବିବାଦରେ ଛନ୍ଦି ହୋଇଥିବାବେଳେ ଏବେ ସେ ୩ ବର୍ଷ ପରେ ପୁଣି ପରଦାକୁ ଫେରୁଛନ୍ତି।

୧୨

୧୬

## ଡୁ'ପ୍ଲେସିଙ୍କ ଦୃଢ଼ ବ୍ୟାଟିଂ

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଟପ୍ ସ୍କୋରର ଫାଫ୍ ଡୁ ପ୍ଲେସି ଅପରାଜିତ ୭୯ରନ କରିଛନ୍ତି।





**ତାତି ବଢ଼ାଇଲା ଶୋଷ:** ରାଜଧାନୀ ଭୁବନେଶ୍ୱରର ସୋମବାର ତାପମାତ୍ରା ୩୯ ଡିଗ୍ରୀ ଛୁଇଁଥିବାବେଳେ ଏଜି ଛକ ନିକଟରେ ଥିବା ପାଣିକୁଣ୍ଡରେ ପାରାମାନେ ଦଳବଦ୍ଧ ହୋଇ ଗାଧୋଇବା ସହ ପାଣି ପିଉଛନ୍ତି। **(ଫଟୋ-ମନୋରଞ୍ଜନ)**

# ସିବିଆଇକୁ ବିରୋଧ ବଢୁଛି

**କେନ୍ଦ୍ରରେ ଯେଉଁ ଦଳ ଶାସନରେ ରହୁଛନ୍ତି, ସେମାନେ ରାଜନୈତିକ ଫାଇଦା ହାସଲ କରିବାକୁ ଯାଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ହାତବାରିସି କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। କେନ୍ଦ୍ରର ଭାଜପା ସରକାର କ୍ଷମତାର ଅପବ୍ୟବହାର କରି ସିବିଆଇର ଦୁରୁପଯୋଗ କରିବାରୁ ପୂର୍ବରୁ ପଶ୍ଚିମବଙ୍ଗ ସମେତ କିଛି ରାଜ୍ୟ ବିରୋଧ କରିବା ସହ ବିନା ସହମତିରେ ସେମାନଙ୍କ ରାଜ୍ୟରେ ଏହି ତଦନ୍ତକାରୀ ସଂସ୍ଥାର ପ୍ରବେଶ ବାଟ ବନ୍ଦ କରିଦେଇଥିଲେ। ଏବେ ଏହି ବିରୋଧ ତାଲିକାରେ ୯ଟି ରାଜ୍ୟ ସାମିଲ ହେବା ପରେ ସିବିଆଇର କାର୍ଯ୍ୟଦକ୍ଷତା ଏବଂ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ପାର୍ଲାମେଣ୍ଟାରି କମିଟି ନୂଆ ଆଇନ ଆଣିବା ସପକ୍ଷରେ ମତ ଦେବାପରେ ଏହି ପ୍ରସଙ୍ଗ ପୁନଶ୍ଚ ଆଲୋଚନାକୁ ଆସିଲାଣି।**

## ୯ ରାଜ୍ୟ ସହମତି ପ୍ରତ୍ୟାହାର କଲେଣି

### ନୂଆ ଆଇନ ଆଣିବା ସପକ୍ଷରେ ପାର୍ଲାମେଣ୍ଟାରି କମିଟିର ମତ

**ନୂଆଦିଲ୍ଲୀ, ୧୦।୪(ଆଇଏଏନ୍ଏସ୍)**





କେତେକ ନିର୍ଦ୍ଦିଷ୍ଟ ମାମଲାରେ ରାଜ୍ୟରେ ସିବିଆଇର ତଦନ୍ତ ଅଧିକାର ଏବେ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଏକାଧିକ ରାଜ୍ୟ ସେମାନଙ୍କ ସାଧାରଣ ସହମତି ପ୍ରତ୍ୟାହାର କରିଦେଲେଣି। ନିକଟରେ ତେଲଙ୍ଗାନା, ମେଘାଳୟ ମଧ୍ୟ ଏହି ବିରୋଧ ତାଲିକାରେ ସାମିଲ ହୋଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଗତ ଶୀତ ଅଧିବେଶନରେ ପାର୍ଲାମେଣ୍ଟରେ ଦେଇଥିବା ବିବୃତିରୁ ଜଣାପଡ଼ିଛି। ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ(ଡିଏସ୍‌ପିଏ) ଆଇନ-୧୯୪୬ର ଧାରା ୬ ଅନୁସାରେ ସିବିଆଇ କୌଣସି ରାଜ୍ୟରେ ତଦନ୍ତ କରିବାକୁ ଚାହୁଁଥିଲେ ସେହି ରାଜ୍ୟର ସହମତି ନେବା ଆବଶ୍ୟକ। ତେଣୁ କେତେକ ନିର୍ଦ୍ଦିଷ୍ଟ ମାମଲା ଏବଂ କିଛି ବର୍ଗର ଲୋକଙ୍କ ବିରୋଧରେ ସିବିଆଇ ତଦନ୍ତ ସିଧାସଳଖ କରିବାକୁ ରାଜ୍ୟଗୁଡ଼ିକ ପକ୍ଷରୁ ସାଧାରଣ ସହମତି ପ୍ରଦାନ ଦିଆଯାଇଥିଲା। ହେଲେ ଛତିଶଗଡ଼, ଝାଡ଼ଖଣ୍ଡ, କେରଳ, ମେଘାଳୟ, ମିଜୋରାମ୍, ପଞ୍ଜାବ, ରାଜସ୍ଥାନ, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗ ସିବିଆଇକୁ ତଦନ୍ତ ☞ପୃଷ୍ଠା-୪

# ଅସହ୍ୟ ହେଲାଣି ତାତି, ୪୦ ଡିଗ୍ରୀ ଛୁଇଁଲା

### ସତର୍କ ରହିବାକୁ କହିଲା ପାଣିପାଗ ବିଭାଗ

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ପ୍ରଚଣ୍ଡ ତାତିରେ ସାରା ଓଡ଼ିଶା ସିଝୁଛି। ଚାରିଆଡ଼େ ସତେଯେମିତି ନିଆଁ ବର୍ଷୁଛି। ଟାଇଁ ଟାଇଁ ଖରାରେ ଦେହମୁଣ୍ଡ ଜଳିପୋଡ଼ି ଯାଉଛି। ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଗତ କିଛିଦିନ ପଶ୍ଚିମାଝଡ଼ଜନିତ ବର୍ଷା ଆଶ୍ୱସ୍ତି ଦେଇଥିଲା। ମାତ୍ର ଦୁଇଦିନ ହେବ ସମଗ୍ର ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମଲହରି ଆରମ୍ଭ ହୋଇଛି। ପାରଦ ଦୁଇଦିନରେ ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ଉପରୁ ଉଠିଯାଇଛି। ସକାଳ ୮ରୁ ଆରମ୍ଭ ହୋଇଯାଉଛି ଗ୍ରୀଷ୍ମର ପ୍ରକୋପ। ସୋମବାର ସକାଳ ସାଢ଼େ ୮ଟାରେ ରାଜଧାନୀ ଭୁବନେଶ୍ୱରର ତାପମାତ୍ର ୩୧ ଡିଗ୍ରୀ ସେଲ୍‌ସିୟସ ଛୁଇଁଥିଲା ବେଳେ ଦିନ ୧୧ଟା ସୁଦ୍ଧା ତାପମାତ୍ରା ୬ ଡିଗ୍ରୀ ବଢ଼ି ୩୭.୨ରେ ପହଞ୍ଚି ଯାଇଥିଲା। ଅପରାହ୍ଣ ୩ଟା ସୁଦ୍ଧା ସହରର ତାପମାତ୍ରା ୩୯.୭ ଡିଗ୍ରୀ ହୋଇଥିଲା। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ପାରଦ ଉପରମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୦.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ☞ପୃଷ୍ଠା-୪

# ସିବିଆଇ ତଦନ୍ତ ପାଇଁ ଚିଠି ଲେଖିଲା ଡାକ ବିଭାଗ

### ଓଡ଼ିଶାରେ ଜାଲ୍ ସାର୍ଟିଫିକେଟ ମାମଲା

### ଡିଇଓ, ବିଇଓଙ୍କୁ ରିପୋର୍ଟ ମାଗିଲା ଗଣଶିକ୍ଷା ବିଭାଗ

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ଜାଲ୍ ସାର୍ଟିଫିକେଟ କାରବାର କେବଳ ରାଜ୍ୟ ଭିତରେ ସୀମିତ ନାହିଁ। ଏହାର ଚେର ବାହାର ରାଜ୍ୟକୁ ମଧ୍ୟ ଲମ୍ବିଛି। ଗ୍ରାମୀଣ ଡାକ ସେବକରେ ଅନେକେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ଆସିଛି। ଏହି ଜାଲ୍ ସାର୍ଟିଫିକେଟ ମାମଲାରେ ଏକାଧିକ ରାଜ୍ୟ ସାମିଲ ଥିବାରୁ ସୋମବାର ମାମଲାର ତଦନ୍ତ କରିବାକୁ ଓଡ଼ିଶା ସର୍କଲ ଡାକ ବିଭାଗ ପକ୍ଷରୁ ସିବିଆଇ ଏସ୍‌ପିଙ୍କୁ ଚିଠି ଲେଖାଯାଇଛି। ଏହି ଚିଠି ମହାଡାକପାଳ ଲେଖିଥିବା ସୂଚନା ମିଳିଛି। ଜାଲ୍ ସାର୍ଟିଫିକେଟ ଦେଇ ଡାକ ବିଭାଗଠାରୁ ଆରମ୍ଭକରି ଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ବହୁ ☞ପୃଷ୍ଠା-୪

## ତରୁଣ ପାଣ୍ଡେ କଂଗ୍ରେସ ପ୍ରାର୍ଥୀ



**ଭୁବନେଶ୍ୱର, ୧୦।୪(ବ୍ୟୁରୋ):** ଝାରସୁଗୁଡ଼ା ଉପନିର୍ବାଚନ ଲାଗି କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ତରୁଣ ପାଣ୍ଡେଙ୍କୁ ଦଳ ଏଠାରେ ପ୍ରାର୍ଥୀ କରିଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ତରୁଣଙ୍କ ନାମରେ ସୋମବାର ମୋହର ମାରିଛି। ତରୁଣ ହେଉଛନ୍ତି ପୂର୍ବତନ ବିଧାୟକ ସ୍ୱର୍ଗତ ବୀରେନ ଚନ୍ଦ୍ର ପାଣ୍ଡେଙ୍କ ପୁଅ। ବୀରେନ ପାଣ୍ଡେ ୧୯୮୦, ୧୯୮୫ ଏବଂ ୧୯୯୫ରେ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କଂଗ୍ରେସ ପକ୍ଷରୁ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ୫ ଜଣିଆ କମିଟି ଝାରସୁଗୁଡ଼ାର ବିଭିନ୍ନ କର୍ମୀ ଏବଂ ନେତାଙ୍କ ସହ ଆଲୋଚନା କରିବା ପରେ ପିସିସିକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗାଇଲେ ଦୋଷ

# ଏଏପିକୁ ଜାତୀୟ ଦଳ ମାନ୍ୟତା

### ଟିଏମ୍‌ସି, ଏନ୍‌ସିପି, ସିପିଆଇ ବାଦ୍ ପଡ଼ିଲେ

**ନୂଆଦିଲ୍ଲୀ, ୧୦।୪(ପି.ଟି.)**

ନିର୍ବାଚନ କମିଶନ ସୋମବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ଜାତୀୟ ଦଳର ମାନ୍ୟତା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ(ଟିଏମ୍‌ସି), ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଜାତୀୟ ଦଳ ମାନ୍ୟତାକୁ ପ୍ରତ୍ୟାହାର କରି ନିଆଯାଇଛି। ସେହିପରି ଉତ୍ତରପ୍ରଦେଶର ଆର୍‌ଏଲ୍‌ଡି, ଆନ୍ଧ୍ରପ୍ରଦେଶର ବିଆର୍‌ଏସ୍, ମଣିପୁରର ପିଡିଏ, ପଣ୍ଡିଚେରୀର ପିଏମ୍‌କେ, ପଶ୍ଚିମବଙ୍ଗର ଆର୍‌ଏସ୍‌ପି ଏବଂ ମିଜୋରାମର ଏମ୍‌ପିସିକୁ ମିଳିଥିବା ରାଜ୍ୟ ଦଳ ମାନ୍ୟତା ମଧ୍ୟ ପ୍ରତ୍ୟାହାର କରିନିଆଯାଇଛି। ଦିଲ୍ଲୀ, ପଞ୍ଜାବ, ଗୋଆ ଏବଂ ଗୁଜରାଟରେ ଏଏପିର ନିର୍ବାଚନୀ ପ୍ରଦର୍ଶନ ଆଧାରରେ ଏହାକୁ ଜାତୀୟ ଦଳ ମାନ୍ୟତା ଦିଆଯାଇଥିବା କମିଶନ କହିଛନ୍ତି। ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ଏବେ ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାରେ ରହିଛି। ଏନ୍‌ସିପି, ଟିଏମ୍‌ସି ଏବଂ ସିପିଆଇର ଜାତୀୟ ଦଳ ମାନ୍ୟତା ପ୍ରତ୍ୟାହାର ପରେ ଏବେ ଭାଜପା, କଂଗ୍ରେସ, ସିପିଆଇ(ଏମ୍), ବହୁଜନ ସମାଜ ପାର୍ଟି (ବିଏସ୍‌ପି), ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଏବଂ ଏଏପି ଜାତୀୟ ଦଳ ଭାବେ ଗଣାହେବେ। ସେହିପରି ପ୍ରଦର୍ଶନ ଆଧାରରେ ଏନ୍‌ସିପି ଏବଂ ତୃଣମୂଳ କଂଗ୍ରେସକୁ ଯଥାକ୍ରମେ ନାଗାଲାଣ୍ଡ ମେଘାଳୟରେ ରାଜ୍ୟ ଦଳ ମାନ୍ୟତା ମିଳିଛି। ନାଗାଲାଣ୍ଡରେ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ), ମେଘାଳୟରେ ଭଏସ୍ ଅଫ୍ ପିପୁଲ୍ ପାର୍ଟି ଏବଂ ତ୍ରିପୁରାରେ ଟିପ୍ରା ମୋଥାକୁ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଦଳ ମାନ୍ୟତା ମିଳିଥିବା ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାରେ କୁହାଯାଇଛି। ୨୦୨୪ ନିର୍ବାଚନରେ ଟିଏମ୍‌ସି, ସିପିଆଇ ଏବଂ ଏନ୍‌ସିପିକୁ ଚେକ୍ ଦେବା ପାଇଁ ଏଭଳି କରାଯାଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଇସିଙ୍କ ଏହି ଘୋଷଣା ପରେ ରାଜନୀତି ଜୋର ଧରିବାରେ ଲାଗିଛି।

# କ୍ରିଉ ମେମ୍ବରଙ୍କୁ ଯାତ୍ରୀଙ୍କ ଆକ୍ରମଣ

## ଲଣ୍ଡନ ଯାଉଥିବା ବିମାନ ଦିଲ୍ଲୀ ଫେରିଲା

**ନୂଆଦିଲ୍ଲୀ, ୧୦।୪**

ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନରେ ଜଣେ ବିଶୃଙ୍ଖଳିତ ଯାତ୍ରୀ ୨ ଜଣ କ୍ୟାବିନ୍ କ୍ରିଉ ମେମ୍ବରଙ୍କୁ କ୍ଷତି ପହଞ୍ଚାଇବାରୁ ଉକ୍ତ ବିମାନକୁ ଦିଲ୍ଲୀ ଫେରାଇ ଅଣାଯାଇଛି। ଉକ୍ତ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇଦିଆଯିବା ସହ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ସୋମବାର ଜଣେ ଯାତ୍ରୀଙ୍କ ଗୁରୁତର ବିଶୃଙ୍ଖଳିତ କାର୍ଯ୍ୟ ଯୋଗୁ ଲଣ୍ଡନର ହିଥ୍ରୋ ବିମାନବନ୍ଦରକୁ ଯାଉଥିବା ବିମାନକୁ ଉଡ଼ାଣର ୩ଘଣ୍ଟା ପରେ ନୂଆଦିଲ୍ଲୀକୁ ଫେରାଇ ଅଣାଯାଇଥିଲା ବୋଲି ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଯାତ୍ରୀ ଜଣକ ଦୁଇ କ୍ରିଉ ସଦସ୍ୟଙ୍କୁ ମାଡ଼ ମାରିଥିଲେ ବୋଲି





ଅଭିଯୋଗ ହୋଇଛି। ଫଳରେ ପାଇଲଟ ବିମାନକୁ ଫେରାଇ ଆଣିବା ଲାଗି ନିଷ୍ପତ୍ତି ନେଇଥିଲେ। ବିମାନର ପ୍ରତ୍ୟେକ ଯାତ୍ରୀଙ୍କ ସୁରକ୍ଷା, ନିରାପତ୍ତା ଓ ମର୍ଯ୍ୟାଦା ଏୟାର ଇଣ୍ଡିଆ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ଯାତ୍ରୀମାନଙ୍କ ଅସୁବିଧା ପାଇଁ ଉକ୍ତ ଏୟାରଲାଇନ୍ସ ଦୁଃଖ ପ୍ରକାଶ କରିଛି। ଖବର ଅନୁଯାୟୀ ଏୟାର ଇଣ୍ଡିଆର ବୋଇଂ ୭୮୭ ଦିଲ୍ଲୀ ବିମାନବନ୍ଦରରୁ ସକାଳ ୬ଟା ୩୫ରେ ଉଡ଼ାଣ ଆରମ୍ଭ କରିଥିଲା। ୯.୪୨ରେ ଏହା ବିମାନବନ୍ଦରକୁ ଫେରିଥିଲା ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି। ଅପରାହ୍ଣରେ ଉକ୍ତ ବିମାନ ପୁଣିଥରେ ଲଣ୍ଡନ ଅଭିମୁଖେ ଉଡ଼ାଣ କରିଛି। ଅନ୍ୟପକ୍ଷେ ଯଶକିରଟ ନାମକ ବିଶୃଙ୍ଖଳିତ ଯାତ୍ରୀ ମାନସିକ ଭାବେ ଅସ୍ଥିର ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଡ୍ୟୁଟିରେ ଥିବା କ୍ରିଉ ସଦସ୍ୟଙ୍କୁ ଅନେକ ସମୟରେ ଗାଳି ଓ ମାଡ଼ର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଏୟାର ଇଣ୍ଡିଆ ସିଇଓ କ୍ୟାମ୍ପବେଲ୍ ୱିଲସନ୍ ନିକଟରେ ଏକ ସାକ୍ଷାତ୍କାରରେ କହିଥିଲେ। ଏପରି କୌଣସି ଦିନ ନାହିଁ ☞ପୃଷ୍ଠା-୪


DSPL-03

TRANSPARENCY TECHNOLOGY TEAMWORK TIME TRANSFORMATION | ଓଡ଼ିଶା ସରକାର | ମୋ ସରକାର ☎ 14545

## ଜାତୀୟ ନିରାପଦ ମାତୃତ୍ୱ ଦିବସ

୧୧ ଏପ୍ରିଲ୍ ୨୦୨୩

"ଆମ ରାଜ୍ୟର ସମସ୍ତ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ 'ଜାତୀୟ ନିରାପଦ ମାତୃତ୍ୱ ଦିବସ' ଅବସରରେ ସମସ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷମାନଙ୍କୁ ମୁଁ ଅନୁରୋଧ କରୁଛି।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ,ଓଡ଼ିଶା



### ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମର ପ୍ରୟାସ ଓ ଉପଲବ୍ଧି

- ରାଜ୍ୟରେ ସମସ୍ତ ଗର୍ଭବତୀ ଓ ପ୍ରସୂତି ମା'ଙ୍କୁ ନିଃଶୁଳ୍କ ଏବଂ ଉତ୍ତମ ମାନର ପ୍ରାକ୍ ପ୍ରସବ, ପ୍ରସବ କାଳୀନ ଏବଂ ପ୍ରସବ ପରବର୍ତ୍ତୀ ସେବା ଯୋଗାଇ ଦିଆଯାଉଛି।
- ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ **'ସମ୍ପୂର୍ଣ୍ଣା'** ଯୋଜନାରେ ଦୁର୍ଗମ ଅଞ୍ଚଳର ଗର୍ଭବତୀ ମା' ମାନଙ୍କୁ ଅତିରିକ୍ତ ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।
- ରାଜ୍ୟରେ ସ୍ଥାପିତ ହୋଇଥିବା ୭୪ଟି **ମା' ଓ ଶିଶୁ ଚିକିତ୍ସା କେନ୍ଦ୍ର** ଏବଂ ୯୩ ଟି **ମା'ଗୃହ** ସହାୟତାରେ ନିରନ୍ତର ଉତ୍ତମ ଗୁଣବତ୍ତାଯୁକ୍ତ ସେବା ଯୋଗାଇ ଦିଆଯାଉଛି।
- ଡ଼ାକ୍ତରଖାନାରେ ପ୍ରସବ ପାଇଁ ଗର୍ଭବତୀ ମା'ମାନଙ୍କୁ ଗ୍ରାମାଞ୍ଚଳରେ ୧୪ଶହ ଟଙ୍କା ଓ ସହରାଞ୍ଚଳରେ ୧ହଜାର ଟଙ୍କା ପ୍ରୋତ୍ସାହନ ଏବଂ ଘରକୁ ଫେରିବା ପାଇଁ ୫ଶହ ଟଙ୍କା ଖର୍ଚ୍ଚ ବାବଦକୁ ଯୋଗାଇ ଦିଆଯାଉଛି।
- ଉପରୋକ୍ତ ପଦକ୍ଷେପର ଫଳ ସ୍ୱରୂପ ଓଡ଼ିଶା ମାତୃ ମୃତ୍ୟୁହାରରେ ସର୍ବାଧିକ ୩୦୫ ପଏଣ୍ଟ ହ୍ରାସ, ପ୍ରସବ ପୂର୍ବବର୍ତ୍ତୀ ପରୀକ୍ଷା କ୍ଷେତ୍ରରେ ୭୮.୧% ଓ ଆନୁଷ୍ଠାନିକ ପ୍ରସବରେ ୯୨.୨% ଲକ୍ଷ୍ୟ ହାସଲ କରି ଦେଶର ସର୍ବଶ୍ରେଷ୍ଠ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇଛି।

ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

OIPR-10003/13/0004/2324

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

facebook.com/HFWOdisha | @HFWOdisha | http://www.health.odisha.gov.in

## ଆଲପ୍ସରେ ହିମସ୍ଖଳନ : ୬ ମୃତ

ଫ୍ରାନ୍ସର ଆଲପ୍ସରେ ହିମସ୍ଖଳନ ଘଟି ୨ ମାଉଣ୍ଟେନ୍ ଗାଇଡ୍‌ଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ଆହତ ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ପାଖାପାଖି ୮ ଜଣଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଛି। ମୃତକମାନଙ୍କ ଚିହ୍ନଟ ହୋଇନାହିଁ।

**ସଂକ୍ଷେପରେ**

## କୋଭୋଭାକ୍ସ ବୁଷ୍ଟର ଖୁବ୍‌ଶୀଘ୍ର

**ଡୋଜ୍ ପ୍ରତି ୨୨୫ ଟଙ୍କା**

**ନୂଆଦିଲ୍ଲୀ, ୧୦।୪:** କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ସେରମ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବିକଶିତ କୋଭୋଭାକ୍ସ ଟିକାର ବୁଷ୍ଟର ଡୋଜ୍‌କୁ ଅନୁମତି ପ୍ରଦାନ କରିଛନ୍ତି। କୋଭୋଭାକ୍ସ ବୁଷ୍ଟର ଡୋଜ୍ ଖୁବ୍‌ଶୀଘ୍ର କୋୱିନ୍ ପୋର୍ଟାଲରେ ଉପଲବ୍ଧ ହେବାକୁ ଯାଉଛି। ଏହାର ଗୋଟିଏ ଡୋଜ୍‌ର ମୂଲ୍ୟ ୨୨୫ ଟଙ୍କା ନିର୍ଦ୍ଧାରଣ କରାଯାଇଛି। ଯେଉଁମାନେ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ୍ ଟିକା ନେଇଛନ୍ତି, ସେମାନେ କୋଭୋଭାକ୍ସ ବୁଷ୍ଟର ଡୋଜ୍ ନେଇପାରିବେ। ପୂର୍ବରୁ କୋଭୋଭାକ୍ସ ବୁଷ୍ଟର ଡୋଜ୍‌କୁ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ), ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି।

**ଅଗ୍ନିପଥ ଯୋଜନା**

## ଦିଲ୍ଲୀ ହାଇକୋର୍ଟ ରାୟ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ, ୧୦।୪:** ସୈନ୍ୟବାହିନୀରେ ଠିକା ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଦିଲ୍ଲୀ ହାଇକୋର୍ଟ କାଏମ ରଖିଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ସୋମବାର ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି। ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ସେନାରେ ଭର୍ତ୍ତି ହେବା ଲାଗି ଯେଉଁ ପ୍ରାର୍ଥୀମାନେ ରାଲି, ଶାରୀରିକ ଓ ମେଡିକାଲ ପରୀକ୍ଷା ଜରିଆରେ ଚୟନ ହୋଇଥିବେ, ନିଯୁକ୍ତିରେ ସେମାନଙ୍କର ପୂର୍ଣ୍ଣ ଅଧିକାର ରହିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିବା ସହ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟ ରାୟ ବିରୋଧରେ ଗୋପାଳ କ୍ରିଷ୍ଣନ ଏବଂ ଏମ୍.ଏଲ୍. ଶର୍ମା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

## ଜିଭ ଚାଟିବାକୁ କହି କ୍ଷମା ମାଗିଲେ ଦଲାଇ ଲାମା

**ନୂଆଦିଲ୍ଲୀ, ୧୦।୪:** ବିବାଦୀୟ ଭାଇରାଲ ଭିଡିଓକୁ ନେଇ ସୋମବାର ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ବାଳକ ଓ ତାଙ୍କ ପରିବାର ଉଦ୍ଦେଶ୍ୟରେ କ୍ଷମା ମାଗିଛନ୍ତି। ଆଶୀର୍ବାଦ ପାଇଁ ଧର୍ମଗୁରୁଙ୍କ ପାଖକୁ ଯାଇଥିବା ଜଣେ ବାଳକକୁ ସେ ଜିଭ ଚାଟିବାକୁ କହୁଥିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହୋଇଥିଲା। ଭିଡିଓକୁ ନେଇ ଦଲାଇ ଲାମା ସମାଲୋଚନାର ଶିକାର ହୋଇଥିଲେ।



# ଚାଇନା ଲଢ଼ିବା ପାଇଁ ପ୍ରସ୍ତୁତ

**ତାଇୱାନ ନିକଟରେ ୩ ଦିନିଆ ସମରାଭ୍ୟାସ ପରେ ବେଜିଂର ଘୋଷଣା**

ତାଇପେଇ, ୧୦।୪

ତାଇୱାନ୍ ଚାରିପଟେ ଚାଇନାର ତିନିଦିନିଆ ସମରାଭ୍ୟାସ ସୋମବାର ଶେଷ ହୋଇଛି। ସମରାଭ୍ୟାସ ଶେଷ ହେବା ପରେ ଲଢ଼ିବା ପାଇଁ ପ୍ରସ୍ତୁତ ବୋଲି ଚାଇନା ସୈନ୍ୟବାହିନୀ ଘୋଷଣା କରିଛି। ଗତ ସପ୍ତାହରେ ତାଇୱାନ୍ ରାଷ୍ଟ୍ରପତିଙ୍କ ଆମେରିକା ଗସ୍ତ ପରେ ବେଜିଂ ଭୟ ଦେଖାଇଛି। ସମରାଭ୍ୟାସ ବେଳେ ତାଇୱାନ ଦ୍ୱୀପକୁ ଚାଇନା ସମ୍ପୂର୍ଣ୍ଣ ସିଲ୍ କରି ରଖିଥିଲା। ଜଏଣ୍ଟ ସୋର୍ଡ ନାମରେ ଏହି ଯୁଦ୍ଧ ପ୍ରସ୍ତୁତି ପାଟ୍ରୋଲ ସ୍ୱଶାସିତ ତାଇୱାନ୍‌କୁ ଏକ ଚେତାବନୀ। ଉକ୍ତ ଭୂଖଣ୍ଡକୁ ଚାଇନା ନିଜର ଦାବି କରିଆସୁଛି। ତାଇୱାନର ଯେକୌଣସି ପ୍ରକାର ସ୍ୱାଧୀନତା ଏବଂ ବିଦେଶୀ ହସ୍ତକ୍ଷେପକୁ ଧ୍ୱଂସ କରିଦେବା ଲାଗି ସବୁ ସମୟରେ ଲଢ଼ିବା ପାଇଁ ଆମେ ପ୍ରସ୍ତୁତ ବୋଲି ମିଳିତ ସେନା ପକ୍ଷରୁ କୁହାଯାଇଛି।

ଗତବର୍ଷ ଅଗଷ୍ଟରେ ତତ୍କାଳୀନ ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସି ତାଇୱାନ୍ ଗସ୍ତ କରିବା ପରେ ଚାଇନା ଏହାର ସୀମାରେ ସମରାଭ୍ୟାସ କରିବା ସହ ସମୁଦ୍ରର ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ବେଜିଂର ଏଭଳି ସମରାଭ୍ୟାସ ତାଇୱାନ ପାଇଁ କେବଳ ଧମକ ନୁହେଁ, ସମୁଦ୍ର ଓ ଆକାଶ ପଥକୁ ଅବରୋଧ କରି ଏହି ଦ୍ୱୀପକୁ ଚାରିପଟୁ ସିଲ୍ କରିଦେବା ଲାଗି ଏହା ଏକ ସୁଯୋଗ। ଚାଇନା ମିଲିଟାରୀ ଶକ୍ତିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି ବୋଲି ସାମରିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ତାଇୱାନ୍‌ର ସ୍ୱାଧୀନତାକୁ ସ୍ଥାୟୀ କରିବା ଲକ୍ଷ୍ୟରେ ଏହାର ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କ ଆମେରିକା ସମେତ କେତେକ ଦେଶ ଗସ୍ତ କରିଥିଲେ। ସେ ଆମେରିକା ହାଉସ୍ ସ୍ପିକର କେଭିନ୍ ମାକାର୍ଥିଙ୍କୁ ଭେଟିବା ପରେ ବେଜିଂ ନିଜର ଆକ୍ରମଣାତ୍ମକ ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିଛି। ଶନିବାର ତାଇୱାନ୍ ଦ୍ୱୀପ ଚାରିପଟେ ଚାଇନାର ୮ଟି ଯୁଦ୍ଧଜାହାଜ ଏବଂ ୭୧ଟି ଲଢୁଆ ବିମାନ ପଇଁତରା ମାରିଥିଲା। ଏଥିରେ ଚେଙ୍ଗଡୁ ଜେ-୧୦, ଶେନ୍ୟାଙ୍ଗ ଜେ-୧୧ ଏବଂ ଶେନ୍ୟାଙ୍ଗ ଜେ-୧୬ ଜେଟ୍ ସାମିଲ ଥିଲେ। ଏଥର ଚାଇନା ମୁଖ୍ୟତଃ ଏହାର ବାୟୁସେନା ସାମର୍ଥ୍ୟ ପ୍ରଦର୍ଶନ କରିଥିଲା। ୩ ଦିନରେ ଚାଇନା ଯୁଦ୍ଧବିମାନଗୁଡ଼ିକ ୨୦୦ ଥର ତାଇୱାନ ଚାରିପଟେ ପଇଁତରା ମାରିଥିଲେ। ଯୁଦ୍ଧବିମାନବାହୀ ଯୁଦ୍ଧଜାହାଜ ଶାଣ୍ଡୋଙ୍ଗ ପ୍ରଥମ ଥର ପାଇଁ ତାଇୱାନ୍ ଚାରିପଟେ ଚକ୍କର କାଟିଥିଲା। ତାଇୱାନକୁ ସହାୟତା ପାଇଁ ଆସିବାକୁ ଥିବା ବିଦେଶୀ ଶକ୍ତିକୁ ପ୍ରତିହତ କରିବା ଏହାର ଉଦ୍ଦେଶ୍ୟ ବୋଲି ଜଣେ ପ୍ରତିରକ୍ଷା ଗବେଷକ କହିଛନ୍ତି। ଅର୍ଥାତ୍ ଭବିଷ୍ୟତରେ ଅନୁରୂପ ସାମରିକ କାର୍ଯ୍ୟାନୁଷ୍ଠାନ ହେଲେ ତାଇୱାନ୍‌କୁ ଏକାକୀ ଏହାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ନ୍ୟାଶନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ରିସର୍ଚ୍ଚର ଗବେଷକ ହାନ୍ ଗାନ୍-ମିଙ୍ଗ୍ କହିଛନ୍ତି।



ତାଇୱାନ୍ ନିକଟରେ ଚାଇନା ଯୁଦ୍ଧ ଜାହାଜର ପଇଁତରା।

## ପରିସଂଖ୍ୟାନ କ୍ଷେତ୍ରରେ ସି.ଆର୍. ରାୟଙ୍କୁ ଅନ୍ତର୍ଜାତୀୟ ପୁରସ୍କାର



ୱାଶିଂଟନ୍, ୧୦।୪

ଭାରତୀୟ-ଆମେରିକୀୟ ଗଣିତଜ୍ଞ କାଲ୍ୟାମ୍ପୁଡି ରାଧାକ୍ରିଷ୍ଣନ୍ ରାୟଙ୍କୁ ପରିସଂଖ୍ୟାନ କ୍ଷେତ୍ରରେ ଚଳିତବର୍ଷର ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯିବ। ପରିସଂଖ୍ୟାନ କ୍ଷେତ୍ରରେ ଏହା ନୋବେଲ୍ ପ୍ରାଇଜ୍ ସହିତ ସମାନ। ନିଜର ୭୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ରାୟ ପରିସଂଖ୍ୟାନ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ସହ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ତାଙ୍କ ଅବଦାନ ରହିଛି। ଜୁଲାଇରେ କାନାଡ଼ା ଓଣ୍ଟାରିଓସ୍ଥିତ ବିନିଆଲ୍ ଇଣ୍ଟରନ୍ୟାଶନାଲ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ ୱାର୍ଲ୍ଡ ଷ୍ଟାଟିଷ୍ଟିକ୍ସ କଂଗ୍ରେସରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ରାଶି ବାବଦକୁ ୧୦୨ ବର୍ଷୀୟ ରାୟଙ୍କୁ ୮୦,୦୦୦ ଡଲାର ପ୍ରଦାନ କରାଯିବ।

## ଭାରତର ଇଞ୍ଚେ ଜମି କେହି ନେଇପାରିବେ ନାହିଁ: ଶାହା

ନୂଆଦିଲ୍ଲୀ/ବେଜିଂ, ୧୦।୪

ଚାଇନାର ବିରୋଧ ସତ୍ତ୍ୱେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୋମବାର ଅରୁଣାଚଳପ୍ରଦେଶ ଗସ୍ତରେ ଯାଇ ଭାରତର କ୍ଷେତ୍ରୀୟ ଅଖଣ୍ଡତା ଉପରେ କେହି ପ୍ରଶ୍ନ ଉଠାଇପାରିବେ ନାହିଁ ବୋଲି କହିଛନ୍ତି। କେହି ଆମର ଇଞ୍ଚେ ବି ଜମି ନେଇପାରିବେ ନାହିଁ ବୋଲି ଶାହା ଦୃଢ଼ୋକ୍ତି କରିଛନ୍ତି। ଅନ୍ୟପକ୍ଷରେ ଶାହାଙ୍କ ଗସ୍ତକୁ ବିରୋଧ କରିବା ସହ ଅରୁଣାଚଳପ୍ରଦେଶରେ ତାଙ୍କ କାର୍ଯ୍ୟକ୍ରମ ଚାଇନାର କ୍ଷେତ୍ରୀୟ ସାର୍ବଭୌମତ୍ୱର ଉଲ୍ଲଂଘନ କରୁଥିବା ବେଜିଂ କହିଛି।

ଅରୁଣାଚଳପ୍ରଦେଶର ସୀମାନ୍ତ ଗ୍ରାମ କିବିଥୁରୁ ସ୍ୱରାଷ୍ଟ୍ର ମନ୍ତ୍ରୀ 'ଭାଇବ୍ରାଣ୍ଟ ଭିଲେଜସ୍ ପ୍ରୋଗ୍ରାମ' ଶୁଭାରମ୍ଭ କରିଛନ୍ତି। ଆଇଟିବିପି ଯବାନ ଓ ସେନା ଦିନରାତି ସୀମାରେ କାର୍ଯ୍ୟ କରୁଥିବାରୁ ସାରା ଦେଶବାସୀ ଘରେ ଶାନ୍ତିରେ ଶୋଇପାରୁଛନ୍ତି। ଆମ ଉପରେ ପାପଦୃଷ୍ଟି ପକାଇବାର କ୍ଷମତା କାହାର ନାହିଁ ବୋଲି ଶାହା କହିଥିଲେ। ଜାଙ୍ଗନାନ୍ (ଅରୁଣାଚଳପ୍ରଦେଶକୁ ଚାଇନା ଦେଇଥିବା ନାମ) ଚାଇନା ଅଞ୍ଚଳ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ ଗଣମାଧ୍ୟମକୁ କହିଛନ୍ତି। ଭାରତୀୟ ଅଧିକାରୀମାନଙ୍କ ଗସ୍ତ ଚାଇନାର ସାର୍ବଭୌମତ୍ୱର ଉଲ୍ଲଂଘନ କରୁଛି। ଏହା ସୀମାନ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖିବାରେ ସହାୟକ ହେବ ନାହିଁ। ଆମେ ଏହାକୁ ଦୃଢ଼ ବିରୋଧ କରୁଛୁ ବୋଲି ୱାଙ୍ଗ୍ କହିଛନ୍ତି।

**ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅରୁଣାଚଳ ଗସ୍ତକୁ ଚାଇନାର ସମାଲୋଚନା**



ଅମିତ୍ ଶାହା

## ଅମ୍ରିତପାଲ୍‌ଙ୍କ ସହଯୋଗୀ ପପଲପ୍ରୀତ ସିଂ ଗିରଫ

ଚଣ୍ଡିଗଡ଼, ୧୦।୪

ଫେରାର ଖଲିସ୍ତାନୀ ନେତା ଅମ୍ରିତପାଲ୍ ସିଂଙ୍କ ଖାସ୍ ସହଯୋଗୀ ପପଲପ୍ରୀତ ସିଂଙ୍କୁ ସୋମବାର ପଞ୍ଜାବ ଅମୃତସର କାଠୁନାଙ୍ଗାଲ ଅଞ୍ଚଳରୁ ଗିରଫ କରାଯାଇଛି। ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ପପଲପ୍ରୀତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଦେଶବିରୋଧୀ ଏବଂ ଆପରାଧିକ କାର୍ଯ୍ୟରେ ଅମ୍ରିତପାଲ୍‌ଙ୍କୁ ପପଲପ୍ରୀତ ସାହାଯ୍ୟ କରୁଥିବା ପଞ୍ଜାବ ପୋଲିସ ଆଇଜି ସୁଖଚେନ୍ ସିଂ କହିଛନ୍ତି। ପପଲପ୍ରୀତଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ଏବଂ ଇଣ୍ଟେଲିଜେନ୍ସ ୱିଙ୍ଗ ପକ୍ଷରୁ ମିଳିତ ଅପରେଶନ୍ କରାଯାଇଥିଲା। ତାଙ୍କ ବିରୋଧରେ ଆଉ ୬ ମାମଲା ରୁଜୁ କରାଯାଇଛି। ଗିରଫ ପପଲପ୍ରୀତ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇ ସହ ଯୋଗାଯୋଗରେ ଥିବା ପୋଲିସ କହିଛି। କିଛିଦିନ ପୂର୍ବେ ହୋସିଆରପୁରର ଏକ ଗ୍ରାମର ଡେରା (ଧାର୍ମିକ ସଭା)ରେ ପପଲପ୍ରୀତ ଥିବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଥିଲା। ଭିଡିଓକୁ ଆଧାରକରି ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ୍ କରାଯାଇଥିଲା। ସୂଚନାଯୋଗ୍ୟ, ଅମ୍ରିତପାଲ ଏବଂ ପପଲପ୍ରୀତ ଏକାଠି ଫେରାର ହୋଇଯାଇଥିଲେ।



ପପଲପ୍ରୀତ ସିଂ

## ଆଜି ଅନଶନରେ ବସିବେ ସଚିନ ପାଇଲଟ

ଜୟପୁର/ନୂଆଦିଲ୍ଲୀ, ୧୦।୪

ରାଜସ୍ଥାନରେ ପୂର୍ବର ଭାଜପା ଶାସନ ଅମଳରେ ହୋଇଥିବା ଦୁର୍ନୀତିବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବରିଷ୍ଠ କଂଗ୍ରେସ ନେତା ସଚିନ ପାଇଲଟ ମଙ୍ଗଳବାର ଅନଶନରେ ବସିବେ। ବସୁନ୍ଧରା ରାଜେଙ୍କ ସମୟର ଦୁର୍ନୀତି ବିରୋଧରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ଲଢ଼େଇ କରୁଛନ୍ତି। ସେ ଅନ୍ୟ କାହାକୁ ଟାର୍ଗେଟ କରୁନାହାନ୍ତି ବୋଲି ତାଙ୍କ ଘନିଷ୍ଠ ସୂତ୍ରରୁ କୁହାଯାଇଛି। ରାହୁଲ ଗାନ୍ଧୀ ଯେପରି ଆଦାନୀ ଗ୍ରୁପ୍ ଦୁର୍ନୀତି ବିରୋଧରେ ଲଢ଼େଇ ଚଳାଇଛନ୍ତି, ସେହିପରି ବସୁନ୍ଧରା ସରକାରଙ୍କ ଦୁର୍ନୀତିକୁ ସଚିନ ପ୍ରସଙ୍ଗ କରିଥିବା କୁହାଯାଉଛି।

ଅନ୍ୟପକ୍ଷରେ ଚଳିତ ବର୍ଷ ଶେଷ ଭାଗରେ ରାଜସ୍ଥାନ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସଚିନଙ୍କ କାର୍ଯ୍ୟକୁ ନେଇ ଦଳ ଭିତରେ ଆଶଙ୍କା ବୃଦ୍ଧି ପାଇଛି। ତାଙ୍କ ବିରୋଧୀ ଭାବେ ଜଣାଶୁଣା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପାଇଁ ସଚିନଙ୍କର ଏହା ନୂଆ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।



## ଜାମସେଦପୁରରେ ସାମ୍ପ୍ରଦାୟିକ ହିଂସା

- ଧର୍ମୀୟ ଧ୍ୱଜାର ଅପବିତ୍ରକରଣରୁ ଉତ୍ତେଜନା
- ଭାଜପା ନେତାଙ୍କ ସମେତ ୬୦ ଗିରଫ
- ଇଣ୍ଟରନେଟ ସେବା ବନ୍ଦ, ୧୪୪ ଧାରା ଜାରି



ହିଂସାକାଣ୍ଡ ପରେ ଜାମସେଦପୁର ଶାସ୍ତ୍ରୀନଗରରେ ସୁରକ୍ଷା କଡ଼ାକଡ଼ି।

ନୂଆଦିଲ୍ଲୀ, ୧୦।୪

ରାମନବମୀ ପତାକାକୁ ଅପବିତ୍ର କରାଯିବା ଅଭିଯୋଗକୁ ନେଇ ରବିବାର ଝାଡ଼ଖଣ୍ଡର ଜାମସେଦପୁର ଅନ୍ତର୍ଗତ ଶାସ୍ତ୍ରୀନଗର ଅଞ୍ଚଳରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଯାଇଛି। ଦୁଇ ଗୋଷ୍ଠୀର ଲୋକେ ପରସ୍ପରକୁ ଟେକାମାଡ଼ କରିବା ସହ ଅସ୍ଥାୟୀ ଦୋକାନ ଓ କେତେକ ଗାଡ଼ି ଜାଳିଦେଇଥିଲେ। ପୂର୍ବ ସିଂହଭୂମ ପୋଲିସ ସୋମବାର ଏତଲା ଦାଏର କରିଛି। ହିଂସା ମାମଲାରେ ଜଣେ ସ୍ଥାନୀୟ ଭାଜପା ନେତା ଅଭୟ ସିଂଙ୍କ ସମେତ ୬୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧,୧୨୦ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ୧୪୪ ଧାରା ଜାରି ହୋଇଛି। ଏଥିସହ ଶାସ୍ତ୍ରୀନଗର ଅଞ୍ଚଳରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ସୋମବାର ସକାଳେ ଓ ସନ୍ଧ୍ୟାରେ ପୋଲିସ ପକ୍ଷରୁ ସେଠାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା।

ରାମନବମୀ ପତାକାରେ ମାଂସ ବନ୍ଧାଯାଇଥିବା ସ୍ଥାନୀୟ ସଂଗଠନର କେତେଜଣ ସଦସ୍ୟ ଦେଖିବା ପରେ ଶନିବାର ରାତିରୁ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଥିଲା। ଏହାକୁ ନେଇ ରବିବାର ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇଥିଲା ବୋଲି ପୋଲିସ କହିଛି। କେତେଜଣ ଅସାମାଜିକ ତତ୍ତ୍ୱ ଶାନ୍ତି ଭଙ୍ଗ କରିବା ଲାଗି ଉଦ୍ୟମ ଚଳାଇଛନ୍ତି ବୋଲି ପୂର୍ବ ସିଂହଭୂମ ଜିଲା ଡେପୁଟି କମିଶନର ବିଜୟ ଯାଦବ କହିଛନ୍ତି। ସେମାନଙ୍କ ଷଡ଼ଯନ୍ତ୍ରକୁ ପଣ୍ଡ କରିବା ଲାଗି ସେ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି।





ଭୁବନେଶ୍ୱର ପଟିଆସ୍ଥିତ ନେକ୍ସା ସାଇବରସିଟିଠାରେ ଆୟୋଜିତ ମାରୁତି ସୁଜୁକି ଜିମ୍ନିର ୨ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନ ଅବସରରେ ଶୋ'ରୁମର କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

# ପ୍ରକାଶ ପାଇଲା ନୂଆ ଶିକ୍ଷାବର୍ଷ କ୍ୟାଲେଣ୍ଡର

## ୨୩୨ କାର୍ଯ୍ୟ ଦିବସ, ୧୩୪ ଦିନ ଛୁଟି

### ଆଜିଠୁ ସକାଳୁଆ ସ୍କୁଲ

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟର ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ୍‌ରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମଙ୍ଗଳବାରଠାରୁ ସକାଳୁଆ ପାଠପଢ଼ା ଆରମ୍ଭ ହେବ। ସକାଳ ୭ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ। ରାଜ୍ୟରେ ବଢ଼ୁଥିବା ଗ୍ରୀଷ୍ମପ୍ରବାହ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ସ୍ଥଳ ବିଶେଷରେ ସ୍ଥାନୀୟ ସ୍ଥିତି ଅନୁସାରେ ଜିଲାପାଳମାନେ ସେମାନଙ୍କ ଜିଲାରେ ସ୍କୁଲଗୁଡ଼ିକର ସମୟ ନିର୍ଘଣ୍ଟକୁ ପରିବର୍ତ୍ତନ କରିପାରିବେ।

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ନୂଆ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ କ୍ୟାଲେଣ୍ଡର ପ୍ରକାଶ ପାଇଛି। ଏଥିରେ ମୋଟ ୨୩୨ କାର୍ଯ୍ୟ ଦିବସ ଓ ୧୩୪ ଛୁଟି ଦିବସ ରହିଛି। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ସମସ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀ, ସିଆର୍‌ସିସି ଏବଂ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଶିକ୍ଷୟିତ୍ରୀଶିକ୍ଷକ ତଥା କର୍ମଚାରୀଙ୍କ ପାଇଁ କାର୍ଯ୍ୟଦିବସ, ଛୁଟି ଦିବସ, ପାଳନ ଦିବସ ସହ ବୈଠକ ଦିବସ ଆଦି ନେଇ ସୂଚନା ରହିଛି। ଚଳିତ ଶିକ୍ଷାବର୍ଷରେ ଉଭୟ ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ବର୍ଗ ପାଇଁ ୮୧ଟି ଅତିରିକ୍ତ ଛୁଟିଦିବସ ରହିଛି। ସେହିପରି ମୋଟ ୫୩ଟି ରବିବାର ରହିଛି। ଫଳରେ ଶିକ୍ଷାବର୍ଷର ମୋଟ ୧୩୪ ଦିନ ବିଦ୍ୟାଳୟ ଛୁଟି ରହିବ। ସେହିପରି ୨୩୨ଟି କାର୍ଯ୍ୟ ଦିବସ ରହିଥିବାବେଳେ ଜୁଲାଇ ଓ ଅଗଷ୍ଟରେ ସର୍ବାଧିକ ୨୫ଦିନ ଲେଖାଏ ଓ ମେ'ରେ ସର୍ବନିମ୍ନ ୪ଦିନ କାର୍ଯ୍ୟଦିବସ ରହିଛି।

ଏଲିମେଣ୍ଟାରୀ ବର୍ଗ ପାଇଁ ୨୦୨୩ ଜୁଲାଇ ୪ର୍ଥ ସପ୍ତାହରେ ଫରମେଟିଭ୍-୧ ପରୀକ୍ଷା ହେବାକୁ ଥିବାବେଳେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ସମ୍ମେଟିଭ୍-୧ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଜୁନ୍ ପ୍ରଥମ ସପ୍ତାହରେ ଫରମେଟିଭ୍-୧ ଓ ୨୦୨୪ ମାର୍ଚ୍ଚ ତୃତୀୟ ସପ୍ତାହରେ ସମ୍ମେଟିଭ୍-୨ ଅନୁଷ୍ଠିତ ହେବ। ବର୍ଷର ବିଭିନ୍ନ ପର୍ଯ୍ୟାୟରେ ୪ଟି ଅଭିଭାବକ ଓ ଶିକ୍ଷକ ବୈଠକ ସ୍ଥିର କରାଯାଇଥିବାବେଳେ କର୍ମଚାରୀ ବୈଠକ ପାଇଁ ୨ଦିନ ରହିଛି। ସେହିପରି ସେକେଣ୍ଡାରୀ ବର୍ଗ ପାଇଁ ୪ଟି ଅଭିଭାବକ-ଶିକ୍ଷକ ବୈଠକ ସହ ୫ଟି କର୍ମଚାରୀ ବୈଠକ ସ୍ଥିର କରାଯାଇଛି। ଏଥିସହ ବିଭିନ୍ନ ଜାତୀୟ ଦିବସ ଓ ପାରମ୍ପରିକ ଦିବସ ପାଳନ ନେଇ କ୍ୟାଲେଣ୍ଡରରେ ବିସ୍ତୃତ ସୂଚନା ରହିଛି। ଆବଶ୍ୟକସ୍ଥଳେ ଛୁଟିରେ ସାମାନ୍ୟ ପରିବର୍ତ୍ତନ କରାଯାଇପାରେ ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି।

# ମାରୁତି ସୁଜୁକି ଜିମ୍ନିର ଅନାବରଣ

ଭୁବନେଶ୍ୱର,୧୦।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇଏଲ୍) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ଜିମ୍ନିର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା ହୋଇଯାଇଛି। ଏପରିକି ମାରୁତି ସୁଜୁକିର ପ୍ରିମିୟମ ରିଟେଲ୍ ନେଟ୍‌ୱର୍କ ନେକ୍ସା ଜରିଆରେ ନ୍ୟୁ ଜିମ୍ନିର ଦେଶବ୍ୟାପୀ ବିକ୍ରି କରାଯିବ। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ସାଇବର୍ ସିଟି ପଟିଆ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଅବସରରେ ନ୍ୟୁ ଜିମ୍ନିର ଅନାବରଣ କରାଯାଇଥିଲା। ଏହି ଅବସରରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ଆର୍.ଏମ୍. କାର୍ତ୍ତିକ ରାଜାଙ୍କ ସମେତ ଜ୍ୟୋତି ଗ୍ରୁପ୍‌ର ଏମ୍‌ଡି ଦେବଜ୍ୟୋତି ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ନେକ୍ସା ସାଇବର୍‌ସିଟି ଡିଏଲଏଫ ଟାୱାରଠାରେ ମାରୁତି ସୁଜୁକି ଜିମ୍ନିକୁ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ କରାଯାଇଛି। ବିଶେଷ କରି ଛୋଟ କାର୍ ବର୍ଗରେ ଅଗ୍ରଣୀ ମାରୁତି ସୁଜୁକି ତା'ର ମଧ୍ୟମ ଆକାର ଏସ୍‌ୟୁଭି ମଡେଲ ଜିମ୍ନି ଜରିଆରେ ବିଜୟୀ ହେବା ଏବଂ ଅଧିକ ବଜାର ଅଂଶ ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଛି। ଏପରିକି ଜିମ୍ନିକୁ କମ୍ପାନୀ ତା'ର ପ୍ରଥମ ଅଫ୍-ରୋଡ୍ ଗାଡି ଭାବେ ଡିଜାଇନ୍ କରିଛି, ଏଥିରେ ୧୦୫ଏଚ୍‌ପି, ୧.୫ ଲିଟର କେ୧୫ବି ପେଟ୍ରୋଲ୍ ଇଞ୍ଜିନ୍ ଅନ୍ତର୍ଭୁକ୍ତ ରହିଛି। ସେହିଭଳି ୫ ସ୍ପିଡ୍ ମାନୁଆଲ୍ କିମ୍ବା ୪ ସ୍ପିଡ୍ ଟର୍କ କନଭର୍ଟର ଅଟୋମେଟିକ୍ ଟ୍ରାନ୍ସମିଶନ ମଧ୍ୟ ସାମିଲ ରହିଛି, ଜିମ୍ନି ଅଫ୍‌ରୋଡ୍ ଗିୟରରେ ସୁଜୁକିର ଅଲ୍ ଗ୍ରିପ ପ୍ରୋ ୪ଡବ୍ଲ୍ୟୁଡି ବ୍ୟବସ୍ଥା ସହିତ ଏକ ମାନୁଆଲ୍ ଟ୍ରାନ୍ସଫର କେସ୍ ଏବଂ ୨ଡବ୍ଲ୍ୟୁଡି-ହାଇ, ୪ଡବ୍ଲ୍ୟୁଡି-ହାଇ ଓ ୪ଡବ୍ଲ୍ୟୁଡି-ଲୋ ମୋଡ୍ ଥିବା ଏକ ଲୋ-ରେଞ୍ଜ୍‌ର ଗିୟରବକ୍ସ ସହ ଏକ ଶକ୍ତ ଲାଡର-ଫ୍ରେମ୍ ଚେଚିସ୍ ମଧ୍ୟ ରହିଛି। ସାରା ଓଡ଼ିଶାରେ ଥିବା ମାରୁତି ସୁଜୁକିର ପ୍ରିମିୟମ୍ ରିଟେଲ୍ ନେଟ୍‌ୱର୍କ ନେକ୍ସା ମାଧ୍ୟମରେ ଜିମ୍ନିକୁ ବିକ୍ରି କରାଯିବ। ଏହାର ଉନ୍ମୋଚନ ପୂର୍ବରୁ ଜ୍ୟୋତି ଗ୍ରୁପ୍‌ର ନେକ୍ସା ଟିମ୍ ଗ୍ରାହକଙ୍କଠାରୁ ଜବରଦସ୍ତ ସମର୍ଥନ ହାସଲ କରିଛି। ଏହି ପ୍ରଦର୍ଶନ କାର୍ଯ୍ୟକ୍ରମ ପରେ ବୁକିଂରେ ଉଲ୍ଲେଖନୀୟ ବୃଦ୍ଧି ହେବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ ୨୦୨୩ ଏପ୍ରିଲ୍ ୯ ଓ ୧୦ ଦୁଇ ଦିନ ପାଇଁ ଭୁବନେଶ୍ୱରର ନେକ୍ସା ସାଇବର୍‌ସିଟି ଠାରେ ଜିମ୍ନିକୁ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ କରାଯାଇଛି।

# କୋର୍ଟରେ ହାଜର ହେଲେ ଅର୍ଚ୍ଚନା, ଜଗବନ୍ଧୁ

## ବହୁଚର୍ଚ୍ଚିତ ହନିଟ୍ରାପ ଓ ବେଆଇନ ଅର୍ଥ କାରବାର ମାମଲା

- ଶ୍ରଦ୍ଧାଞ୍ଜଳି ଗିରଫ ନ ହେବାକୁ ନେଇ ପ୍ରଶ୍ନ ଉଠାଇଲେ ଅର୍ଚ୍ଚନା
- ଓଲ୍ଡ ଟାଉନ୍‌ର ଜଣେ ଲୁଗା ବ୍ୟବସାୟୀଙ୍କ ନାଁ ନେଲେ

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

ବହୁଚର୍ଚ୍ଚିତ ହନିଟ୍ରାପ ଓ ବେଆଇନ ଅର୍ଥ କାରବାର ମାମଲାରେ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ବେହେରା ଦୀର୍ଘଦିନ ହେବ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ଏଭଳିସ୍ଥିତିରେ ସୋମବାର ଅର୍ଚ୍ଚନା ଓ ଜଗବନ୍ଧୁ ଭୁବନେଶ୍ୱର ସିବିଆଇ (୧) କୋର୍ଟରେ ହାଜର ହୋଇଥିଲେ। ତେବେ ଏହି ସମୟରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ କାହିଁକି ଗିରଫ କରାଯାଉ ନାହିଁ ବୋଲି ଅର୍ଚ୍ଚନା ପ୍ରଶ୍ନ ଉଠାଇଥିଲେ। ଏପରିକି ଶ୍ରଦ୍ଧାଞ୍ଜଳିଙ୍କ ପାଇଁ ଭିନ୍ନ ଆଇନ ଅଛି କି ବୋଲି ମଧ୍ୟ ସେ କହିଥିଲେ। ଏପରିକି କୋର୍ଟରୁ ଜେଲକୁ ଫେରିବା ସମୟରେ ଅର୍ଚ୍ଚନା ଗଣମାଧ୍ୟମ ଆଗରେ ମୁହଁ ଖୋଲି ଶ୍ରଦ୍ଧାଞ୍ଜଳିଙ୍କ ବିରୋଧରେ ସ୍ୱର ଉଠାଇଥିଲେ। ଅର୍ଚ୍ଚନା କହିଥିଲେ, ଶ୍ରଦ୍ଧାଞ୍ଜଳି କାହା ଛତ୍ରଛାୟା ତଳେ ରହିଛନ୍ତି। ଓଲ୍ଡ ଟାଉନ୍ ଅଞ୍ଚଳର ଜଣେ ଲୁଗା ବ୍ୟବସାୟୀଙ୍କ ସହ ଶ୍ରଦ୍ଧାଞ୍ଜଳିଙ୍କ ସମ୍ପୃକ୍ତି ଥିବା ମଧ୍ୟ ସେ କହିଥିଲେ। ତେବେ ଅଭିଯୁକ୍ତା ଶ୍ରଦ୍ଧାଞ୍ଜଳିଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯିବ ବୋଲି କୋର୍ଟ କହିଥିବା ଅର୍ଚ୍ଚନାଙ୍କ ଓକିଲ ଦେବାଶିଷ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ପରବର୍ତ୍ତୀ ତାରିଖରେ ଅର୍ଚ୍ଚନା ଓ ଅନ୍ୟ ଅଭିଯୁକ୍ତମାନେ ପୁଣି କୋର୍ଟରେ ହାଜର ହେବେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଶ୍ରଦ୍ଧାଞ୍ଜଳିଙ୍କ ଜରିଆରେ ଅର୍ଚ୍ଚନା ବ୍ଲାକ୍‌ମେଲ କରି ଧମକ ଦେବା ସହ ଟଙ୍କା ମାଗୁଥିବା ନେଇ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ଗତବର୍ଷ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫସାଇବାକୁ ବାଧ୍ୟ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ପୋଲିସ ଅକ୍ଟୋବର ୬ରେ ଅର୍ଚ୍ଚନା ଓ ପରେ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ନଭେମ୍ବର ୧୧ରେ ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନାଙ୍କୁ ଡିସେମ୍ବର ୧୩ ଓ ଜଗବନ୍ଧୁଙ୍କୁ ଡିସେମ୍ବର ୨୩ରେ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା। ତେବେ ଇଡି ଅର୍ଚ୍ଚନାଙ୍କ ଏକ ଦାମୀ କାର୍ ଓ ସତ୍ୟବିହାରସ୍ଥିତ ୩.୬୪ କୋଟିର ଆଲିଶାନ ଘରକୁ ଆଟାଚ୍ କରିଥିବାବେଳେ କୋର୍ଟରେ ଚାର୍ଜସିଟ ଦାଖଲ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଜିଲା ଓ ଦୌରା ଜଜ୍‌ରେ ଶୁଣାଣି ଚାଲିଥିବା ସମ୍ବେଦନଶୀଳ ମାମଲାଗୁଡ଼ିକ ଆବଶ୍ୟକସ୍ଥଳେ ସିବିଆଇ (୧) କୋର୍ଟକୁ ହସ୍ତାନ୍ତର କରାଯାଇପାରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଅର୍ଚ୍ଚନାଙ୍କ ମାମଲାକୁ ସିବିଆଇ-୧ କୋର୍ଟକୁ ହସ୍ତାନ୍ତର କରାଯାଇ ଶୁଣାଣି ଆରମ୍ଭ ହୋଇଛି।



**ଆଜିର ମନ୍ତବ୍ୟ**

"ସବୁ ମହିଳା ଦୈନନ୍ଦିନ ଘରକରଣା କାର୍ଯ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ସୃଜନଶୀଳତାର ଉପଯୋଗ କରିଥାନ୍ତି। ଭାରତ ଆବଶ୍ୟକ କରୁଥିବା ଅଭିନବ ଉପାୟ ଓ ଉତ୍ପାଦ ସହ ଆଗେଇ ଆସିବା ଲାଗି ସେମାନଙ୍କୁ ପ୍ରୋତ୍ସାହିତ କରିବାର ସମୟ ଆସିଛି।

– ଦ୍ରୌପଦୀ ମୁର୍ମୁ, ଭାରତର ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଲି ପେଟରେ ବଦରିକା**
**ପୂରା ପେଟରେ ବେଲ**
**କବିରାଜ ଦେଖି କହେ**
**ରୋଗୀ ତମେ ଗଲ।**

ଖାଲି ପେଟରେ ଚାଲିବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ। ପେଟରେ ଖାଦ୍ୟ ପୂରା ଥିଲେ ବେଲ ପଣା ପିଇବା ଭଲ ହୋଇଥାଏ। ଏହା ଦେହକୁ ସ୍ୱାସ୍ଥ୍ୟକର କରିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଖସିଲେ ବୟସ ଘସିଲେ ଟଙ୍କା**
**ବାସିଲେ ମାଉଁସ ନ ହୁଏ ବିକା।**

ବୟସ ଖସିଲେ ମଣିଷ ଚେହେରାରେ ଉଜ୍ଜ୍ୱଳତା ହ୍ରାସ ଘଟେ। କୌଣସି କାମ କରିବା ନେଇ ସ୍ପୃହା କମିଯିବା ସହ ତା'ର ଆବଶ୍ୟକତା ମଧ୍ୟ କମିଯାଇଥାଏ। ଟଙ୍କା ଘଷରା ହେଲେ ତାହା ଅଚଳ ହୋଇଯାଏ। ସେହିପରି ମାଂସ ବାସି ହେଲେ ତାହା ବିକ୍ରିଯୋଗ୍ୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଆଜି ବିଶ୍ୱ ଛେନାପୋଡ଼ ଦିବସ

### ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଜୋରଦାର ପ୍ରୟାସ



**ନୟାଗଡ଼ ଅଫିସ, ୧୦।୪:** ଏପ୍ରିଲ ୧୧ ଅର୍ଥାତ୍ ମଙ୍ଗଳବାରକୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏଭଳିସ୍ଥଳେ ଏପ୍ରିଲ ୧୧ ପୂର୍ବାହ୍ନ ୧୧ଟାରେ ଜିଲାର ସବୁ ସରକାରୀ କାର୍ଯ୍ୟାଳୟରେ ଛେନାପୋଡ଼ କାଟି ଉତ୍ସବ ପାଳନ କରିବାକୁ ଜିଲାପାଳ ଚବିନ୍ଦ୍ର ନାଥ ସାହୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାର ଫଟୋ ଉତ୍ତୋଳନ କରି ଟିମ୍ ନୟାଗଡ଼ ହ୍ୱାଟ୍ସଆପ୍ ଗ୍ରୁପରେ ପୋଷ୍ଟ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା। ଛେନାପୋଡ଼ ପ୍ରସ୍ତୁତକର୍ତ୍ତା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମ ଦିବସ ଏପ୍ରିଲ ୧୧ରେ ଏହି ଉତ୍ସବ ପାଳନ କରାଯିବ। ଏନେଇ ଜିଲାପାଳଙ୍କ ଅଫିସ ପକ୍ଷରୁ ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଜିଲାସ୍ତରୀୟ ଲାଇନ୍ ବିଭାଗର ଅଧିକାରୀ, ତହସିଲଦାର ଓ ବିଡିଓ, ଏନ୍‌ଏସି ଓ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ସିଡିପିଓ, ଡିଏଫ୍‌ଓ, ଜିଲା ଶିକ୍ଷା ଅଧିକାରୀଙ୍କ ସହ ପ୍ରାୟ ସବୁ ବିଭାଗୀୟ କାର୍ଯ୍ୟାଳୟରେ ଛେନାପୋଡ଼ ଦିବସ ପାଳନ କରିବାକୁ ଚିଠି କରାଯାଇଥିଲା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୁବନେଶ୍ୱର ସୂଚନା ଭବନରେ ବି ଏହି ଦିବସ ପାଳନ ହେବ ବୋଲି ନୟାଗଡ଼ ବିକାଶ ମଞ୍ଚ ଓ ଓଡ଼ିଶା ମିଡିଆ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଘୋଷଣା କରାଯାଇଛି।

# ବିଦେଶରେ ମଧ୍ୟ ନିଯୁକ୍ତି ଦେବୁ: ମନ୍ତ୍ରୀ

**ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩**




**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଏକ ପ୍ରଗତିଶୀଳ ଇକୋସିଷ୍ଟମ ପ୍ରତିଷ୍ଠା ପାଇଁ ବିଭିନ୍ନ ପରିବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଟେକ୍ନିକାଲ ଆଣ୍ଡ ଭୋକେଶନାଲ ଏଜୁକେଶନ ଆଣ୍ଡ ଟ୍ରେନିଂ (ଟିଭିଇଟି) ଇକୋ-ସିଷ୍ଟମରେ 'ସ୍କିଲ ଇନ୍ ଓଡ଼ିଶା' ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ଭାବେ ମାନ୍ୟତା ପାଇଛି। ରାଜ୍ୟର ଏହି ମହତ୍ତ୍ୱାକାଂକ୍ଷୀ ଦୃଷ୍ଟିକୋଣ ଏବଂ ସମସ୍ତ ହିତାଧିକାରୀଙ୍କ ଅକ୍ଲାନ୍ତ ଉଦ୍ୟମ ଯୋଗୁ ସ୍କିଲ୍-ଇନ୍-ଓଡ଼ିଶା ତାଲିମଦାତାଙ୍କୁ ୨୦୧୯ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତରୁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ କରିଛି ବୋଲି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି।

ଗୀତଗୋବିନ୍ଦ ସଦନଠାରେ ଗଣମାଧ୍ୟମକୁ ସମ୍ବୋଧିତ କରି ଘଡ଼େଇ କହିଛନ୍ତି, ସ୍କିଲ୍-ଇନ୍-ଓଡ଼ିଶା ବ୍ରାଣ୍ଡକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ଯୁବକମାନଙ୍କୁ କେବଳ ଦେଶ ଭିତରେ ନୁହେଁ, ବିଦେଶରେ ମଧ୍ୟ ନିଯୁକ୍ତି ଦେବା ପାଇଁ ଓଡ଼ିଶା ସରକାର ଚେଷ୍ଟା କରୁଛନ୍ତି। ଆସନ୍ତା ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମଠାରେ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩ର ଆୟୋଜନ ହେଉଛି। ଆସନ୍ତା ୨୦ରେ ଉଦ୍‌ଘାଟିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାରତରେ ସମନ୍ୱିତ ସ୍କିଲ୍ ଇକୋସିଷ୍ଟମ୍, ଦକ୍ଷ ମାନବ ଶକ୍ତି ଇତ୍ୟାଦି ପ୍ରସଙ୍ଗ ଭିତ୍ତିକ ଆଲୋଚନା ହେବ। ଏହାସହ ଦକ୍ଷତା ବିକାଶ ଉପରେ ଅଧିବେଶନମାନ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିଳ୍ପ ପ୍ରତିନିଧି ଅଂଶଗ୍ରହଣ କରିବେ। ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିଳ୍ପ/ଏକାଡେମୀ/ସରକାରୀ କ୍ଷେତ୍ରର ହଜାରେରୁ ଊର୍ଦ୍ଧ୍ୱ ପ୍ରତିନିଧି ମଧ୍ୟ ସାମିଲ ହେବେ। ଏହି ସମ୍ମିଳନୀରେ ଆଇଟିଆଇଏସ୍/ପଲିଟେକ୍ନିକ୍ସ/ଇଞ୍ଜିନିୟରିଂ କଲେଜ/ବିଶ୍ୱବିଦ୍ୟାଳୟ ତଥା ବିଶିଷ୍ଟ ଶିଳ୍ପ ତଥା ସରକାରୀ ବିଭାଗର ୧୦୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନୀ ଆୟୋଜିତ ହେବ। ୨୦ ଓ ୨୧ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ରାଜ୍ୟରେ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ମଙ୍ଗଳବାର ରାଜଧାନୀରେ ମଧ୍ୟ ଏକ କର୍ଟେନ ରେଜର ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

# ବ୍ୟାଙ୍କକ୍‌ରେ ଚମକିଲେ ଓଡ଼ିଆ ଝିଅ ସଂଯୁକ୍ତା

### ଓଡ଼ିଶୀନୃତ୍ୟରେ ପାଇଲେ ପଦକ

**ବେଗୁନିଆପଡ଼ା,୧୦।୪**




ପୁରସ୍କାର ସହ କୃତୀ ସଂଯୁକ୍ତା।

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କେ. ବରିଡ଼ା ଗ୍ରାମର ସଂଯୁକ୍ତା ରାଉତରାୟ ଓଡ଼ିଶୀନୃତ୍ୟରେ ସଫଳତା ଅର୍ଜନ କରିଛନ୍ତି। ଭାରତ ସଂସ୍କୃତି ମହୋତ୍ସବରେ ଓଡ଼ିଶୀନୃତ୍ୟ ପରିବେଷଣକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଆଶିଷ ବେହେରାଙ୍କ ସ୍ତ୍ରୀ ହେଉଛନ୍ତି ସଂଯୁକ୍ତା। ବ୍ୟାଙ୍କକ୍‌ର ମହୀଦୁଲ୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ସେ ଗତ ୬ ତାରିଖରେ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଡ. ଗଜେନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏହି ସଫଳତା ଅର୍ଜନ କରିଛନ୍ତି ସଂଯୁକ୍ତା। ସଂଯୁକ୍ତା ବର୍ତ୍ତମାନ ବିଦ୍ୟାସାଗର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ କଲେଜରେ ଶିକ୍ଷାଦାନ କରୁଥିବା ଜଣାପଡ଼ିଛି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ମାନପତ୍ର ସହ ପଦକ ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ସିବିଆଇକୁ ବିରୋଧ...

ପାଇଁ ପୂର୍ବରୁ ଦେଇଥିବା ସହମତିକୁ ପ୍ରତ୍ୟାହାର କରିନେଇଛନ୍ତି। ତେଣୁ ଉକ୍ତ ରାଜ୍ୟଗୁଡ଼ିକରେ ସିବିଆଇକୁ ତଦନ୍ତ କରିବାରେ ବାଧା ସୃଷ୍ଟି ହୋଇଥିବା ସିଂ ପ୍ରକାଶ କରିଥିଲେ। ବିରୋଧୀ ନେତାମାନଙ୍କ ବିରୋଧରେ ସିବିଆଇକୁ ଜାଣିଶୁଣି ବ୍ୟବହାର କରାଯାଉଥିବା ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ଅଭିଯୋଗ କରିଆସୁଛନ୍ତି। ହେଲେ ସିବିଆଇ ତଦନ୍ତରେ ବାଧା ଦିଆଯିବା ଦ୍ୱାରା ତାହା ଜାତୀୟ ତଥା ଆନ୍ତଃରାଜ୍ୟ କାର୍ଯ୍ୟ ପରିସର ଉପରେ ପ୍ରଭାବ ପକାଇବ। ଏଭଳିସ୍ଥଳେ ଦେଖିବାର ଅଛି କିଭଳି ଭାବେ ସିବିଆଇ ଏହି ଆହ୍ୱାନର ମୁକାବିଲା ଏବଂ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରୁଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଡିଏସ୍‌ପିଏ ଆକ୍ଟ ଏବଂ ସିବିଆଇର ପରିସୀମା ଓ କ୍ଷମତା ସମ୍ପର୍କିତ ନିୟମର ସମୀକ୍ଷା କରାଯିବା ଜରୁରୀ ହୋଇପଡ଼ିଛି। ବିଭିନ୍ନ ରାଜ୍ୟଗୁଡ଼ିକ ସିବିଆଇ ତଦନ୍ତ ଅନୁମତି ପ୍ରତ୍ୟାହାର କରିବା ପ୍ରସଙ୍ଗରେ ଗତ ମାସରେ ପାର୍ଲାମେଣ୍ଟାରି କମିଟି ମଧ୍ୟ ଏହା ଉପରେ ଗୁରୁତ୍ୱ ଦେବା ସହ ନୂଆ ନିୟମ ଆଣିବା ସପକ୍ଷରେ ମତ ଦେଇଛନ୍ତି, ଯେଉଁଥିରେ ସିବିଆଇର ସ୍ଥିତି, କାର୍ଯ୍ୟଧାରା ଏବଂ କ୍ଷମତା ସମ୍ପର୍କରେ ସବିଶେଷ ଉଲ୍ଲେଖ ରହିବା ଜରୁରୀ ବୋଲି ପ୍ରସ୍ତାବ ଦିଆଯାଇଛି। ଡିଏସ୍‌ପିଏ ଆଇନ ଅଧିକ କଟକଣା ରହିଥିବାରୁ ନୂଆ ଆଇନ ସପକ୍ଷରେ କମିଟି ମତ ଦେଇଛି। ସୁପ୍ରିମ୍ କୋର୍ଟ ଆଇନଜୀବୀ ରୁଦ୍ର ବିକ୍ରମ ସିଂଙ୍କ ମତରେ ରାଜ୍ୟଗୁଡ଼ିକ ସାଧାରଣ ସହମତି(ଜେନେରାଲ୍ କନ୍‌ସେଣ୍ଟ) ପ୍ରତ୍ୟାହାର କରିଦେବା ମାନେ ନୁହେଁ ଯେ, ସିବିଆଇ ସେଠାରେ ତଦନ୍ତ କରିପାରିବ ନାହିଁ। ନିର୍ଦ୍ଦିଷ୍ଟ ମାମଲାର ତଦନ୍ତ ପାଇଁ ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ପୂର୍ବରୁ ସହମତି ନେବାକୁ ପଡ଼ିବ। ତେବେ ଯେଉଁ ରାଜ୍ୟଗୁଡ଼ିକ ସହମତି ପ୍ରତ୍ୟାହାର ଯେବେଠୁ କରିଛନ୍ତି, ତା' ପୂର୍ବର ମାମଲାଗୁଡ଼ିକର ସିବିଆଇ ତଦନ୍ତ ଜାରି ରଖିପାରିବ ବୋଲି ସିଂ କହିଛନ୍ତି।

## ସିବିଆଇ ତଦନ୍ତ ପାଇଁ...

ବ୍ୟକ୍ତି ଚାକିରି କରିଛନ୍ତି। ଏଭଳି ଘଟଣା ପଦାକୁ ଆସିବା ପରେ ୨୦୧୮ ପରଠାରୁ ଡାକ ବିଭାଗରେ ଚାକିରି କରିଥିବା ପୋଷ୍ଟମାଷ୍ଟର ଏବଂ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟରମାନଙ୍କର ସାର୍ଟିଫିକେଟ ଯାଞ୍ଚ କରାଯିବ। ମହାଡାକପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଯାଞ୍ଚ ପରେ ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିଏମ୍‌ଜି ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବାରିକ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲାରୁ ଜାଲ୍ ସାର୍ଟିଫିକେଟ କାରବାରର ପର୍ଦ୍ଦାଫାଶ ହୋଇଥିଲା। ଏହାକୁ ନେଇ ଗତ ବିଧାନସଭାରେ ମଧ୍ୟ ବିରୋଧୀ ତୁମ୍ଭିତୋଫାନ କରିଥିଲେ। ଜାଲ୍ ସାର୍ଟିଫିକେଟ କାରବାରରେ ଶାସକ ଦଳର ନେତାମାନଙ୍କର ସମ୍ପୃକ୍ତି ରହିଥିବା ଅଭିଯୋଗ କରିଥିଲେ। ଏହା କେବଳ ବଲାଙ୍ଗୀର ନୁହେଁ, ରାଜ୍ୟର ଅନ୍ୟାନ୍ୟ ଜିଲାକୁ ମଧ୍ୟ ବ୍ୟାପିଥିବା ତଦନ୍ତ ବେଳେ ଜଣାପଡ଼ିଛି।

ଅନ୍ୟପକ୍ଷରେ ଜାଲ୍ ସାର୍ଟିଫିକେଟ ମାମଲା ବଢ଼ିବା ପରେ କେଉଁମାନେ ଜାଲ୍ ସାର୍ଟିଫିକେଟ ଦେଇ ସରକାରୀ ସ୍କୁଲରେ ଶିକ୍ଷକ ଚାକିରି କରିଛନ୍ତି, ସେ ସମ୍ପର୍କରେ ଆସନ୍ତା ଦୁଇଦିନ ଭିତରେ ରିପୋର୍ଟ ଦେବାକୁ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ନକଲି ସାର୍ଟିଫିକେଟ ମାମଲାରେ ଧରାପଡ଼ିଛନ୍ତି ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସମ୍ପର୍କରେ ରିପୋର୍ଟ ମଗାଯାଇଥିବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର କହିଛନ୍ତି।

ପ୍ରାୟ ୩ ଶହ ଶିକ୍ଷକଙ୍କ ବିରୋଧରେ ଜାତି, ଜନ୍ମ ଓ ଶିକ୍ଷାଗତ ସାର୍ଟିଫିକେଟ ଜାଲିଆତି କରିଥିବା ଅଭିଯୋଗ ଆସିବା ପରେ ତଦନ୍ତ ଚାଲିଛି। ଅନେକ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି। ଯେଉଁମାନଙ୍କ ବିରୋଧରେ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି, ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେତେକଙ୍କ ବିରୋଧରେ ଏଫ୍‌ଆଇଆର୍ ମଧ୍ୟ ହୋଇଛି। ଅନେକ ନକଲି ସାର୍ଟିଫିକେଟ୍‌ଧାରୀ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। କେତେଜଣ ଗିରଫ ବି ହୋଇଛନ୍ତି। ଆଉ କେତେଜଣଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହେବାପରେ ପୁଣି ଚାକିରିକୁ ଫେରିଛନ୍ତି। ନକଲି ଶିକ୍ଷକଙ୍କୁ ଧରିବାକୁ ଏସ୍‌ଓପି ଜାରି କରାଯାଇଛି। ଜାଲ୍ ସାର୍ଟିଫିକେଟ ଅଭିଯୋଗ ବଲାଙ୍ଗୀରକୁ ଛାଡ଼ି ଅନ୍ୟ ଜିଲାରୁ ବି ଆସିଛି। ବିଭିନ୍ନ ଅଭିଯୋଗର ତଦନ୍ତ ବେଳେ ରାଜ୍ୟ ବାହାରର ସାର୍ଟିଫିକେଟ ଯାଞ୍ଚ ପାଇଁ ସମୟ ଲାଗୁଥିବାରୁ ପଦକ୍ଷେପ ନେବାରେ ବିଳମ୍ବ ହେଉଛି। ତେବେ ଆସନ୍ତା ଦୁଇଦିନ ଭିତରେ ଗଣଶିକ୍ଷା ବିଭାଗ ଏକ ରିପୋର୍ଟ ପ୍ରସ୍ତୁତ କରିବ। ଏଥିରେ କେତେସଂଖ୍ୟକ ଶିକ୍ଷକ କେଉଁପ୍ରକାର ନକଲି ସାର୍ଟିଫିକେଟ ଦେଇଛନ୍ତି ଓ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହୋଇଛି ତାହା ଜଣାପଡ଼ିବ ବୋଲି ସେ କହିଛନ୍ତି।

## ୩ ଜଣଙ୍କ ବଲାଙ୍ଗୀର ଲିଙ୍କ୍, ମେଳଖାଉନି ଘର ଠିକଣା

**ସମ୍ବଲପୁର,୧୦।୪(ବ୍ୟୁରୋ):** ସମ୍ବଲପୁର ଜିଲାରେ ନକଲି ସାର୍ଟିଫିକେଟ ଦେଇ ପୋଷ୍ଟାଲ ବିଭାଗର ବିପିଏମ୍ ଓ ଡିପିଏମ୍ ପଦବୀରେ ଚାକିରି କରିବା ଘଟଣାରେ ୬ଜଣ ଆବେଦନକାରୀଙ୍କ ବିଷୟରେ ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୩ ଜଣଙ୍କର ବଲାଙ୍ଗୀର ଜିଲାର ଜାଲ୍ ସାର୍ଟିଫିକେଟ ର୍‍ୟାକେଟ ସହ ଲିଙ୍କ୍ ଥିବା ସ୍ପଷ୍ଟ ହୋଇଛି। ଅନ୍ୟ ୩ ଜଣଙ୍କ ସମ୍ପର୍କରେ ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ସବୁକିଛି ଜଣାପଡ଼ିବ ବୋଲି ସୋମବାର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ସାର୍ଟିଫିକେଟରେ ରହିଥିବା ଠିକଣା ଭୁଲ୍। ତେଣୁ ପୋଲିସ ଆବେଦନକାରୀଙ୍କୁ କାବୁ କରିବାରେ ବାଧା ସୃଷ୍ଟି ହେଉଛି। ଭୁଲ୍ ମାର୍କ ନୁହେଁ, ଠିକଣାରେ ମଧ୍ୟ ତାଳମେଳ ରହୁନାହିଁ। ହେଲେ ପୋଲିସ ଠିକଣା ଖୋଜିବାରେ ବିଭିନ୍ନ ଦିଗକୁ ଦେଖି ତଦନ୍ତ ଚଳାଉଛି ଏବଂ ଶୀଘ୍ର ସେମାନଙ୍କୁ ଧରାଯିବେ ବୋଲି ଏସ୍‌ଡିପିଓ କହିଛନ୍ତି। ଅନ୍ୟପଟେ ସମ୍ବଲପୁର ଡାକ ମଣ୍ଡଳ ଅଧୀକ୍ଷକ ବିପିନ ନେଗୀ କହିଛନ୍ତି, ନୂତନ ଭାବେ ଡିପିଏମ୍ ଓ ବିପିଏମ୍ ପଦବୀ ପାଇଁ ଉତ୍ତରପ୍ରଦେଶ ବୋର୍ଡର ୬ ଜଣ ଆବେଦନ କରିଥିଲେ। ସେମାନେ ଚୁକ୍ତିନାମା ଲେଖିବା ସମୟରେ ଇଂରାଜୀ ଲେଖି କି ପଢ଼ିପାରୁ ନ ଥିଲେ। ତାହାକୁ ନେଇ ସନ୍ଦେହ ହୋଇଥିଲା। ପରେ ଡିଜି ଲକର ଜରିଆରେ ସାର୍ଟିଫିକେଟ୍‌ଗୁଡ଼ିକ ଯାଞ୍ଚ କରାଯାଇଥିଲା। ସେମାନଙ୍କ ନାମ ଉତ୍ତରପ୍ରଦେଶ ବୋର୍ଡରେ ଉଲ୍ଲେଖ ନ ଥିଲା। ଏହାକୁ ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ୨୦୧୮ ମସିହାରୁ ଯେଉଁମାନେ ଡାକ ବିଭାଗରେ ଚାକିରି ପାଇଛନ୍ତି ସେମାନଙ୍କର ମଧ୍ୟ ସାର୍ଟିଫିକେଟ ଯାଞ୍ଚ କରାଯିବ। ଯେଉଁମାନଙ୍କର ତ୍ରୁଟି ରହିଥିବ ସେମାନେ ଚାକିରି ହରାଇବା ସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନେଗୀ କହିଥିଲେ। ସୂଚନାଯୋଗ୍ୟ, ଧରାପଡ଼ିଥିବା ଆବେଦନକାରୀଙ୍କ ମଧ୍ୟରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀର ସୋନାଲି ସ୍ୱାଇଁ, ଜଗତ୍‌ସିଂହପୁର ଜିଲା ଅନୈଁଙ୍ଗା ଗ୍ରାମର ଜ୍ୟୋତିକାନ୍ତ ମହାନ୍ତି, ବରଗଡ଼ ଜିଲା ଭଲପାଲି ଗ୍ରାମର ରୁଦ୍ରାଣୀ ପ୍ରଧାନ, ଗଣେଶନଗରର ଜୟଶ୍ରୀ ସାହା, କଳାହାଣ୍ଡି ଜିଲା କେସିଙ୍ଗା ଥାନା କୁଣ୍ଡାବନ୍ଧ ଗ୍ରାମର ସୁରମଣି ମିଶ୍ର, ଦେବଗଡ଼ ଜିଲା ତିଲେଇବଣି ଥାନା ପ୍ରଭାସୁନି ଗ୍ରାମର ଝିଲି ସାହୁ ରହିଛନ୍ତି। ଏହି ୬ ଜଣଙ୍କ ସାର୍ଟିଫିକେଟ ଉତ୍ତରପ୍ରଦେଶ ବୋର୍ଡର ରହିଛି। ହାରାହାରି ମାର୍କ ଦେଖିଲେ ସମସ୍ତଙ୍କର ୯୫ ପ୍ରତିଶତରୁ ଅଧିକ ରହିଛି।

## ୭ ଜଣଙ୍କୁ ପଚରାଉଚରା

**ବଲାଙ୍ଗୀର ଅଫିସ, ୧୦।୪:** ଜାଲ୍ ସାର୍ଟିଫିକେଟ୍ ମାମଲାର କ୍ରାଇମବ୍ରାଞ୍ଚସ୍ତରୀୟ ତଦନ୍ତର ଦଶମ ଦିନରେ ତଦନ୍ତକାରୀ ଟିମ୍ ମାମଲାର ଗିରଫ ଅଭିଯୁକ୍ତଙ୍କ କଲ୍ ରେକର୍ଡ ଯାଞ୍ଚ କରିଛି। ଏହା ସହିତ ବଲାଙ୍ଗୀରର ୭ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିଛି। ଏହି ୭ ଜଣଙ୍କ ନାମ କ୍ରାଇମ୍‌ବ୍ରାଞ୍ଚ ପ୍ରଘଟ କରି ନ ଥିଲେ ମଧ୍ୟ ଏମାନଙ୍କ ଭିତରେ ୬ ଜଣ ପୁରୁଷ ଏବଂ ଜଣେ ମହିଳା ଥିବା ଜଣାପଡିଛି। ଏମାନେ ଜାଲ୍ ସାର୍ଟିଫିକେଟ୍ କାରବାରରେ ସମ୍ପୃକ୍ତ ଅଛନ୍ତି ଏବଂ ଏମାନେ ଦଲାଲ ବୋଲି ଚର୍ଚ୍ଚାର ବିଷୟ ହୋଇଛି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୋମବାର ଟାଉନ୍ ଥାନାକୁ ଆସି ଜବତ କାଗଜପତ୍ର ତନାଘନା କରିଥିଲା। ଅଭିଯୁକ୍ତ ମାନଙ୍କଠାରୁ ପାଇଥିବା ସୂଚନା ଆଧାରରେ ରିଲାଏନ୍ସ କୋଚିଂ ସେଣ୍ଟରକୁ ଯାଇ ତଥ୍ୟ ସଂଗ୍ରହ କରିଥିଲେ। କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ତଦନ୍ତ ଏବଂ ରିମାଣ୍ଡ ଅବଧି ସମୟରେ ମାମଲାର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର ଓ ଆଲୋକ ରଞ୍ଜନ ଉଦ୍‌ଗାତା, ଅନ୍ୟ ଦୁଇ ଅଭିଯୁକ୍ତ ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କଠାରୁ ଢେର ତଥ୍ୟ ମିଳିଥିବା କହିଥିଲେ। ବଲାଙ୍ଗୀର ପୋଲିସ ଜାଲ୍ ସାର୍ଟିଫିକେଟ ମାମଲାରେ ପୂର୍ବରୁ ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ୭ ଜଣଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପଚରାଉଚରା କରୁଥିବାରୁ ଏମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଚର୍ଚ୍ଚା ଜୋର ଧରିଛି।

## ଅସହ୍ୟ ହେଲାଣି...

ବାରିପଦାରେ ୪୦, ଭୁବନେଶ୍ୱର, ଚାନ୍ଦବାଲି, ଅନୁଗୋଳ, ସମ୍ବଲପୁରରେ ୩୯.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ବୌଦ୍ଧ ଓ ମାଲକାନଗିରିରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ସୋନପୁରରେ ୩୯.୨, କଟକ ୩୯.୧, ଭଦ୍ରକ, ଟିଟିଲାଗଡ଼, ଜଗତ୍‌ସିଂହପୁରରେ ୩୯, ହୀରାକୁଦ ୩୮.୪, ତାଳଚେରେ ୩୮.୬, ଭବାନୀପାଟଣା ୩୮.୫ ଏବଂ ରାଉରକେଲାରେ ସର୍ବୋଚ୍ଚ ତାପମାତ୍ରା ୩୮.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୧୪ ତାରିଖ ଯାଏ ତାତିରୁ ନିସ୍ତାର ନାହିଁ। ପାରଦ ଉପରମୁହାଁ ରହିବା ସହ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀକୁ ପାର କରିଯିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଗତ କିଛିଦିନ ହେବ ରାଜ୍ୟକୁ ସମୁଦ୍ରପଟୁ ପ୍ରବାହିତ ହେଉଥିବା ଜଳୀୟ ବାଷ୍ପପୂର୍ଣ୍ଣ ବାୟୁପ୍ରବାହ ବନ୍ଦ ହୋଇ ଯାଇଛି। ଅନ୍ୟପକ୍ଷରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରୁ ଗରମ ପବନ ରାଜ୍ୟକୁ ପ୍ରବେଶ କରୁଛି। ଏହି ସମୟ ମଧ୍ୟରେ କାଳବୈଶାଖୀର ପ୍ରଭାବ ରହିବ ନାହିଁ। ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣ ସାଙ୍ଗକୁ ଗରମ ବାୟୁପ୍ରବାହ ପରିବେଶକୁ ଆହୁରି ଉତ୍ତପ୍ତ କରିବ। ଶୁଷ୍କ-ଗରମ ବାୟୁ ପ୍ରଭାବରେ ଆଭ୍ୟନ୍ତରୀଣ, ଉପକୂଳ, ପଶ୍ଚିମ ଏବଂ ଉତ୍ତର ଓଡ଼ିଶାର କେତେକ ଜିଲାରେ ତାପମାତ୍ରା ବୃଦ୍ଧି ପାଇବ। ଏହି ସମୟରେ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କ୍ରିଉ ମେମ୍ବରଙ୍କୁ...

ଆମକୁ ଯାତ୍ରୀମାନଙ୍କ ଆଚରଣ ସମ୍ପର୍କିତ ରିପୋର୍ଟ ମିଳୁନାହିଁ। ଦିନକୁ ଦିନ ଯାତ୍ରୀମାନଙ୍କ ଆଚରଣ ଓ ମର୍ଯ୍ୟାଦାର ମାନ ନିମ୍ନଗାମୀ ହେବାରେ ଲାଗିଥିବା ସେ ଅଭିଯୋଗ କରିଥିଲେ। ବିଶୃଙ୍ଖଳିତ ଯାତ୍ରୀଙ୍କୁ ଯାତ୍ରା ଅନୁମତି ନ ଦେବା ଲାଗି ଏୟାରଲାଇନ୍ସ ଆଇନରେ ପରିବର୍ତ୍ତନ ଆବଶ୍ୟକ ବୋଲି କ୍ୟାମ୍ପବେଲ୍ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବରରେ ନ୍ୟୁୟର୍କରୁ ଦିଲ୍ଲୀ ଫେରୁଥିବା ଏୟାର ଇଣ୍ଡିଆର ଏକ ବିମାନରେ ଜଣେ ମଦ୍ୟପ ଯାତ୍ରୀ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ। ଏହାକୁ ନେଇ ବହୁ ବିତର୍କ ହେବା ପରେ ଏୟାରଲାଇନ୍ସ ପକ୍ଷରୁ କଠୋର ଗାଇଡ୍‌ଲାଇନ ଜାରି କରାଯାଇଥିଲା।

## ତରୁଣ ପାଣ୍ଡେ...

ତରୁଣଙ୍କ ନାଁ ସୁପାରିସ କରିଥିଲା। ତେବେ ତରୁଣଙ୍କ ନାଁ ଏଆଇସିସି ନିକଟକୁ ପଠାଯିବା ପରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କ ନାଁ ଉପରେ ମୋହର ମାରିଛନ୍ତି। ଟିକେଟ ମିଳିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ତରୁଣ କହିଛନ୍ତି, ନିର୍ବାଚନ ନେଇ ତାଙ୍କର ପୂର୍ବରୁ ଅନୁଭୂତି ରହିଛି। ବାପାଙ୍କ ସହ ନିର୍ବାଚନରେ ଆଗରୁ କାମ ମଧ୍ୟ କରିଛନ୍ତି। ଝାରସୁଗୁଡ଼ାରେ ସୃଷ୍ଟି ହୋଇଥିବା ପ୍ରଦୂଷଣ, ବେକାରି ସମସ୍ୟା ଓ ଅଣାୟତ୍ତ ଆଇନଶୃଙ୍ଖଳା ସ୍ଥିତିକୁ ପ୍ରସଙ୍ଗ କରାଯିବ। ନବ ଦାସ କଂଗ୍ରେସରୁ ବିଜେଡିକୁ ଯିବା ବେଳେ ଦଳ ଛାଡିଥିବା କର୍ମୀମାନେ ପୁଣି ଫେରିଛନ୍ତି। କାରଣ ନବଙ୍କ ଦେହାନ୍ତ ହୋଇଯାଇଛି। ତେଣୁ କଂଗ୍ରେସ ଜିତିବ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। କଂଗ୍ରେସରୁ ଯିଏ ବି ଟିକେଟ ପାଇବ ମିଳିମିଶି ନିର୍ବାଚନ ଲଢ଼ାଯିବ ବୋଲି ଆଲୋଚନା ହୋଇସାରିଛି। ତେଣୁ ଦଳରେ କିଛି କନ୍ଦଳ ନାହିଁ। ବିଜେଡି ସହ କଂଗ୍ରେସର ସିଧାସଳଖ ଟକ୍କର ହେବ। ବିଜେଡି କଳବଳ ଓ ଅର୍ଥ ଲଗାଇ ଏଠାରୁ ଜିତିବାକୁ ଚେଷ୍ଟା କରିବ। ଯାହାକୁ ପ୍ରତିହତ କରିବାକୁ କଂଗ୍ରେସ ନିଜର ଯୋଜନାକୁ ରୂପ ଦେଇସାରିଛି ବୋଲି ତରୁଣ କହିଛନ୍ତି।

ତେବେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ହେବା ଲାଗି ଅନେକେ ଆଶାୟୀ ଥିଲେ। ସେମାନଙ୍କ ମଧ୍ୟରେ ମହେନ୍ଦ୍ର ନାୟକ, ଅଶୋକ ମିଶ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଦଳ ତରୁଣଙ୍କ ନାଁ ଏଆଇସିସି ନିକଟକୁ ପଠାଇଥିଲା। ଅନ୍ୟପଟେ ବିଜେଡି ପକ୍ଷରୁ ପ୍ରଥମେ ନବଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଉପନିର୍ବାଚନ ଦାୟିତ୍ୱ ବୁଝିବା ଲାଗି ପର୍ଯ୍ୟବେକ୍ଷକ ତାଲିକା ଦୁଇଟି ପର୍ଯ୍ୟାୟରେ ଘୋଷଣା କରିସାରିଛି। ହେଲେ ଭାଜପା କିନ୍ତୁ ତା'ର ପ୍ରାର୍ଥୀ ନାଁ ଏପର୍ଯ୍ୟନ୍ତ ଘୋଷଣା କରିନାହିଁ। ଦଳ ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କୁ ଟିକେଟ ଦେଇପାରେ ବୋଲି ଆଲୋଚନା ହେଉଛି। ହେଲେ ଟଙ୍କଧରଙ୍କୁ ଦଳର ଅନ୍ୟ ଏକ ବରିଷ୍ଠ ଗୋଷ୍ଠୀ ଚାହୁଁ ନ ଥିବା ଚର୍ଚ୍ଚା ହେଉଛି। ମଙ୍ଗଳବାର ଭାଜପା ତା'ର ପ୍ରାର୍ଥୀ ନାଁ ଘୋଷଣା କରିପାରେ ବୋଲି ଜଣାପଡ଼ିଛି। ଆସନ୍ତା ମେ ୧୦ ତାରିଖରେ ଝାରସୁଗଡ଼ା ଉପନିର୍ବାଚନ ହେବାକୁଥିବା ବେଳେ ୧୩ ତାରିଖରେ ଫଳାଫଳ ପ୍ରକାଶ ପାଇବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦ୍ୱିଜା ନକ୍ଷତ୍ରର କାର୍ଯ୍ୟସିଦ୍ଧିରୁ ମନ ପ୍ରଫୁଲ୍ଲିତ ରହିବ। ନୂତନ ସ୍ଥାନ ବୁଲିଯିବାର ସୁଯୋଗ ମିଳିବ। ବନ୍ଧୁ ସହଯୋଗ ଓ ସମ୍ମାନ ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ।

**ବୃଷ**
ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଯାତ୍ରା କରିବାକୁ ବାଧ ହେବେ। ରୋହିଣୀ ନକ୍ଷତ୍ରର କାମଗୁଡ଼ିକ ସକାଶେ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ନିର୍ମାଣ ସମ୍ପର୍କିତ କୌଣସି ସମସ୍ୟା କାମକୁ ଅଟକାଇବା ଆଶଙ୍କା ରହିଛି। ସଭାସମିତି, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସି ପ୍ରଭୃତିରେ ସମସ୍ୟା ସମାଧାନ ପୂର୍ବକ ଆଶାପୂରଣ ହେବ।

**ମିଥୁନ**
ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଆରଦ୍ରା ନକ୍ଷତ୍ର ଧାରକରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଅନତି ପରିଲକ୍ଷିତ ହେବା ସହ ରୋଗପୀଡ଼ା ଦୁଶ୍ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ**
ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରର ଅବ୍ୟବସ୍ଥା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିବ। ବନ୍ଧୁଙ୍କ ଅନାଦର ଓ ଖାପଛଡ଼ା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି। ଅର୍ଥନୈତିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ସମ୍ମାନ ଅକ୍ଷୁଣ୍ଣ ରହିବ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ ଦୂରହେବ।

**ସିଂହ**
ସାମୟିକ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ମଘା ନକ୍ଷତ୍ର ପରିବାରର ସହମତିରେ ନୂତନ କର୍ମାରମ୍ଭ କରିପାରନ୍ତି। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ।

**କନ୍ୟା**
କାର୍ଯ୍ୟସମ୍ପନ୍ନ ଦିଗରେ ଜଣେ ବିଜାତୀୟ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପରିବାରର ଲୋକଙ୍କ ସହଯୋଗ ମନୋଭାବରୁ ଖୁସି ରହିବେ। ସାମୟିକ ପ୍ରତିବନ୍ଧକ କାରଣରୁ କର୍ମକ୍ଷେତ୍ରରେ ସୁଯୋଗର ସଦ୍‌ବ୍ୟବହାର କରିବା କଷ୍ଟକର ହୋଇପାରେ। ହସ୍ତା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**
ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଅଭାବ ଅସୁବିଧା କ୍ରମଶଃ ଦୂରେଇଯିବ। ଚିତ୍ରା ନକ୍ଷତ୍ରର କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। କଳା,ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ। ପାରିବାରିକ କ୍ଷେତ୍ରରେ ନିଜ ନିଷ୍ପତ୍ତିକୁ ହଠାତ୍ ବଦଳାଇପାରନ୍ତି।

**ବିଛା**
ଭୁଲ୍ ବୁଝାମଣା ହେତୁ ଦୀର୍ଘଦିନର ସୁସମ୍ପର୍କରେ ଭଙ୍ଗା ପଡ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ନିମ୍ନାଭିମୁଖୀ ହେବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଅନୁରାଧା ନକ୍ଷତ୍ରର ପଡ଼ୋଶୀଙ୍କ ସହ ହଠାତ୍ ବଦଳିବା ଆଶା ନିରର୍ଥକ ହୋଇପାରେ। ରାଜନୀତି, ଅଧ୍ୟୟନ ଓ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜିବେ।

**ଧନୁ**
ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅବହେଳା କରିପାରିବେ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାହାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ କାମଟିକୁ ସମ୍ପନ୍ନ କରିପାରିବେ ନାହିଁ।

**ମକର**
ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କଜନିତ ଅଯଥା ଅଶାନ୍ତି ଓ କଳହକୁ ନିମନ୍ତ୍ରଣ କରିବାକୁ ପଡ଼ିପାରେ। ଅନ୍ୟ ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ପାଇବେ। ଶ୍ରବଣା ନକ୍ଷତ୍ରର ଦେହ ଭଲ ରହିଲେ ମଧ୍ୟ କ୍ରନିକ୍ ରୋଗରେ କଷ୍ଟପାଇବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ**
ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ କାମଟିକୁ ପୂରା କରିପାରିବେ ନାହିଁ। ଯାହାକୁ ନିଜର ବୋଲି ମନେ କରିବେ ସେ ହିଁ ଧୋକାଦେବାର ବହୁ ସମ୍ଭାବନା ରହିଛି। ଅଭିଯୋଗକୁ ଗୁରୁତର ସହ ବିଚାର ନ କରିବା ବଡ଼ ଭୁଲ୍ ହୋଇପାରେ। ଶତଭିଷା ନକ୍ଷତ୍ର ପାଇଁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ।

**ମୀନ**
ଅତୀତରେ ବହୁତ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବା ସୂଚନା ରହିଛି। ରେବତୀ ନକ୍ଷତ୍ରର ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣାରୁ ମାନସିକ ଅବସାଦ ଦେଖାଦେଇପାରେ।

ଆଜି ବୈଶାଖ କୃଷ୍ଣ ପଞ୍ଚମୀଯୁକ୍ତ ଷଷ୍ଠୀ, ମଙ୍ଗଳବାର ଏପ୍ରିଲ ୧୧ ତାରିଖ। ନିରାପଦ ମାତୃତ୍ୱ ଦିବସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା। ଦିବା ଘ.୧୨।୫୭ ଗତେ ମୂଳା /ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ.ଘ.୦୮।୪୨ ଗତେ, ଘ.୧୦।୩୩ ମଧ୍ୟେ, ଘ.୦୧।୦୨ ଗତେ, ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୬ ମଧ୍ୟେ ରାହୁକାଳ।

## ବଢ଼ିଲା ତାତି, ଦିନ ୧୧ଟା ସୁଦ୍ଧା ୩୭ ଡିଗ୍ରୀ




# ମାଓବାଦୀ ଦମନ ପାଇଁ ଆକାଶ ମାର୍ଗରୁ ଆକ୍ରମଣ

ମାଲକାନଗିରି,୧୦।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ଦମନ ଲାଗି ସୁରକ୍ଷାବାହିନୀ ପକ୍ଷରୁ ନୂଆ ରଣନୀତି ଅବଲମ୍ବନ କରାଯାଇଛି। ସ୍ଥଳଭାଗରେ ଭୌଗୋଳିକ ସ୍ଥିତି କାରଣରୁ ମୁହାଁମୁହିଁ ଲଢେଇ ସମ୍ଭବ ହୋଇ ପାରୁ ନ ଥିବା କାରଣରୁ ଏବେ ଆକାଶମାର୍ଗରୁ ଆକ୍ରମଣ ଆରମ୍ଭ ହୋଇଛି; ଯାହାକୁ ନେଇ ମାଓବାଦୀ ସଂଗଠନ ଇତସ୍ତତଃ ହୋଇପଡ଼ିଥିବା ପରିଲକ୍ଷିତ ହେଉଛି। ସେପଟେ ଆକ୍ରମଣରେ କିଛି ଗ୍ରାମବାସୀ ଆହତ ହୋଇଥିବାରୁ ସୀମାନ୍ତ ଗ୍ରାମଗୁଡ଼ିକରେ ପ୍ରଜାମେଳି କରି ଏହାକୁ ବିରୋଧ କରିଛନ୍ତି ଲୋକେ। ପ୍ରଜାମେଳି ପଛରେ ମାଓବାଦୀମାନେ ସାମିଲ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଦକ୍ଷିଣ ବସ୍ତର ମାଓବାଦୀ ସଙ୍ଗଠନ ଏକ ପ୍ରେସ ଇସ୍ତାହାର ଜାରି କରି ମାଓବାଦୀ ଦମନ ନାମରେ କେନ୍ଦ୍ର ଏବଂ ରାଜ୍ୟ ସରକାର ମାନବିକତା ହରାଉଛନ୍ତି ବୋଲି ଦର୍ଶାଇଛି। ଗତ ୪ମାସରେ ଯବାନମାନେ ଏପରି ଦୁଇଥର ଏୟାର ଷ୍ଟ୍ରାଇକ କରିଛନ୍ତି। ହେଲିକପ୍ଟରୁ ଆସି ଗୁଳିବର୍ଷଣ କରିବା ସହ ଡ୍ରୋନ ଯୋଗେ ବୋମା ପକାଉଛନ୍ତି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନ ପୂର୍ବରୁ ମାଓବାଦୀ ଆଉ ରହିବେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଛତିଶଗଡ ଆସି ଉଦବୋଧନ ଦେବା ପରେ ଏଭଳି ଆକାଶ ମାର୍ଗରୁ ମାଓବାଦୀ ଦମନ ଆରମ୍ଭ ହୋଇଛି।

# ପୁଣି ଡରାଇଲା କରୋନା: ମାସେ ଭିତରେ ପିକ୍

ଭୁବନେଶ୍ୱର, ୧୦।୪ (ବ୍ୟୁରୋ)

## ରାଜ୍ୟରେ ଆରମ୍ଭ ହେଲା ଦୁଇଦିନିଆ ମକ୍‌ଡ୍ରିଲ୍



- ୫ ସୂତ୍ରକୁ ନେଇ କୋଭିଡ୍ ମୁକାବିଲା ପ୍ରସ୍ତୁତି
- ନୂଆ ଭାରିଆଣ୍ଟ ପାଇଁ ଦେଶରେ ସଂକ୍ରମଣ ବଢୁଛି
- ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ

ରାଜ୍ୟରେ ପୁଣି କରୋନା ସଂକ୍ରମଣ ମୁଣ୍ଡ ଟେକିଲାଣି। ଏଭଳି ସ୍ଥିତି ଲାଗି ରହିଲେ ମାସେ ଭିତରେ ପିକ୍ ଆସିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଏବେ ଓଡ଼ିଶାର ସ୍ଥିତି ଭଲ ରହିଛି। ତଥାପି ଆମକୁ ସତର୍କ ରହିବାକୁ ପଡିବ ବୋଲି କୁହାଯାଇଛି। ଅପରପକ୍ଷେ କରୋନା ମୁକାବିଲା ପାଇଁ କେନ୍ଦ୍ର ଆଡ୍‌ଭାଇଜରି ଅନୁଯାୟୀ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି। ସୋମବାର ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲରେ ମକ୍‌ଡ୍ରିଲ ଆରମ୍ଭ ହୋଇଛି। ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲଠାରୁ ଆରମ୍ଭ କରି ଏସ୍‌ସିବି ଓ ଅନ୍ୟ ମେଡିକାଲରେ ମକ୍‌ଡ୍ରିଲ ହୋଇଥିଲା। ମଙ୍ଗଳବାର ମଧ୍ୟ ମକ୍‌ଡ୍ରିଲ ଜାରି ରହିବ ଏବଂ ସନ୍ଧ୍ୟା ସୁଦ୍ଧା ରାଜ୍ୟର ମେଡିକାଲଗୁଡ଼ିକ କେତେ ପ୍ରସ୍ତୁତ ରହିଛି, ତାହାର ରିପୋର୍ଟ ଜଣାପଡିବ। ବର୍ତ୍ତମାନ ରାଜ୍ୟରେ ୬୨୯ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ମକ୍‌ଡ୍ରିଲ ଆରମ୍ଭ ହୋଇଛି। ରାଜ୍ୟର ମେଡିକାଲଗୁଡ଼ିକରେ କେତେ ସାଧାରଣ ବେଡ୍, ଆଇସିୟୁ ବେଡ୍, ଅକ୍ସିଜେନ୍, ଭେଣ୍ଟିଲେଟର, ସପୋର୍ଟ ସିଷ୍ଟମ୍, ଔଷଧ, ପିପିଇ କିଟ୍ ମହଜୁଦ୍ ଅଛି ଓ ସେଗୁଡିକ କରୋନା ମୁକାବିଲା ପାଇଁ କେତେ ପ୍ରସ୍ତୁତ ରହିଛି ତାହା ଏଥିରୁ ଜଣାପଡିବ। ସବୁ ଜିଲାପାଳଙ୍କ ତତ୍ତ୍ୱାବଧାନରେ ମକ୍‌ଡ୍ରିଲ୍ କରାଯାଉଛି। ଟେଷ୍ଟିଂ, ଟ୍ରାକିଂ, ଟିକାକରଣ, ଟ୍ରିଟ୍‌ମେଣ୍ଟ ଏବଂ କୋଭିଡ୍ ଆପ୍ରୋପ୍ରିଏଟ୍ ବିହେଭିଅର – ଏହି ୫ଟି ସୂତ୍ରକୁ ନେଇ ପୁଣିଥରେ କୋଭିଡ୍ ମୁକାବିଲା କରାଯିବ। ବର୍ତ୍ତମାନ ଓଡ଼ିଶାର ସ୍ଥିତି ଭଲ ଥିଲେ ବି ଆମକୁ ସତର୍କ ରହିବାକୁ ପଡିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ଏବେ ନୂଆ ଏକ ଭାରିଆଣ୍ଟ ଆସୁଛି। ଏହାକୁ ନେଇ ସମଗ୍ର ଦେଶରେ ପଜିଟିଭ ସଂଖ୍ୟା ବୃଦ୍ଧି ପାଉଛି। ଆମ ରାଜ୍ୟରେ ମାସେ ଭିତରେ ପିକ୍ ଆସିପାରେ। କ୍ୟାପିଟାଲ ହସ୍ପିଟାଲରେ ଏବେ ଦିନକୁ ପ୍ରାୟ ୪୦ରୁ ୫୦ଟି ଟେଷ୍ଟ କରାଯାଉଥିବାବେଳେ କେବେକେବେ ଜଣେ ୨ଜଣ ପଜିଟିଭ୍ ଚିହ୍ନଟ ହେଉଛନ୍ତି। କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଏଠାରେ ୧୦ଟି ଆଇସୋଲେଶନ୍ ବେଡ୍ ରହିଛି। ତା' ସାଙ୍ଗକୁ ହ୍ୱିଲ ଚେୟାର, ଷ୍ଟ୍ରେଚର, ଅକ୍ସିଜେନ୍ ଆଦିର ସମସ୍ତ ସୁବିଧା ରହିଛି। ପରୀକ୍ଷା ପାଇଁ ଟିମ୍ ମଧ୍ୟ ସଜାଗ ରହିଛି। ତେଣୁ ଭୁବନେଶ୍ୱରବାସୀଙ୍କୁ ଭଲ ଚିକିତ୍ସା ମିଳିବ ବୋଲି ଡା. ସାହୁ କହିଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା କଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ

## ସରଗିତଲିଆରେ ଶିଶୁ ଅପପୁଷ୍ଟି ଶିକାର ଘଟଣା

ଯୋଡ଼ା,୧୦।୪(ଡି.ଏନ.ଏ.)



ଅଙ୍ଗନଓ୍ୱାଡି କର୍ମୀ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ କର୍ମଚାରୀ।

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୩ନଂ. ୱାର୍ଡର ସରଗିତଲିଆରେ ଶିଶୁ ଅପପୁଷ୍ଟିର ଶିକାର ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ରବିବାର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଅନୁଧ୍ୟାନ କରି ଫେରିଥିବା ବେଳେ ସୋମବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ କର୍ମଚାରୀ ପହଞ୍ଚି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଦୁର୍ବଳ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଦେବାକୁ ଅଙ୍ଗନୱାଡ଼ି କର୍ମୀଙ୍କୁ ସିଡିପିଓ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ସୋମବାର ଯୋଡ଼ା ପୌରପାଳିକା ସିଡିପିଓ ମାନସୀ ବେହେରା, ଅଙ୍ଗନୱାଡି କର୍ମୀ ଚୂଡ଼ାମଣି ବାରିକ, ପଦ୍ମାବତୀ ମହାକୁଡ଼, କର୍ମଚାରୀ ପାଟମୁଣ୍ଡା, ମିନତି ବେହେରା, ନିରଞ୍ଜନା ବେହେରା, ମୀନାକ୍ଷୀ ପଲେଇ, ଆଶାକର୍ମୀ ଶାନ୍ତିଲତା ପାତ୍ର ପ୍ରମୁଖ ଉକ୍ତ ଅଞ୍ଚଳରେ ପହଞ୍ଚି ଅପପୁଷ୍ଟିର ଶିକାର ଶିଶୁଙ୍କୁ ଚିହ୍ନଟ କରିଥିଲେ। ଟିମ୍‌ର ସର୍ଭେ ଅନୁଯାୟୀ, ଏଠାରେ ୩ଟି ସାହିରେ ୪୧ ଘର ଓ ଲୋକସଂଖ୍ୟା ରହିଛି ୨୨୩। ସମୁଦାୟ ୨୯ ଜଣ ଶିଶୁ ରହୁଥିବା ବେଳେ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ୧୨ ଶିଶୁ ଏବଂ ୩ ବର୍ଷରୁ ୬ବର୍ଷ ପର୍ଯ୍ୟନ୍ତ ୧୭ ଜଣ ଶିଶୁ ଅଛନ୍ତି। ସରଗିତଲିଆରୁ ପ୍ରାୟ ୩ କି.ମି. ଦୂରରେ ଖୁଣ୍ଟପାଣିଠାରେ ଅଙ୍ଗନୱାଡି କେନ୍ଦ୍ର ରହିଥିବାରୁ ଶିଶୁମାନେ କେନ୍ଦ୍ରରୁ ମିଳୁଥିବା ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ଖାଦ୍ୟାଭାବରୁ ଅଧିକାଂଶ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଦୁର୍ବଳ ଥିବା ସିଡିପିଓ ବେହେରା ଜାଣିବାକୁ ପାଇଥିଲେ। ୨୯ ଜଣ ଶିଶୁଙ୍କ ମଧ୍ୟରୁ ୨ଜଣ ଶିଶୁଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଦୁର୍ବଳ ଥିବାରୁ ନିୟମିତ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଣେ ୬ ବର୍ଷର ଶିଶୁଙ୍କୁ ପାଠପଢ଼ା ନିମନ୍ତେ ଅନ୍ୟତ୍ର ଆଶ୍ରମ ସ୍କୁଲରେ ଥଇଥାନ କରିବା ପାଇଁ ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଜଣାଇବେ ବୋଲି ସେ ପ୍ରକାଶ କରିଛନ୍ତି। ସରଗିତଲିଆରେ ରହୁଥିବା ଶିଶୁମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଚିନ୍ତାଜନକ ରହିଛି। ଏ ନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପର୍ଯ୍ୟାୟକ୍ରମେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ସହିତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ସିଡିପିଓ କହିଛନ୍ତି।

ଅନ୍ୟପକ୍ଷେ କେନ୍ଦୁଝର ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଅର୍ଥରେ ଶିଶୁମାନଙ୍କ ପାଇଁ 'ଆମ କଳିକା' ନାମକ ଏକ କ୍ରେଚ୍ ଆରମ୍ଭ ହୋଇଥିଲା। ଏହାର ନିଜସ୍ୱ ଗୃହ ନ ଥିବା ବେଳେ ଆଦିବାସୀ ଲୋକଙ୍କ ମଧ୍ୟରେ ସଚେତନତା କରାଯାଉ ନ ଥିବାରୁ ସେମାନେ ଏଠାକୁ ଶିଶୁମାନଙ୍କୁ ଛାଡୁନାହାନ୍ତି। ଏଥିସହ ଦୀର୍ଘବର୍ଷ ହେବ ଏଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଦାବି କରାଯାଉଥିଲେ ମଧ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏହାର ଅନୁମୋଦନ ଦେଇ ନ ଥିବା ଦେଖିବାକୁ ମିଳିଛି।

## ଲାଞ୍ଚ ମାମଲା: ତତ୍କାଳୀନ ଟ୍ୟାକ୍ସ କଲେକ୍ଟରଙ୍କୁ ୨ବର୍ଷ ଜେଲଦଣ୍ଡ

**ବ୍ରହ୍ମପୁର ଅଫିସ,୧୦।୪:** ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୋମବାର ଏକ ଲାଞ୍ଚ ଗ୍ରହଣ ମାମଲାର ୬ ବର୍ଷ ପରେ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ସେ ମ୍ୟୁନିସିପାଲିଟିର ଟ୍ୟାକ୍ସ କଲେକ୍ଟରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ତତ୍କାଳୀନ ଟ୍ୟାକ୍ସ କଲେକ୍ଟର ତଥା ବର୍ତ୍ତମାନ ବ୍ରହ୍ମପୁର ମହାନଗର ନିଗମ ମେକାନିକ ସେକ୍ସନର ଡିଲିଂ କ୍ଲର୍କ ଧରଣୀଧର ସ୍ୱାଇଁ। ସେହିପରି ଜରିମାନା ବାବଦକୁ ୫ ହଜାର ଟଙ୍କା ଏହା ଅନାଦାୟେ ଅତିରିକ୍ତ ୧ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ଗୋଷାଣୀନୂଆଗାଁ ଅଞ୍ଚଳର ଶଙ୍କର ପାଣିଗ୍ରାହୀ ତାଙ୍କ ଘର ହୋଲ୍ଡିଂ ଟ୍ୟାକ୍ସ ମ୍ୟୁଟେଶନ ପାଇଁ ମ୍ୟୁନିସିପାଲିଟିରେ ଆବେଦନ କରିଥିଲେ। ଉକ୍ତ କାମ ପାଇଁ ଟ୍ୟାକ୍ସ କଲେକ୍ଟର ଧରଣୀଧର ତାଙ୍କୁ ୧ ହଜାର ଟଙ୍କା ମାଗିଥିଲେ। ଶଙ୍କର ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ୨୦୧୬ ଅକ୍ଟୋବର ୨୨ରେ ଶଙ୍କର ଧରଣୀଧରଙ୍କୁ ୧ହଜାର ଟଙ୍କା ଲାଞ୍ଚ ଦେବାବେଳେ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ଜବତ କରିବା ସହ ଧରଣୀଧରଙ୍କୁ ମାମଲା ନମ୍ବର ୫୬/୧୬ ରେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିଲେ।

## ସହକାରୀ ପରିଚାଳିକାଙ୍କ ସମେତ ୩ ଜଣଙ୍କ ବିରୋଧରେ ପ୍ରୋସିଡିଂ

### ନବମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା

କେନ୍ଦୁଝର,୧୦।୪(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଣେ ୧୫ ବର୍ଷର ଛାତ୍ରୀ ମା' ହେବା ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହଷ୍ଟେଲର ସହକାରୀ ପରିଚାଳିକା, ଏଏନ୍ଏମ୍ ଓ ମାଟ୍ରନ୍‌ଙ୍କ ବିରୋଧରେ ଏହି ପ୍ରୋସିଡିଂ ଆରମ୍ଭ ହୋଇଛି। ଘଟଣାରେ ପୂର୍ବରୁ ମାଟ୍ରନ୍‌ଙ୍କୁ ବଦଳି କରାଯାଇଛି।

ସୂଚନାଯୋଗ୍ୟ, ନବମ ଶ୍ରେଣୀ ଛାତ୍ରୀ ଜଣକ ଗତ ଜାନୁୟାରୀ ୨୫ରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ସେଠାରେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଘଟଣା ପରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଛାତ୍ରୀନିବାସରେ ଅବ୍ୟବସ୍ଥା ପଦାକୁ ଆସିଥିଲା। ଘଟଣା ଘଟିବାର ୨ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଦାୟିତ୍ୱରେ ଅବହେଳା କରିଥିବା ପ୍ରଧାନ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ଏହିଭଳି ପ୍ରୋସିଡିଂ ହୋଇଥିବା କର୍ମଚାରୀଙ୍କ ବାବଦରେ ତଦନ୍ତ ହେଲା ପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତାଦାରଖ ଦାୟିତ୍ୱ ପ୍ରଧାନ ଶିକ୍ଷକ, ଛାତ୍ରୀନିବାସ ସହକାରୀ ପରିଚାଳିକା, ମାଟ୍ରନ୍, ଏଏନ୍ଏମ୍, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଉପରେ ନ୍ୟସ୍ତ ଥାଏ। କେବଳ ମାଟ୍ରନ୍‌ଙ୍କୁ ବଦଳି କରାଯାଇଥିବାରୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଉଦବେଗ ପ୍ରକାଶ କରିଛନ୍ତି। ଏନେଇ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ସେଠୀ କହିଛନ୍ତି, ସହକାରୀ ପରିଚାଳିକାଙ୍କ ସମେତ ୩ଜଣ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଧାନଶିକ୍ଷକଙ୍କ ସମ୍ପୃକ୍ତି ନେଇ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


SBI — ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ପ୍ରଥମ ମହଲା, ସହିଦ ନଗର, ଭୁବନେଶ୍ୱର
ଫୋନ ନଂ.:୦୬୭୪-୨୫୪୯୬୬୩, ୨୫୪୯୬୨୧, ଫାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ୍ ଆଇଡି.: sbi.05174@sbi.co.in
**ଗାଡ଼ି ବିକ୍ରୟ ବିଜ୍ଞପ୍ତି**

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡ଼ିର ପ୍ରକାର / ମଡେଲ | ରେଜିଷ୍ଟ୍ରେସନ୍ ନଂ. | ଚେସିସ୍ ନଂ. | ଇଞ୍ଜିନ୍ ନଂ. | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ (ଟ.) | ଇଏମ୍‌ଡି / ବର୍ଦ୍ଧିତ ବିଡ୍ (ଟ.) | ୟାର୍ଡର ଠିକଣା |
|---|---|---|---|---|---|---|---|---|
| ଶ୍ରୀ ଇ. ଭେଙ୍କଟ ରାଓ, ପିତା: ଇ.ଏସ୍. ମୂର୍ତ୍ତୀ, ମେନ୍ ରୋଡ୍, କାଳିମେଳା, ଜିଲ୍ଲା: ମାଲକାନଗିରି / ଆକାଉଣ୍ଟ ନଂ.: ୩୫୯୪୬୦୧୧୦୯୮ | PASSENGER BUS | OD-10 F-3277 | MB1PBEFD 9GEYV6728 | GYEZ414547 | ୨୦୧୬ | ୧୨,୦୦,୦୦୦/- | ୧,୨୦,୦୦୦/- / ୨୫,୦୦୦/- | କଳିଙ୍ଗ ଅଟୋ ସର୍ଭିସେସ୍ (ଜୟପୁର), ସା: ବାମୁନୀଗାଁ, ପୋ: ଜୟପୁର, ଜୟପୁର, ମହାପାତ୍ର ଫିଲିଙ୍ଗ୍ ଷ୍ଟେସନ ସାମ୍ନା, ଜୟପୁର, ଓଡ଼ିଶା-୭୬୪୦୦୩ |

ନିଲାମ ତାରିଖ ଏବଂ ସମୟ: ତା.୨୧.୦୪.୨୦୨୩ ରିଖ ଅପରାହ୍ନ ୦୧.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ
ଗାଡ଼ି ତନଖି ତାରିଖ ଏବଂ ସମୟ: ତା.୧୯.୦୪.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା
ପ୍ରଦତ୍ତ ନିୟମାବଳୀ ଅନୁଯାୟି ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଗାଡ଼ିର କ୍ରେତାଙ୍କ ଠାରୁ ଆଦାୟ କରାଯିବ ।
ସବିଶେଷ ବିବରଣୀ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପାଇଁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ର ୱେବସାଇଟ୍
Website : www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଦେଖନ୍ତୁ ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ: https://www.mstcecommerce.com/auctionhome/ibapi/index.jsp । ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୮୧୦୫୬୨୮୦୩, ପ୍ରବନ୍ଧକ: ଶ୍ରୀ ଭୀମ ମେହେର, ମୋ.: ୯୮୬୧୦୫୮୮୯୦
ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୦୪.୨୦୨୩ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍** — ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ବାଣପୁର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁଏତଦଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବାଣପୁର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ବାଣପୁର ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଅବଦୁଲ୍ ଫିରୋଜଉଦ୍ଦିନ୍,** ପିତା: ୰ ଅବଦୁଲ୍ ମନାନଉଦ୍ଦିନ, ସା: ଗଡ଼ସାହି, ପୋ: ବାଣପୁର, ବାଣପୁର ଏନ୍ଏସି, ଖୋର୍ଦ୍ଧା - ୭୫୨୦୩୧ / **ଗ୍ୟାରେଣ୍ଟିଦାତାମାନେ: ୧) ମହମ୍ମଦ ଅମିନ୍ ନାଜିର,** ପିତା: ଅବଦୁଲ୍ ନାଜିର ଖାଁ, ସା: ୪-୧/୩୫୫, ପ୍ଲଟ୍ ନଂ: ଜେ-୨୦୨, କମଫର୍ଟ ହୋମ୍ସ, ଏଚ୍‌ବି କଲୋନୀ, ପୁରୁଷୋତ୍ତମପୁରମ, ପେଣ୍ଡୁର୍ଥୀ, ବିଶାଖାପଟନମ, **୨) କାଦିରୁନ୍ ନିଶା,** ସ୍ୱାମୀ: ୰ ଅବଦୁଲ୍ ମନାନଉଦ୍ଦିନ୍, **୩) ଅବଦୁଲ୍ ଇଜାଉଦ୍ଦିନ୍,** ପିତା: ୰ ଅବଦୁଲ୍ ମନାନଉଦ୍ଦିନ୍, ଉଭୟଙ୍କ ଠିକଣା- ସା: ଗଡ଼ସାହି, ପୋ: ବାଣପୁର, ବାଣପୁର ଏନ୍ଏସି, ଖୋର୍ଦ୍ଧା - ୭୫୨୦୩୧ | ୨୬.୧୦.୨୦୨୨ ସୁଦ୍ଧା ଟ.୧,୬୯,୬୪,୩୬୭.୮୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୧୧.୨୦୨୨ / ୦୬.୦୪.୨୦୨୩ | **୧) କାଦିରୁନ୍ ନିଶା,** ସ୍ୱାମୀ: ୰ ଅବଦୁଲ୍ ମନାନଉଦ୍ଦିନ୍, ସା: ଗଡ଼ସାହି, ପୋ: ବାଣପୁର, ବାଣପୁର ଏନ୍ଏସି, ଖୋର୍ଦ୍ଧା - ୭୫୨୦୩୧ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୧୩/୧୪୫୫, ପ୍ଲଟ୍ ନଂ.: ୭୭୨ ଏବଂ ୭୩୩, **ସମୁଦାୟ କ୍ଷେତ୍ର: ଏକର୦.୧୨୨ ଡ଼ିସିମିଲି,** ମୌଜା: ସାନ୍ତରାପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୮୦୩ ଏବଂ ୭୩୧, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ.: ୭୩୪, ଦକ୍ଷିଣ: ପ୍ଲଟ୍ ନଂ.: ୮୦୩, **୨) ମହମ୍ମଦ ଅମିନ୍ ନାଜିର,** ପିତା: ଅବଦୁଲ୍ ନାଜିର ଖାଁ, ସା: ୪-୧/୩୫୫, ପ୍ଲଟ୍ ନଂ.: ଜେ-୨୦୨, କମଫର୍ଟ ହୋମ୍ସ, ଏଚ୍‌ବି କଲୋନୀ, ପୁରୁଷୋତ୍ତମପୁରମ, ପେଣ୍ଡୁର୍ଥୀ, ବିଶାଖାପଟନମଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୮/୨୦୬(ପୂର୍ବ ଖାତା ନଂ.: ୧୦୮/୩୮), ପ୍ଲଟ୍ ନଂ.: ୪୦୦/୬୮୧, କ୍ଷେତ୍ର: ଏକର୦.୦୨୦୧ ଡ଼ିସିମିଲି ଯାହା ୮୭୫୫.୫୬ ବର୍ଗଫୁଟ(ଘରବାରୀ), ମୌଜା: ଆଖୁପୋଖରା, ଥାନା: ବାଣପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିଜୟ ଜେନା, ପଶ୍ଚିମ: ସରକାରୀ ଜମି, ଉତ୍ତର: ଇଜମାଇଲ ରାସ୍ତା, ଦକ୍ଷିଣ: ନରସିଂଘ ସୁବୁଦ୍ଧି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୦.୦୪.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



SBI — ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
୨ୟ ମହଲା, ଶ୍ରୀମା କନ୍‌ଷ୍ଟ୍ରକ୍ସନ ବିଲ୍ଡିଂ, ସା/ପୋ: ମଧୁପାଟଣା, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୧୦,
ଫୋନ୍: ୦୬୭୧-୨୩୪୦୬୫୦/୨୩୪୪୩୦୮, ଫ୍ୟାକ୍ସ: ୦୬୭୧-୨୩୪୦୬୫୪/୨୩୪୪୩୦୨
ଇ-ମେଲ୍ ଆଇଡି.: sbi.10027@sbi.co.in
**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର /ଅସ୍ଥାବର ସମ୍ପତ୍ତିର ବିକ୍ରୟ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ସରଫେଶୀ ଆକ୍ଟର ୨୦୦୨ଧାରା ୧୩(୪) ଅନୁସାରେ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟ କରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡ଼ିକୁ ''ଯେଉଁଠାରେ ଯେପରି ଅଛି'', ''ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ ।
**ଇ-ନିଲାମ ତାରିଖ ଓ ସମୟ: ତା.୨୬.୦୪.୨୦୨୩ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ରାଶି ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ଗୁଡ଼ିକର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: (୧) ଶ୍ରୀ ରୋଜ୍ ମହମ୍ମଦ ଏବଂ (୨) ଶ୍ରୀମତୀ ସେହନାଜ ବାନୋ,** ସା: ଜରୋଳି, ପୋ: ଜଜାଙ୍ଗ, ଥାନା: ଯୋଡ଼ା, କେନ୍ଦୁଝର-୭୫୮୦୩୪ | **ଶ୍ରୀ ରୋଜ ମହମ୍ମଦ ଏବଂ ଶ୍ରୀମତୀ ସେହନାଜ ବାନୋ,** ସ୍ୱା: ଶ୍ରୀ ରୋଜ୍ ମହମ୍ମଦଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଜରୋଳି, ପୋ: ଜଜାଙ୍ଗ, ଥାନା: ଯୋଡ଼ା, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ | ତା. ୨୯.୦୭.୨୦୨୧ ସୁଦ୍ଧା ଟ. ୧,୦୧,୪୫,୦୦୦/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୦୨.୦୫.୨୦୧୬ | ଟ.୫୦,୮୭,୦୦୦/- / ଟ.୫,୦୮,୭୦୦/- / ଟ.୫୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ପ୍ରଦୀପ କୁମାର ଦାସ,** ସା/ପୋ: ଭଦ୍ରସାହି, ଥାନା: ବଡ଼ବିଲ, ଜିଲ୍ଲା: କେନ୍ଦୁଝର, ପିନ୍ କୋଡ଼: ୭୫୮୦୩୫, ଓଡ଼ିଶା | **ଶ୍ରୀ ପ୍ରଦୀପ କୁମାର ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ୟୁନିଟ୍ ନଂ.: ୧୫, ମୌଜା: ଭୁଷୁଗାଁ, ଖାତା ନଂ.: ୧୨୮/୨୫୩, ପ୍ଲଟ୍ ନଂ.: ୫୫୧/୯୬୦, କ୍ଷେତ୍ର: ଏକର ୦.୦୭୫ ଡିସିମିଲି, କିସମ: ଘରବାରୀ | ତା. ୧୮.୦୫.୨୦୨୨ ସୁଦ୍ଧା ଟ. ୧,୫୫,୯୭,୦୦୦/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୦୪.୦୫.୨୦୧୮ | ଟ.୧,୧୬,୭୬,୦୦୦/- / ଟ.୧୧,୬୭,୬୦୦/- / ଟ.୫୦,୦୦୦/- |
| ୩. | **ଋଣଗ୍ରହୀତାମାନେ: (୧) ମେସର୍ସ ଅଶୋକ ପ୍ରୋଜେକ୍ଟ କନଷ୍ଟ୍ରକ୍‌ସନ୍ସ, ସ୍ୱତ୍ୱାଧିକାରୀ: ୰ ଅଶୋକ କୁମାର ନାୟକ, (୨) ଶ୍ରୀମତୀ ବାସନ୍ତୀଲତା ନାୟକ,** ସ୍ୱା: ୰ ଅଶୋକ କୁମାର ନାୟକ, ସା: କେରାସାହି, ପୋ: ବିଦେଇପୁର, ଭାୟା: ନାଏକନିଧି, ଜିଲ୍ଲା: ଭଦ୍ରକ, ପିନ୍ କୋଡ଼: ୭୫୬୧୬୪, ଓଡ଼ିଶା | ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୯୩/୧୨୦, ପ୍ଲଟ୍ ନଂ.: ୧୭୨/୬୮୦, କ୍ଷେତ୍ର: ଏକର୦.୪୫ ଡିସିମିଲି, ପ୍ଲଟ୍ ନଂ.: ୫୭/୭୦୭, କ୍ଷେତ୍ର: ଏକର୦.୫୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୬୭/୭୦୮, କ୍ଷେତ୍ର: ଏକର୦.୦୪ ଡିସିମିଲି | ତା. ୦୬.୦୩.୨୦୨୩ ସୁଦ୍ଧା ଟ. ୨,୨୯,୯୪,୦୦୦/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୦୩.୦୯.୨୦୧୩ | ଟ.୪୨,୫୦,୦୦୦/- / ଟ.୪,୨୫,୦୦୦/- / ଟ.୫୦,୦୦୦/- |
| ୪. | **ଋଣଗ୍ରହୀତାମାନେ: (୧) ମେସର୍ସ ସୋନାଲୀ ଆଇସ୍ ପ୍ଲାଣ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରସନ୍ନ କୁମାର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ ଏବଂ ୰ ଅଦ୍ୱୈତ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ ହେଲେ ଶ୍ରୀ ପ୍ରସନ୍ନ କୁମାର ସାହୁ, ଶ୍ରୀମତୀ ଶାନ୍ତିଲତା ସାହୁ, ଶ୍ରୀମତୀ ମିନତୀ ସାହୁ, ଶ୍ରୀମତୀ ଝୁନୁବାଳା ସାହୁ, ଶ୍ରୀମତୀ ଉର୍ମୀଳା ସାହୁ, ଶ୍ରୀ ପ୍ରଶାନ୍ତ ସାହୁ, ଶ୍ରୀ ବସନ୍ତ କୁମାର ସାହୁ ଏବଂ ଶ୍ରୀ ଶିବ ଶଙ୍କର ସାହୁ, **(୨) ଶ୍ରୀ ପ୍ରସନ୍ନ କୁମାର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ, **(୩) ଶ୍ରୀମତୀ ଶାନ୍ତିଲତା ସାହୁ,** ସ୍ୱା: ୰ ଅଦ୍ୱୈତ ଚରଣ ସାହୁ, **(୪) ଶ୍ରୀ ପ୍ରଶାନ୍ତ କୁମାର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ, **(୫) ଶ୍ରୀ ବସନ୍ତ କୁମାର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ, **(୬) ଶ୍ରୀ ଶିବ ଶଙ୍କର ସାହୁ,** ପିତା: ୰ ଅଦ୍ୱୈତ ଚରଣ ସାହୁ, ସମସ୍ତଙ୍କ ଠିକଣା ସା: କୁମ୍ଭାରସାହି, ଚୌଦ୍ୱାର, କଟକ-୭୫୪୦୨୬, **(୭) ଶ୍ରୀମତୀ ମିନତୀ ସାହୁ,** ସ୍ୱା: ଭୂର୍ବ ଚନ୍ଦ୍ର ସାହୁ, ସା: କଣ୍ଟାଲୋ, ଆଠଗଡ଼, ଜିଲ୍ଲା: କଟକ-୭୫୪୦୨୯, **(୮) ଶ୍ରୀମତୀ ଝୁନୁବାଳା ସାହୁ,** ସ୍ୱା: ଶିବ ପ୍ରସାଦ ସାହୁ, ବକ୍ସିବଜାର, କଟକ-୭୫୩୦୦୧, **(୯) ଶ୍ରୀ ଉର୍ମୀଳା ସାହୁ,** ସ୍ୱା: ପଦ୍ମ ଚରଣ ସାହୁ, ପୂର୍ଣ୍ଣଗଡ, ଜିଲ୍ଲା: ଅନୁଗୁଳ-୭୫୯୧୨୨ | ୰ ଅଦ୍ୱୈତ ଚରଣ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚୌଦ୍ୱାର, ଖାତା ନଂ.: ୫୩୪/୩୩, ପ୍ଲଟ୍ ନଂ.: ୮୪୪/୧୯୩୯, କ୍ଷେତ୍ର: ଏକର୦.୦୧୬ ଡିସିମିଲି, କିସମ: ଘରବାରୀ | ତା. ୩୧.୦୩.୨୦୨୩ ସୁଦ୍ଧା ଟ. ୨୬,୩୩,୪୦୫/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୩୦.୧୧.୨୦୧୯ | ଟ.୨୪,୪୦,୦୦୦/- / ଟ.୨,୪୪,୦୦୦/- / ଟ.୫୦,୦୦୦/- |
| ୫. | **ଋଣଗ୍ରହୀତାମାନେ: (୧) ମେସର୍ସ ତାରିଣୀ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଅଞ୍ଜନା ରଣା,** ସ୍ୱା: ଶ୍ରୀ ଅରକ୍ଷୀତ ରଣା, **(୨) ଶ୍ରୀମତୀ ଅଞ୍ଜନା ରଣା,** ସ୍ୱା: ଶ୍ରୀ ଅରକ୍ଷୀତ ରଣା, ଜଗନ୍ନାଥ ମନ୍ଦିର ନିକଟ, ସା/ପୋ: କୁସୁପୁର, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା-୭୫୪୨୦୫ / **ଜାମିନ୍‌ଦାରମାନେ: (୧) ଶ୍ରୀ ଅନନ୍ତ ରଣା,** ପିତା: ୰ ବୈରାଗୀ ରଣା, **(୨) ଶ୍ରୀ ମନୋରଞ୍ଜନ ରଣା, (୩) ଶ୍ରୀ ମୀନା ରଣା ଓରଫ୍ ମିନତୀ ରଣା,** ସ୍ୱା: ୰ ନାରାୟଣ ରଣା, **(୪) ଶ୍ରୀ ଅରକ୍ଷୀତ ରଣା,** ପିତା: ୰ ବୈରାଗୀ ରଣା, **(୫) ଶ୍ରୀ ସୌମ୍ୟରଞ୍ଜନ ରଣା,** ପିତା: ୰ ଅଚ୍ୟୁତାନନ୍ଦ ରଣା, **(୬) ଶ୍ରୀ ଚିତରଞ୍ଜନ ରଣା,** ପିତା: ୰ ଅଚ୍ୟୁତାନନ୍ଦ ରଣା, **(୭) ଶ୍ରୀ ରମାରଞ୍ଜନ ରଣା,** ପିତା: ୰ ଅଚ୍ୟୁତାନନ୍ଦ ରଣା, **(୮) ଶ୍ରୀମତୀ ଜ୍ୟୋତ୍ସନା ରଣା,** ସ୍ୱା: ୰ ଅଚ୍ୟୁତାନନ୍ଦ ରଣା, ସମସ୍ତଙ୍କ ଠିକଣା ସା/ପୋ: କୁସୁପୁର, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୫, ଓଡ଼ିଶା | **ଶ୍ରୀମତୀ ମିନତୀ ରଣା, ଶ୍ରୀ ଅନନ୍ତ ରଣା, ୰ ଅଚ୍ୟୁତାନନ୍ଦ ରଣା ଏବଂ ଶ୍ରୀ ଅରକ୍ଷୀତ ରଣା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କୁସୁପୁର, ତହସିଲ: ମାହାଙ୍ଗା, ଖାତା ନଂ.: ୮୧୫/୨୧୦, ପ୍ଲଟ୍ ନଂ.: ୭୯୬, ୭୯୭, ୭୯୯, କ୍ଷେତ୍ର: ଏକର୦.୧୪୦ ଡିସିମିଲି, କିସମ: ଘରବାରୀ | ତା. ୩୧.୦୩.୨୦୨୩ ସୁଦ୍ଧା ଟ. ୩୬,୦୦,୧୯୩/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୨୫.୦୮.୨୦୨୦ | ଟ.୨୯,୩୯,୦୦୦/- / ଟ.୨,୯୩,୯୦୦/- / ଟ.୫୦,୦୦୦/- |
| ୬. | **ଋଣଗ୍ରହୀତାମାନେ: (୧) ଶ୍ରୀମତୀ ସୋମା ମିତ୍ର,** ସ୍ୱା: ଶ୍ରୀ ସପନ ମିତ୍ର, **(୨) ଶ୍ରୀ ସପନ ମିତ୍ର,** ପିତା: ଶ୍ରୀ ନଳିନୀକାନ୍ତ ମିତ୍ର, ସମସ୍ତଙ୍କ ଠିକଣା ଫ୍ଲାଟ୍ ନଂ.: ଏଫ୍/୧୦୬, ପ୍ରସାନ୍ତି ଆପାର୍ଟମେଣ୍ଟ, ଦେଉଳସାହି, ତୁଳସୀପୁର, କଟକ-୭୫୩୦୦୮ | **ଶ୍ରୀମତୀ ସୋମା ମିତ୍ର ଏବଂ ଶ୍ରୀ ସପନ ମିତ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ଏଫ୍/୧୦୬, ୧ମ ମହଲା, ପ୍ରସାନ୍ତି ଆପାର୍ଟମେଣ୍ଟ, ଦେଉଳସାହି, ତୁଳସୀପୁର | ତା. ୩୧.୦୩.୨୦୨୩ ସୁଦ୍ଧା ଟ. ୩୭,୨୪,୮୮୬/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୧୫.୧୨.୨୦୨୧ | ଟ.୩୫,୭୬,୦୦୦/- / ଟ.୩,୫୭,୬୦୦/- / ଟ.୫୦,୦୦୦/- |

କ୍ର.ନଂ.୧, ୨ ଏବଂ ୩ - ଭୌତିକ ଦଖଲ ଏବଂ କ୍ର.ନଂ.୪, ୫ ଏବଂ ୬ - ସାଙ୍କେତିକ ଦଖଲ
ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୨୪.୦୪.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ
ଏହି ବିକ୍ରୟ ନୋଟିସ୍ ଟି ସିକ୍ୟୁରିଟି ଇଣ୍ଟରେଷ୍ଟ - (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ ର ୮ (୬) ଏବଂ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ ।
ସବିଶେଷ ବିବରଣୀ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପାଇଁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ର ୱେବସାଇଟ୍
Website : www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଦେଖନ୍ତୁ ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ: https://www.mstcecommerce.com/auctionhome/ibapi/index.jsp ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର.ନଂ.୧ ରୁ ୩ ପାଇଁ: ସିସିଓ: ବି.ଏନ୍ ମୂର୍ତ୍ତୀ, ମୋ.: ୭୩୮୧୦୪୮୭୦୭, ସିଏଲ୍ଓ: ଶ୍ରୀ ଜନ୍ମେଜୟ ମହାପାତ୍ର, ମୋ.: ୯୪୩୭୦୯୩୫୨୪୮, କ୍ର.ନଂ.୪ ରୁ ୬ ପାଇଁ: ସିସିଓ: ପ୍ରମିଳା ଏକ୍କା, ମୋ.: ୭୭୬୮୩୫୧୯୯୮, ସିଏଲ୍ଓ: ଶ୍ରୀ ଜନ୍ମେଜୟ ମହାପାତ୍ର, ମୋ.: ୯୪୩୭୦୯୩୫୨୪୮
ସ୍ଥାନ : କଟକ
ତାରିଖ : ୧୦.୦୪.୨୦୨୩
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

"ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା– ତାରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତାରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି। –ଶ୍ରୀଅରବିନ୍ଦ

# ଗାଇଲେ ଦୋଷ

ମହାରାଷ୍ଟ୍ର ସରକାର ଓ ପ୍ରଶାସନିକ ବ୍ୟବସ୍ଥାକୁ ବିରୋଧ କରି ଗୀତ ଗାଇଥିବା ରାପର ଉମେଶ ଖାଡେଙ୍କୁ ମୁମ୍ବାଇ ପୋଲିସ ଏପ୍ରିଲ ୯ରେ ଗିରଫ କରିଛି। ଅପରପକ୍ଷରେ ପୋଲିସ ତରଫରୁ କୁହାଯାଉଛି ଯେ, ଉମେଶଙ୍କୁ ଗିରଫ କରାଯାଇ ନ ଥିଲା! କିନ୍ତୁ ତାଙ୍କୁ ଥାନାକୁ ଡକାଇ ତାଙ୍କର ଗୀତ ସମ୍ପର୍କରେ ଦୀର୍ଘକାଳ ଜେରା କରାଯାଇଥିଲା। ଗଣମାଧ୍ୟମରେ ପ୍ରଚାର କରାଯାଇଛି ଯେ, ଉମେଶ ଓ ତାଙ୍କ ପୂର୍ବରୁ ରାଜ ମୁଙ୍ଗ୍‌ସେ ଉଭୟେ ସରକାରଙ୍କ ବିରୋଧରେ ଗୀତ ଗାଇ ସୋସିଆଲ ମିଡିଆରେ ପକାଇଥିଲେ। ତେବେ ଆଜିକାର ପରିସ୍ଥିତିକୁ ଦେଖିଲେ ବୁଝାପଡୁଛି ଯେ, ଏହିସବୁ ଗୀତ ସରକାରଙ୍କୁ ବିରୋଧ କରିବା ପରିବର୍ତ୍ତେ ରାଜନେତାଙ୍କୁ ବିରୋଧ କରି କରାଯାଇଥିବ। ସରକାରୀ କଳକୁ ବ୍ୟବହାର କରି ରାଜନୈତିକ ବିରୋଧୀଙ୍କୁ ଦମନ କରିବାକୁ ହେଲେ ତାଙ୍କୁ ସରକାରୀ ବିରୋଧୀ ଆଖ୍ୟା ଦେବା ଆବଶ୍ୟକ ହୋଇପଡୁଛି।

ଜନସାଧାରଣଙ୍କୁ ବୋକା ବନେଇବା ପାଇଁ ଯେଉଁଭଳି ଉଦ୍ୟମ ହେଉଛି ତାହା ଉମେଶଙ୍କ ଗୀତ 'ଜନତା ଭୋଙ୍ଗଲି କେଲି'ର ସାରାଂଶ। ଏହା ମଧ୍ୟ ଦରଦାମ ବୃଦ୍ଧି, ରାଜନେତାଙ୍କ ଧର୍ମୀୟ ଖେଳ ତଥା ସାଧାରଣ ଜନତା ଭୋଗୁଥିବା ଦୁର୍ଦ୍ଦଶାକୁ ସୂଚିତ କରିଥିବା ପୋଲିସ କହିଛି। ତେବେ ଉକ୍ତ ଗୀତ ରାଜନେତା ଓ ସାଧାରଣ ଜନତାଙ୍କ ଭିତରେ ଉତ୍ତେଜନା ସୃଷ୍ଟି କରିପାରେ ବୋଲି ଅଭିଯୋଗ ଅଣାଯାଇ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସପ୍ତାହର ପ୍ରାରମ୍ଭରେ ଥାନେ ଜିଲାର ଅମ୍ବରନାଥ ପୋଲିସ ରାପର ରାଜ ମୁଙ୍ଗ୍‌ସେଙ୍କ ନାମରେ ଏକ ମାମଲା ଦାଏର କରିଥିଲା। ତାଙ୍କ ଗୀତରେ ମହାରାଷ୍ଟ୍ରର ଶିବସେନା–ଭାଜପା ସରକାରଙ୍କ ପ୍ରତି ଅପମାନଜନକ ଭାଷା ପ୍ରୟୋଗ କରାଯାଇଥିବା ଅଭିଯୋଗ ଆସିଥିଲା। ମହାରାଷ୍ଟ୍ରର ଏବକାର ଏହି ଦୁଇ ଘଟଣାକୁ ବାଦ୍ ଦେଲେ ୨୦୧୮ର ଭୀମା କୋରେଗାଁଓ ମାମଲାରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟିକୋଣକୁ ବିଚାରକୁ ନିଆଯାଇପାରେ। ଉକ୍ତ ଘଟଣାରେ ମାଓବାଦୀଙ୍କ ସହ ସମ୍ପର୍କ ଥିବା ଅଭିଯୋଗରେ ୧୬ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ, ଲେଖକ, ସାମ୍ବାଦିକ, ଓକିଲ, ଶିକ୍ଷାବିତ୍‌ମାନେ ଗିରଫ ହୋଇଥିଲେ। ଜାମିନ ନ ପାଇ ସେମାନଙ୍କ ମଧ୍ୟରୁ ସମାଜସେବୀ ଫାଦର ଷ୍ଟାନ ସ୍ୱାମୀଙ୍କର ମୃତ୍ୟୁ ଘଟିଲା। ଚାରିଜଣ ବିଭିନ୍ନ କାରଣରୁ ଜାମିନରେ ଅଛନ୍ତି ଯାହାଙ୍କ ମଧ୍ୟରେ ପ୍ରତିଷ୍ଠିତ ଲେଖକ ବରବରା ରାଓ ଅନ୍ତର୍ଭୁକ୍ତ। ଏମାନଙ୍କ ବ୍ୟତୀତ ଆଉ ସମସ୍ତେ ୫ ବର୍ଷ ହେଲା ଜେଲରେ। ଏନ୍‌ଆଇଏ ତଦନ୍ତ କଲେ ବି ଏଯାବତ୍ ମାମଲାର ବିଚାର ମଧ୍ୟ ଆରମ୍ଭ ହୋଇପାରିନାହିଁ। କେବଳ ମହାରାଷ୍ଟ୍ର ନୁହେଁ, ବହୁ ସମୟରେ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିବା ସାମ୍ବାଦିକ, ସମାଜସେବୀ ଓ ନେତାମାନଙ୍କ ଉପରେ ଭାରି ପଡ଼ିଛି। ଏପରିକି ଗୌତମ ନଭ୍‌ଲଖା, ସିଦ୍ଦିକ କପ୍ପାନ, ରୂପେଶ କୁମାର ସିଂ ପ୍ରମୁଖ ସାମ୍ବାଦିକମାନଙ୍କୁ ଗିରଫ କରାଯାଇ ଗଣମାଧ୍ୟମ ସ୍ୱାଧୀନତାର କଣ୍ଠରୋଧ କରାଯାଉଛି। କୃଷକ ଆନ୍ଦୋଳନଠାରୁ ଆରମ୍ଭ କରି ଏନ୍‌ଆର୍‌ସି ଓ ସିଏଏ ଭଳି ଅନେକ ଆଇନକୁ ନେଇ ସ୍ୱାଧୀନ ମନ୍ତବ୍ୟକୁ ରୋକିବା ପାଇଁ ବହୁ ସମୟରେ ସୋସିଆଲ ମିଡ଼ିଆ ଉପରେ କଟକଣା ଲଗାଯାଇଛି। ତେବେ ଏବେ କେନ୍ଦ୍ର ସରକାର ସୂଚନା ପ୍ରଯୁକ୍ତି ନିୟମାବଳୀରେ ଯେଉଁଭଳି ସଂଶୋଧନ ଆଣିଛନ୍ତି, ତାହା କ୍ଷମତାରେ ଥିବା ଦଳକୁ ସୁହାଇବ। ଭୁଲ୍ ବା ଭ୍ରମ ସୃଷ୍ଟିକାରୀ ଖବର ନିର୍ଦ୍ଧାରଣ କରି କାର୍ଯ୍ୟାନୁଷ୍ଠାନ ନେବାରେ ଏହି ନିୟମ କେନ୍ଦ୍ର ସରକାରଙ୍କୁ ନିରଙ୍କୁଶ କ୍ଷମତା ଦେଇଛି, ଯାହାର ପ୍ରୟୋଗ ଉପରେ ସଂଶୟ ସୃଷ୍ଟି ହେଉଛି। ଏଥିରେ ସ୍ୱାଧୀନ ୱେବ୍‌ସାଇଟ ବା ଅନ୍‌ଲାଇନ ମିଡିଆଗୁଡ଼ିକୁ ଲକ୍ଷ୍ୟ କରି ହଇରାଣ କରିବା ଲାଗି ବାଟ ପ୍ରଶସ୍ତ କରାଯାଇଥିବା କୁହାଯାଉଛି।

ବିଗତ ବର୍ଷଗୁଡ଼ିକୁ ଲକ୍ଷ୍ୟ କଲେ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ନେଇ ଦେଶ ଭିତରେ ଯେତିକି ପ୍ରତିକ୍ରିୟା ପ୍ରକାଶ ପାଉନି ତା'ଠାରୁ ଅଧିକ ପ୍ରତିକ୍ରିୟା ପ୍ରତୀୟମାନ ହେଉଛି ଅନ୍ତର୍ଜାତୀୟ ସ୍ତରରେ। ଯେଉଁଥିପାଇଁ ନାଗରିକ ସ୍ୱାଧୀନତା, ଧର୍ମୀୟ ସ୍ୱାଧୀନତା, ଆଇନର ଶାସନ ଓ ବୃତ୍ତିଗତ ସ୍ୱାଧୀନତା ଉପରେ ଆକଳନ କରି ସୂଚକାଙ୍କ ପ୍ରସ୍ତୁତ କରୁଥିବା ୱାଶିଂଟନର କାଟୋ ଇନ୍‌ଷ୍ଟିଚ୍ୟୁଟ ଭାରତକୁ ବିଶ୍ୱର ମୋଟ ୧୯୫ଟି ଦେଶ ମଧ୍ୟରେ ୧୧୨ତମ ସ୍ଥାନରେ ରଖିଛି। ସମସ୍ତ ଘଟଣାକୁ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଆମର ଅଭିବ୍ୟକ୍ତି ସ୍ୱାଧୀନତା ଅନେକ କ୍ଷେତ୍ରରେ କ୍ଷୁଣ୍ଣ ହେବାରେ ଲାଗିଛି। ସରକାର ବା ବ୍ୟବସ୍ଥା ବିରୋଧରେ ମୁହଁ ଖୋଲିଲେ ବିପଦ ଆସୁଛି। ମନେରଖିବାକୁ ହେବ, ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ରୋକିଲେ ଗଣ ସ୍ୱର ଚାପି ହୋଇଯିବ। ଏହା ଘଟିଲେ ଗଣତନ୍ତ୍ର ଧୀରେ ଧୀରେ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଇବା ଥୟ।

**ସମସ୍ତ ଘଟଣାକୁ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଆମର ଅଭିବ୍ୟକ୍ତି ସ୍ୱାଧୀନତା ଅନେକ କ୍ଷେତ୍ରରେ କ୍ଷୁଣ୍ଣ ହେବାରେ ଲାଗିଛି। ସରକାର ବା ବ୍ୟବସ୍ଥା ବିରୋଧରେ ମୁହଁ ଖୋଲିଲେ ବିପଦ ଆସୁଛି। ମନେରଖିବାକୁ ହେବ, ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ରୋକିଲେ ଗଣ ସ୍ୱର ଚାପି ହୋଇଯିବ। ଏହା ଘଟିଲେ ଗଣତନ୍ତ୍ର ଧୀରେ ଧୀରେ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଇବା ଥୟ।**

# ଫଳକର ଚେତାବନୀ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଆଗାମୀ ୨୦୨୪ରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ନିର୍ବାଚନ ହେବ। ତେଣୁ ଆରମ୍ଭ ହୋଇଯାଇଛି ଫଳକ ସ୍ଥାପନ କାର୍ଯ୍ୟକ୍ରମ। କୋଟି କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଫଳକରେ ମାଳ ମାଳ ମନ୍ତ୍ରୀ ଓ ବିଧାୟକଙ୍କ ନାମ ପରିଲକ୍ଷିତ ହେଉଛି। ଯେଉଁମାନଙ୍କ ଅର୍ଥରେ ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ହୁଏ ସେମାନଙ୍କ ନାମ ଫଳକରେ ରହିଲେ କାହାରି କିଛି କହିବାର ନାହିଁ। ମାତ୍ର ଜନସାଧାରଣଙ୍କ ପାଖରୁ ବିଭିନ୍ନ ଶୁଳ୍କ ରୂପରେ ଯେଉଁ ଅର୍ଥ ସଂଗୃହୀତ ହୁଏ ସେଥିରେ ହିଁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଏ। ଏ ବିଷୟରେ କେହି ସଚେତନ ନ ଥାନ୍ତି। ଜନସାଧାରଣ ପ୍ରକଳ୍ପ ଉଦ୍‌ଘାଟକ ଭାବରେ ବିଭିନ୍ନ ମନ୍ତ୍ରୀ ଓ ବିଧାୟକମାନଙ୍କ ନାମ ଫଳକରେ ଖୋଦିତ କରି ସେମାନଙ୍କ କରକମଳରେ ସେହି ପ୍ରକଳ୍ପଗୁଡ଼ିକୁ ଉତ୍ସର୍ଗ କରନ୍ତି। କିଛିବର୍ଷ ପୂର୍ବେ ସ୍ତମ୍ଭକାର ୰ପ୍ରଫୁଲ୍ଲ କରଙ୍କ ଫଳକ ସମ୍ପର୍କିତ ଏକ ଆଲେଖ୍ୟ ଏବେ ବି ପ୍ରାସଙ୍ଗିକ ମନେହୁଏ।

ଆମେରିକାର ସାନ୍‌ଫ୍ରାନ୍‌ସିସ୍କୋ ସହରରେ ଗୋଟିଏ ନଦୀ ଉପରେ ଅଛି ଏକ ବିରାଟ ଝୁଲାପୋଲ। ତା'ର ନାମଟି ହେଉଛି ଗୋଲ୍‌ଡେନ୍ ଗେଟ୍ ବ୍ରିଜ୍। ଏହା ଏକ ପର୍ଯ୍ୟଟନ ସ୍ଥଳୀ। ଏହି ଦର୍ଶନୀୟ ପୋଲଟି ଇଞ୍ଜିନିୟର ଜୋସେଫ ବି ଷ୍ଟ୍ରସ୍‌ଙ୍କ ବୁଦ୍ଧି କୌଶଳରେ ନିର୍ମିତ ହୋଇଥିବାରୁ ସେଠାରେ ତାଙ୍କର ଫଳକ ଓ ମୂର୍ତ୍ତି ଅବସ୍ଥାପିତ ହୋଇଛି। ଏକ ସାଧାରଣଜ୍ଞାନ ବହିରୁ ଏହି କଥା ପଢ଼ି ପୁଅ ସେଭଳି ଜଣେ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖିଲା। କୌତୂହଳବଶତଃ ଭାରତର ସବୁ ଆକର୍ଷଣୀୟ ପୋଲ ଖୋଜି ଖୋଜି ଦେଖିଲା, ମାତ୍ର କୁଆଡ଼େ କୌଣସି ଇଞ୍ଜିନିୟରଙ୍କ ନାମ ଫଳକରେ ଖୋଦିତ ହେବାର ତା'ର ଦୃଷ୍ଟିଗୋଚର ହେଲାନାହିଁ। ସବୁ ଫଳକରେ ଥିଲା କୌଣସି ନା କୌଣସି ମନ୍ତ୍ରୀ ବା ବିଧାୟକ ବା ପ୍ରଶାସକଙ୍କ ନାମ। ପୁଅ ବାପାଙ୍କୁ ପଚାରିଲା, "ଏସବୁ ପୋଲ କ'ଣ ମନ୍ତ୍ରୀଙ୍କ ବୁଦ୍ଧିରେ ଓ ଟଙ୍କାରେ ନିର୍ମିତ ହୋଇଛି?" ବାପା ଉତ୍ତର ଦେଲେ, "ନା, ଏହା ଆମେରିକା ନୁହେଁ। ଆମ ଭାରତରେ ଇଞ୍ଜିନିୟର ଯେତେ ବୁଦ୍ଧି ଖଟେଇଲେ ମଧ୍ୟ ମନ୍ତ୍ରୀଙ୍କ ମୁଣ୍ଡରେ ପାଗ ଭିଡ଼ା ହୁଏ। ପୁଅ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖୁଥିଲା। ମାତ୍ର ଏକଥା ଶୁଣି ଆଉ ଇଞ୍ଜିନିୟର ହେବାକୁ ଚାହିଁଲା ନାହିଁ।

ପୁଅ ସ୍ୱପ୍ନ ଦେଖିଲା ସେ ପ୍ରଚୁର ପରିଶ୍ରମ କରିବ ଓ ଆଇଏଏସ୍ ଅଫିସର ହେବ। ଦିନକର ଘଟଣା। ଗାଁ ସ୍କୁଲର ନୂଆ କୋଠାର ଉଦ୍‌ଘାଟନ ଉତ୍ସବ ଚାଲିଥାଏ। ମନ୍ତ୍ରୀ ଓ ଶାସନ ସଚିବ ଆସିଥାନ୍ତି। ଦୁର୍ନୀତିଗ୍ରସ୍ତ ବୋଲି ପୂର୍ବରୁ ବହୁ ପ୍ରଚାରିତ ଅଳ୍ପ ପାଠପଢ଼ିଥିବା ଜଣେ ମନ୍ତ୍ରୀ ମୁଖ୍ୟ ଅତିଥି ଥା'ନ୍ତି। ଫଳକରେ ଉଦ୍‌ଘାଟକ ଭାବରେ ତାଙ୍କରି ନାମଟି ଖୋଦିତ ହୋଇଥାଏ। ମନ୍ତ୍ରୀ ଆସିଲେ। ତାଙ୍କ ପଛରେ ସଚିବ ନତମସ୍ତକ ହୋଇ ମନ୍ତ୍ରୀଙ୍କ ପଛରେ ଚାଲି ଚାଲି ପ୍ରତ୍ୟେକ କଥାରେ ହଁ ସାର୍ କହୁଥାନ୍ତି। ପୁଅ ଏ ଦୃଶ୍ୟ ଦେଖି ବାପାଙ୍କୁ ପଚାରିଲା, "ସେ କିଏ?" ବାପା ଉତ୍ତର ଦେଲେ, "ଜଣେ ଆଇଏଏସ୍ ଅଫିସର, ମନ୍ତ୍ରୀଙ୍କ ଜ୍ଞାନଦାତା, ତାଙ୍କ ବୁଦ୍ଧିରେ ଶାସନ ଚାଲେ।" ପୁଅ ଭାବିଲା, ଯଦି ଆଇଏଏସ୍ ଅଫିସରଙ୍କ ବୁଦ୍ଧିରେ ଶାସନ ଚାଲେ ସେ ତାଙ୍କଠାରୁ କମ୍‌ଜ୍ଞାନ ଓ ବୁଦ୍ଧିଥିବା ମନ୍ତ୍ରୀଙ୍କ ବୋଲକରା ହେବେ କାହିଁକି? ପ୍ରଶ୍ନଟି ତାକୁ ଆନ୍ଦୋଳିତ କଲା। ପୁଅ ନିଷ୍ପତ୍ତି ନେଲା ଏଭଳି ଆଇଏଏସ୍ ଅଫିସର ହେବା ଦରକାର ନାହିଁ। ତା'ର ମୋହ ଭଙ୍ଗ ହେଲା।



ଅନେକ ଦିନ ଅତିକ୍ରାନ୍ତ ହେଲା। ଦିନେ ବାପ ପୁଅ ଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀ ଯାଇଥାନ୍ତି। ମନ୍ଦିରକୁ ଗଲାବେଳେ ବାପା ପୁଅକୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କାହାଣୀ ଶୁଣାଉଥାନ୍ତି। ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କ ପାଇଁ ମନ୍ଦିର ନିର୍ମାଣ କରିବାରୁ ଜଗନ୍ନାଥ ପ୍ରୀତ ହୋଇ ତାଙ୍କୁ ବର ଯାଚିଲେ। ଇନ୍ଦ୍ରଦ୍ୟୁମ୍ନ କହିଲେ "ପ୍ରଭୁ ଯଦି ଆପଣ ମୋ ଉପରେ ପ୍ରୀତ, ମୋତେ ଏହି ବର ଦିଅନ୍ତୁ ଯେପରି ମୋ ବଂଶରେ କେହି ଜନ୍ମ ନେବେ ନାହିଁ। କେହି କହିବାକୁ ନ ଥିବେ ଯେ ଏ ମନ୍ଦିର ଇନ୍ଦ୍ରଦ୍ୟୁମ୍ନ ନିର୍ମାଣ କରିଥିଲେ।" ଜଗନ୍ନାଥ କହିଲେ "ତଥାସ୍ତୁ"। ଏହି କଥା ଶୁଣି ପୁଅ ଆଶ୍ଚର୍ଯ୍ୟ ହେଲା ଯେ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରି ମନ୍ଦିର ନିର୍ମାଣ କରିଥିଲେ ବି ରାଜା ଇନ୍ଦ୍ରଦ୍ୟୁମ୍ନ ତା'ର ଶ୍ରେୟ ନେବାକୁ ଚାହିଁ ନ ଥିଲେ। ପୁଅ ଇନ୍ଦ୍ରଦ୍ୟୁମ୍ନଙ୍କ ଭଳି ଶାସକଙ୍କୁ ନେଇ ଗର୍ବ ଅନୁଭବ କଲା। ଜଗନ୍ନାଥ ଦର୍ଶନ କରି ବାପପୁଅ ଫେରୁଥିବା ସମୟରେ ପୁଅର ଦୃଷ୍ଟି ପଡ଼ିଲା ପତିତପାବନଙ୍କ ପଛପଟ କାନ୍ଥରେ ଏକ ମାର୍ବଲ ପଥର ଉପରେ। ସେଠି ଲେଖାଥିଲା "ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ଥାୟୀ ବିଦ୍ୟୁତୀକରଣ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଦ୍ୱାରା ଉନ୍ମୋଚିତ।" ଫଳକଟି ପଢ଼ିସାରିବା ପରେ ପୁଅ କହିଲା, "ବାପା, ମୁଁ ମନ୍ତ୍ରୀ ହେବି, କାରଣ ବ୍ୟକ୍ତିଗତ ଧନ ଓ ବୁଦ୍ଧି ବିନିଯୋଗ ନ କରିମଧ୍ୟ ଦୀର୍ଘଦିନ ଜନମାନସରେ ବଞ୍ଚିରହିପାରିବି।"

ବିଧାୟକ ବା ମନ୍ତ୍ରୀ ହେବା ପାଇଁ ଇଚ୍ଛୁକ ଥିବା ଲୋକେ ସର୍ବଦା କହନ୍ତି ସେମାନେ ଜନସେବା କରିବାକୁ ଚାହାନ୍ତି। ପ୍ରତିଦାନରେ କିଛି ଗ୍ରହଣ କରି କୌଣସି କର୍ମ କଲେ ତାକୁ ସେବା କୁହାଯାଏ ନାହିଁ। ଯେଉଁ ବିଧାୟକ ଓ ମନ୍ତ୍ରୀମାନେ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଦରମା ଓ ଭତ୍ତା ନିଅନ୍ତି ସେମାନେ ସେବକ ପଦବାଚ୍ୟ ହେବେ କିପରି? ରାଜ୍ୟ ବା ଦେଶରେ ଯାହାସବୁ ପ୍ରକଳ୍ପ ନିର୍ମାଣ କରାଯାଉଛି ସେଗୁଡ଼ିକ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥ ମନ୍ତ୍ରୀ, ବିଧାୟକ ବା ପ୍ରଶାସକଙ୍କ ବ୍ୟକ୍ତିଗତ ଅର୍ଥ ନୁହେଁ। ତାହା ଜନସାଧାରଣଙ୍କ ଅର୍ଥ। ସେମାନଙ୍କ ବୁଦ୍ଧି ବା ଜ୍ଞାନରେ ସେହି ପ୍ରକଳ୍ପଗୁଡ଼ିକ ନିର୍ମିତ ହୋଇ ନ ଥାଏ। ତେଣୁ ଫଳକରେ ସେମାନଙ୍କ ନାମ ରହିବାର କୌଣସି କାରଣ ନ ଥାଏ ବରଂ ଯେଉଁ ଇଞ୍ଜିନିୟରଙ୍କ କାରିଗରି ବୁଦ୍ଧିରେ ସେହିସବୁ ନିର୍ମିତ ହେଉଥାଏ ସେମାନଙ୍କ ନିକଟରେ ଦେଶ କୃତଜ୍ଞ ରହିବା କଥା। ଏହି କଥାକୁ ଠିକ୍ ଭାବରେ ବୁଝିପାରିଛନ୍ତି ଆମେରିକାର ଲୋକେ।

ଫଳକ ଖଞ୍ଜିବା ପଛରେ ଥାଏ ଏକମାତ୍ର କାରଣ। ତାହା ହେଉଛି ଦୀର୍ଘଦିନ ଧରି ଜନମାନସରେ ବଞ୍ଚି ରହିବାର ଇଚ୍ଛା। ମନେପଡ଼େ ଇଂରେଜ କବି ଶେଲୀଙ୍କ ଏକ କବିତା। ମିଶରୀୟ ରାଜା ଓଜିମାଣ୍ଡିଅସ୍ ଜନମାନସରେ ଚିରଦିନ ବଞ୍ଚି ରହିବା ପାଇଁ ନିଜର ଏକ ବିରାଟ ମୂର୍ତ୍ତି ନିର୍ମାଣ କରାଇଥିଲେ ଏକ ମରୁଭୂମିରେ। ମୂର୍ତ୍ତିର ପାଦପୀଠରେ ଥିଲା ଏକ ଫଳକ। ସେଥିରେ ଖୋଦିତ ହୋଇଥିଲା, "ମୁଁ ଓଜିମାଣ୍ଡିଅସ୍, ରାଜାମାନଙ୍କର ରାଜା। ହେ ଶକ୍ତିଶାଳୀ ବୀରମାନେ ! ମୋର କୃତିତ୍ୱକୁ ଦେଖ ଓ ମୋ ସଙ୍ଗେ ସମାନ ହେବାର ଆଶା ପରିତ୍ୟାଗ କର।" ଆଜି ସେ ମୂର୍ତ୍ତି ନାହିଁ କି ଫଳକ ବି ନାହିଁ। ବିଖଣ୍ଡିତ ହୋଇ ସେଗୁଡ଼ିକ ମରୁଭୂମିର ବାଲିରେ ପଡ଼ିଛି। ଖଣ୍ଡବିଖଣ୍ଡିତ ମୂର୍ତ୍ତି ଓ ଫଳକ ମଣିଷକୁ ଚେତାବନୀ ଦେଉଛି ଧନ ମାନ ଯଶ ମଧ୍ୟ କାଳର ଅଧୀନ। ସବୁକିଛି କ୍ଷଣସ୍ଥାୟୀ। ତା' ସତ୍ତ୍ୱେ ମଣିଷ ଫଳକ ନିର୍ମାଣ ଦୌଡ଼ରୁ କ୍ଷାନ୍ତ ହୋଇନାହିଁ। ଜନସାଧାରଣଙ୍କ ଅର୍ଥରେ ଓ ବୈଜ୍ଞାନିକ/ ଇଞ୍ଜିନିୟରଙ୍କ ବୁଦ୍ଧି ବଳରେ ନିର୍ମିତ ପ୍ରକଳ୍ପଗୁଡ଼ିକରେ ନିଜ ନାମ ଖୋଦିତ ଫଳକ ଖଞ୍ଜାଇ ଶ୍ରେୟ ନେଉଛି ଅହଂକାରୀ ମଣିଷ। ଆଜି ଚାରିଆଡ଼େ ଫଳକ ପ୍ରଦର୍ଶନୀ। ଚାରିଆଡ଼େ ଚାଲିଛି ମିଥ୍ୟା ସେବାର ପ୍ରଚାର ଓ ପ୍ରସାର। ମାତ୍ର ଓଜିମାଣ୍ଡିଅସ୍‌ଙ୍କ ବିଖଣ୍ଡିତ ଫଳକ ଚେତାବନୀ ଦେଉଛି ଜୀବନର କୃତିତ୍ୱ ମଧ୍ୟ ଦିନେ କାଳକବଳିତ ହେବ। ଏଣୁ ଅହଂକାର ନିରର୍ଥକ।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ– ୭୦୦୮୩୬୯୯୨୦**

# ସବୁଜ ପରିବେଶ



ଅଲେଖ ଚନ୍ଦ୍ର ସାମଲ

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପୃଥିବୀ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ସେଥିରୁ ବଞ୍ଚିବା ପାଇଁ ସବୁକିଛି ସବୁଜମୟ କରିବା ସକାଶେ ଏବେ ମଣିଷ ପ୍ରୟାସରତ। ପୂର୍ବରୁ ସବୁଜିମା ଥିଲା ପରିବେଶ। ଜୈବିକ ସାର ପ୍ରୟୋଗ କରାଯାଇ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଉଥିଲା। ଯେତେବେଳେ ଲୋକସଂଖ୍ୟା ହୁ ହୁ ବଢ଼ିଲା ସେତେବେଳେ ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ସୀମିତ ଜମିରେ ଅଧିକ ଉତ୍ପାଦନ ଜରୁରୀ ହୋଇପଡ଼ିଲା। ଜୈବିକ ସାର ଦ୍ୱାରା ଅଧିକ ଅମଳ ସମ୍ଭବ ନ ହେବାରୁ ରାସାୟନିକ ସାର ବିଷୟ ଚିନ୍ତା କରାଗଲା। ଫଳରେ ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବାପେକ୍ଷା ବହୁଗୁଣିତ ହେଲା। କିନ୍ତୁ ସେହି ଖାଦ୍ୟ ମଣିଷ ଦେହରେ ନାନା ରୋଗ ସୃଷ୍ଟି କରିବାରୁ ପୁଣି ଜୈବିକ ସାର ପ୍ରୟୋଗ ବିଷୟ ଏବେ ବିଶ୍ୱବ୍ୟାପୀ ଚାଷୀଙ୍କ ମୁଣ୍ଡକୁ ଢୁକିଛି। ହେଲେ ଓଡ଼ିଶାରେ କୃଷକଙ୍କୁ ସେତକ ବୁଦ୍ଧି ଜୁଟୁ ନାହିଁ। ଜଣେ ଚାଷୀର କିଆରିରେ ଗହ ଗହ ଶସ୍ୟ ଦେଖି ଆଉ ଜଣେ ଚାଷୀ ଲୋଭିଲା ହୋଇପଡୁଛି। ଅଧିକ ଫସଲ ଅମଳ ଆଶାରେ କ୍ଷେତରେ ୟୁରିଆ, ପଟାସ, ଗ୍ରୋମୋର ଭଳି ରାସାୟନିକ ସାର ପ୍ରୟୋଗ ହେଉଛି। ଏହି ଧାରାକୁ ନେଇ ଭାଗଚାଷୀ ବିକୃତ ପରିସ୍ଥିତି ସୃଷ୍ଟି କଲେଣି। ଜମି ମାଲିକ ପରବର୍ତ୍ତୀ ବର୍ଷରେ ଭାଗଚାଷ ଦେଇପାରନ୍ତି ବା ନ ଦେଇପାରନ୍ତି ସେହି ଆଶଙ୍କାରେ ସେମାନେ ଚାଷ କରୁଥିବା ଜମିରେ ଢାଳୁଛନ୍ତି ପ୍ରଚୁର ରାସାୟନିକ ସାର। ଏହାଦ୍ୱାରା ଚାଷ ଜମିର ଉର୍ବରତା ଦିନକୁ ଦିନ କମିବାରେ ଲାଗୁଛି। କୃଷି ବିଜ୍ଞାନରେ ଅଛି ଗୋଟିଏ ଜମିରେ ପ୍ରତିବର୍ଷ ସମାନ ଚାଷ ନ କରି ବର୍ଷକୁ ବର୍ଷ ଚାଷ ପରିବର୍ତ୍ତନ କରାଗଲେ କ୍ଷେତରେ ଉତ୍ପାଦିକତା ଶକ୍ତି ବୃଦ୍ଧି ପାଏ। ହେଲେ ମାନୁଛି କିଏ। ଗୋବର, ଖତ, ପିଡ଼ିଆ ପ୍ରୟୋଗକୁ ମାନ୍ଧାତା ପ୍ରଣାଳୀ ଭାବି ତାହାକୁ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷରେ ରାସାୟନିକ ପଦାର୍ଥ ଆଜି ମଣିଷର ଜୀବନ ସହ ଜଡ଼ିତ ହୋଇଗଲାଣି। ସେଥିରୁ ସମ୍ପୂର୍ଣ୍ଣ ନିସ୍ତାର ନ ମିଳିଲେ ମଧ୍ୟ ହାନିକାରକ ଉପାଦାନ କମାଇବା ଦିଗରେ ଏବେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି।

ଉପରୋକ୍ତ ବିଷୟକୁ ତର୍ଜମା କଲେ ଗୋଟିଏ କଥା ସ୍ପଷ୍ଟ ଯେ ରାସାୟନିକ ଉପାଦାନ ଥିବା ଯେ କୌଣସି ପଦାର୍ଥ ପରିବେଶ ଓ ପ୍ରାଣୀଜଗତ ପାଇଁ କ୍ଷତିକାରକ। ଏହାକୁ ହୃଦୟଙ୍ଗମ କରି ୧୯୯୧ରେ ପଲ୍ ଆନାଷ୍ଟାସ ଗ୍ରୀନ୍ କେମିଷ୍ଟ୍ରୀ ବା ସବୁଜ ରସାୟନ ଶବ୍ଦ ପ୍ରଣୟନ କରିଥିଲେ। ରାସାୟନିକ ପଦାର୍ଥରେ କ୍ଷତିକାରକ ଉପାଦାନଗୁଡ଼ିକୁ ଅଲଗା କରାଯାଇ ତାହାକୁ ପରିବେଶ ଉପଯୋଗୀ କରାଯିବା ପ୍ରକ୍ରିୟା ପ୍ରସ୍ତୁତ କରିଥିବାରୁ ତାଙ୍କୁ ଗ୍ରୀନ୍ କେମିଷ୍ଟ୍ରୀର ଜନକ ବୋଲି କୁହାଯାଏ। ଆମେରିକାର ୟେଲ୍ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର୍ ଗ୍ରୀନ୍ କେମିଷ୍ଟ୍ରୀ ଆଣ୍ଡ ଗ୍ରୀନ୍ ଇଞ୍ଜିନିୟରିଂ' ବିଭାଗର ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରୁଥିଲେ। ଗ୍ରୀନ୍ କେମିଷ୍ଟ୍ରୀର ଲକ୍ଷ୍ୟ ହେଲା କୌଣସି ରାସାୟନିକ ପଦାର୍ଥରେ ଥିବା ବିଷାକ୍ତ ଉପାଦାନକୁ କମାଇ ତାହାର ଦକ୍ଷତାକୁ ବଢ଼ାଇବା। ଫଳରେ ମୂଳସ୍ତରରୁ ହିଁ ପ୍ରଦୂଷଣକୁ କମାଯାଇପାରିବ। ସେଥିପାଇଁ ଏହି ଗ୍ରୀନ୍ କେମିଷ୍ଟ୍ରୀ ନୀତିର ପ୍ରଥମରେ କୁହାଯାଇଛି, କୌଣସି ପଦାର୍ଥ ସୃଷ୍ଟି ହେବା ପରେ ସେଥିରୁ ବିଷାକ୍ତ ଉପାଦାନ ପରିମାଣକୁ ନଷ୍ଟ କରିବାଠାରୁ ଏହା କିଭଳି ରାସାୟନିକ ପଦାର୍ଥରେ ନ ରହିବ ସେ ଦିଗରେ ପଦକ୍ଷେପ ନେବା ଶ୍ରେୟସ୍କର।



ଏବେ ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀ ଗ୍ରୀନ୍ କେମିଷ୍ଟ୍ରୀକୁ ଆପଣାଇଲେଣି। ପରିବେଶ ଉପରେ ରାସାୟନିକ ପଦାର୍ଥର ପ୍ରଭାବ କମାଇବା ଲାଗି ବିଭିନ୍ନ ପ୍ରକାର ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି। ଫଳରେ ପ୍ରାକୃତିକ ସମ୍ବଳର ସର୍ବାଧିକ ବ୍ୟବହାର କରାଯାଇପାରୁଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ ସବୁଜ ରସାୟନ ପ୍ରଣାଳୀ ଉପଯୋଗ କରିବା ଦ୍ୱାରା ସ୍ୱାସ୍ଥ୍ୟକର ଓ ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟି କରିପାରିଛି। କର୍ମଚାରୀ, ପଡ଼ୋଶୀ, ଉପଭୋକ୍ତାମାନେ ସେଥିରୁ ଉପକାର ପାଇପାରୁଛନ୍ତି। ସେହିପରି ଲୁବ୍ରିଜୋଲ ଆଡ଼ଭାନ୍ସଡ଼ ମାଟେରିଆଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ସମ୍ପୂର୍ଣ୍ଣ ଭାବେ ଏକ ରାସାୟନିକ ପଦାର୍ଥ ଉତ୍ପାଦନକାରୀ ସଂସ୍ଥା। କିନ୍ତୁ ଏହା ଏକ ନୂତନ ପଲିମର ବିକଶିତ କରିଛି। ସିପିଭିସି ନାମକ ପାଇପ୍ ତିଆରିରେ ମାତ୍ର ୩୫ ପ୍ରତିଶତ ପେଟ୍ରୋଲିୟମ୍ ଉପାଦାନ ରହିଥିବା ବେଳେ ଅବଶିଷ୍ଟାଂଶ ସାଧାରଣ ଲୁଣ ବ୍ୟବହାର କରାଯାଇଛି। ଅତିକମ୍ ଖର୍ଚ୍ଚରେ ଏହା ପ୍ରସ୍ତୁତ ହୋଇଥିବାରୁ ବ୍ୟବହାରକାରୀ ଓ ପରିବେଶ ସକାଶେ ଉପଯୋଗୀ ହୋଇପାରିଛି। ସବୁଠାରୁ ମୁଖ୍ୟ ବୈଶିଷ୍ଟ୍ୟ ହେଲା ପାଇପକୁ ଶୀଘ୍ର ନଷ୍ଟ ହେବାରୁ ଏହା ରକ୍ଷା କରିଥାଏ। ଆମ ଚାରିପାଖେ ଥିବା ବିଭିନ୍ନ ରାସାୟନିକ ବସ୍ତୁରେ ବହୁମାତ୍ରାରେ ଟକ୍ସିକ୍ ବା ବିଷାକ୍ତ ଉପାଦାନ ଭରି ରହିଛି। ଏପରି କି ଚାଇନାରୁ ଆସୁଥିବା ଖେଳଣାର ରାସାୟନିକ ପ୍ରଲେପ ଲଗାଯାଇଥିବାରୁ ତାହା କୁନି ପିଲାଙ୍କ ସ୍ୱାସ୍ଥ୍ୟହାନି କରୁଛି ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ଏଭଳି ପରିସ୍ଥିତିରେ ଶିଶୁଙ୍କୁ ମାଟି ବା କାଠରେ ପ୍ରସ୍ତୁତ ଖେଳଣା ଦିଆଯାଇପାରନ୍ତା। ଅଥଚ ଅତ୍ୟାଧୁନିକ ବୋଲି କହୁଥିବା ଲୋକ ଯେତେ ଉପରକୁ ଉଠିଲେ ବି ଭଲ ଓ ଭେଲ ମଧ୍ୟରେ ପାର୍ଥକ୍ୟ ଜାଣିପାରୁ ନାହିଁ। କଥାରେ ଅଛି ସବୁ ଚକଚକିଆ ସୁନା ନୁହେଁ। ତେଣୁ ଯେଉଁ ପଦାର୍ଥ ଲୋଭିଲା ଭଳି ଦେଖାଯାଉଛି ତାହା ପ୍ରତି ଆକର୍ଷିତ ନ ହୋଇ ପ୍ରଥମେ ପରଖା ଯିବା ଦରକାର। ପରିବେଶ ଉପଯୋଗୀ ପଦାର୍ଥ ଆଖିକୁ ଭଲ ଦିଶି ନ ପାରେ, କିନ୍ତୁ ସେଥିରେ ଜୀବନ ଅଛି। ଏତକ ସମସ୍ତେ ହେଜିବା ଦରକାର।

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ) ପଲାଇ,**
**ବାଲିଚନ୍ଦ୍ରପୁର, ଯାଜପୁର**
**ମୋ : ୯୪୩୭୨୫୭୧୨୩**

## ଏଇ ଭାରତରେ

ଜଣେ ଦିନ ମଜୁରିଆ ମହିଳା ନିଜର ଇଚ୍ଛାଶକ୍ତି ବଳରେ ବ୍ୟବସାୟିକ ସଫଳତା ପାଇବା ସହ ଅନ୍ୟ ମହିଳାଙ୍କୁ ସଶକ୍ତ କରିବା ନିଶ୍ଚିତ ଭାବେ ଏକ ପ୍ରେରଣାଦାୟକ କାର୍ଯ୍ୟ। ଗୁଜରାଟର କଚ୍ଛ ନିବାସୀ ରାଜିବେନ ବନ୍‌କରଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ରୋଜିବେନ୍ ପ୍ଲାଷ୍ଟିକ ବର୍ଜ୍ୟରୁ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ଓ ଏହି କାର୍ଯ୍ୟରେ ୩୦ରୁ ୪୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜିବେନ୍ ବୁଣାକାର ପରିବାରର ହୋଇଥିବାରୁ ସେ ଉତ୍ପାଦଗୁଡ଼ିକରେ ବିଭିନ୍ନ କଳାର ସ୍ପର୍ଶ ଦେଉଛନ୍ତି ଏବଂ ଏହାକୁ ଦେଶ ଓ ବିଦେଶରେ ପ୍ରଦର୍ଶନୀରେ ପହଞ୍ଚାଉଛନ୍ତି। ରାଜିବେନଙ୍କ ଜୀବନ ବହୁ ସଂଘର୍ଷ ମଧ୍ୟ ଦେଇ ଗତିକରିଛି। ଏପରିକି ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରିଥିଲେ। ପରେ କଚ୍ଛର ଏକ ସଂସ୍ଥାରୁ ପ୍ଲାଷ୍ଟିକ ବୁଣିବା କାମ ଶିକ୍ଷା କରିବା ପରେ ନିଜେ ଏହା ଆରମ୍ଭ କରିଥିଲେ। ଏବେ ସେ ବିଭିନ୍ନ ସ୍ଥାନରୁ ପ୍ଲାଷ୍ଟିକ ବର୍ଜ୍ୟ ପଲିଥିନ ଆଣିବା ଲାଗି ୮ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହାକୁ ପ୍ରୋସେସିଂ ପରେ ସୂତା ଆକାର ଦିଆଯାଇ ସେଥିରେ ବିଭିନ୍ନ ଜିନିଷ ବୁଣାଯାଉଛି। ସୂତା କାଟିବା ଓ ବୁଣିବା କାର୍ଯ୍ୟରେ ଅବଶିଷ୍ଟ ମହିଳାମାନେ କାମ କରୁଛନ୍ତି। ଗୋଟିଏ ବ୍ୟାଗ୍ ତିଆରି କରିବା ପାଇଁ ପାଖାପାଖି ୭୫ଟି ପଲିଥିନ୍‌ରୁ ପ୍ରସ୍ତୁତ ସୂତା ବ୍ୟବହାର ହେଉଛି। କେବଳ ବ୍ୟାଗ୍ ନୁହେଁ, ସେ ୨୦ରୁ ୨୫ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏସବୁର ମୂଲ୍ୟ ୨୦୦ ଟଙ୍କାରୁ ଆରମ୍ଭ କରି ୧୩୦୦ ଟଙ୍କା ଯାଏ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଏପ୍ରିଲ ୧୯୯୮**

- ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ ଓ ତାଙ୍କ ମନ୍ତ୍ରୀ ପରିଷଦର ୩୫ ଜଣ ମନ୍ତ୍ରୀଙ୍କ ବିରୁଦ୍ଧରେ ଆଗତ ଏକ ରିଟ୍ ପିଟିସନ ଆଲ୍ଲାହାବାଦ ହାଇକୋର୍ଟରେ ଖାରଜ।
- ନୂତନ ସରକାର ଗଠନର ପଥ ଉନ୍ମୁକ୍ତ କରିବା ନେଇ ନେପାଳ ପ୍ରଧାନମନ୍ତ୍ରୀ ସୂର୍ଯ୍ୟବାହାଦୁର ଥାପା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ସେଣ୍ଟ୍ରାଲ ଚୀନର ହେବେଇ ପ୍ରଦେଶରେ ତିନୋଟି ପୃଥକ୍ କୋଇଲାଖଣି ବିସ୍ଫୋରଣ ଘଟି ୮୨ ଜଣଙ୍କ ପ୍ରାଣହାନୀ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 3 | 9 | | | | | |
| 9 | | | | | 8 | | | |
| | 6 | | 2 | | | | | 1 |
| 5 | 4 | | | | | 7 | 8 | |
| | 8 | | 6 | | | 9 | | 4 |
| | | | | | | 6 | | |
| 3 | | | | | | | | |
| | | 4 | | 2 | | 5 | | |
| 6 | 1 | 5 | | 3 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 6 | 9 | 7 | 2 | 8 | 1 | 5 |
| 7 | 2 | 8 | 5 | 6 | 1 | 9 | 4 | 3 |
| 9 | 5 | 1 | 4 | 8 | 3 | 7 | 2 | 6 |
| 8 | 1 | 2 | 3 | 5 | 6 | 4 | 9 | 7 |
| 5 | 6 | 7 | 1 | 4 | 9 | 3 | 8 | 2 |
| 4 | 3 | 9 | 8 | 2 | 7 | 6 | 5 | 1 |
| 6 | 8 | 4 | 2 | 3 | 5 | 1 | 7 | 9 |
| 2 | 9 | 3 | 7 | 1 | 8 | 5 | 6 | 4 |
| 1 | 7 | 5 | 6 | 9 | 4 | 2 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନକଲି କଫ ସିରପ୍

ମହାଶୟ,

ଭାରତୀୟ ଔଷଧ କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ ସିରପ୍ ସେବନ କରି ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆ, ପାନାମା, ଉଜ୍‌ବେକିସ୍ତାନରେ ଶତାଧିକ ଶିଶୁଙ୍କ ମୃତ୍ୟୁ ଘଟଣା ଆନ୍ତର୍ଜାତିକ ସ୍ତରରେ ଗଭୀର ଆଲୋଡ଼ନ କରିଥିଲା। ସମ୍ପୃକ୍ତ ଔଷଧ ନିର୍ମାତା କମ୍ପାନୀଗୁଡ଼ିକୁ ଭାରତ ସରକାର ନିଷିଦ୍ଧ ଘୋଷଣା କରିଥିବାବେଳେ ନିକଟରେ ଆମ ରାଜ୍ୟର ବଲାଙ୍ଗୀର ଜିଲାରେ ପୋଲିସ ୪୦ଲକ୍ଷ ଟଙ୍କାର କଫ ସିରପ୍ ଜବତ କରି ୩୭ଜଣଙ୍କୁ ଗିରଫ କରିବା ଚିନ୍ତାର ବିଷୟ। ଗିରଫଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୨ଜଣ ଥିବାବେଳେ ଆନ୍ତଃରାଜ୍ୟ ଡ୍ରଗ୍ସ କାରବାରର ଚେର ଉତ୍ତରଭାରତର ବହୁ ରାଜ୍ୟ ଏବଂ ପଡ଼ୋଶୀ ପଶ୍ଚିମବଙ୍ଗକୁ ଲମ୍ବିଥିବା କୁହାଯାଇଛି। ଏହି କଫ ସିରପ୍‌କୁ ନିଶା ଭାବେ ବ୍ୟବହାର କରାଯାଉଥିଲା ; ଯାହା କି କୋମଳମତି ଶିଶୁଙ୍କ ମୃତ୍ୟୁର କାରଣ ହୋଇଥିବା କୁହାଯାଇପାରେ। ତେବେ ଏଭଳି କଫ ସିରପ୍ ଡ୍ରଗସ କଂଟ୍ରୋଲର ଅଫିସର କର୍ମଚାରୀମାନଙ୍କ ଅଜ୍ଞାତରେ ହେଉଥିବା ଆଦୌ କୁହାଯାଇପାରିବ ନାହିଁ। କହିବା ବାହୁଲ୍ୟ ଯେ, ଆମ ଦେଶରେ ଯେତେବେଳେ କୌଣସି ଘଟଣା ଘଟେ, ସେତେବେଳେ ପ୍ରଶାସନଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହୋଇପଡ଼ନ୍ତି। ଯାହା କି ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଥାଏ। ମାତ୍ର ଓହ୍ଲାଇଲା ହାଣ୍ଡି ଶିତଳ ପରି ସବୁ କିଛି ନରମି ଯାଇଥାଏ। ତେବେ ନକଲି କଫ ସିରପ୍ ସହ ଜଡ଼ିତ ବ୍ୟବସାୟୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଜରୁରୀ।

**–ସୌଭାଗ୍ୟ ରଞ୍ଜନ ମହାନ୍ତି, ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ ସ୍ନିଗ୍ଧ ରୁକ୍ଷ ସୁନ୍ଦର କୁତ୍ସିତ
ଅତି ଆଦରର ମୋର, ଏ ଜୀବନେ ଅତି ପରିଚିତ
କେତେ ଆଶା କେତେ ମୋର ଆକାଙ୍କ୍ଷାର ଧନ
ଛାଡ଼ି ସବୁ ନ ଲୋଡ଼ଇ ସ୍ୱରଗ ଭୁବନ,
ଜନନୀର ଅମୃତ ସେନେହ
ଲାଳିତ କରଇ ଏ ଯେ ଦେହ,
ଆଶିଷ ପିତାର
କଲ୍ୟାଣ ଆଧାର
ଏତେ ପ୍ରାଣ
ଏତେ ଦାନ! –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଗାଈକୁ ଆକ୍ରମଣ କଲା ବାଘ

ଘଟଗାଁ,୧୦।୪(ଡି.ଏନ.ଏ): କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ଚରିବାକୁ ଯାଇଥିବା ଏକ ଗାଈକୁ ବାଘ ଆକ୍ରମଣ କରି କ୍ଷତାକ୍ତ କରିଛି। ଖବରପାଇ ରେଞ୍ଜ ଅଫିସର ପହଞ୍ଚି ଗାଈର ଚିକିତ୍ସା ବ୍ୟବସ୍ଥା କରିବା ସହ ତଦନ୍ତ କରୁଥିବା କହିଛନ୍ତି। ସୂଚନା ଅନୁଯାୟୀ, ୨୦ନଂ. ଜାତୀୟ ରାଜପଥକୁ ଲାଗିଥିବା ଉପରଡିହା ଗ୍ରାମ ଅନ୍ତର୍ଗତ ବନ୍ଧସାହିର ଶିରପାଣି ଲିଆଙ୍ଗଙ୍କ ଗାଈ ସୋମବାର ଜଙ୍ଗଲକୁ ଚରିବାକୁ ଯାଇଥିଲା। ସନ୍ଧ୍ୟାରେ ଗୁରୁତର ହୋଇ ଘରକୁ ଫେରିବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବାଘ ଆକ୍ରମଣରେ ଗାଈଟିର ପେଟରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି।

# ମହିଳାଙ୍କୁ ଦଳିଦେଲା ହାତୀ, ୨ ଗୁରୁତର

**ଖୋର୍ଦ୍ଧା ଅଫିସ,୧୦।୪**





■ ଫୁଲ ତୋଳିବାକୁ ଯାଇଥିବା ବେଳେ ଅଘଟଣ

■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କିଛି ଦିନର ବ୍ୟବଧାନ ପରେ ଖୋର୍ଦ୍ଧାରେ ପୁଣି ହାତୀ ଆତଙ୍କ ଦେଖାଦେଇଛି। ହାତୀ ଜଣେ ମହିଳାଙ୍କୁ ଦଳି ଦେଇଥିବା ବେଳେ ଆକ୍ରମଣରେ ଜଣେ ମହିଳାଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଆଦର୍ଶ ଥାନା ଅନ୍ତର୍ଗତ ପାନବରଜ ଗ୍ରାମର କିରଣବାଳା ମାନ୍ଧାତା(୫୭)। ଆହତଦ୍ୱୟ ହେଲେ ସେହି ଗ୍ରାମର ରମା ବେହେରା(୫୫) ଓ ଟାଙ୍ଗିଆପଡ଼ାର ବିକ୍ରମ ସାମନ୍ତରାୟ। ଉଭୟଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସୋମବାର ଭୋରରୁ ଖୋର୍ଦ୍ଧା ବନାଞ୍ଚଳ ଅଧୀନ ପାନବରଜ ଖେଳପଡ଼ିଆରେ ଏହି ଦୁଃଖଦ ଘଟଣା ଘଟିଛି। ଅନ୍ୟପଟେ ମୃତା ଏବଂ ଆହତଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ପାନବରଜ ରାସ୍ତା ଅବରୋଧ କରିଥିଲେ।

ସୂଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ଚନ୍ଦକା ପଟୁ ଏକ ହାତୀ ଖସିଆସି ଭୋରରୁ ଟାଙ୍ଗିଆପଡ଼ା ଜଙ୍ଗଲ ଦେଇ ଯିବାବେଳେ ବିକ୍ରମଙ୍କୁ ଶୁଣ୍ଢରେ ରାସ୍ତାକଡକୁ କଚାଡି ପାନବରଜ ଜଙ୍ଗଲ ଆଡକୁ ମୁହାଁଇଥିଲା। ପ୍ରତ୍ୟକ୍ଷଦର୍ଶୀ ଶିଶିର ସାହୁ ଖେଳପଡିଆ ନିକଟକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀର ଗର୍ଜନ ଶୁଣି ଲୁଚି ଯାଇଥିଲେ। ଗ୍ରାମର ଅନ୍ୟପଟରେ ଅବସରପ୍ରାପ୍ତ ସେନା ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜଙ୍କ ଏକ ଫାର୍ମ ହାଉସ ରହିଛି। ସବୁଦିନଭଳି ବିରଞ୍ଚିଙ୍କ ସ୍ତ୍ରୀ କିରଣବାଳା ଘରୁ ବାହାରି ଫୁଲ ତୋଳିବା ପାଇଁ ଫାର୍ମହାଉସକୁ ଯାଉଥିଲେ। ଏହି ସମୟରେ ପଛପଟୁ ହାତୀର ଗର୍ଜନ ଶୁଣି କିରଣବାଳା ଦୌଡିବା ବେଳେ ତଳେ ପଡିଯାଇଥିଲେ। ହାତୀ ପାଦରେ ତାଙ୍କ ମୁଣ୍ଡକୁ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ହାତୀ ରାସ୍ତା ପାର ହୋଇ ଜରିପୁଟ ଜଙ୍ଗଲ ଅଭିମୁଖେ ଯାଇଥିଲା। ପାନବରଜ ଗ୍ରାମର ରମା ବେହେରା ଶୌଚ ହୋଇ ଘରକୁ ଫେରିବା ବେଳେ ହାତୀ ହାବୁଡରେ ପଡିଯାଇଥିଲେ। ତାଙ୍କୁ ମଧ କଚାଡି ସେଠାରୁ ହାତୀ ଜଙ୍ଗଲ ଅଭିମୁଖେ ପଳାଇଥିଲା। ଖବରପାଇ ବନାଞ୍ଚଳ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ତେବେ ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତାଙ୍କ ପରିବାରକୁ ୨୦ଲକ୍ଷ ଏବଂ ଆହତଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଗ୍ରାମବାସୀ ସକାଳ ୯ଟାରେ ପାନବରଜ ରାସ୍ତାର ଉଭୟ ପାର୍ଶ୍ୱରେ ପଥର ପକାଇ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଟାଉନ ଥାନାଧିକାରୀ ତାରିକ ଅହମ୍ମଦ, ଜଙ୍ଗଲ ବିଭାଗ ଅଧିକାରୀ, ତହସିଲଦାର ବିଭାଷ ପାଣିଗ୍ରାହୀ ପ୍ରମୁଖ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ମୃତାଙ୍କ ଶବଦାହ ଲାଗି ୧୦ହଜାର ଏବଂ ଆହତଙ୍କୁ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଆହତଙ୍କ ବନ ବିଭାଗ ପକ୍ଷରୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ପରେ ପୂର୍ବାହ୍ନ ୧୧ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ଖୋର୍ଦ୍ଧା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଣ୍ଡା କୁହନ୍ତି, ରବିବାରଠାରୁ ୨ଟି ଦନ୍ତା ଦଳକ ଜଙ୍ଗଲରେ ରହିଛନ୍ତି। ଏମାନଙ୍କ ଗତିବିଧି ଉପରେ ଗୋଟିଏ ଟିମ୍ ନଜର ରଖିଥିବା ବେଳେ ଏହି ଦନ୍ତା ଖସି ଆସିଥିଲା। ଜରିପୁଟ ଓ ଦଳକ ଜଙ୍ଗଲରେ ବନ ବିଭାଗ ଟିମ୍ ହାତୀକୁ ଜଗି ରହିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟିବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି।

# ଓଡ଼ିଶାର 'ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ' ଭାରତୀୟ ମହିଳା ଆଇସ୍ ହକି ଦଳର ଅଫିସିଆଲ ପାର୍ଟନର

**ଭୁବନେଶ୍ୱର, ୧୦।୪(ସ୍ପୋର୍ଟ୍ସ ବ୍ୟୁରୋ)**



'ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ' ପ୍ରତିଷ୍ଠାତା ଡକ୍ଟର ସାର୍ଥକ ପଟ୍ଟନାୟକ

ଭୁବନେଶ୍ୱରଠାରେ ଅବସ୍ଥାପିତ ସ୍ପୋର୍ଟ୍ସ ସାଇନ୍ସ ଆଣ୍ଡ ରିହାବିଲିଟେଶନ ସେଣ୍ଟର 'ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ' ଭାରତୀୟ ମହିଳା ଆଇସ୍ ହକି ଦଳର ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଅଫିସିଆଲ ପାର୍ଟନର ଭାବେ ମନୋନୀତ ହୋଇଛି। ଆସନ୍ତା ୩୦ ତାରିଖରୁ ମେ' ୭ ପର୍ଯ୍ୟନ୍ତ ବ୍ୟାଙ୍କକ୍(ଥାଇଲାଣ୍ଡ)ଠାରେ ହେବାକୁଥିବା ୨୦୨୩ ଆଇଆଇଏଚ୍ଏଫ୍ ମହିଳା ଆଇସ୍ ହକି ଏସିଆ ଓ ଓସେନିଆ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ଅଂଶଗ୍ରହଣ କରିବ। ସ୍ପୋର୍ଟ୍ସ ସାଇନ୍ସ ବିଶେଷଜ୍ଞ ତଥା କ୍ରୀଡ଼ା ସର୍ଜନ ଡକ୍ଟର ସାର୍ଥକ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏହି ସେଣ୍ଟର କ୍ରୀଡ଼ା ବିଜ୍ଞାନ, ଔଷଧ ଓ ପୁନଃଥଇଥାନ ବ୍ୟବସ୍ଥା ଯୋଗାଇ ଦେଇଥାଏ। ବୃତ୍ତିଗତ କ୍ରୀଡ଼ା, ଅନ୍ତର୍ଜାତୀୟସ୍ତରରେ ଯୁବ ଆଥ୍ଲେଟଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ସହ ପଦକ ଜିତିବା ପାଇଁ ସମ୍ଭାବନା ସୃଷ୍ଟି କରିବା ଏହି ସେଣ୍ଟରର ମୂଳ ଲକ୍ଷ୍ୟ। ଭାରତୀୟ ମହିଳା ଆଇସ୍ ହକି ଦଳର ପାର୍ଟନର ହେବା ସମ୍ପର୍କରେ ସୂଚନା ଦେଇ ଡକ୍ଟର ପଟ୍ଟନାୟକ କହିଛନ୍ତି, ଓଡ଼ିଶାରେ ସ୍ଥାପିତ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ପ୍ରଥମଥର ଏକ ଅନ୍ତର୍ଜାତୀୟ ଇଭେଣ୍ଟ ପାଇଁ ମନୋନୀତ ହେବା ରାଜ୍ୟ ଲାଗି ଏକ ଗୌରବର ବିଷୟ। ପୂର୍ବାଞ୍ଚଳ ଭାରତର ପ୍ରଥମ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ବୋଲି କୁହାଯାଉଥିବା 'ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ' ସମଗ୍ର ଦେଶର କ୍ରୀଡ଼ା ସମ୍ପ୍ରଦାୟକୁ ଓଡ଼ିଶାର ଏକ ଉପହାର। ଜର୍ମାନୀ, ବେଲ୍‌ଜିୟମ, ଦକ୍ଷିଣ ଆଫ୍ରିକା ଓ ଯୁକ୍ତରାଷ୍ଟ୍ର ଆମେରିକା ସମେତ ସମଗ୍ର ବିଶ୍ୱର ଅନ୍ୟ ବହୁ ବିଶେଷଜ୍ଞଙ୍କ ସହଯୋଗ ରହିଥିବାରୁ ଆମେ ବିଶ୍ୱଶ୍ରେଣୀୟ ସୁବିଧା ଯୋଗାଇ ଦେଇପାରୁଛୁ। 'ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର'ରେ ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଶିକ୍ଷାବିତ୍, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ରହିଛନ୍ତି। ଅନ୍ୟପକ୍ଷରେ ଶିକ୍ଷାବିତ୍ ଆପ୍ଲାଏଡ୍ ସ୍ପୋର୍ଟ୍ସ ରିହାବିଲେଟର, ଫିଜିଓଥେରାପିଷ୍ଟ, ସ୍ପୋର୍ଟ୍ସନ୍ୟୁଟ୍ରିଶନିଷ୍ଟ ଏବଂ ଆଲାଏଡ୍ ହେଲ୍‌ଥ ପ୍ରଫେସନାଲ୍‌ମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଉଚ୍ଚକୋଟୀର ପ୍ରଦର୍ଶନ କରୁଥିବା ଆଥ୍ଲେଟ୍ ଏବଂ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚାହୁଁଥିବା ଆଥ୍ଲେଟଙ୍କୁ ଉପଯୁକ୍ତ ସହଯୋଗ ଓ ସେବା ଯୋଗାଇ ଦେଇଥାଏ। କୌତୂହଳର କଥା ଏହି ଯେ, ଓଡ଼ିଶା ଭିତ୍ତିକ ଏହି ସେଣ୍ଟରର ନ୍ୟାଶନାଲ ଷ୍ଟ୍ରେନ୍ଥ୍ ଆଣ୍ଡ୍ କଣ୍ଡିଶନିଂ ଆସୋସିଏଶନ ସହିତ ସହଯୋଗ ରହିଛି, ଯେଉଁ ସଂସ୍ଥାର ଷ୍ଟ୍ରେନ୍ଥ୍ ଓ କଣ୍ଡିଶନିଂରେ ବିଶ୍ୱବ୍ୟାପୀ କର୍ତ୍ତୃତ୍ୱ ରହିଛି।

# ଛୁଆ ହାତୀର ମୃତ୍ୟୁ

**ଟେନ୍‌ସା,୧୦।୪(ଡି.ଏନ୍.ଏ.)**



ମୃତ ଛୁଆ ହାତୀ

ସୁନ୍ଦରଗଡ଼ ଜିଲା କୋଇଡା ବନାଞ୍ଚଳ ଅନ୍ତର୍ଗତ କୁସୁମୁଣ୍ଡି ଗ୍ରାମ ନିକଟ ସାହାଣୀସାହି ଜଙ୍ଗଲରେ ଏକ ଛୁଆ ହାତୀର ମୃତ୍ୟୁ ଘଟିଛି। ବୟସ ତିନିରୁ ଚାରି ବର୍ଷ ହେବ। ସୋମବାର ସକାଳେ ଛୁଆ ହାତୀର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ବଣାଇ ଡିଏଫ୍‌ଓ ଲଳିତ କୁମାର ପାତ୍ର, କୋଇଡା ରେଞ୍ଜର କାଜଲ ନାଏକ, କୋଇଡା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ନୀଳମାଧବ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ମା' ହାତୀ ମୃତ ଛୁଆ ହାତୀ ନିକଟରେ ରହିଥିଲା। ଛୁଆ ଚାରିପଟେ ବୁଲି ଶୁଣ୍ଢରେ ଉଠାଇବାକୁ ଚେଷ୍ଟା କରୁଥିଲା। ଭୟରେ ବନକର୍ମଚାରୀ ମୃତଦେହ ନିକଟରେ ପହଞ୍ଚି ପାରୁ ନ ଥିଲେ। ମା' ହାତୀକୁ ଘଉଡାଇବା ପରେ ମଲା ଛୁଆ ହାତୀ ପାଖରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ଛୁଆ ହାତୀକୁ ମାଟି ଖୋଳି ପୋତି ଦିଆଯାଇଛି।

ପନ୍ଦର ଦିନ ପୂର୍ବରୁ ସାହାଣୀସାହି ନିକଟ ଝିରପାଣି ଜଙ୍ଗଲରେ ଛୁଆ ହାତୀ ଅସୁସ୍ଥ ହୋଇ ପଡ଼ିଥିଲା। ବନ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା ପରେ ଛୁଆ ମା' ହାତୀ ସହିତ ଜଙ୍ଗଲରେ ବୁଲାବୁଲି କରୁଥିଲା। କେଉଁ କାରଣରୁ ଛୁଆ ହାତୀର ମୃତ୍ୟୁ ଘଟିଲା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଡିଏଫ୍‌ଓ ପାତ୍ର ସୂଚନା ଦେଇଛନ୍ତି।



**ଯୁକ୍ତ୨ ଖାତାଦେଖା ଆରମ୍ଭ:** ଭୁବନେଶ୍ୱର ବିଜେବି କଲେଜ କେନ୍ଦ୍ରରେ ସୋମବାର ଅଧ୍ୟାପିକାଅଧ୍ୟାପକମାନେ ପରୀକ୍ଷା ଖାତା ମୂଲ୍ୟାୟନ କରୁଛନ୍ତି।

# ୧୫ରୁ ସମୁଦ୍ରରେ ମାଛଧରା କଟକଣା

କୃଷି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଲା ବୈଠକ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

**୬୧ଦିନ ପର୍ଯ୍ୟନ୍ତ ରହିବ କଟକଣା**

ବିଭିନ୍ନ ପ୍ରଜାତିର ମାଛ ସଂଖ୍ୟାରେ ବୃଦ୍ଧି ଆଣିବା ଲକ୍ଷ୍ୟରେ ସେମାନଙ୍କ ପ୍ରଜନନ ସମୟରେ ସମୁଦ୍ରରେ ମାଛ ଧରା ଉପରେ କଟକଣା ଜାରି କରାଯାଇଥାଏ। ଓଡ଼ିଶା ଉପକୂଳରେ ମାଛଧରା ନିଷେଧାଜ୍ଞା ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ ୧୪ ତାରିଖ ଅର୍ଥାତ୍ ୬୧ ଦିନ ପର୍ଯ୍ୟନ୍ତ ଲାଗୁ କରାଯିବା ପରିପ୍ରେକ୍ଷୀରେ ଏକ ବୈଠକ ସୋମବାର କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି।

କୃଷିଭବନଠାରେ ଆୟୋଜିତ ବୈଠକରେ ବିଭିନ୍ନ ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତା ଓ ପ୍ରତିନିଧିମାନେ ଯୋଗଦେଇ ମାଛଧରା ନିଷେଧାଜ୍ଞାର ବିଭିନ୍ନ ଦିଗ ସମ୍ପର୍କରେ ସେମାନଙ୍କ ମତାମତ ପ୍ରଦାନ କରିଛନ୍ତି। ସମୁଦ୍ରରେ ବିଭିନ୍ନ ପ୍ରଜାତିର ମାଛ ସଂରକ୍ଷଣ ଓ ଏହାର ବଂଶବୃଦ୍ଧି କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହାଦ୍ୱାରା ଦୀର୍ଘ ସମୟ ଧରି ସମୁଦ୍ରରେ ମାଛ ଧରିବା ପାଇଁ ସୁଯୋଗ ସୃଷ୍ଟି ହୋଇପାରିବ। ବୈଠକରେ ସଂଘର ପ୍ରତିନିଧିମାନେ ଯନ୍ତ୍ରଚାଳିତ ମାଛଧରା ଡଙ୍ଗା ଉପରେ କଟକଣା ଜାରି କରାଯିବା ସହ ପାରମ୍ପରିକ ଡଙ୍ଗାରେ ଯେଉଁମାନେ ସମୁଦ୍ରରେ ମାଛ ଧରୁଛନ୍ତି ସେମାନଙ୍କୁ ଏଥିରୁ ଛାଡ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ନିଷେଧାଜ୍ଞା ସମୟରେ ପ୍ରଭାବିତ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ କହିଥିଲେ। ଓଡ଼ିଶା ଉପକୂଳରେ ଅନ୍ୟ ରାଜ୍ୟର ମାଛଧରା ଡଙ୍ଗାଗୁଡ଼ିକ ବେଆଇନ ଭାବେ ମାଛଧରୁଥିବାରୁ ସେମାନଙ୍କୁ ରୋକିବା ପାଇଁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସାମୁଦ୍ରିକ ଥାନାଗୁଡ଼ିକୁ ଅଧିକ ସୁଦୃଢ଼ କରିବା ଉପରେ ବୈଠକରେ ମତ ପ୍ରକାଶ ପାଇଛି। କଳକାରଖାନାର ବର୍ଜ୍ୟବସ୍ତୁ ସମୁଦ୍ରରେ ଛାଡ଼ିବା ଦ୍ୱାରା ମାଛମାନେ ବହୁଳ ଭାବେ ପ୍ରଭାବିତ ହେଉଥିବା ଦୃଷ୍ଟିରୁ ଖିଲାପି ଶିଳ୍ପ ଏବଂ କାରଖାନାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ମାଛଧରା ଜାଲର ମେସ୍ ସାଇଜ୍‌ରେ ଆବଶ୍ୟକ ପରିବର୍ତ୍ତନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

# ଫ୍ୟୁଚର ରିଟେଲକୁ କିଣିବା ପାଇଁ ରିଲାଏନ୍ସ, ଆଦାନୀ, ଜିନ୍ଦଲ ଆଗ୍ରହୀ

**ନୂଆଦିଲ୍ଲୀ, ୧୦।୪**

ଋଣଭାରରେ ବୁଡ଼ିଥିବା ଫ୍ୟୁଚର ରିଟେଲ୍‌ର ସମ୍ପତ୍ତିକୁ ଅଧିଗ୍ରହଣ କରିବା ଲାଗି ରିଲାଏନ୍ସ ରିଟେଲ୍, ଜିନ୍ଦଲ ପାୱାର ଲିଃ ଏବଂ ଆଦାନୀ ଗ୍ରୁପ୍ ସମେତ ୪୯ଟି କମ୍ପାନୀ ଆଗ୍ରହ ଅଭିବ୍ୟକ୍ତି (ଇଓଆଇ) ଦାଖଲ କରିଛନ୍ତି। ଫୁଚର ରିଟେଲ୍ ଦେବାଳିଆ ସ୍ଥିତିର ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଫ୍ୟୁଚର ରିଟେଲ୍ ଲିଃକୁ ଋଣ ଦେଇଥିବା ସଂସ୍ଥାଗୁଡ଼ିକ ଏହାର ସମ୍ପତ୍ତିକୁ କ୍ଲଷ୍ଟରରେ ବିଭକ୍ତ କରିବା ପରେ ସାନି ବିଡ୍‌ର ଆହ୍ୱାନ କରିଥିଲେ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃର ରିଟେଲ ବ୍ୟବସାୟ କରୁଥିବା ହୋଲ୍ଡିଂ କମ୍ପାନୀ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିଃ, ଆଦାନୀ ଏୟାରପୋର୍ଟ ହୋଲ୍ଡିଂସ୍ ଏବଂ ଫ୍ଲେମିଙ୍ଗୋ ଗ୍ରୁପ୍‌ର ମିଳିତ ଉଦ୍ୟୋଗ ଏପ୍ରିଲ ମୁନ୍ ରିଟେଲ ପ୍ରାଇଭେଟ୍ ଲିଃ ସେମାନଙ୍କର ଇଓଆଇ ଦାଖଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସେଞ୍ଚୁରୀ କପର କର୍ପ, ଗ୍ରୀନ୍ ଟେକ୍ ୱାର୍ଲ୍ଡୱାଇଡ, ହର୍ଷବର୍ଦ୍ଧନ ରେଡ୍ଡୀ, ଜେ.ସି. ଫ୍ଲାୱାର୍ସ ଆସେଟ୍ ରିକନ୍‌ଷ୍ଟ୍ରକ୍‌ଶନ ପ୍ରା.ଲିଃ, ପିନାକଲ୍ ଏୟାର ପ୍ରା.ଲିଃ, ୟୁନିଭର୍ସାଲ ଆସୋସିଏଟ୍ସ ଏବଂ ଡବ୍ଲ୍ୟୁଏଚ୍ ସ୍ମିଥ୍ ଟ୍ରାଭେଲ ଲିଃ ମଧ ଇଓଆଇ ଦାଖଲ କରିଥିବା ଜଣାପଡ଼ିଛି।

# ସୁପାରିସ କରାଯାଇଥିବା ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

**ଡବ୍ଲ୍ୟୁଓଡିସିର ୬୧ତମ ବୈଠକ ଅନୁଷ୍ଠିତ**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ୬୧ତମ ବୈଠକ ଏହାର ଅଧ୍ୟକ୍ଷ ଅସୀତ୍ ତ୍ରିପାଠୀଙ୍କ ପୌରୋହିତ୍ୟରେ ଭୁବନେଶ୍ୱର ସ୍ଥିତ ରାଜୀବ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ପରିଷଦର ଅନୁଦାନପ୍ରାପ୍ତ ପ୍ରକଳ୍ପର କାର୍ଯ୍ୟକାରିତା, ଜନସାଧାରଣଙ୍କ ବ୍ୟବହାର ପାଇଁ ପ୍ରକଳ୍ପର ଉପଯୋଗ, ଅଡିଟୋରିୟମ୍, ପର୍ଯ୍ୟଟନ ସମ୍ବନ୍ଧୀୟ କାର୍ଯ୍ୟକଳାପ ସମେତ ଜୀବିକା ପ୍ରକଳ୍ପ ଭଳି ବୃହତ୍ ତଥା ଦୃଶ୍ୟମାନ ପ୍ରକଳ୍ପର ନିର୍ମାଣ, ସାମଗ୍ରିକ ରୂପାନ୍ତର ଏବଂ ସ୍ୱଚ୍ଛତା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ପରିଷଦର ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର ବୈଠକରେ ଆଲୋଚନା ପାଇଁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ।

ଏଥିରେ ଏମ୍‌ପି, ବିଧାୟକ ଏବଂ ଅନ୍ୟମାନଙ୍କ ଦ୍ୱାରା ୧ ଡିସେମ୍ବର ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୩ ମଧ୍ୟରେ ସୁପାରିସ କରାଯାଇଥିବା ୫୬୬ଟି ପ୍ରକଳ୍ପ ପାଇଁ ୫୪.୮୧ କୋଟି ଟଙ୍କାର ଅନୁମୋଦନ କରାଯାଇଥିଲା। ସେହିପରି ଅନୁଦାନ ପ୍ରାପ୍ତ ୧୧୪୭ କମ୍ୟୁନିଟି ସେଣ୍ଟର ଏବଂ କଲ୍ୟାଣ ମଣ୍ଡପ ପାଇଁ ଗ୍ରହଣ କରାଯାଇଥିବା ପ୍ରସ୍ତାବଗୁଡିକ ୬୪.୨୪ କୋଟି ଟଙ୍କା, ବିଭିନ୍ନ ଜିଲାକୁ ୪ ଜଣ ବୈଷୟିକ ବ୍ୟକ୍ତିଙ୍କ ଯୋଗଦାନ, ସୋସିଆଲ୍ ମିଡିଆ ସେଲର କାର୍ଯ୍ୟକାରିତା ସ୍ପଷ୍ଟ ଭାବେ ବିଚାରବିମର୍ଶ କରାଯାଇଛି। ଏହି ଅବସରରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଧ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହ ବିଭିନ୍ନ ପ୍ରସଙ୍ଗ ଉଠାଇଛନ୍ତି। ପରିଷଦର ଅନୁଦାନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ କୃତଜ୍ଞତା ଜଣାଇଛନ୍ତି। ବୈଠକରେ ପରିଷଦର ପରାମର୍ଶଦାତା ଏବଂ ସମସ୍ତ ୯ ଜଣ ବିଶେଷଜ୍ଞ ସଦସ୍ୟ ମଧ ନିଜ ଜିଲାର ସମସ୍ୟାଗୁଡିକ ଉପସ୍ଥାପନ କରିଛନ୍ତି। ଏହି ବୈଠକରେ ଉତ୍ତରାଞ୍ଚଳ ଆରଡିସି ଡ. ସୁରେଶ ଚନ୍ଦ୍ର ଦଲାଇ, ଦକ୍ଷିଣାଞ୍ଚଳ ଆରଡିସି ଟି. ଆଓ, ପରିଷଦର ପରାମର୍ଶଦାତା ନାରାୟଣ ସାହୁ ଏବଂ ଅନ୍ୟ ବିଶେଷଜ୍ଞ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ।

# କଠୋର ହେବ ଓଡ଼ିଶା ଡଙ୍ଗା ନିୟମ-୨୦୦୪

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**



ଓଡ଼ିଶା ଡଙ୍ଗା ନିୟମ-୨୦୦୪ର କଡ଼ାକଡ଼ି ଅନୁପାଳନ କରିବା ସହ ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ବିଭିନ୍ନ ସମୟରେ ଘଟିଥିବା ଡଙ୍ଗାବୁଡି ଜନିତ ଦୁର୍ଘଟଣା ସମ୍ପର୍କରେ ସମୀକ୍ଷା କରିଛନ୍ତି। ୨୦୦୪ରୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଓଡ଼ିଶା ଡଙ୍ଗା ନିୟମ ଲାଗୁ କରାଯାଇଥିଲେ ମଧ ଏହାର ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମଧ ବିଭିନ୍ନ ସମୟରେ ଏହି ନିୟମର କଠୋର ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଥିବା ସମୁଦ୍ର, ନଦୀ, ହ୍ରଦ, ଜଳଭଣ୍ଡାର ଆଦିଗୁଡିକରେ ପର୍ଯ୍ୟଟକ କିମ୍ବା ଯାତ୍ରୀମାନଙ୍କ ପାଇଁ ଲାଇଫ୍ ଜ୍ୟାକେଟ୍ ପିନ୍ଧିବା ଏବଂ ଡଙ୍ଗାରେ ଲାଇଫ୍-ବୋଏ (ପାଣିରେ ଭାସମାନ ରହୁଥିବା ଜୀବନ ସୁରକ୍ଷାକାରୀ ବଳୟ) ରଖିବା ବାଧ୍ୟତାମୂଳକ କରାଯାଇଛି। ଯାତ୍ରୀବାହୀ ଓ ଦ୍ରବ୍ୟ ପରିବହନ କରୁଥିବା ଡଙ୍ଗାଗୁଡ଼ିକର ପଞ୍ଜୀକରଣ ସହ ବିଭିନ୍ନ ସୁରକ୍ଷା ପାଇଁ ନିୟମ ପ୍ରଣୟନ କରାଯାଇଛି। ଏସବୁ କଡ଼ାକଡ଼ି ପାଳନ କରାଯିବା, ଡଙ୍ଗାବୁଡି ଦୁର୍ଘଟଣା ଓ ଜୀବନହାନି ନ ଘଟିବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ପଞ୍ଚାୟତିରାଜ ବିଭାଗ ତରଫରୁ ଘାଟ ନିଲାମି ସମୟରେ ଡଙ୍ଗା ଚାଳକଙ୍କୁ ନିୟମର ଅନୁପାଳନ ସମ୍ପର୍କରେ ଅବଗତ କରାଇବା ଏବଂ ଏନେଇ ନିୟମିତ ତଦାରଖ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରା ନ କରିବାକୁ ଡଙ୍ଗା ବା ଲଞ୍ଚ ଚାଳକମାନେ ଯାତ୍ରୀମାନଙ୍କୁ ଅନୁରୋଧ କରନ୍ତୁ। ସେହିଭଳି ସୁରକ୍ଷା ଜ୍ୟାକେଟ୍ ପିନ୍ଧି ଯାତାୟାତ କରିବା ଯାତ୍ରୀମାନଙ୍କ ନୈତିକ ଦାୟିତ୍ୱ ରହିଛି। ବାଣିଜ୍ୟ ଓ ପରିବହନ ବିଭାଗକୁ ଡଙ୍ଗା ଲାଇସେନ୍ସ ଓ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ପ୍ରମୁଖ ଜଳଭଣ୍ଡାରରେ ଯାତାୟାତ କରୁଥିବା ଡଙ୍ଗା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ବିଡିଓ, ତହସିଲଦାର, ଅଗ୍ନିଶମ ସେବା ଅଧିକାରୀମାନେ ନିୟମିତ ଭାବେ ସ୍ଥିତି ଅନୁଧ୍ୟାନ କରିବେ। ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଯାତ୍ରୀ ପରିବହନ କରୁଥିବା ଡଙ୍ଗା ମାଲିକ, ଲଞ୍ଚ ଅପରେଟରଙ୍କ କ୍ଷେତ୍ରରେ ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନାରେ ୭୦୦୦ ସଂଖ୍ୟକ ଲାଇଫ୍-ବୋଏ, ୩୫୦୦୦ ସଂଖ୍ୟକ ଲାଇଫ୍ ଜ୍ୟାକେଟ୍ ଓ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବସ୍ଥା କରାଯାଇଛି।

# ମେଡିକାଲରେ ଜନ୍ମଦିନ ପାଳିଲା ଜଗା



ଜଗା କେକ୍ କାଟୁଛି।

**ଫୁଲବାଣୀ ଅଫିସ, ୧୦।୪**

କନ୍ଧମାଳ ଜିଲାର ଯୋଡ଼ା ମୁଣ୍ଡ ଶିଶୁ ଜଗା ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଧୁମଧାମରେ ନିଜ ଜନ୍ମଦିନ ପାଳନ କରିଛି। ଜଗା ଏବେ ୮ ବର୍ଷରେ ପଦାର୍ପଣ କରିଛି। ନିଜ ମା' ବାପା, ମେଡିକାଲର କେତେଜଣ କର୍ମଚାରୀ, ସିକ୍ୟୁରିଟି ଗାର୍ଡଙ୍କ ଗହଣରେ ଜଗା ନିଜ ଜନ୍ମଦିନ କେକ୍ କାଟି ବହୁତ ଖୁସି ହୋଇଛି। ଦିଲ୍ଲୀ ଏମ୍ସରେ ଅସ୍ତ୍ରୋପଚାର ପରେ ଜଗା ଏବଂ କାଳିଆର ମୁଣ୍ଡ ଅଲଗା ହୋଇଥିଲା। ହେଲେ କିଛିଦିନ ପରେ କାଳିଆର ମୃତ୍ୟୁ ହୋଇଥିଲା। ଜଗା କଟକ ମେଡିକାଲରୁ ଆସି ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ୱାର୍ଡ ୨ ନଂ. କ୍ୟାବିନରେ ରହି ଆସୁଛି। ଜଗାର ପୁଣି ଥରେ ଅସ୍ତ୍ରୋପ୍ରଚାର ହେବ ବୋଲି ସୂଚନା ମିଳିଛି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India undertaking
आन्ध्रा Andhra | कार्पोरेशन Corporation

ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank

**ବିକ୍ରୟ ନୋଟିସ**
ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍ଏ, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ, ଠିକଣା- ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ- ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା ୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୦.୫୦ ଲକ୍ଷ | ୨୬।୦୪।୨୦୨୩ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | | ମୋଟ | ଏ.୨.୮୪୭ଡେସି. ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | | |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
- ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspxରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
- ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦

ତାରିଖ: ୧୦।୦୪।୨୦୨୩, ସ୍ଥାନ: ନୂଆଦିଲ୍ଲୀ

ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ବ୍ୟାଙ୍କ କିସ୍ତିରୁ ବର୍ତ୍ତିବାକୁ ଅନ୍ୟ ଗାଡ଼ି ନମ୍ବର ବ୍ୟବହାର ଯୁବକ ଗିରଫ

ଭୁବନେଶ୍ୱର,୧୦।୪ (ବ୍ୟୁରୋ): ଅନ୍ୟର ଗାଡି ନମ୍ବରକୁ ନକଲି କରି ବ୍ୟବହାର କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳର ବିଶ୍ୱଜିତ ବଲିଆରସିଂ। ତାଙ୍କଠାରୁ ବାଇକ୍ ସହ ନକଲି ନମ୍ବର ପ୍ଲେଟ ପୋଲିସ ଜବତ କରିଛି । ସୂଚନାନୁସାରେ ଅଭିଯୋଗକାରୀ ଭୋଲାନାଥ ଖାଦ୍ୟ ସାମଗ୍ରୀ କିଣିବା ନିମନ୍ତେ ଜାଗମରା ମାର୍କେଟକୁ ଯାଇଥିଲେ। ସେଠାରେ ସେ ନିଜେ ବ୍ୟବହାର କରୁଥିବା ଭଳି ଏକ ବାଇକ୍ ଦେଖିଲେ, ଯାହାର ମଡେଲ, ରଙ୍ଗ ଏବଂ ରେଜିଷ୍ଟ୍ରେଶନ ନମ୍ବର ମଧ୍ୟ ସମାନ ଥିଲା । ଏହାପରେ ଉକ୍ତ ବାଇକ୍‌ର ପିଛା କରି ଏକାମ୍ର କଲେଜ ନିକଟରେ ସମ୍ପୃକ୍ତ ବାଇକ ଆରୋହୀଙ୍କୁ କାବୁ କରିବା ସହିତ ଏୟାରଫିଲ୍ଡ ଥାନାକୁ ଜିମା ଦେଇଥିଲେ। ଘଟଣା ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ଜଣକ ଉକ୍ତ ବାଇକ୍‌କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ଋଣ ନେଇ କିଣିଥିଲେ ଏବଂ ଯାହାର ରେଜିଷ୍ଟ୍ରେଶନ ନମ୍ବର ଥିଲା ଓଡି-୦୨-ବିବି-୯୪୯୬। କିସ୍ତି ନ ଶୁଝିପାରିବାରୁ ବ୍ୟାଙ୍କ କର୍ମଚାରୀଙ୍କ ନଜରରୁ ନିଜକୁ ବଞ୍ଚାଇବା ଲାଗି ସେ ଅଭିଯୋଗକାରୀଙ୍କ ଗାଡି ନମ୍ବର ଓଡି-୦୨-ବିବି-୩୦୦୩ର ଅବିକଳ ନମ୍ବର ପ୍ଲେଟ ନିଜ ଗାଡିରେ ବ୍ୟବହାର କରିଥିଲେ। ଫଳରେ ଗତ ଦେଢ ବର୍ଷ ମଧ୍ୟରେ ଅଭିଯୁକ୍ତ ଜଣକ ବ୍ୟବହାର କରୁଥିବା ଗାଡିଦ୍ୱାରା ଅଭିଯୋଗକାରୀଙ୍କ ନାମରେ ୪୦୦୦ଟଙ୍କାର ଫାଇନ ମଧ୍ୟ କଟିଥିଲା ।

### 'ଭୁବନେଶ୍ୱର ସ୍ୱତନ୍ତ୍ର ଜିଲା ହେଉ'

ଭୁବନେଶ୍ୱର,୧୦।୪(ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରକୁ ଜିଲା ମାନ୍ୟତା ପାଇଁ ଭୁବନେଶ୍ୱର ବାଲିଯାତ୍ରା କମିଟି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଭୁବନେଶ୍ୱରକୁ ଜିଲା ମାନ୍ୟତା ପ୍ରଦାନର ଯଥାର୍ଥତା ନେଇ କମିଟି ପକ୍ଷରୁ ସୋମବାର ସ୍ଥାନୀୟ ବୁଦ୍ଧ ମନ୍ଦିରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟି ପକ୍ଷରୁ ସୂଚନା ଦିଅଯାଇଛି। କମିଟିର ପୂର୍ବତନ ସଭାପତି ଅଭୟ ବଡ଼ଜେନାଙ୍କ ସୂଚନାନୁସାରେ ରାଜ୍ୟରେ ୧୨ ଜିଲାର ଲୋକସଂଖ୍ୟା ବର୍ତ୍ତମାନ ଭୁବନେଶ୍ୱରରୁ କମ ରହିଛି। ସେହି ଜିଲାଗୁଡିକ ୩୦ ବର୍ଷ ହେବ ଜିଲାର ମାନ୍ୟତା ବଜାଇ ରଖିଛନ୍ତି । ସେହି ଅନୁସାରେ ଭୌଗଳିକ ମାନଚିତ୍ରରେ ପରିଧି ମଧ୍ୟରେ ଥିବା ଭୁବନେଶ୍ୱର ତାର ଜନସଂଖ୍ୟାକୁ ନେଇ ଜିଲା ମାନ୍ୟତା ପାଇବା ଲାଗି ଯୋଗ୍ୟ ବୋଲି ସେ କହିଛନ୍ତି। ଚଳିତ ବର୍ଷ ଭୁବନେଶ୍ୱରକୁ ୭୫ ବର୍ଷ ପୂରୁଥିବାବେଳେ ଏହି ମାନ୍ୟତା ଦିଆଯାଉ ବୋଲି ଦାବିକରି ୧୦ ହଜାର ଲୋକଙ୍କ ଦସ୍ତଖତ ଦସ୍ତାବିଜ ସହ କମିଟି ସରକାରଙ୍କୁ ଦାବିପତ୍ର ଦେଇଛି। ଭୁବନେଶ୍ୱରରେ ବର୍ତ୍ତମାନ ୧୧ ଲକ୍ଷ ୬୧ ହଜାର ଜନସାଧାରଣ ବସବାସ କରୁଛନ୍ତି। ଏହି ତୁଳନାରେ ବୌଦ୍ଧ ୪. ୪୧ ଲକ୍ଷ , ଦେଓଗଡ ୩ .୧୯ ଲକ୍ଷ, ଗଜପତି ୫. ୭୭ ଲକ୍ଷ ,ଜଗତ୍‌ସିଂହପୁର ୧୧ .୩୭ ଲକ୍ଷ, ଝାରସୁଗୁଡା ୫. ୭୯ ଲକ୍ଷ, କନ୍ଧମାଳ ୭ .୩୩ ଲକ୍ଷ, ମାଲକାନଗିରି ୬.୧୩ ଲକ୍ଷ, ନୟାଗଡ ୯ .୬୨ ଲକ୍ଷ, ନୂଆପଡା ୬ .୧୦ ଲକ୍ଷ, ରାୟଗଡା ୯. ୬୭ ଲକ୍ଷ , ସମ୍ବଲପୁର ୧୦ .୪୧ଲକ୍ଷ ଓ ସୋନପୁରରେ ୬. ୧୦ ଲକ୍ଷ ଜନସଂଖ୍ୟା ରହିଛି ।

### ସାଲିଆସାହି ଆଦିବାସୀ ଗାଁ, ଶକ୍ତି ବିହାର ବସ୍ତି ହଟିବ

ଭୁବନେଶ୍ୱର,୧୦।୪(ବ୍ୟୁରୋ): ହାତିଆଶୁଣି ପଡିଆ ପୂର୍ବରୁ ଅଟକି ରହିଥିବା ୨୦୦ ଫୁଟିଆ ବାମ ପାର୍ଶ୍ୱ ସମାନ୍ତରାଳ ରାସ୍ତା କାମ ଆଗକୁ ବଢ଼ିବ। ରାସ୍ତା ଲାଗି ବାଧକ ସାଜିଥିବା ସାଲିଆସାହିର ଆଦିବାସୀ ଗାଁ ଓ ଶକ୍ତି ବିହାର ବସ୍ତିକୁ ଭଙ୍ଗାଯିବ। ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବା ପରେ ଉଚ୍ଛେଦ ହେବାସହ ରାସ୍ତା କାମ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ୨ବସ୍ତିରେ ସର୍ଭେ କାମ କରାଯାଇ ଥଇଥାନ ଲାଗି ମୋଟ ୬୮୫ ପରିବାର ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ଖୁବ୍‌ଶୀଘ୍ର ସ୍ଥାନାନ୍ତରିତ କରାଯିବ। ପରେ ବାକି ଥିବା ବାମପାର୍ଶ୍ୱ ସମାନ୍ତରାଳ ରାସ୍ତାକାମ ଶେଷ କରାଯିବ। ଥଇଥାନ ସମୟରେ ବସ୍ତିବାସିନ୍ଦାଙ୍କୁ ଆପାତକାଳୀନ ସହାୟତା ଯୋଗାଇଦିଆଯିବ। ସେହିପରି ନୂଆ ସ୍ଥାନରେ ବିଏମ୍‌ସି ପକ୍ଷରୁ ସେମାନଙ୍କୁ ବିଜୁଳି, ପାଣି, ଡ୍ରେନ, ଷ୍ଟ୍ରିଟ ଲାଇଟ ଓ ରାସ୍ତା ଯୋଗାଇ ଦିଆଯିବା ସହ ୭ ଦିନ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ। ବିଏମ୍‌ସି କର୍ତ୍ତୃପକ୍ଷ ନିୟମିତ ଏନେଇ ବୈଠକ କରୁଛନ୍ତି। ଉଭୟପଟୁ ରାସ୍ତା କାମ ଜାରି ରହିଥିବାବେଳେ ଏହି ୨ଟି ବସ୍ତି ଉଚ୍ଛେଦ ପରେ ହାତିଆଶୁଣିଠାରୁ ଆରପିଆରସି (ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର) ପର୍ଯ୍ୟନ୍ତ ରାସ୍ତାକାମ ବଢିବ। ସମସ୍ତ ଜବରଦଖଲ ହଟାଯାଇ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ।

# କୋଭିଡ୍ ମୁକାବିଲା ପାଇଁ ବିଏମ୍‌ସି ତତ୍ପର

■ ମେ- ଜୁନ୍ ସୁଦ୍ଧା ବ୍ୟାପିବା ଆଶଙ୍କା, ଆଜିଠାରୁ ମକ୍‌ଡ୍ରିଲ୍

■ ସମସ୍ତ ଡାକ୍ତରଖାନା ସ୍ୱତନ୍ତ୍ର ୱାର୍ଡ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୪ (ବ୍ୟୁରୋ)



ବିଏମ୍‌ସି ଏକାମ୍ର ହଲରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ ।

କିଛିଦିନର ବ୍ୟବଧାନ ପରେ ପୁଣିଥରେ କରୋନା ବ୍ୟାପିବା ଆରମ୍ଭ କରିଛି। ବାହାର ରାଜ୍ୟର ସ୍ଥିତିକୁ ଦେଖି ଓଡ଼ିଶାରେ ଏବେଠାରୁ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଏହି କ୍ରମରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ କୋଭିଡ୍‌ର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମେ' କିମ୍ବା ଜୁନ ବେଳକୁ ଓଡ଼ିଶା ସମେତ ମହାନଗର ନିଗମ ଅଞ୍ଚଳରେ କୋଭିଡ୍ ବ୍ୟାପିବାର ଆଶଙ୍କା ରହିଛି। ସେଥିପାଇଁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ଘରୋଇ ଓ ସରକାରୀ ଡାକ୍ତରଖାନାକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଗତ ବର୍ଷଗୁଡ଼ିକ ଭଳି ଆଗାମୀ ଦିନରେ କିପରି ସଫଳତାର ସହ କୋଭିଡ୍ ମୁକାବିଲା କରିହେବ ସେନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ।

କୋଭିଡ୍ ମୁକାବିଲା ନେଇ ସୋମବାର ବିଏମ୍‌ସି ଏକାମ୍ର ହଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କମିଶନର ଅଧ୍ୟକ୍ଷତା କରି ମଙ୍ଗଳବାରଠାରୁ ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ମେଡିକାଲରେ ମକ୍‌ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ଟେଷ୍ଟିଂ ବୃଦ୍ଧି କରିବା ସହ କୋଭିଡ୍ ସଂକ୍ରମିତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଏଚ୍‌ସିରେ ଅତିକମ୍‌ରେ ୫ଟି ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା କରିବା ସହ ଅକ୍ସିଜେନ ମହଜୁଦ ଥିବା ଗୋଟିଏ ସ୍ୱତନ୍ତ୍ର ବେଡ୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସିଏଚ୍‌ସିଗୁଡିକରେ ଅତିକମ୍‌ରେ ୧୦ଟି ଆଇସୋଲେଶନ ବେଡ ସହ ଅକ୍ସିଜେନ ପ୍ରସ୍ତୁତ ରଖାଯିବ। ସେହିପରି କ୍ୟାପିଟାଲ ହସ୍ପିଟାଲରେ ଅଧିକ ଆଇସିୟୁ ବେଡ ପ୍ରସ୍ତୁତ ରଖାଯିବା ସହ ବିଏମ୍‌ସି ହସ୍ପିଟାଲକୁ ମଧ୍ୟ ପ୍ରସ୍ତୁତ କରି ରଖିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ କୋଭିଡ୍ ଲକ୍ଷଣ ଥିବା ରୋଗୀଙ୍କୁ କେମିତି ହସ୍ପିଟାଲକୁ ଅଣାଯିବ, ବେଡକୁ ନିଆଯିବ, ତାଙ୍କର ଚିକିତ୍ସା କିପରି କରାଯିବ ସେ ସମ୍ପର୍କରେ ମକ୍‌ଡ୍ରିଲ କରାଯିବ। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କେମିତି କାର୍ଯ୍ୟ କରିବେ ସେ ସମ୍ପର୍କରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ଜଣାଇବାକୁ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମସ୍ତ ସରକାରୀ ଏବଂ ବେସରକାରୀ ଚିକିତ୍ସାଳୟରେ ବର୍ଜ୍ୟବସ୍ତୁ ପୃଥକ କରିଦେବାକୁ ଗୁରୁତ୍ୱ ଦିଆଯାଇଛି। ସାମାନ୍ୟ ଲକ୍ଷଣ ଥିଲେ ମଧ୍ୟ ସେମାନଙ୍କୁ ପରୀକ୍ଷା କରିବା, ପଜିଟିଭ ଚିହ୍ନଟ ହେଲେ ଡାକ୍ତରଖାନାରେ ଚିକିତ୍ସା କରାଯିବା ସହ କ୍ୟାପିଟାଲ ହସ୍ପିଟାଲରେ ଟେଷ୍ଟିଂ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏବେ କ୍ୟାପିଟାଲ ହସ୍ପିଟାଲରେ ଟେଷ୍ଟିଂ ଚାଲିଛି ଏବଂ ପ୍ରାୟ ୨୦ ଜଣଙ୍କଠାରେ ସାମାନ୍ୟ କୋଭିଡ୍ ପଜିଟିଭ ଥିବା ଜଣାପଡିଛି। ଚଳିତ ବର୍ଷ କୋଭିଡ ଜନିତ ରୋଗରେ କାହାରି ମୃତ୍ୟୁ ହୋଇନାହିଁ କି କୌଣସି ରୋଗୀ ଗୁରୁତର ହୋଇ ନାହାନ୍ତି ବୋଲି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଅତିରିକ୍ତ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯାମୀ ମିଶ୍ର, କ୍ୟାପିଟାଲ ହସପିଟାଲର ସୁପରିଣ୍ଟେଣ୍ଡେଣ୍ଟ, ଏମ୍‌ସର ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ବିଏମ୍‌ସିର ଥିବା ସମସ୍ତ ପିଏଚ୍‌ସି, ସିଏଚସିର ମେଡିକାଲ ଅଫିସର, ଅଧିକାଂଶ ଘରୋଇ ଡାକ୍ତରଖାନାର ପ୍ରତିନିଧିମାନେ ଯୋଗଦେଇଥିଲେ।

# ସହରାଞ୍ଚଳ ପରିମଳ ପରିଚାଳନାରେ ଗୋଷ୍ଠୀ ସହଭାଗିତା ରହୁ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ପରିମଳ ଓ ବର୍ଜ୍ୟ ପରିଚାଳନା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ଅର୍ବାନ ଓଡ଼ିଶାର ନିର୍ଦ୍ଧାରିତ ଆଭିମୁଖ୍ୟ ପରିପୂରଣ ସମ୍ପର୍କରେ ଏକ ସମୀକ୍ଷା ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥି ଭାଥନନ୍ ଏଥିରେ ଅଧ୍ୟକ୍ଷତା କରି ଓଡ଼ିଶାର ସହରାଞ୍ଚଳ ପରିମଳ ଓ ବର୍ଜ୍ୟ ପରିଚାଳନାରେ ଗୋଷ୍ଠୀ ସହଭାଗିତା ମଡେଲ୍‌କୁ ସମସ୍ତ ପୌର ସଂସ୍ଥା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ତଥା ସ୍ୱଚ୍ଛ ଭାରତ ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଯୋଗଦେଇ କହିଲେ, ସହରାଞ୍ଚଳ ନାଗରିକଙ୍କର ଜୀବନଧାରଣ ମାନରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିବା ପାଇଁ ସମସ୍ତ ପୌର ସଂସ୍ଥାର କର୍ମଚାରୀ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି କହିଥିଲେ।

ଏଥିସହ ବୈଠକରେ ଶତ ପ୍ରତିଶତ ଘରଗୁଡ଼ିକରୁ ବର୍ଜ୍ୟ ସଂଗ୍ରହ, ସମ୍ପଦ କେନ୍ଦ୍ରଗୁଡ଼ିକର ସୁପରିଚାଳନା, ବସ୍ତି ଅଞ୍ଚଳରେ ୧୦୦% ଶୌଚାଳୟ ନିର୍ମାଣ, ଆକାଂକ୍ଷୀ ଶୌଚାଳୟ, 'ଲୁ' ନିର୍ମାଣ ଏବଂ ମୌସୁମୀ ପୂର୍ବରୁ ନଳା ସମୂହରୁ ପଙ୍କୋଦ୍ଧାର, ସମସ୍ତ ପୌରସଂସ୍ଥା ଗୋଷ୍ଠୀ ସହଭାଗିତାକୁ ଭିତ୍ତିକରି ଏପ୍ରିଲ ୨୦୨୩ରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା, ବଜାର ଅଞ୍ଚଳ ଓ ଅନ୍ୟ ଗହଳି ସ୍ଥାନକୁ ନିୟମିତ ଝାଡୁ କରିବା, ବସ୍ତି ଅଞ୍ଚଳରେ 'ମୋ ଶୌଚାଳୟ' ଓ ଅର୍ବାନ ଓଡ଼ିଶାରେ ଘରୋଇ ଶୌଚାଳୟ ୧୦୦% ନିର୍ମାଣ କରିବା, ଏମ୍‌ସିସି ଏବଂ ଏମ୍‌ଆର୍‌ଏଫ୍‌ଗୁଡିକର ଆବଶ୍ୟକତା ଅନୁଯାୟୀ ସାମର୍ଥ୍ୟ ବୃଦ୍ଧି କରିବା, ସାଇକେଲ ଓ ୟୁନିଫର୍ମ ପାଇ ନ ଥିବା ସମସ୍ତ ଗୋଷ୍ଠୀ ସହଭାଗୀଙ୍କୁ ତୁରନ୍ତ ଏ ସବୁ ପ୍ରଦାନ କରିବା, ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ରେ ଉତ୍ତମ ପ୍ରଦର୍ଶନ ସହ ଉତ୍ତମ ସ୍ଥାନ ହାସଲ କରିବା ପାଇଁ ସମସ୍ତ ପୌରସଂସ୍ଥା ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନକୁ କଡ଼ାକଡ଼ି ଲାଗୁ କରିବା ଏବଂ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ମହାନଗର ନିଗମର ଉପଆୟୁକ୍ତ, ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ, ପରିମଳ ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବସନ୍ତ ଉତ୍ସବ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ 'ବସନ୍ତ ଉତ୍ସବ'ର ଅଷ୍ଟମ ସଂସ୍କରଣ ସୋମବାର ଆରମ୍ଭ ହୋଇଛି। ଉତ୍ସବରେ ପ୍ରଖ୍ୟାତ ସାହିତ୍ୟିକା ଡ. ଗାୟତ୍ରୀବାଳା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନଙ୍କ ମଧ୍ୟରେ ନିବିଡ ବନ୍ଧନ ସୃଷ୍ଟି କରିବା ସହ ଉତ୍ସାହ ଭରିବା ପାଇଁ ଏଭଳି ବସନ୍ତ ଉତ୍ସବ ଆୟୋଜନ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଅତିଥି ଭାବେ ଯୋଗଦେଇଥିଲେ। ଜୀବନରେ ଝଡ଼ଝଞ୍ଜା ନେଇ ମଞ୍ଚରେ

## ଛାତ୍ରୀଙ୍କୁ ସାହସ ଦେଲେ ବର୍ଷା

ବର୍ଷା ପ୍ରିୟଦର୍ଶିନୀଙ୍କ ମନ୍ତବ୍ୟ ରଖିଥିଲେ। ଛାତ୍ରୀଙ୍କ ସାମ୍ନାରେ ନିଜ ଜୀବନର କାହାଣୀ ବଖାଣି କହିଥିଲେ ଯେ ମୋ ଜୀବନ ମୋତେ ବହୁତଥର ତଳେ ପକାଇବାକୁ ଚେଷ୍ଟା କରିଛି। ମୁଁ ପୁଣିଥରେ ଠିଆ ହୋଇଛି। ସାମାଜିକ ଗଣମାଧ୍ୟମଠାରୁ ଦୂରେଇ ରହିବା ସହିତ ଏହାର ସଦୁପଯୋଗ ବ୍ୟବହାର କରିବାକୁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ୫ଦିନ ଧରି ଚାଲିବାକୁ ଥିବା ଏହି ବସନ୍ତ ଉତ୍ସବରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବ ବୋଲି ସୂଚନା ମିଳିଛି।

# ସମାନ୍ତରାଳ ରାସ୍ତା ପାଇଁ ହଟିଲା ବିବାଦୀୟ କୋଠା



ଗାଡ଼କଣ ମୌଜା ଅନ୍ତର୍ଗତ ସରକାରୀ ପ୍ଲଟରେ ଜବରଦଖଲ କରିଥିବା ଏକ ବିଲ୍ଡିଂକୁ ଜେସିବି ଦ୍ୱାରା ଭଙ୍ଗାଯାଉଛି ।

ଭୁବନେଶ୍ୱର, ୧୦।୪ (ବ୍ୟୁରୋ)

ଦୀର୍ଘଦିନ ଧରି ସରକାରୀ ଜମିରେ ଗଢି ଉଠିଥିବା ବିଲ୍ଡିଂକୁ ଭଙ୍ଗା ଯାଇଛି। ଜବରଦଖଲ ଥିବାରୁ ଆଚାର୍ଯ୍ୟ ବିହାରରୁ ଡମଣା ସମାନ୍ତରାଳ ରାସ୍ତା (ମୁଖ୍ୟ ରାସ୍ତାର ଡାହାଣ ପାର୍ଶ୍ୱ)ର ଗାଡ଼କଣ ଅଞ୍ଚଳରେ ଥିବା ଅଂଶର ନିର୍ମାଣ ହୋଇପାରୁ ନ ଥିଲା। ୨୦୧୫ରୁ ଜବରଦଖଲ କରିଥିବା ମହିଳା କୋର୍ଟରେ କେସ୍ କରିଥିଲେ। ଫଳରେ ବିଲ୍ଡିଂ ଭାଙ୍ଗି ସମାନ୍ତରାଳ ରାସ୍ତା ନିର୍ମାଣ କରିବାରେ ପ୍ରଶାସନ ବିଫଳ ହୋଇଥିଲା। ମାତ୍ର ପ୍ରଶାସନ କେସ୍ ଜିତିବା ପରେ ଏବେ ଉଚ୍ଛେଦ କାର୍ଯ୍ୟ ସଫଳ ହୋଇଛି।

ଗାଡ଼କଣ ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନଂ. ୨୭୩ରେ ୨ହଜାର ବର୍ଗଫୁଟର ଏକ ବିଲ୍ଡିଂ ରହିଥିଲା। ସବିତା ସାହୁ ନାମ୍ନୀ ମହିଳା ଏହି ୦.୦୬୫ଏକର ପରିମିତ ସରକାରୀ ଜମିକୁ ଜବରଦଖଲ କରି ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ କରିଥିଲେ। ପ୍ରଶାସନ ପକ୍ଷରୁ ଜବରଦଖଲରେ ଥିବା ଉକ୍ତ ଘରକୁ ଉଚ୍ଛେଦ ଯୋଜନା ହେବାରୁ ଏହା ବିରୋଧରେ ସମ୍ପୃକ୍ତ ମହିଳା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ରାଜସ୍ୱ ବିଭାଗର ମେମ୍ବର ବୋର୍ଡ ୬ମାସରେ ସମାଧାନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମହିଳା ଜଣକ କେସ ହାରିବା ପରେ ବିଡିଏ, ଜିଏ ଓ ବିଏମ୍‌ସି ମିଳିତ ଭାବେ ଉଚ୍ଛେଦ ପାଇଁ ଅଣ୍ଟା ଭିଡିଥିଲେ। ସୋମବାର ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ୱେତ କୁମାର ଦାଶଙ୍କ ନେତୃତ୍ୱରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଥିଲା। ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍-୧, ୩ ଓ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୧ ଓ ୫ଙ୍କ ସହଯୋଗରେ ୩ଟି ଜେସିବି ଦ୍ୱାରା ବିଲ୍ଡିଂ ଭଙ୍ଗା ଯାଇଥିଲା। ଏହି ସମୟରେ କିଛି ସମୟ ଉକ୍ତ ମହିଳା ଓ ଏନ୍‌ଫୋର୍ସମେଣ୍ଟ ଟିମ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ବିଲ୍ଡିଂ ଭାଙ୍ଗିବାବେଳେ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ସହକାରୀ ନିର୍ଦ୍ଦେଶକ ଅମୀୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଟୁରିଷ୍ଟ ବସ୍‌ରୁ ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

ଟୁରିଷ୍ଟ ବସ୍‌ର କାଚ ଭାଙ୍ଗି ପର୍ଯ୍ୟଟକଙ୍କ ବ୍ୟାଗରୁ ଟଙ୍କା ଚୋରି କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଓଲଡ ଟାଉନରେ ରହୁଥିବା ଗଞ୍ଜାମର କାଳିଆ ସେଠୀ। ତାଙ୍କଠାରୁ ୨ ହଜାର ଟଙ୍କା ଏବଂ ଲୁଟର ବ୍ୟବହୃତ ପେଭର ପଥର ଜବତ କରାଯାଇଛି। ସୂଚନାନୁସାରେ ଝାଡଖଣ୍ଡରୁ ଏକ ଟୁରିଷ୍ଟ ବସ ଦ୍ୱାରା କିଛି ଯାତ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ କରାଇବା ନିମନ୍ତେ ଗତ ୮ ତାରିଖରେ ପହଞ୍ଚିଥିଲେ । ଘଟଣା ଦିନ ରାତି ପ୍ରାୟ ୨.୨୦ରେ ସମସ୍ତ ଯାତ୍ରୀ ବସର ଝରକାକୁ ବନ୍ଦ କରି ଶୋଇଥିବା ବେଳେ କାଳିଆ ସେଠାକୁ ଆସି ଡ୍ରାଇଭରଙ୍କ ପାଖ ଝରକାକୁ ଗୋଟିଏ ପଥରରେ ଭାଙ୍ଗି ଝରକା ପାଖରେ ଥିବା ବ୍ୟାଗରୁ ୨ହଜାର ଟଙ୍କା ଚୋରି କରି ନେଇଯାଇଥିଲେ।

# ମୌସୁମୀ ପୂର୍ବରୁ ଡ୍ରେନ୍ କାମ ସାରିବାକୁ ବ୍ଲୁ ପ୍ରିଣ୍ଟ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଜଳବନ୍ଦୀ ସମସ୍ୟା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମୁଣ୍ଡବିନ୍ଧାର କାରଣ ହୋଇଛି। ଅସରାଏ ବର୍ଷାରେ ସହର ଉବୁଟୁବୁ ହେଉଛି। ଗଳିକନ୍ଦିରେ ପାଣି ଜମୁଥିବାବେଳେ ଏହି ସମସ୍ୟାର ସମାଧାନ ଲାଗି ସୋମବାର ଆଉ ଏକ ସମୀକ୍ଷା ବୈଠକ କରାଯାଇଛି। ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତା କୁଲାଙ୍ଗେ, ୩ ଜୋନ ଅଧିକାରୀ ଓ କର୍ପୋରେଟର ମିଳିତ ଭାବେ ଆସନ୍ତା ମୌସୁମୀ ପୂର୍ବରୁ କିପରି ଡ୍ରେନ କାମ ସରିବ, ନୂଆ ଡ୍ରେନ ନିର୍ମାଣ ହେବ ଓ ପୁରୁଣାର ପୁନରୁଦ୍ଧାର ହେବ ସେନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ୱାର୍ଡରେ କ'ଣ ସମସ୍ୟା ରହିଛି? କେଉଁ ଅଞ୍ଚଳରେ ପାଣି ଜମୁଛି? କେଉଁଠି ଡ୍ରେନ ନାହିଁ? ଏସବୁ ତଥ୍ୟ ଦେବାକୁ କର୍ପୋରେଟରଙ୍କୁ କୁହାଯାଇଛି। ଆସନ୍ତା ୨ ମାସ ମଧ୍ୟରେ କାମ ସାରିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି। ତେବେ ଡ୍ରେନେଜ ବିଭାଗରେ ଜୁନିୟର ଇଞ୍ଜିନିୟର (ଜେଇ)ଙ୍କ ଅଭାବ ଫଳରେ ନିର୍ଦ୍ଧାରିତ ସମୟରେ ଡ୍ରେନ କାମ ସାରିବା ବଡ଼ ଚ୍ୟାଲେଞ୍ଜ ହେବ। ବିଏମସି କର୍ପୋରେଶନକୁ ବର୍ଷେ ପୂରିଥିବାବେଳେ କମିଶନରଙ୍କ କାର୍ଯ୍ୟକାଳ ୧୧ ମାସ ବିତିଛି। ହେଲେ ଡ୍ରେନେଜ ବିଭାଗରେ ଜେଇ ନ ଥିବା ନେଇ କାହାର ନିଘା ନାହିଁ। ସମୀକ୍ଷା ବୈଠକରେ ଏହି ପ୍ରସଙ୍ଗ ଉଠିବା ପରେ ଯଥାଶୀଘ୍ର ଜେଇ ପଦ ପୂରଣ କରାଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷେ କିପରି ୱାର୍ଡସ୍ତରରେ ଜଳବନ୍ଦୀର ମୁକାବିଲା କରାଯାଇପାରିବ ସେନେଇ ମେୟର ସମୀକ୍ଷା କରିଛନ୍ତି।

# ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସଞ୍ଜ ସକାଳେ ତୁମ ଛବି ଖୋଜେ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରାଯାଉଛି ।

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ପ୍ରଶାନ୍ତ ସ୍ୱାଇଁ ଓ ଡ. ବିଜୟା କୁମାରୀ ପାତ୍ରଙ୍କ ଜନ୍ମଦିନ ପାଳନ ସହ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିନିମନ୍ତେ ଏକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସଞ୍ଜ ସକାଳେ ତୁମ ଛବି ଖୋଜେ' ଆୟୋଜିତ ହୋଇଥିଲା। ଏହି ଅବସରରେ ସ୍ୱାଇଁ ଓ ଡ. ପାତ୍ରଙ୍କୁ ଶୁଭେଚ୍ଛୁ ଓ ସହକର୍ମୀମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହ ସେମାନେ ବିଭିନ୍ନ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଡିପିଆଇ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ଏହି ସଙ୍ଗୀତ କାର୍ଯ୍ୟକ୍ରମକୁ ଅଜୟ ପାଲ ଓ ସାଥୀ ପରିଚାଳନା କରିଥିଲେ।

# ରକ୍ତ ଦେଇ ଜୀବନ ବଞ୍ଚାଇବା ମୁକ୍ତିକାନ୍ତଙ୍କ ନିଶା

ଭୁବନେଶ୍ୱର, ୧୦।୪(ବ୍ୟୁରୋ)



ରକ୍ତ ଦାନ ମହତ୍ ଦାନ। କିଶୋର ସମୟରୁ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ସମାଜ ସେବାରେ ସମର୍ପିତ କରିଛନ୍ତି ମୁକ୍ତିକାନ୍ତ। ୫୭ଥର ରକ୍ତଦାନ କରି ସେ ଅନ୍ୟମାନଙ୍କ ଜୀବନ ବଞ୍ଚାଇଛନ୍ତି। ଭୁବନେଶ୍ୱର କିମ୍ବା ଅନ୍ୟ କୌଣସି ସେଚ୍ଛାକୃତ ରକ୍ତଦାନ ଶିବିର ହେଉ କିମ୍ବା କୌଣସି ଲୋକର ଜରୁରିକାଳୀନ ରକ୍ତ ଆବଶ୍ୟକତା, ଖବର ମିଳିବା ମାତ୍ରେ ସ୍ୱତଃପ୍ରବୃତ୍ତ ଭାବେ ରକ୍ତଦେବା ପାଇଁ ପହଞ୍ଚି ଯାଆନ୍ତି ମୁକ୍ତିକାନ୍ତ। ରକ୍ତ ଆବଶ୍ୟକ ପଡିଲେ ତାଙ୍କୁ ଖୋଜାପଡେ। ସବୁବେଳେ ନିଜେ ରକ୍ତ ଦିଅନ୍ତି କୌଣସ ଅସୁବିଧା ଥିଲେ ଭରସା ଫାଉଣ୍ଡେଶନ ଟ୍ରଷ୍ଟ ସଦସ୍ୟଙ୍କୁ ନେଇ ରକ୍ତ ଦିଅନ୍ତି। ଭଦ୍ରକ ଜିଲା ତିହିଡି ବ୍ଲକ ଅନ୍ତର୍ଗତ ସିଦୋଳ ଗ୍ରାମର ଏକ ମଧ୍ୟବିତ୍ତ ପରିବାରୁ ଆସି ଭୁବନେଶ୍ୱର ବରମୁଣ୍ଡାରେ ବ୍ୟବସାୟ କରି ପରିବାର ଚଳାଉଛନ୍ତି। ବ୍ୟବସାୟରୁ ଯାହା ପଇସା ମିଳେ ସେଥିରୁ କିଛି ବନ୍ଧୁଙ୍କୁ ନେଇ ଫାଉଣ୍ଡେଶନ ଟ୍ରଷ୍ଟ ନାମ ଏକ ସ୍ୱେଚ୍ଛାସେବୀ ସଂଗଠନ ଗଢିଛନ୍ତି। ଏହାବାଦ ସେ ଅସହାୟ, ଦୁଃଖୀ ଦରିଦ୍ରଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରି ଲୋକଙ୍କର ସେବା କରୁଛନ୍ତି।

# ୨୪.୧୨ ପ୍ରତିଶତ ରାଜସ୍ୱ ବୃଦ୍ଧି, ୩୧୨ ନୂଆ ପ୍ରକଳ୍ପ

ଭୁବନେଶ୍ୱର, ୧୦।୪ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ରବିବାର ନୂଆ କର୍ପୋରେଶନ ଗଠନର ଏକବର୍ଷ ପୂର୍ତ୍ତି ପାଳନ କରିଛି। ୨୦୨୨ ଏପ୍ରିଲ ୯ରେ ବିଏମ୍‌ସିର ନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ବର୍ଷକ ମଧ୍ୟରେ ବିଏମ୍‌ସି ପକ୍ଷରୁ କେଉଁସବୁ ଜନହିତକର କାର୍ଯ୍ୟକ୍ରମ କରାଯାଇଛି, କ'ଣ ସବୁ ଯୋଜନା ରହିଛି, ତାହାର ରିପୋର୍ଟ କାର୍ଡ ମେୟର ସୁଲୋଚନା ଦାସ ପରିବେଷଣ କରିଥିଲେ। ୨୦୨୨-୨୩ ବିଏମ୍‌ସିର ରାଜସ୍ୱ ୨୪.୧୨ ପ୍ରତିଶତ ବୃଦ୍ଧି ହୋଇ ୭୩ କୋଟିରେ ପହଞ୍ଚିଛି। ଏକ ବର୍ଷ ମଧ୍ୟରେ ୧୭ଟି ସହରାଞ୍ଚଳ ହେଲଥ ଆଣ୍ଡ ୱେଲନେସ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ୩୧୨ଟି ନୂଆ ପ୍ରକଳ୍ପ ହାତକୁ ନେବା ସହ ୩୯.୭୨୦ କିଲୋମିଟର ଡ୍ରେନ ନିର୍ମାଣ ହୋଇଛି। ୯୬୭ ନୂଆ ପୋଲ ସହ ୨୬୭୩ଟି ନୂଆ ଲାଇଟ ସ୍ଥାପନ, ୧୪ଟି ସିଓର ରୋଡ୍ କରାଯାଇଛି। ୧୧ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ପାଚେରିରେ ଚିତ୍ରକଳା କରାଯାଇଛି। ୯୦ଟି ପାର୍କର ରକ୍ଷଣାବେକ୍ଷଣ କରାଯାଉଛି। ୩୨ଟି ୱାର୍ଡ ଅଫିସ ପାଇଁ କାମ ଆରମ୍ଭ ହୋଇଛି। ଏକବର୍ଷ ମଧ୍ୟରେ, ଭୁବନେଶ୍ୱର ଅପରେଶନ ସେଣ୍ଟର (ବିଓସି) (୧୯୨୯), ଇମେଲ୍, ଟୁଇଟର ସୋସିଆଲ ମିଡିଆ, ଜନ ଶୁଣାଣି, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଜନ ଶୁଣାଣି ଏବଂ ମୋବାଇଲ ଜରିଆରେ ୧୫, ୯୧୫ଟି ଅଭିଯୋଗ ପାଇଛି। ସେଥି ମଧ୍ୟରୁ ୧୪ହଜାର ୬୪୧ଟି ଅଭିଯୋଗର ସମାଧାନ କରି ୯୧.୯୯ ପ୍ରତିଶତ ସଫଳତା ପାଇଛି। ସପ୍ତାହକୁ ପ୍ରାୟ ଶତକଡା ୫୬.୩୨(୮୨୪୬) ମାମଲାର ସମାଧାନ ହେଉଛି । ବିଏମ୍‌ସି ଅଧୀନରେ ୯ହଜାର ୫ଶହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କାମ କରୁଛନ୍ତି। ୧୫ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର କାମକୁ ଏଜେନ୍ସି ଅପେକ୍ଷା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ସେହିପରି ବର୍ଷେ ମଧ୍ୟରେ ମହିଳାମାନେ

## କର୍ପୋରେଶନକୁ ବର୍ଷେ ରିପୋର୍ଟ କାର୍ଡ ଦେଲେ ମେୟର

୩୯୯ଟି ବର୍ଷା ଜଳ ସଂରକ୍ଷଣ ଉତ୍ସ ନିର୍ମାଣ କରିଛନ୍ତି। ୩୧ଟି ରାସ୍ତାକଡ ଖୋଲା ଆକାଶ ଜିମ୍, ୩୪ଟି ଖେଳ ପଡିଆ, ୪୩ଟି ମିନି ପାର୍କ, ୬ଟି ଭେଣ୍ଡିଂ ଜୋନ୍, ୨ଟି ପାଣି ଟାଙ୍କି, ଗୋଟିଏ ଡ୍ରେନ୍ କାର୍ଯ୍ୟ ମହିଳାମାନେ କରିଛନ୍ତି। ସେହିପରି ଗତବର୍ଷକ ମଧ୍ୟରେ ବର୍ଜ୍ୟବସ୍ତୁ ସଂଗ୍ରହ ପରିମାଣ ଦିନକୁ ୬୦୦ ଟନ୍‌ରୁ ୮୦୪ ଟନ୍‌କୁ ବୃଦ୍ଧି ପାଇଛି। ୭୭୨ଟି ନୂଆ ରାସ୍ତା ଏବଂ ପକ୍କା ରାସ୍ତା ନିର୍ମାଣ ହୋଇଥିବାବେଳେ ଚଳିତ ବର୍ଷ ଆଉ ୫୭୬ଟି ନୂତନ ରାସ୍ତା ନିର୍ମାଣ କାମ ହାତକୁ ନେବା ପାଇଁ ଯୋଜନା କରାଯାଇଛି। ସହରରେ ଥିବା ୧୧,୪୩୩ ପରିବାର ପାଇଁ ଗୃହ ନିର୍ମାଣ ମ୍ୟାପ୍ ହୋଇଛି। ୯ହଜାର ୫୦୨ ପରିବାରକୁ ସୁଲଭ ଗୃହ ନିର୍ମାଣ ପାଇଁ ଏବଂ ୧୯୩୧ଟି ପରିବାରକୁ ରାଜୀବ ଆବାସ ଯୋଜନା ଅଧୀନରେ ସଂଯୋଗ କରାଯାଇଛି। ସମୁଦାୟ ୧୨୩୦ ବାସଗୃହକୁ ମଞ୍ଜୁରୀ ଦିଆଯାଇଛି। ଏବଂ ୭୪୭ ଜଣଙ୍କର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ (ସହରାଂଚଳ) ଗୃହ ସମ୍ପୂର୍ଣ୍ଣ ହୋଇଛି। ଏହାବାଦ୍ ଆହୁରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ମେୟର କହିଛନ୍ତି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ ସାହୁ, ସୂର୍ଯ୍ୟବଂଶୀ ମୟୁର ବିକାଶ, ଅନ୍ୟାନ୍ୟ ଅଧିକାରୀ ଏବଂ କର୍ପୋରେଟରମାନେ ଉପସ୍ଥିତ ଥିଲେ।

## ବ୍ରାଉନସୁଗାର ସହ ୨ବାଇକ୍ ଜବତ, ୩ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)- ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ୩ ଯୁବକଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ଟୁଲୁ ଜେନା ଓ ମୋହନା କିଶୋର ବେହେରା ଓ କେନ୍ଦ୍ରାପଡ଼ାର ଏସ୍.କେ. ରାହିଲ। ପୋଲିସ ସେମାନଙ୍କଠାରୁ ୧୦ଗ୍ରାମ ବ୍ରାଉନସୁଗାର, ୩ ମୋବାଇଲ, ୨ ବାଇକ୍ ଓ ନଗଦ ୩୬ ହଜାର ଟଙ୍କା ଜବତ କରିଛି। ଜବତ ବ୍ରାଉନସୁଗାର ମୂଲ୍ୟ ଲକ୍ଷେ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ୩ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ କାଠ ଫାଳିଆରେ ପିଟି ମାରିଦେଲେ

ନିରାକାରପୁର,୧୦।୪(ଡି.ଏନ୍.ଏ.): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ନୂଆଗଡ଼ ପଞ୍ଚାୟତ ହରିପୁର ମାଝିସାହିର କୃଷ୍ଣଚନ୍ଦ୍ର ମାଝି ଓରଫ କୁଶିଆ(୪୫)। ଏନେଇ ମୃତକଙ୍କ ମା' ବଦନୀ ମାଝିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୯୫/୨୩)ରୁଜୁକରି ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗ୍ରାମର ଭାଗବତ ଘରେ କୁଶିଆ ଶୋଇଥିବା ବେଳେ ସେହି ଗ୍ରାମର ନିତେଇ ମାଝିଙ୍କ ପୁଅ ପହଞ୍ଚି କୌଣସି କାରଣକୁ ନେଇ ଗାଳିଗୁଲଜ କରିବା ସହ ଛେପ ପକାଇଥିଲେ। କିଛି ସମୟ ପରେ ସେଠାରୁ କୁଶିଆ ଆସି ଘରେ ପହଞ୍ଚି ବାରିପଟକୁ ଯାଇଥିଲେ। ଏହି ସମୟରେ ସୁଦାମ ମାଝି, ନିତେଇ ମାଝି, ଭାରତୀ ମାଝି, ସୁମନ୍ତ ମାଝି, ଧରମା ମାଝି, ରବି ମାଝି ପ୍ରମୁଖ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରୁଥିବା ମାଆ ବଦନୀ ଦେଖିବାକୁ ପାଇଥିଲେ। ଏହାପରେ କୁଶିଆ ଅଚେତ୍ ହୋଇଯିବାରୁ ଆକ୍ରମଣକାରୀମାନେ ସେଠାରୁ ପଳାଇଥିଲେ। କୁଶିଆଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

### ଭୁଶୁଡ଼ି ପଡିଥିବା ପାଚେରି ଦେଖିଲା ଭାଜପା ଟିମ୍

ଭୁବନେଶ୍ୱର, ୧୦।୪ (ବ୍ୟୁରୋ)

କର୍ପୋରେଶନକୁ ୧ବର୍ଷ ପୂର୍ତ୍ତି ପାଳନ କରି ବିଏମ୍‌ସି ମେୟର ସୁଲଚନା ଦାସ ରାଜଧାନୀ ବିକାଶର ଲମ୍ବା ଭାଷଣ ଦେଉଛନ୍ତି। ମାତ୍ର ଏହା ମଧ୍ୟରୁ ଅଧିକାଂଶ ତଥ୍ୟ ମିଥ୍ୟା ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ରବିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମୁଖ୍ୟ ପାଚେରି ଭୁଶୁଡି ପଡିଥିବାବେଳେ ସେଠାକୁ ଯାଇ ସ୍ଥିତି ସମୀକ୍ଷା ନ କରି ବସନ୍ତ ଉତ୍ସବ ପାଳନ କରିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଭୁବନେଶ୍ୱର ଜିଲା ଭାଜପା ସଭାପତି ବାବୁ ସିଂ କହିଛନ୍ତି। ସୋମବାର ସିଂଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଯାଇ ଭୁଶୁଡି ପଡିଥିବା ପାଚେରି ସ୍ଥିତି ଦେଖିଥିଲେ। ନିମ୍ନମାନର ନିର୍ମାଣ ପାଇଁ ଏହା ଭୁଶୁଡ଼ି ପଡିଥିବା ଅଭିଯୋଗ ଉଠାଇବା ସହ ମେୟର ତୁରନ୍ତ ଘଟଣାସ୍ଥଳକୁ ଯାଇ ଏହାର ତଦାରଖ କରିବାକୁ ଦାବି କରାଯାଇଛି। ଏଥିସହ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କୁ ଦଣ୍ଡ ଦେବାକୁ ରାଜ୍ୟ ପ୍ରବକ୍ତା ଦିଲୀପ ମହାନ୍ତି ଦାବି କରିଛନ୍ତି। ସ୍ମାର୍ଟସିଟି ରୋଡ୍‌କୁ ଲାଗିଥିବା ବିଶ୍ୱବିଦ୍ୟାଳୟ ପାଚେରି ନିର୍ମାଣ କରି, ସେଥିରେ ରଙ୍ଗବୋଳି ଲୋକଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧିଥିଲେ। ପାଚେରି ଭୁଶୁଡି ପଡିବା ପରେ ଦୁର୍ନୀତି ପଦାକୁ ଆସିଲା। ଛୁଟିଦିନ ଥିବାରୁ ଛାତ୍ରୀ, ବ୍ୟବସାୟୀ ଓ ଯାତ୍ରୀମାନେ ଏତେବଡ ବିପଦରୁ ରକ୍ଷା ପାଇଛନ୍ତି। ଏଭଳି ଜୀବନ ବିପଦ ସମୟରେ ମେୟର ଉତ୍ସବ ମନାଇବା ଦୁର୍ଭାଗ୍ୟର ବିଷୟ। ଏଭଳି ଶାସନ ଓ ପ୍ରଶାସନକୁ ଭାଜପା ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଥିବା ସିଂ କହିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, କର୍ପୋରେଟର ଜୀବନ ରାଉତ, ଶ୍ରୀରାମ ମଣ୍ଡଳ ସଭାପତି ଶଶିପ୍ରଭା ରଥ, ଭାଜପା ନେତା ମନରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରେଣୀଗୃହରେ ମଦ ବୋତଲ, ଗଛମୂଳେ ପଢ଼ିଲେ ପିଲା

### ସ୍କୁଲରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି

ଭୁବନେଶ୍ୱର,୧୦।୪(ବ୍ୟୁରୋ)





ରାଜଧାନୀ ଭୁବନେଶ୍ୱରରେ ସ୍କୁଲ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳ। ଅସୁରକ୍ଷିତ ହୋଇପଡୁଛନ୍ତି ଛାତ୍ରୀଛାତ୍ର। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୫୨ ନମ୍ବର ୱାର୍ଡ ଅନ୍ତର୍ଗତ ବରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚିତ୍ର ଓ ସ୍ଥିତିକୁ ଦେଖିଲେ ଶିକ୍ଷାନଗରୀର ଶିକ୍ଷାନୁଷ୍ଠାନ କେତେ ସୁରକ୍ଷିତ ତାହା ବାରିହୋଇପଡୁଛି। ଅସାମାଜିକମାନେ ମଦ୍ୟପାନ କରିବା ସହ ଶ୍ରେଣୀଗୃହ ଓ ସ୍କୁଲ ପରିସରରେ ଚାରିଆଡେ ମଦ ବୋତଲ ଓ ଗ୍ଲାସ୍ ଭାଙ୍ଗି ପକାଇବାରୁ ସୋମବାର ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ଶିକ୍ଷୟିତ୍ରୀଶିକ୍ଷକମାନେ ନାନା ହଇରାଣ ହୋଇଥିଲେ। ସେମାନେ ବାଧ୍ୟହୋଇ ପିଲାମାନଙ୍କୁ ଶ୍ରେଣୀ ଗୃହରେ ବାହାରେ ଥିବା ଏକ ଗଛମୂଳେ ଜରି ପକାଇ ପାଠ ପଢାଇଥିଲେ। ଭଙ୍ଗା କାଚଖଣ୍ଡ ସଫା କରାଯିବା ପରେ ପିଲାଙ୍କୁ ଶ୍ରେଣୀ ଗୃହକୁ ନିଆଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସନ୍ଧ୍ୟା ହେଲେ ଏହି ସ୍କୁଲ ପରିସରରେ ଅସାମାଜିକ ଯୁବକ ଆଡ୍ଡା ଜମାଇ ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବା ସହ ବିଭିନ୍ନ ଅପରାଧ ଘଟାଇଥାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ସ୍କୁଲ ଶିକ୍ଷକମାନେ ଏହାକୁ ନିନ୍ଦା କରିବା ସହ ଘଟଣା ବାବଦରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି। ଏପରିସ୍ଥିତିରେ ରବିବାର ସ୍କୁଲ ପରିସରରେ ୫୦ ନମ୍ବର ୱାର୍ଡ କର୍ପୋରେଟର ଏକବର୍ଷ ପୂର୍ତ୍ତି ଉତ୍ସବର ଆୟୋଜନ କରିଥିଲେ। ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାବେଳେ ଏହି ଉତ୍ସବ ସରିବା ପରେ ସ୍କୁଲ ପରିସରରେ ଏହି ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଇଛି। ଏନେଇ ସମ୍ପୃକ୍ତ କର୍ପୋରେଟର କହିଛନ୍ତି, ମହିଳା ସମିତି ମିଟିଂ ଚାଲିଥିଲା। କାର୍ଯ୍ୟକ୍ରମ ପରେ ଆମେ ସମସ୍ତେ ଚାଲିଯାଇଥିଲୁ। ପରେ କେହି ଆସି ଏମିତି କରିଥାଇ ପାରନ୍ତି। ଏହାସହ ଅସାମାଜିକ ଯୁବକମାନେ ସନ୍ଧ୍ୟା ହେଲେ ପାଚେରୀ ଡେଇଁ ସ୍କୁଲରେ ପ୍ରବେଶ କରିବା ସହ ଉତ୍ପାତ କରି ମଦ ବୋତଲ ଭାଙ୍ଗିଥାନ୍ତି। ଏସଂକ୍ରାନ୍ତରେ ବାରମ୍ବାର ପୋଲିସକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ତେଣୁ ପୋଲିସ ପକ୍ଷରୁ କଡାକଡି ପେଟ୍ରୋଲିଂ କରାଯିବା ସହ ଅସାମାଜିକଙ୍କ ଆଡ୍ଡା ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସେହିପରି ପୋଲିସ ପକ୍ଷରୁ ବିଭିନ୍ନ ଖଟି ଜାଗାରେ ଚଢାଉ କରାଯାଉଥିବାରୁ ଧରା ନ ପଡିବା ଲାଗି ଅସାମାଜିକ ଯୁବକମାନେ ସ୍କୁଲ ପରିସରକୁ ଚାଲି ଯାଇ ଉତ୍ପାତ କରୁଥିବା କୁହାଯାଉଛି।

### ଅଟୋରେ ଟଙ୍କା ଛାଡ଼ି ଦେଇ ଦମ୍ପତି ହଟହଟା

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଏକ ଘରୋଇ ଇଂଲିଶ୍ ମିଡିୟମ ସ୍କୁଲରେ ପୁଅର ନାମ ଲେଖାଇବା ପାଇଁ ବିହାରରୁ ଭୁବନେଶ୍ୱର ଆସି ଜଣେ ଦମ୍ପତି ସୋମବାର ହଟହଟା ହୋଇଛନ୍ତି। ନାମଲେଖା ବାବଦକୁ ସାଙ୍ଗରେ ଆଣିଥିବା ୧ ଲକ୍ଷ ୭୦ହଜାର ଟଙ୍କା, ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବ୍ୟାଗଟିକୁ ଯାତ୍ରା କରୁଥିବା ଅଟୋରେ ଛାଡିଦେଇଛନ୍ତି। ପରେ ଅଟୋ ଚାଳକ ଓ ଟଙ୍କା ଖୋଜି ଖୋଜି ନିରାଶ ହେବା ପରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ବିଭିନ୍ନ ଛକର ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ସହ ଅଟୋ ନମ୍ବର ଜାଣିବା ପାଇଁ ଚେଷ୍ଟା ଚଳାଇଛି। ଘଟଣା ଅନୁଯାୟୀ, ବିହାରରୁ ରିତେଶ କୁମାର ଓ ତାଙ୍କ ସ୍ତ୍ରୀଙ୍କ ସହ ପୁଅର ନାମ ଲେଖାଇବା ପାଇଁ ସ୍କୁଲରେ ପହଞ୍ଚିଥିଲେ । ସେଠାରୁ ପୁଅର ହଷ୍ଟେଲ ବାବଦକୁ କିଛି ଜିନିଷ କିଣିବା ପାଇଁ ନୀଳାଦ୍ରିବିହାରସ୍ଥିତ ଏକ ମଲକୁ ଯାଇ ଅଟୋରେ ଫେରୁଥିଲେ। ଓହ୍ଲାଇବା ପରେ ସେ ଜାଣିପାରିଥିଲେ ତାଙ୍କର ଟଙ୍କା ଭର୍ତ୍ତି ବ୍ୟାଗଟିକୁ ଅଟୋରେ ଛାଡି ଦେଇଛନ୍ତି। ଏନେଇ ସେ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଏନେଇ ରିତେଶ ଟଙ୍କା ବ୍ୟାଗ ପାଇଥିବା ବ୍ୟକ୍ତି ତାହାକୁ ଫେରାଇ ଦେବାକୁ ଅନୁରୋଧ କରିଥିଲେ।




ବାରଙ୍ଗସ୍ଥିତ ନବୋଦୟ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ପିଲାମାନେ ଧାରଣା ଦେଇଛନ୍ତି।

## ଗଣଶିକ୍ଷା ସଚିବଙ୍କୁ ଦାବିପତ୍ର ଦେଲା ଅଭିଭାବକ ମହାସଂଘ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

**ନବମରୁ ଦ୍ୱାଦଶ ନିଃଶୁଳ୍କ ପାଠପଢ଼ା ମାମଲା**

- ଜନସ୍ୱାର୍ଥ ମାମଲାରେ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ
- ଆଜି ମନ୍ତ୍ରୀ, ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ମହାସଂଘ

ଶିକ୍ଷା ଅଧିକାର ଆଇନ (ଆରଟିଇ)ର ଅନୁଚ୍ଛେଦ ୧୨(୧)ର ଧାରା 'ସି' ଅନୁଯାୟୀ ଘରୋଇ ବିଦ୍ୟାଳୟରେ ୨୫ ପ୍ରତିଶତ ସିଟ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲାମାନେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ପାଠପଢ଼ା ସୁବିଧା ପାଇପାରୁଛନ୍ତି। ଏବେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ହୋଇଆସୁଛି। ଏପରିକି ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଅଭିଭାବକ ମହସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱତ୍ଥି ଏସ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲୋଚନା ସମୟରେ ଏଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସଚିବ କହିଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଏ ବାବଦରେ ମଙ୍ଗଳବାର ମହାସଂଘ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ସାକ୍ଷାତ କରିବା ସହ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବେ ବୋଲି ମହାସଂଘ ସହଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ ସୂଚନା ଦେଇଛନ୍ତି। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିଶୁଳ୍କ ପଢିବା ପରେ ନବମ ଶ୍ରେଣୀରୁ ନିଜସ୍ୱ ଖର୍ଚ୍ଚରେ ପାଠପଢ଼ାଇବା ଅଭିଭାବକଙ୍କ ପାଇଁ କଷ୍ଟକର ହୋଇପଡୁଛି। ନିରୁପାୟ ହୋଇ ଅନେକ ପିଲା ଅଧାରୁ ପାଠ ଛାଡୁଛନ୍ତି। ତେଣୁ ଏହି ବ୍ୟବସ୍ଥାକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ପାଇଁ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ଦାବି କରାଯାଉଛି। ସରକାରଙ୍କୁ ବାରମ୍ବାର ନିବେଦନ ପରେ କାର୍ଯ୍ୟକାରୀ ନ ହେବାରୁ ମହାସଂଘ ପକ୍ଷରୁ ଅଧ୍ୟକ୍ଷ ଭଟ୍ଟ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଗତ ମାର୍ଚ୍ଚ ୨୯ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ବିଦ୍ୟାଳୟ ସମ୍ମୁଖରେ ପିଲାଙ୍କ ଧାରଣା

ବାରଙ୍ଗ,୧୦।୪(ଡି.ଏନ୍.ଏ.)

ବିଦ୍ୟାଳୟ ଗୃହ ଭଗ୍ନ ଅବସ୍ଥାରେ ଥିବାରୁ କିଛି ଦିନ ପୂର୍ବରୁ ବିଦ୍ୟାଳୟ ଛୁଟି ଘୋଷଣା ହୋଇଥିଲା। ଛୁଟି ପରେ ସୋମବାର ବିଦ୍ୟାଳୟ ଖୋଲିବାର ସୂଚନା ମିଳିଥିଲା। ହେଲେ ପିଲାଙ୍କୁ ବିଦ୍ୟାଳୟ ପରିସରକୁ ଛଡ଼ାଯାଇ ନ ଥିଲା, ଯାହାକୁ ନେଇ ପିଲାଙ୍କ ସହ ଅଭିଭାବକମାନେ ବିଦ୍ୟାଳୟ ଗେଟ ଆଗରେ ଧାରଣା ଦେଇଥିଲେ। ଖବରପାଇ ପୋଲିସ ଓ ଶିକ୍ଷା ବିଭାଗ ଅଧିକାରୀ ଅଭିଭାବକଙ୍କୁ ବୁଝାଶୁଝା କରିବା ପରେ ଧାରଣା ହଟିଥିଲା। ସୂଚନା ମୁତାବକ, ନବୋଦୟ ଶିଶୁ ବିଦ୍ୟାମନ୍ଦିର ଜବାହାର ନବୋଦୟ ବିଦ୍ୟାଳୟ ଅଧୀନରେ ଚାଲୁଛି। ଶିଶୁ ମନ୍ଦିରର ଗୃହଗୁଡିକ ବିପଦପୂର୍ଣ୍ଣ ଥିବାରୁ ନବୋଦୟ ବିଦ୍ୟାଳୟ ପକ୍ଷରୁ ଶିଶୁବିଦ୍ୟାମନ୍ଦିର କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯାଇଥିଲା। ଏଥିସହ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିଲା। ବିଦ୍ୟାଳୟ ଖୋଲିବା ନେଇ ସୋମବାର ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କୁ ସୂଚନା ଦିଆଯାଇଥିଲା। ଅଭିବାବକମାନେ ସେମାନଙ୍କ ପିଲାଙ୍କୁ ନେଇ ସକାଳ ୮ଟାରେ ବିଦ୍ୟାଳୟରେ ପହଞ୍ଚିବା ପରେ ପିଲାଙ୍କୁ ସୁରକ୍ଷାକର୍ମୀ ଭିତରକୁ ଛାଡି ନ ଥିଲେ। ତେଣୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପିଲାଙ୍କ ସହ ଅଭିଭାବକମାନେ ବିଦ୍ୟାଳୟ ଗେଟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଖବରପାଇ ବାରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରା, ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଅଭିଭାବକଙ୍କୁ ବୁଝାଶୁଝା କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଯେପର୍ଯ୍ୟନ୍ତ ବିଦ୍ୟାଳୟଗୃହ ମରାମତି ଶେଷ ହୋଇନାହିଁ, ସେପର୍ଯ୍ୟନ୍ତ ମଙ୍ଗଳବାରଠାରୁ ଅନ୍ୟ ଏକ ଗୃହରେ ପିଲାଙ୍କ ପାଠପଢ଼ା ହେବ ବୋଲି ନିଷ୍ପତ୍ତି ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ସାଢେ ୨୨ କେଜି ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ୩ ନିଶା ବେପାରୀଙ୍କୁ ଭରତପୁର ଥାନା ପୋଲିସ ଖଣ୍ଡଗିରି ନୂଆବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ କଲୋନୀ ରାସ୍ତାରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବୌଦ୍ଧର ଦେବେନ୍ଦ୍ର ସାହୁ, କନ୍ଧମାଳର ଭାଗବତ ପ୍ରଧାନ ଓ ଗଞ୍ଜାମର ଅନନ୍ତ ଦିଗଲ। ଏମାନଙ୍କଠାରୁ ପୋଲିସ ସାଢେ ୨୨ କେଜି ଗଞ୍ଜେଇ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

**ପ୍ରତିଶ୍ରୁତି ଦେଲେ ଗଣଶିକ୍ଷା ସଚିବ**

ଫେବୃୟାରୀ ୨୭ରୁ ଲୋୟର ପିଏମଜିରେ ଧାରଣାରେ ବସିଥିବା ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନେ ସୋମବାର ଆନ୍ଦୋଳନରୁ ଉଠିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱତ୍ଥି ଏସ୍ ଦାବିଗୁଡିକ ଉପରେ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ସର୍ବଶିକ୍ଷା ଅଭିଯାନ ଅଧୀନରେ ଆସୁଥିବା ଅର୍ଥ ବନ୍ଦ ହେବାପରେ ରାଜ୍ୟ ସରକାର କାହାକୁ ଛଟେଇ ନ କରି ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କ ସହ ସଂଯୁକ୍ତ କରିଛନ୍ତି। ଆଗାମୀ ଦିନରେ ଏଥିପାଇଁ ସମ୍ପୂର୍ଣ୍ଣ ନିୟମାବଳୀ ପ୍ରସ୍ତୁତ କରାଯାଇ ସ୍ଥାୟୀ ପ୍ରତିକାର କରାଯିବ ବୋଲି ଆଲୋଚନାରୁ ନିଷ୍କର୍ଷ ବାହାରିଥିବା ସଂଘ ଆବାହକ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ୨୦୧୩ରୁ ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଭାବେ ସ୍ୱଳ୍ପ ପାରିଶ୍ରମିକରେ ନିଯୁକ୍ତି ପାଇଥିଲେ। ମାତ୍ର ଏହା ମଧ୍ୟରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସ୍ଥାୟୀ ନିଯୁକ୍ତି ନ ହେବାରୁ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ତେବେ ସରକାର ଦେଇଥିବା ପ୍ରତିଶ୍ରୁତି ଯଦି ପୂରଣ ନ କରନ୍ତି ପୁଣିଥରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ହୋମିଓପାଥି ପ୍ରାକ୍ଟିସନର ଆସୋସିଏଶନର ସମ୍ମିଳନୀ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ପ୍ରାଇଭେଟ ହୋମିଓପାଥି ପ୍ରାକ୍ଟିସନର ଆସୋସିଏଶନର ୮ମ ବାର୍ଷିକ ସମ୍ମିଳନୀ ଓ ହୋମିଓପାଥି ଚିକିତ୍ସାର ଜନକ ଡା. ହ୍ୟାନିମାନ୍‌ଙ୍କ ୨୬୯ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଅମର ପଟ୍ଟନାୟକ, ବିଧାୟକ ଡ. ଅରବିନ୍ଦ ଢାଲୀ, ମେୟର ସୁଲୋଚନା ଦାସ, ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ଗ୍ରାମାଞ୍ଚଳରେ କାର୍ଯ୍ୟରତ ହୋମିଓପାଥି ପ୍ରାକ୍ଟିସନରମାନଙ୍କୁ ପୂର୍ବରୁ ସରକାରଙ୍କ ଦ୍ୱାରା ପଞ୍ଜିକୃତ କରାଯାଇ ଲିଷ୍ଟେଡ ମାନ୍ୟତା ଦିଆଯାଉଥିଲା। ସେମାନେ ନିରବଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ସେବାଯୋଗାଇ ଆସୁଥିଲେ। ଏହି ପ୍ରକ୍ରିୟା ଅନ୍ୟ ରାଜ୍ୟରେ ପ୍ରଚଳିତ ଥିବାବେଳେ ଓଡ଼ିଶାରେ ଏହାକୁ ୨୦୧୪ରେ ନିଷେଧ ଘୋଷଣା କରାଯାଇଛି। ଫଳରେ ସେବା କାର୍ଯ୍ୟରେ ନିୟୋଜିତ ଚିକିତ୍ସକମାନେ ସେମାନଙ୍କ ଜୀବିକା ହରାଇବା ଯୋଗୁ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡ଼ିଛି। ଏ ଦିଗରେ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସଂଘର ଦାବି ପ୍ରତି ବୈମାତୃକ ମନୋଭାବ ଯୋଗୁ ହୋମିଓପ୍ୟାଥିକ ଚିକିତ୍ସା ଉପରୁ ସାଧାରଣ ଲୋକଙ୍କ ଭରସା ଉଠିଗଲାଣି। ସେବା ବୃତ୍ତିରେ ଥିବା ହଜାର ହଜାର ହୋମିଓପାଥିକ ଚିକିତ୍ସକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ସମସ୍ୟା ଉପରେ ଦୃଷ୍ଟି ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସଭାପତି ଜଗନ୍ନାଥ ଦାଶ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ବାରିକ, କୋଷାଧ୍ୟକ୍ଷ ମହୀନ୍ଦ୍ର ସାହୁ, ମୁଖ୍ୟ ଉପଦେଷ୍ଟା ପ୍ରଦୀପ ରାଓ, ଆଇନ ଉପଦେଷ୍ଟା ରମଣୀକାନ୍ତ ପଟ୍ଟନାୟକ ଓ ପୁଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଧାରଣାରେ ମୃତ ସରକାରୀ କର୍ମଚାରୀଙ୍କ ପରିବାର

**୨୭ ଦିନ ପରେ ମିଳିଲାନି ନ୍ୟାୟ**

ଭୁବନେଶ୍ୱର,୧୦।୪(ବ୍ୟୁରୋ)




ରାଜ୍ୟ ସରକାର ଅଧିନରେ କାର୍ଯ୍ୟନିର୍ବାହ କରିବା ଅବସ୍ଥାରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାର ଗାନ୍ଧୀମାର୍ଗରେ ୨୭ଦିନ ଧରି ଧାରଣାରେ ବସିଛନ୍ତି । ସେମାନଙ୍କ ପରିବାର ପାଇଁ ଉଦ୍ଦିଷ୍ଟ ଆଇନଗୁଡ଼ିକୁ ତର୍ଜମା କରି ସୁପ୍ରିମକୋର୍ଟ ନେଇଥିବା ନିଷ୍ପତ୍ତିକୁ ରାଜ୍ୟ ସରକାର କାର୍ଯ୍ୟକାରୀ ନକରିବା ଫଳରେ ୧୫ହଜାରରୁ ଊର୍ଦ୍ଧ୍ୱ ପରିବାର ଘୋର ଆର୍ଥିକ ସଙ୍କଟଙ୍କରେ ରହି ଭୋକ ଉପାସରେ ଦିନ କାଟୁଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ଏହି କର୍ମଚାରୀ ପରିବାର ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସମ୍ପଦ, ପଞ୍ଚାୟତିରାଜ, ଗୃହ ନିର୍ମାଣ ବିଭାଗ ପ୍ରମୁଖ ୪୪ଟି ବିଭାଗର ମୃତ କର୍ମଚାରୀଙ୍କ ପରିବାର ଧାରରାରେ ବସିଛନ୍ତି। ସ୍ୱର୍ଗତ ବିଜୁବାବୁଙ୍କ ନାମ ଧରି ଓ ବିଜୁ ଲିଗାସୀ ନାମରେ ଓଡ଼ିଶାକୁ ୨୫ବର୍ଷ କାଳ ଅନୁକମ୍ପା ଆଧାରରେ ଖୋଦ୍ ମୁଖ୍ୟମନ୍ତ୍ରୀ ଶାସନ କରି ଆସିଲେଣି। ମନ୍ତ୍ରୀ, ବିଧାୟକଙ୍କ ଅକାଳ ବିୟୋଗ ହେଲେ ତାଙ୍କ ପରିବାରବର୍ଗରୁ ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ଯୋଜନାରେ ରାଜନୀତିରେ ସ୍ଥାୟୀ କରାଯାଉଛି । ମାତ୍ର ସରକାରୀ ଚାକିରୀରେ ଥାଇ ମୃତ୍ୟୁବରଣ କଲେ ତାଙ୍କ ପରିବାରବର୍ଗରୁ ଜଣକୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନୁକମ୍ପା ମୂଳକ ନିଯୁକ୍ତି ଓ ପୁରୁଣା ପେନସନ ପ୍ରଦାନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠ, ସାଧାରଣ ପ୍ରଶାସନ ବିଭାଗର ଅଭିଯୋଗ ପ୍ରକୋଷ୍ଠ ଦୌଡ଼ି ଦୌଡ଼ି ମୃତ ସରକାରୀ କର୍ମଚାରୀଙ୍କ ପରିବାରନିରାଶ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଗଠନ କରିଥିବା କମିଟି ଓ ପ୍ରଶାସନିକ ଅଧିକାରୀଙ୍କ ସେମାନଙ୍କ ଅଭିଯୋଗକୁ ଅଣଦେଖା କରୁଥିବା କହି ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶ୍ୱ ହୋମିଓପାଥି ଦିବସ, ଅଭିନଚନ୍ଦ୍ର ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସର, ପୂର୍ବାହ୍ନ ୧୦ଟା।
- ରାଜ୍ୟ ସୋସିଆଲ ୱେଲଫେୟାର ବୋର୍ଡ ପକ୍ଷରୁ ସେମିନାର, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଛେନାପୋଡ଼ ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ୨୧ତମ ଏକାମ୍ର ନୃତ୍ୟ ମହୋତ୍ସବ ୨୦୨୩, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୪ଟା।
- ଅଷ୍ଟବିଂଶ ବାର୍ଷିକ ଉତ୍ସବ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳାଦ୍ରି ବିହାର, ସନ୍ଧ୍ୟା ୬ଟା।
- ୧୧ତମ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ 'ରାଗମାଳା', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ରାମଲୀଳାର ନାଟକ ସୀତାଠାବ ଓ ଲଙ୍କାପୋଡ଼ି, ବେଣୁପର ରାମଲୀଳା ପଡ଼ିଆ, ରାତି ୧୧ଟା ୩୦।
- ରାମଲୀଳାର ନାଟକ 'ବାଳି ବଧ', ଗୋତଳବିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ୧୧ଟା ୩୦।
- ରାମ ଲୀଳା ର ନାଟକ 'ଲଙ୍କା ପୋଡ଼ି', କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ ପଡ଼ିଆ, ରାତି ୧୧ଟା ୩୦।

# ଆଜି ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ

### ଅଧ୍ୟକ୍ଷତା କରିବେ କେନ୍ଦ୍ରାଞ୍ଚଳ ଆର୍‌ଡିସି

- ଯୋଗଦେବେ ଅଧିକାରୀ, ସେବାୟତ, ବୁଦ୍ଧିଜୀବୀ
- ନୀତି ସମେତ ବିଭିନ୍ନ ପ୍ରସଙ୍ଗରେ ହେବ ଆଲୋଚନା

ପୁରୀ ଅଫିସ, ୧୦।୪



ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଆସନ୍ତା ଜୁନ ୨୦ରେ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ତଥା ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ରଥ ନିର୍ମାଣ ପାଇଁ ପର୍ଯ୍ୟାୟ କ୍ରମେ ରଥକାଠ ଆସି ପୁରୀରେ ପହଞ୍ଚୁଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସମସ୍ତ ବିଭାଗ ନିଜ ନିଜର ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ମାର୍ଚ୍ଚ ୨୯ରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ରଥଯାତ୍ରା ସମୟରେ କ'ଣ ସବୁ ତ୍ରୁଟି ରହିଥିଲା ଓ ସୁଧାର ପାଇଁ କି ପଦକ୍ଷେପ ନିଆଯିବ, ରଥକାଠ ସଂଗ୍ରହ, ବନ ପ୍ରକଳ୍ପ ପ୍ରଭୃତି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ତେବେ ମଙ୍ଗଳବାର କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ନୀତି ସମ୍ପାଦନ, ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥ କପଡ଼ା ସଂଗ୍ରହ, ପାନୀୟଜଳ ଓ ବିଦ୍ୟୁତ ଯୋଗାଣ, ରଥଟଣା, ପରିବହନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବ। ଏହି ବୈଠକରେ ଜିଲାପାଳଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ସେବାୟତ ଏବଂ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ମତ ରଖିବେ। ଏ ନେଇ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି, ମଙ୍ଗଳବାର ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଯୋଗଦେବା ଲାଗି ରଥଯାତ୍ରା ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ସମସ୍ତ ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ କରାଯାଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବ। ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେବେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଦୁଇଥର ବୈଠକ ଅନୁଷ୍ଠିତ ହୋଇସାରିଛି।

ଅନ୍ୟପକ୍ଷରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ସମ୍ପ୍ରତି ଶ୍ରୀମନ୍ଦିର ଚାରିପାଖରେ ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ଚାଲିଛି, ଫଳରେ ସମସ୍ୟା ଦେଖାଯାଉଛି। ରଥଯାତ୍ରା ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ ହେବା ଭଳି ଜଣାପଡୁନାହିଁ। ତେବେ ରଥଯାତ୍ରା ପୂର୍ବରୁ ଅନ୍ତତଃପକ୍ଷେ ସିଂହଦ୍ୱାର ଠାରୁ ରାଜନଅର, ଗାଣ୍ଡୁଆଚଉରାଠାରୁ ଗଡ଼ନ୍ତୀ ଛକ, ଲକ୍ଷ୍ମୀବଜାର କାକୁଡ଼ିଖାଇ ଛକ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହେବା ଆବଶ୍ୟକ ବୋଲି ଷଡ଼ଙ୍ଗୀ ମତ ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସ୍ମିତିଶ୍ରୀ



@ ସଞ୍ଜୟ



@ ଗଣେଶ



@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## କେନାଲରୁ ଯୁବକଙ୍କ ମୃତଦେହ ଜବତ

**ବାଲିଅନ୍ତା,୧୦।୪(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ଭୁବନପୁର ଗ୍ରାମର ଇଟାଭାଟି ଛକ ଆଦିବାସୀ ସାହି ନିକଟସ୍ଥ ପୁରୀ ମୁଖ୍ୟ କେନାଲରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହଟି ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ଯୁବକ ଜଣକ ହାଫ୍ ପ୍ୟାଣ୍ଟ, ଗଞ୍ଜି ଓ ଫୁଲ ଶାର୍ଟ ପିନ୍ଧିଥିବାବେଳେ ତାଙ୍କ ବୟସ ୩୦ରୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ବେକ ଓ ଡାହାଣ ହାତରେ ଦାଗ ରହିଛି। କେନାଲ ପାଣିରେ ବୁଡି ତାଙ୍କ ମୃତ୍ୟୁ ହୋଇଛି କି କେହି ତାଙ୍କୁ ମାରି ପାଣିରେ ପିଙ୍ଗି ଦେଇଛି, ଏନେଇ ସାଧାରଣରେ ଆଲୋଚନା ହେଉଛି। ଏପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ।

## ମୁଗ୍ଧ କଲା ଏକକ ଓଡ଼ିଶୀ ନୃତ୍ୟ



ଏକାମ୍ର ନୃତ୍ୟ ମହୋତ୍ସବର ସୋମବାର ତୃତୀୟ ସନ୍ଧ୍ୟାରେ ଜଣେ ଶିଳ୍ପୀ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୦।୪(ବ୍ୟୁରୋ)

### ଏକାମ୍ର ନୃତ୍ୟ ମହୋତ୍ସବ

**'ଓଡ଼ିଶୀ ନୃତ୍ୟରେ ମର୍ଦ୍ଦଳର ସହଯୋଗୀତା' ଆଲୋଚନାଚକ୍ର**

ଉତ୍କଳ ରଙ୍ଗମଞ୍ଚଠାରେ ଚାଲିଥିବା ୨୧ତମ ଏକାମ୍ର ନୃତ୍ୟ ମହୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ବିଶିଷ୍ଟ ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀଙ୍କ ପ୍ରଦର୍ଶନ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ସତ୍ୟବ୍ରତ କାଠଙ୍କ ଓଡ଼ିଶୀ ଗାୟନ ଶ୍ରୋତାଙ୍କୁ ବିଭୋର କରିଥିଲା। ପରେ ମନୋଜ କୁମାର ପ୍ରଧାନ ଏବଂ ଲିଙ୍ଗରାଜ ପ୍ରଧାନ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଜେନଭ୍ ଗ୍ରୁପର ଚେୟାରମ୍ୟାନ ନୃସିଂହ ନାଥ ନନ୍ଦ, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ଯାମିନିକାନ୍ତ ମିଶ୍ର ଏବଂ ବରଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗୁରୁ ଡ଼. ପିତାମ୍ବର ବିଶ୍ୱାଳ ପରିଚାଳନା କରିଥିଲେ। ଏହାପୂର୍ବରୁ ଅପରାହ୍ନରେ 'ଓଡ଼ିଶୀ ନୃତ୍ୟରେ ମର୍ଦ୍ଦଳର ସହଯୋଗୀତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ସଚ୍ଚିଦାନନ୍ଦ ଦାସ ଅଲୋଚନାଚକ୍ରରେ ନିଜ ଅଭିମତ ରଖିଥିଲେ।

## ଦୟାନଦୀରେ ବୁଡ଼ି ଛାତ୍ରୀ ମୃତ

**କଣାସ,୧୦।୪(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଡା ଗ୍ରାମପଞ୍ଚାୟତ ନୂଆଗାଁରେ ସୋମବାର ଦୟାନଦୀରେ ବୁଡ଼ିଯାଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁବାସ ଦଳେଇଙ୍କ ୯ ବର୍ଷୀୟା ଝିଅ ଝରଣା ଦଳେଇ। ସୂଚନା ମୁତାବକ, ୨ ଛାତ୍ରୀ, ୨ ଛାତ୍ର ସକାଳେ ଦୟାନଦୀରେ ଗାଧୋଉଥିବା ସମୟରେ ବୁଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ, ୨ ଛାତ୍ରଙ୍କୁ ସ୍ଥାନୀୟ ଲୋକେ ବୁଡ଼ିଯିବା ସମୟରେ ଉଦ୍ଧାର କରିଥିଲେ। କିନ୍ତୁ ଝରଣାଙ୍କୁ ଖୋଜାଖୋଜି କରିବାର ବହୁ ସମୟ ପରେ ସେ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଉଦ୍ଧାର କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନଥିବାରୁ ଡାକ୍ତର ପୁରୀ ମେଡିକାଲ ପଠାଇ ଦେଇଥିଲେ। ସେଠାରେ ଡାକ୍ତର ଝରଣାଙ୍କୁ ମୃତ ଘୋଷଣା କରିଥିଲେ।

# ଏଏସ୍‌ଆଇଙ୍କୁ ୩ ବର୍ଷ ଜେଲଦଣ୍ଡ, ବହିଷ୍କୃତ ହେବେ

### ଲାଞ୍ଚ କାରବାର ମାମଲାର ୯ବର୍ଷ ପରେ ରାୟ

- ଅଭିଯୁକ୍ତଙ୍କୁ ଗିରଫ ସହ ଚାର୍ଜଶିଟ ଦାଖଲ ପାଇଁ ମାଗିଥିଲେ ଲାଞ୍ଚ
- ୧୦ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଥିଲେ ଏସ୍‌ଆଇ

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

ଏକ ଲାଞ୍ଚ କାରବାର ମାମଲାର ରାୟ ଦୀର୍ଘ ୯ ବର୍ଷ ପରେ ସୋମବାର ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ଖୋର୍ଦ୍ଧା ଜିଲା ଟାଉନ ଥାନାର ପୂର୍ବତନ ଏଏସ୍‌ଆଇ ଲକ୍ଷ୍ମୀଧର ପଣ୍ଡାଙ୍କୁ ୩ ବର୍ଷ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୁକ୍ତ ଲକ୍ଷ୍ମୀଧର ବର୍ତ୍ତମାନ ବାଣପୁର ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଦଣ୍ଡାଦେଶ ଆଧାରରେ ଲକ୍ଷ୍ମୀଧରଙ୍କୁ ଚାକିରିରୁ ବହିଷ୍କୃତ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଟାଉନ ଥାନା ଅଞ୍ଚଳର ତ୍ରିଲୋଚନ ରଣସିଂଙ୍କ ଏତଲାକ୍ରମେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

୨୦୧୩ରେ ଏକ ଜମିଜମା ମାମଲାକୁ କେନ୍ଦ୍ର କରି ପଡ଼ୋଶୀଙ୍କ ସହ ତ୍ରିଲୋଚନଙ୍କ ବାପାଙ୍କ ଗଣ୍ଡଗୋଳ ହୋଇଥିଲା। ଏନେଇ ତ୍ରିଲୋଚନଙ୍କ ବାପାଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୨୬୦/୨୦୧୩) ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଲକ୍ଷ୍ମୀଧର ଥିଲେ। ତେବେ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରବା ସହ ଏସଂକ୍ରାନ୍ତରେ ଚାର୍ଜଶିଟ ଦାଖଲ ପାଇଁ ଏଏସ୍‌ଆଇ ଲକ୍ଷ୍ମୀଧର ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଭିଜିଲାନ୍ସ ନିକଟରେ ତ୍ରିଲୋଚନ ଅଭିଯୋଗ କରିଥିଲେ। ପୂର୍ବଯୋଜନା ମୁତାବକ ଅଗଷ୍ଟ ୧୨ରେ ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନିକଟରେ ତ୍ରିଲୋଚନଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଲକ୍ଷ୍ମୀଧରଙ୍କୁ ଗିରଫ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩୧/୨୦୨୩) ରୁଜୁ କରାଯାଇ ଲକ୍ଷ୍ମୀଧରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ସେ ପରବର୍ତ୍ତୀ ସମୟରେ ଜାମିନରେ ଆସିଥିଲେ। ଏହି ମାମଲାରେ ୨୦୧୪ରେ ଭିଜିଲାନ୍ସ ଚାର୍ଜଶିଟ ଦାଖଲ କରିବା ପରେ ମାମଲାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୯ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

## ୩ଜଣ ପାଇବେ 'ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ'

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷକ ତଥା ଝାଡ଼ଖଣ୍ଡ ସରକାରରେ ଦୁଇଥର ମନ୍ତ୍ରୀ ହୋଇଥିବା ଡାକ୍ତର ଦୀନେଶ ଷଡ଼ଙ୍ଗୀଙ୍କୁ ଚଳିତବର୍ଷ 'ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏନେଇ ସୂଚନା ଦେଇଛନ୍ତି। ପୂର୍ବତନ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟିର ନିଷ୍ପତ୍ତିକ୍ରମେ ଡାକ୍ତର ଷଡ଼ଙ୍ଗୀଙ୍କୁ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ସାହିତ୍ୟ ସଙ୍ଗଠକ ତଥା ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପର୍ଶୁରାମ ଦ୍ୱିବେଦୀଙ୍କୁ ଓ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଲାଗି ଦେବ ପ୍ରସାଦ ମିଶ୍ରଙ୍କୁ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଆସନ୍ତ ୨୧ ତାରିଖରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୮ମ ସ୍ମୃତିଚାରଣ ଉତ୍ସବରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଙ୍କ ଉପରେ ଆଭାସୀ ଯୋଗେ ସାଧାରଣଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତା କରାଯିବ। ଚୟନ କମିଟି ବୈଠକରେ ରାଜ୍ୟ କମିଟି କୋଷାଧ୍ୟକ୍ଷ ଡ. ବଦ୍ରୀନାଥ ପଟ୍ଟନାୟକ, ଡ. ଯୁଧିଷ୍ଠିର ଖଟୁଆ, ପୂର୍ବତନ ବିଚାରପତି ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ରାଗମାଳା ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ସୋମବାର ଆୟୋଜିତ ୧୧ତମ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହରେ ସଙ୍ଗୀତ ଗାନ କରାଯାଉଛି।




ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଅଭିନଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଛାତ୍ର ସଂଘ ପକ୍ଷରୁ ସୋମବାର କଲେଜ ପରିସରରେ ଆୟୋଜିତ ବାର୍ଷିକ ଉତ୍ସବ ଓ ବିଶ୍ୱ ହୋମିଓପାଥିକ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥି।

# ଡାକ୍ତର ଜଣେ ସୈନିକ: ରାଜ୍ୟପାଳ

**ବଲାଙ୍ଗୀର ଅଫିସ, ୧୦।୪**


ଭୀମ ଭୋଇ ମେଡିକାଲ କଲେଜ ବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ମଞ୍ଚାସୀନ ଅନ୍ୟ ଅତିଥି।

**ଭୀମ ଭୋଇ ମେଡିକାଲ କଲେଜ ବାର୍ଷିକ ଉତ୍ସବ**

ଯେତେବେଳେ ଶରୀର କଥା ଉଠେ ସେତେବେଳେ ଡାକ୍ତର ଜଣେ ସୈନିକ। ଯେତେବେଳେ ମନ କଥା ଉଠେ ସେତେବେଳେ ଡାକ୍ତର ଜଣେ ମନୋବିଜ୍ଞାନୀ। ଆଉ ଯେତେବେଳେ ଆତ୍ମା କଥା ଉଠେ ଡାକ୍ତର ସେତେବେଳେ ଜଣେ ପୂଜକ ବୋଲି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୋମବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ କହିଛନ୍ତି। ରାଜ୍ୟପାଳ ଲାଲ ତାଙ୍କ ଦୀକ୍ଷାନ୍ତ ଅଭିଭାଷଣରେ ସନ୍ଥକବି ଭୀମ ଭୋଇଙ୍କ ବାଣୀ ଉଦ୍ଧାର କରି କହିଥିଲେ ଯେ, ଜାତି ଖୋଜିଲେ ମୁକ୍ତି ନାହିଁ, ମୁକ୍ତି ଖୋଜିଲେ ଜାତି ନାହିଁ। ଏହି ବାଣୀର ମର୍ମ ବୁଝିବାକୁ ହେବ। ଏହାହିଁ ତ ଅତିମାନସ ସଚେତନତା। ଭୀମ ଭୋଇ ଓ ଓଡ଼ିଶାର ଜଗନ୍ନାଥ ସଂସ୍କୃତିର ଅଜାତିବାଦ୍ ତତ୍ତ୍ୱକୁ ବୁଝିବାକୁ ହେବ। ଶ୍ରୀଅରବିନ୍ଦଙ୍କ ଅତିମାନସ ଚିନ୍ତନକୁ ହୃଦୟଙ୍ଗମ କରିବାକୁ ହେବ। ରାଜ୍ୟପାଳ ପ୍ରଫେସର ଲାଲ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ କରିଥିଲେ କେବେ ଶୁଣିଛ କି, ମନ୍ୱାଲେ ଦୁଲ୍ହନିଆ ଲେ ଜାଏଙ୍ଗେ। ଆମେ ଶୁଣିଛୁ, ମନ୍ଦିର, ମସଜିଦ୍ ସବୁ ଭାଙ୍ଗିଦିଅ ହେଲେ କାହାର ହୃଦୟ ଭାଙ୍ଗନାହିଁ। ଏଣୁ ସବୁବେଳେ, ସବୁଠି ହୃଦୟର କଥା ଶୁଣ ବୋଲି ରାଜ୍ୟପାଳ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଓଡିଶା ସ୍ୱାସ୍ଥ୍ୟ ଓ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ଡ. ଦଣ୍ଡେଶ୍ୱର ହୋତା, ଜିଲାପାଳ ଚଞ୍ଚଳ ରାଣା, ଭୀମ ଭୋଇ ମେଡିକାଲ କଲେଜ ଡିନ୍ ଡା. ସବିତା ମହାପାତ୍ର, କଲେଜ ଛାତ୍ର ସଂସଦ ସଭାପତି ବିଶାଳ ପଣ୍ଡା ଓ ଅଭିଷେକ ପାଣି ମଞ୍ଚାସୀନ ହୋଇଥିଲେ। ସମ୍ମାନିତ ଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୧୯୯୯ ମସିହାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ହେବା ପରେ ବଲାଙ୍ଗୀରରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଯାଇଥିଲା। ନାନା ପ୍ରତିବନ୍ଧକ ସତ୍ତ୍ୱେ ଆଜି ଏହି କଲେଜରୁ ପ୍ରଥମ ବ୍ୟାଚ୍ ଡାକ୍ତରୀ ଛାତ୍ର ପାସ୍ କରିଛନ୍ତି। ଆଜି ସ୍ୱପ୍ନ ପୂରଣ ହୋଇଛି। ଏଠାରେ ଶୀଘ୍ର ପିଜି ଶ୍ରେଣୀ ଏବଂ ସୁପରସ୍ପେଶାଲିଟି ବିଭାଗ ଖୋଲାଯାଉ ଏହା ହିଁ ତାଙ୍କର ସ୍ୱପ୍ନ ବୋଲି ବିଧାୟକ ମିଶ୍ର କହିଥିଲେ। ସମ୍ମାନିତ ଅତିଥି କୁଳପତି ଡ. ହୋତା ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ଓଡିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଶିକ୍ଷା, ତାଲିମ ଓ ଗବେଷଣା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଭୀମ ଭୋଇ ମେଡିକାଲ କଲେଜର ମୁଖପତ୍ର ଜେନିସିସ୍‌କୁ ରାଜ୍ୟପାଳ ଲାଲ ଓ ଅନ୍ୟ ଅତିଥିମାନେ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର, ପ୍ରଫେସର ମଧୁସୂଦନ ପତି, ଅଧ୍ୟାପକ, ଷ୍ଟାଫ୍, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ଦିନିକିଆ ବଲାଙ୍ଗୀର ଗସ୍ତରେ ଆସିଥିବା ରାଜ୍ୟପାଳ ଲାଲ ଏହାପରେ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ପରିସରରେ ସ୍ଥାପିତ ସ୍ୱାଧୀନତା ସଂଗ୍ରାମୀ, ସମ୍ବିଧାନ ପ୍ରଣୟନ ସଭା ସଦସ୍ୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସେଠାରୁ ଯାଇ ରାଜ୍ୟପାଳ ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ୫୬ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ।

# ପିସ୍ତଲ ସହ ମାରଣାସ୍ତ୍ର ଜବତ, ୭ ଗିରଫ

**ଯୋଡ଼ା,୧୦।୪(ଡି.ଏନ.ଏ.)**

**ଡକାୟତି ଯୋଜନା ପଣ୍ଡ**

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଆଜାଦବସ୍ତିଠାରେ ରବିବାର ବିଳମ୍ବିତ ରାତିରେ ଡକାୟତି ଯୋଜନା ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ପଣ୍ଡ କରିଛି। ଘଟଣାସ୍ଥଳରୁ ୭ ଅପରାଧୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ୫ ଭୁଜାଲି, ଏଟିଏମ୍ କାର୍ଡ ଓ ଅନେକ ଗାଡ଼ିର କାଗଜପତ୍ର ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା ଛେଳିଆନାଳ ଗ୍ରାମର ଗଣେଶ ଗିରି, ଚଢ଼େଇଭୋଳ ଗ୍ରାମର ସେକ ନେସାର, ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଅନ୍ତର୍ଗତ ତଡ଼ାଙ୍ଗଗାଟୁ ଗ୍ରାମର ବଳଭଦ୍ର ଗୋପ, ବାବଲୁ ମୋହନ ଗୋପ, କେନ୍ଦୁଝର ଯୋଡ଼ା ଉଲିହାଟିଂର ଛୋଟୁ ଥାପ୍ପା, ବାଂଶପାଣିର ଦୀପକ ଚାତାର, ଯୋଡ଼ା ମାର୍କେଟର ଆଲୋକ ମହାପାତ୍ର। ସେମାନେ ପୂର୍ବରୁ ଯୋଡ଼ା ବିଛାକୁଣ୍ଡିରେ ବନ୍ଧୁକ ଦେଖାଇ ସ୍କର୍ପିଓ ଓ ଟଙ୍କା ଲୁଟ, ମୁସଲିମ ବସ୍ତିର ଜଣେ ବ୍ୟକ୍ତିଙ୍କ ହାତଗୋଡ଼ ବାନ୍ଧି ସ୍କର୍ପିଓ, ବାମେବାରୀରୁ ଏକ ହାଇୱା ଟ୍ରକ୍, ଚମ୍ପୁଆ ଥାନା ଅଞ୍ଚଳରୁ ଏକ ହାଇୱା, ଏକ କୁକୁଡ଼ା ଗାଡ଼ି, ଢୁରୁମୁଙ୍ଗା ପେଟ୍ରୋଲ ପମ୍ପରେ ବନ୍ଧୁକ ଦେଖାଇ ଲୁଟ, ଢୁରୁମୁଙ୍ଗାରେ ଜଣଙ୍କୁ ହତ୍ୟା, ବଡ଼ବିଲରୁ ଏକ ମାରୁତି ଏରଟିଗା କାର ବନ୍ଧୁକ ଦେଖାଇ ଲୁଟ୍, ରାଜ୍ୟର ବିଭିନ୍ନ ରାଜରାସ୍ତାରେ ଟ୍ରକ୍ ଡ୍ରାଇଭରମାନଙ୍କଠାରୁ ଲୁଟ ସହିତ ବହୁ ଆପରାଧିକ କାର୍ଯ୍ୟରେ ଜଡ଼ିତ ଅଛନ୍ତି। ଅଭିଯୁକ୍ତମାନଙ୍କ ନାମରେ ଯୋଡ଼ା, ଚମ୍ପୁଆ, ବାମେବାରୀ, ଢୁରୁମୁଙ୍ଗା, ବାରିଆ, ଘାଗରବେଡ଼ା ପ୍ରଭୃତି ଥାନାରେ ଏକାଧିକ ମାମଲା ରହିଥିବା ଯୋଡ଼ା ଥାନା ଆଇଆଇସି ଜୟନାରାୟଣ ଖଣ୍ଡେଇ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଗଣେଶ ମାଷ୍ଟରମାଇଣ୍ଡ ହୋଇଥିବା ବେଳେ କେନ୍ଦୁଝର, ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ଅଞ୍ଚଳରେ ନିଜର ଗ୍ୟାଙ୍ଗ କରି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଥିଲେ। ଏନେଇ ଯୋଡ଼ା ଥାନାରେ (ନଂ.୧୦୧/୨୩)ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଆଇଆଇସି ଖଣ୍ଡେଇ ପ୍ରକାଶ କରିଛନ୍ତି।

GOVERNMENT OF ODISHA
OFFICE OF THE PANCHAYAT SAMITI
DANAGADI, JAJPUR
'E' PROCUREMENT NOTICE NO.Tender Online 01
No.i-42: Danagadi of 2023-24

1. Name of Work : Construction/Repair of Road, Drain Sub-Centre,GHD,GAD,PHC Building
2. Total No. of Work : 14 Nos. of Work
3. Estimated Cost (Approx.) : 8.40 to 38.67350 Lakhs
4. Period of Completion : 1 Month to 06 Months
5. Class of Contractors : B, C & D

Other details as follows:
a) Procurement Officer : Block Development Officer, Danagadi, Jajpur
b) Availability of tender online : 20.04.23 at 3.00 P.M. to & submission of bid : 02.05.23 upto 5.00 PM
c) Last date & time of seeking: 01.05.23 upto 5.00 P.M. of tender clarification
d) Opening of Tender : 03.05.23 at 11.30 A.M.

Further details can be seen from the Govt. website www.tendersodisha.gov.in.
Sd./- Block Development Officer, Danagadi
OIPR-19188/11/0002/2324

# ବିବାଦରେ ଉଚ୍ଛେଦ ପ୍ରକ୍ରିୟା ଶେଷ


ସମଲେଇ ଯୋଜନାରେ ଉଚ୍ଛେଦ କରାଯାଉଛି ।

**ସମ୍ବଲପୁର,୧୦।୪(ବ୍ୟୁରୋ)**

**ସମଲେଇ ଯୋଜନା**
- ବିସ୍ଥାପିତ ହେଲେ ୧୯୦ରୁ ଊର୍ଦ୍ଧ୍ୱ ପରିବାର
- କ୍ଷତିପୂରଣ ବିବାଦରେ ଫସିଛନ୍ତି ବିସ୍ଥାପିତ

ସମ୍ବଲପୁର ସମଲେଇ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ସମଲେଇ ଯୋଜନା ହାତକୁ ନେଇଛନ୍ତି। ଏହି ଯୋଜନାରେ ସମଲେଇ ମନ୍ଦିର ପାର୍ଶ୍ୱରେ ଥିବା ଘୁନ୍‌ଘୁଟିପଡ଼ା, କମଲିବଜାର ଆଦି ପଡ଼ାର ୧୯୦ରୁ ଊର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇଛନ୍ତି। ଜମି ଅଧିଗ୍ରହଣ କରିବା ଏସ୍‌ଏମ୍‌ସି (ସମ୍ବଲପୁର ମହାନଗର ନିଗମ) ପାଇଁ କାଠିକର ପାଠ ହୋଇଥିଲା। ହେଲେ ପ୍ରାୟ ଦେଢ଼ବର୍ଷ ପରେ ସୋମବାର ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇଛି। ଅଧିକୃତ ଜମିକୁ ଠିକା ସଂସ୍ଥାକୁ ହସ୍ତାନ୍ତର କରାଯାଇଥିବା ଏସ୍‌ଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଏବେ ମଧ୍ୟ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର କ୍ଷତିପୂରଣ ପାଇନାହାନ୍ତି। ଏଥିପାଇଁ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ସମଲେଇ ଯୋଜନା ଉଚ୍ଛେଦ ପ୍ରକ୍ରିୟା ୨୦୨୧ ଏପ୍ରିଲରୁ ଆରମ୍ଭ ହୋଇଥିଲା। ସେ ସମୟରେ ବିଭିନ୍ନ ପଡ଼ାର ବିସ୍ଥାପିତ ପରିବାର ଏହାକୁ ବିରୋଧକରି ଜିଲାପାଳଙ୍କ ଅଫିସ ଘେରାଉ ସହ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପ୍ରଶାସନ ବାରମ୍ବାର ଆଲୋଚନାକରି କେତେକ ପରିବାରକୁ ବୁଝାଇବାରେ ସଫଳ ହୋଇଥିଲା। ହେଲେ କେତେକ ପରିବାରକୁ ବଳପୂର୍ବକ ପୋଲିସ ଲଗାଇ ବିସ୍ଥାପିତ କରି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଶେଷରେ ଏହି କାର୍ଯ୍ୟ ଶେଷ ହୋଇଛି। ଏବେ ଠିକାସଂସ୍ଥା ଧାର୍ଯ୍ୟ ସମୟ ଭିତରେ କାମ ସମ୍ପୂର୍ଣ୍ଣ କରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ୨୦୨୧ ଫେବୃୟାରୀ ୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ସମଲେଇ ମନ୍ଦିର ଗସ୍ତକରି ଏହି ଯୋଜନା ଘୋଷଣା କରିଥିଲେ। କିଛିଦିନ ପରେ ପ୍ରକଳ୍ପ ପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ଠିକାସଂସ୍ଥା ଯୁଦ୍ଧକାଳୀନ ଭିତ୍ତିରେ କାମ କରୁଛି। ଏହି ଯୋଜନାରେ ମନ୍ଦିର ପାର୍ଶ୍ୱରେ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ସୁବିଧା, ପ୍ରବେଶ ଦ୍ୱାର, ରିଭର ଫ୍ରଣ୍ଟ ଉନ୍ନତି, ୱାଚ୍‌ଟାୱାର, ପାର୍କ, ଭୋଗଘର, ମଣ୍ଡପ ଆଦି ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ ହେବ। ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି, ଉଚ୍ଛେଦ ତାଲିକାରେ ଥିବା ସମସ୍ତ ଘର ଭାଙ୍ଗି ଦିଆଯାଇଛି। ଜମି ହସ୍ତାନ୍ତର ହୋଇଥିବାରୁ ଏବେ କମ୍ପାନୀ ସୁବିଧାରେ କାମ କରିପାରିବ। କ୍ଷତିପୂରଣ ପାଇଁ ଯାହା ବିବାଦୀୟ ରହିଛି ଭୂଅର୍ଜନ ବିଭାଗ ଶୀଘ୍ର ସମାଧାନ କରିଦେବ ବୋଲି ସେ କହିଥିଲେ।

# ଗତିପଥ ପରିବର୍ତ୍ତନରୁ ଘଟିଲା ଦୁର୍ଘଟଣା: ରେଲ୍‌ୱେ

**ସମ୍ବଲପୁର,୧୦।୪(ବ୍ୟୁରୋ)**

**ଜରପଡ଼ାରେ ଟ୍ରେନ୍ ଦୁର୍ଘଟଣାରେ ହାତୀ ମୃତ୍ୟୁ ଘଟଣା**

ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଅନୁଗୋଳ ସେକ୍ସନର ବଇଣ୍ଡା-ଜରପଡ଼ା ଷ୍ଟେଶନ ମଧ୍ୟରେ ଏପ୍ରିଲ ୬ ତାରିଖରେ ଟ୍ରେନ୍ ଦୁର୍ଘଟଣାରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏଥିପାଇଁ ରେଲ୍‌ୱେ ଏବଂ ଜଙ୍ଗଲ ବିଭାଗ ମଧ୍ୟରେ ସମନ୍ୱୟ ଅଭାବକୁ ଦାୟୀ କରାଯାଇଥିଲା। ହେଲେ ସତର୍କତା ଅବଲମ୍ବନ କରାଯିବା ସତ୍ତ୍ୱେ ହାତୀଙ୍କ ଗତିପଥ ପରିବର୍ତ୍ତନରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ରେଲ୍‌ୱେ ପକ୍ଷରୁ କୁହାଯାଇଛି।

ଏକ ପ୍ରେସ୍ ବିବୃତିରେ ରେଲ୍‌ୱେ ପକ୍ଷରୁ ଜଣାଇ ଦିଆଯାଇଛି, ସମ୍ବଲପୁର ଓ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୁଖ୍ୟାଳୟରେ ୱାଇଲ୍ଡ ଲାଇଫ୍ କଣ୍ଟ୍ରୋଲ ସେଲ୍ କାର୍ଯ୍ୟ କରୁଛି। ବିଶେଷକରି ରେଳଧାରଣା ପାଖରେ ହାତୀମାନଙ୍କ ଚଳପ୍ରଚଳ ବିଷୟରେ ରେଳମଣ୍ଡଳ କଣ୍ଟ୍ରୋଲ ସେଲ୍‌କୁ ସୂଚନା ପ୍ରଦାନ କରିଥାଏ। ଫଳରେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇଥାଏ। ଗତ ୬ ତାରିଖରେ ସମ୍ବଲପୁର ରେଳମଣ୍ଡଳଠାରେ ଅବସ୍ଥିତ ୱାଇଲ୍ଡ ଲାଇଫ୍ କଣ୍ଟ୍ରୋଲ ସେଲ୍‌କୁ ସନ୍ଧ୍ୟା ୬ଟା ୩୦ରେ ସୂଚନା ଆସିଥିଲା। ଏଥିରେ ଉଲ୍ଲେଖ ରହିଥିଲା, ହାତୀ ଗତିବିଧିକୁ ଦୃଷ୍ଟିରେ ରଖି ବଇଣ୍ଡା ଓ ଜରପଡ଼ା ଷ୍ଟେଶନ ମଧ୍ୟରେ ଉକ୍ତ ଦିନ ସନ୍ଧ୍ୟା ୬ଟା ୩୦ରୁ ପରଦିନ ସକାଳ ୬ଟା ପର୍ଯ୍ୟନ୍ତ କି.ମି. ୧୨୫/୦୦ରୁ ୧୩୧/୦୦ ମଧ୍ୟରେ ଟ୍ରେନ୍‌ର ବେଗ ସର୍ବାଧିକ ଘଣ୍ଟାପ୍ରତି ୫୦ କିଲୋମିଟରରେ ସୀମିତ ରହିବ। ଏହି ସୂଚନା ପାଇବା ପରେ ରେଲୱେ ଆବଶ୍ୟକ ପଦକ୍ଷେପ ନେଇଥିଲା। ଲୋକୋ ପାଇଲଟଙ୍କୁ ଏ ସମ୍ବନ୍ଧରେ ସ୍ପଷ୍ଟ ଭାବରେ ନିର୍ଦ୍ଦେଶନାମା ଦିଆଯାଇଥିଲା। ଲୋକୋ ପାଇଲଟ ମଧ ସତର୍କତା ଅବଲମ୍ବନ କରିଥିଲେ। ତେବେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଜଙ୍ଗଲ ବିଭାଗର ମେମୋ ଅନୁଯାୟୀ ଏହି ଦୁର୍ଭାଗ୍ୟଜନକ ଘଟଣା ଉପରୋକ୍ତ ଅଞ୍ଚଳ ବାହାରେ ଅର୍ଥାତ୍ କି.ମି. ୧୩୧/୨୩-୨୫ ମଧ୍ୟରେ ରାତ୍ରି ପ୍ରାୟ ୯ଟା ୨୧ରେ ଘଟିଛି। ସମ୍ବଲପୁର-ଶାଲିମାର ମହିମା ଗୋସାଇଁ ଏକ୍ସପ୍ରେସ୍ (ନଂ. ୨୦୮୩୨) ସମ୍ବଲପୁର-ଅନୁଗୋଳ ରେଳ ସେକ୍ସନର ବଇଣ୍ଡାଠାରୁ ଜରପଡ଼ା ଷ୍ଟେଶନ ମଧ୍ୟରେ ଉପରୋକ୍ତ ବେଗ ସୀମା ବଜାୟ ରଖିବା ସହିତ ହର୍ନ ବଜାଇବା ଓ ସମସ୍ତ ସତର୍କତା ନିର୍ଦ୍ଦେଶ ପାଳନ କରିଥିଲା। ଦୁର୍ଘଟଣା ଘଟିବା ପରେ ଲୋକୋ ପାଇଲଟ୍ ଘଟଣାସ୍ଥଳ ଯାଞ୍ଚକରି ରାତ୍ରି ୯ଟା ୪୯ରେ ଜରପଡ଼ା ଷ୍ଟେଶନକୁ ଯାଇ ୯ଟା ୫୨ରେ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ ରେଳ ଟ୍ରାକ୍ ଯାଞ୍ଚ କରାଯାଇ ରାତ୍ରି ୧୦ଟା ୩୩ରେ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ଦିଆଯାଇଥିଲା। ୭ ଏପ୍ରିଲ ୨୦୨୩ରେ ରେଳ ଟ୍ରାକ୍‌ରୁ ହାତୀର ମୃତଦେହ ହଟାଇବା ପାଇଁ ଜଙ୍ଗଲ ଓ ବନ୍ୟପ୍ରାଣୀ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇଥିଲେ। ଏଥିପାଇଁ ଟ୍ରେନ୍ ଟ୍ରାଫିକ୍ ମୁଭମେଣ୍ଟ ବ୍ଲକକୁ ଅପରାହ୍ନ ୨ଟା ୪୫ରୁ ୩ଟା ୧୦ ପର୍ଯ୍ୟନ୍ତ ନିଆଯାଇଥିଲା। ପୂର୍ବତଟ ରେଳପଥ ହାତୀ ମୃତ୍ୟୁର ଦୁର୍ଭାଗ୍ୟଜନକ ଘଟଣାକୁ ଗୁରୁତର ସହ ନେଇଥାଏ। ବନ ବିଭାଗ ସହିତ ସମନ୍ୱୟ ପାଇଁ ଯୋଗାଯୋଗର ସମସ୍ତ ବ୍ୟବସ୍ଥା ଖୋଲାରହିଛି ବୋଲି ରେଳ ବିଭାଗ ପକ୍ଷରୁ ପ୍ରେସ୍ ବିବୃତିରେ ଜଣାଇ ଦିଆଯାଇଛି।

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-109 OSIC GST No. 21AAACO2101M1Z1

e-Procurement Notice for Building works

Tender Notice No.2016 Date: 10.04.2023
Identification No. On line Bidding OSIC/Constn./2023-2024/002
1.Name of the work : Construction of proposed Office Building for Malkangiri, Municipality.
2.Total No of works : 01 No.
3. Estimated cost :3,29,80,928.00(approx)
4.Class of Contractor : A Class as per eligibility criteria online.
5.Period of completion : 15(Fifteen) calendar months .
6.Other details

| Procurement online | Bid Identifi -cation No | Availability of tender online for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 002 of 2023-2024 | 17.04.23 | 08.05. 23 | 09.05.23 at 11.00 A.M |

Further details can be seen from the website www.tendersodisha.gov.in .Any amendment corrigendum, cancellation or re-tender may please be referred to the website.
Sd/-
GENERAL MANAGER(O)
OSIC Ltd., Cuttack.
OIPR-14073/11/0003/2324

# ବାଘ ଲୋମ, ମୁଣ୍ଡ, ହାଡ଼ ଜବତ

**ବୌଦ୍ଧ, ୧୦।୪(ସ୍ୱ.ପ୍ର)**

**ଶିକାରୀ ଗିରଫ**

ବୌଦ୍ଧ ଜିଲାରେ ବିଭିନ୍ନ ସମୟରେ ବାଘ, ହରିଣ ଚମଡା ଜବତ କରାଯାଇଆସୁଥିବାବେଳେ ସୋମବାର ପୁଣି ଏଭଳି ଘଟଣା ଘଟିଛି। ବନ କର୍ମଚାରୀମାନେ ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତ ବଡଖଜୁରି ଗ୍ରାମର ବିଶ୍ୱାମିତ୍ର ଜାନୀଙ୍କ ଘରେ ଚଢାଉକରି ବାଘ ଲୋମ ଓ ମାଟିତଳୁ ବାଘ ମୁଣ୍ଡ ହାଡ଼ ଜବତ କରିଛନ୍ତି।

ସୂଚନା ମୁତାବକ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ବାଣିଗୋଛା ରେଞ୍ଜ ପକ୍ଷରୁ ଦୁଇ ଦିନ ତଳେ ଜଣେ ବ୍ୟକ୍ତିଙ୍କଠାରୁ ବାଘର ଗୋଡ଼ ସହ ନଖ ଜବତ କରାଯାଇଥିଲା। ଏହା କେଉଁଠୁ ଆଣିଲୁ ପଚରାଉଚରା କରିବାରୁ ଅଭିଯୁକ୍ତ ଜଣକ ବିଶ୍ୱାମିତ୍ରଙ୍କ ନାମ ଓ ଠିକଣା କହିଥିଲେ। ଏହି ସୂଚନା ଆଧାରରେ ମହାନଦୀ ବନ୍ୟପ୍ରାଣୀ ବିଭାଗ ଓ ବୌଦ୍ଧ ବନବିଭାଗ ପକ୍ଷରୁ ମିଳିତ ଭାବେ ବିଶ୍ୱାମିତ୍ରଙ୍କ ଘରେ ଭୋର ଚଢାଉ କରାଯାଇଥିଲା। ବନ କର୍ମଚାରୀମାନେ ବିଶ୍ୱାମିତ୍ରଙ୍କ ଘରୁ ବାଘ ଲୋମ ସହ ଦେଶୀ ବନ୍ଧୁକ, ଟାଙ୍ଗିଆ, ଭୁଜାଲି, କଟୁରି ଜବତ କରିଥିଲେ। ପଚରାଉଚରା ପରେ ବାଘକୁ ମାରି ପୋତିଥିବା ସ୍ଥାନକୁ ନେଇଥିଲେ। ସେହି ସ୍ଥାନକୁ ଖୋଲିବା ପରେ ସେଠାରୁ ବାଘର ମୁଣ୍ଡ ହାଡ ମଧ୍ୟ ଜବତ କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ପକ୍ଷରୁ ବିଶ୍ୱାମିତ୍ରଙ୍କୁ ଗିରଫ କରାଯାଇ ନୟାଗଡ ନେଇ ଯାଇଥିବା ଜଣାପଡିଛି। ଏହି ଚଢାଉରେ ବୌଦ୍ଧ ବନଖଣ୍ଡ ଏସିଏଫ୍ ଆଶିଷ କହଁର, ମାଧପୁର ରେଞ୍ଜର ପ୍ରବୀଣ ମହାକୁଡ, ଗାର୍ଡ ଅର୍ଜୁନ କହଁର, ପ୍ରକାଶ ପ୍ରଧାନ, ପ୍ରଦୀପ ସାହୁ, ଦୀପକ ପ୍ରଧାନ ଓ ବାଣିଗୋଛା ମହାନଦୀ ବନ୍ୟପ୍ରାଣୀ ରେଞ୍ଜର ସଂସାର ବର୍ଗିଆ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

**ତ୍ରୁଟି ସଂଶୋଧନ**

''ଧରିତ୍ରୀ''ର ତା୨୯।୦୩।୨୦୨୩ରିଖ ସଂସ୍କରଣରେ ପ୍ରକାଶିତ ହୋଇଥିବା **ରେଳପଥ ବିଦ୍ୟୁତୀକରଣ, ଭୁବନେଶ୍ୱରଙ୍କ** ''ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି''ରେ ତ୍ରୁଟିପୂର୍ଣ୍ଣ ଭାବେ ଉଲ୍ଲିଖିତ ''ଦକ୍ଷିଣ ପୂର୍ବ ରେଳପଥ...''କୁ **''ପୂର୍ବ ତଟ ରେଳପଥ...''** ଭାବେ ପଢ଼ିବା ପାଇଁ ଅନୁରୋଧ । ଉକ୍ତ ତ୍ରୁଟି କାରଣରୁ ହୋଇଥିବା ଅସୁବିଧା ପାଇଁ ଆମେ ଦୁଃଖିତ ।
**ସ୍ୱା./- ବିଜ୍ଞାପନ ପରିଚାଳକ, ଧରିତ୍ରୀ**

# ପାଣିଟାଙ୍କିକୁ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଦେଓଗାଁ,୧୦।୪(ଡି.ଏନ୍.ଏ.)**


ଓଭରହେଡ୍ ପାଣିଟାଙ୍କି ଉପରକୁ ଚଢ଼ି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି।

- ପ୍ରେମରେ ବିଫଳ ପରେ ନେଇଥିଲେ ଏପରି ପଦକ୍ଷେପ
- ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

ପ୍ରେମରେ ବିଫଳ ହେବା ପରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା କୁଠୁର୍ଲା ଗାଁର ଜଣେ ଯୁବକ ସୋମବାର ସକାଳେ ଓଭରହେଡ୍ ପାଣିଟାଙ୍କି ଉପରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଯୁବକ ଜଣକ ହେଲେ ପିଣ୍ଟୁ ହରପାଲ। ଏହି ଖବର ପ୍ରଚାରିତ ହେବାପରେ ଗାଁଲୋକ ପାଣିଟାଙ୍କି ତଳେ ରୁଣ୍ଡ ହୋଇଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ତଳକୁ ଆଣିବାରେ ବିଫଳ ହୋଇଥିଲେ। ଯୁବକଙ୍କ ମା' ଓ ପରିବାର ଲୋକେ ସେଠାରେ ପହଞ୍ଚି ତଳକୁ ଓହ୍ଲାଇ ଆସିବାକୁ ନିବେଦନ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଦେଓଗାଁ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ପିଣ୍ଟୁଙ୍କୁ କିଭଳି ନିରାପଦ ଭାବେ ତଳକୁ ଅଣାଯିବ ତାହାର ବ୍ୟବସ୍ଥା କରିଥିଲେ। ପ୍ରାରମ୍ଭିକ ଭାବେ ତଳକୁ ଆସିବାକୁ ଅନୁରୋଧ କରି ବିଫଳ ହେବାପରେ ଅଗ୍ନିଶମ କର୍ମଚାରୀ ଟାଙ୍କି ଉପରକୁ ଚଢ଼ିଥିଲେ। ଏହି ସମୟରେ ଢାଙ୍କୁଣି ଖୋଲି ପିଣ୍ଟୁ ଟାଙ୍କି ଭିତରକୁପଶି ଯାଇଥିଲେ। ଶେଷରେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି କର୍ମଚାରୀମାନେ ତଳକୁ ଆଣିଥିଲେ। ଅବିଳମ୍ବେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ଯୁବକ ଜଣକ ପ୍ରେମରେ ବିଫଳ ହେବାପରେ ଫିଲ୍ମ ଷ୍ଟାଇଲରେ ପାଣିଟାଙ୍କିକୁ ଚଢ଼ି ଏପରି କରୁଥିଲେ ବୋଲି ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ କରୁଛି।

ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR-12
Phone No.0674-2390195, Fax No.0674-2395844, email ID:olicltd123@bsnl.in, olicltd@ymail.com
Letter No. IVEA (Admn) 17/2019 2810/ OLIC Date:06.04.2023
ADVERTISEMENT FOR RECRUITMENT IN VARIOUS TECHNICAL AND MINISTERIAL POSTS IN ODISHA LIFT IRRIGATION CORPORATION LTD.
No.CAD-102:Odisha lift irrigation Corporation Limited (OLIC Ltd.) is a Gold Category Govt. of Odisha undertaking (under administrative control of Department of Water Resources, Govt. of Odisha). The Corporation invites application for the following technical/non-technical posts from eligible candidates.

| Sl.No. | Name of the Post | Group | Total No. of Posts | Mode of appointment |
|---|---|---|---|---|
| 1 | Assistant Executive Engineer | A | 52 (W-17) | Regular |
| 2 | Junior Engineer | B | 24 (W-8) | Regular |
| 3 | Junior Clerk/ Junior Assistant | C | 32 (W-11) | Regular |

Interested eligible candidates are advised to apply online in the link given in website of OLIC https://odishalift.com/ on or before 10.05.2023. For information on modalities, posts and syllabus, candidates are requested to visit the website as mentioned.
Sd./- Executive Director
OIPR-32432/11/0024/2324

ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN-U13100OR1956SGC000313, www.omcltd.in
OMC ODISHA NEW OPPORTUNITIES Mining Happiness
NIT No.18/OMC/CIVIL/2023
No.CAD-110: Tender for the following work is invited online through e-procurement portal of Govt. of Odisha.

| Sl. No. | Name of the Work | Estimated Cost (Rs. in lakhs) | Time period of the work (in month) | Class of Contractor | EMD in Rs. (Online mode) | Cost of Bid document (Rs.) Online |
|---|---|---|---|---|---|---|
| 1 | Construction of Water Harvesting Structures with site development work for Dalko Nallah at Jhiling Mines of Barbil Region in the district of Keonjhar | 333.92 | 08 (Eight) | A | 3,34,000/- | 10,000/-+ 18% GST |

a. Available of Bid document in Govt. portal from dt.12.04.2023 to 26.04.2023 upto 5.00 P.M.
b. Last date of on-line submission of tender in the portal is dtd.26.04.2023 upto 5.00 P.M.
c. Date of Opening of Technical Bid is dt.27.04.2023 at 11.00 AM.
All other details can be seen from DTCN available at Govt. website www.tendersorissa.gov.in., Odisha Mining Corporation Ltd. reserves the right to reject any or all tenders without assigning any reason thereof.
CGM (Civil)
OIPR-30005/11/0003/2324

OFFICE OF DISTRICT MANAGER
ODISHA STATE CIVIL SUPPLIES CORPORATION LTD., SUBARNAPUR,
At/Po-Sonepur,Dist-Subarnapur,Pin-767017
No.CAD-96: Dist. Website:www.subarnapur.nic.in
Tender No.761 dt.06.04.2023 for Level-I Transport Contractor for the biennial 2023-25.
Tender No.762 dt.06.04.2023 for Handling Contractor (Labour Works) for the biennial 2023-25.
Tender No. for the Block/ULB of Level-II Transport Contractor biennial 2023-25
1.Birmaharajpur Block-763/06.04.2023.2.Ullunda Block-764/06.04.2023.
3.Tarva Block/NAC-765/06.04.2023. 4.Sonepur Block-766/06.04.2023.
5.Sonepur Municipality-767/06.04.2023. 6. Binka Block/NAC-768/06.04.2023.
7.Dunguripali Block-769/06.04.2023
District Manager, Odisha State Civil supplies Corporation Ltd., Subarnapur invites tender in Double Cover System through ONLINE MODE ONLY on e-procurement portal www.tenderodisha.gov.in for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of food grains from FSD, FCI to RRCs (ii) Level-I Transport Contractor for transportation of food grains from RRCs to Retail Centers (FPS) (iii) Handling Contractor (Labour Works) for Handling of Food grains (Rice, Wheat) at the RRCs (except in those PEG godowns where godown owner is undertaking handling work) in the Subarnapur District of the State of Odisha. |
| 2 | Availability of bid document in the portal | From dt.10.04.2023 for Level-I Transport Contractor & Handling Contractor. From dt.11.04.2023 for Level-II Transport Contractor. |
| 3 | Last Date/time for receipt of bids in the portal | Dt.23.04.2023 upto 5 PM for Level-I Transport Contractor & Handling Contractor. Dt.24.04.2023 upto 5 PM for Level-II Transport Contractor. |
| 4 | Date/Time of opening of Technical Bid | Dt.24.04.2023 at 11.00 AM for Level-I Transport Contractor & Handling Contractor. Dt.25.04.2023 at 11.00 AM for Level-II Transport Contractor. |
| 5 | Name and address of the Officer Inviting Tender | District Manager, OSCSC Ltd., Subarnapur |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tenderodisha.gov.in and www.subarnapur.nic.in . Amendments/ corrigendum/ cancellation /re-tenders etc. if any shall be published only in above websites.
By Order of Collector
Sd./- Chief CSO-cum-DM
OSCSC Ltd., Subarnapur
OIPR-07030/11/0001/2324

# ୨୦୨୨-୨୩ରେ ୮ଲକ୍ଷରୁ ଅଧିକ ଇଭି ବିକ୍ରି

## ବୃଦ୍ଧିପାଇଛି ଇଭି ଯାନ ବିକ୍ରି

ନୂଆଦିଲ୍ଲୀ,୧୦।୪

ଗତ କିଛି ବର୍ଷ ମଧ୍ୟରେ ଇଲେକ୍ଟ୍ରିକ୍ ଭେହିକିଲ(ଇଭି)ର ବିକ୍ରି ଓ ଚାହିଦା ବୃଦ୍ଧି ପାଇଛି। ବିଶେଷ କରି ଇଭି ବଜାରର ଲୋକପ୍ରିୟତା ମଧ୍ୟ ବଢ଼ିବାରେ ଲାଗିଛି। କାରଣ ଇଭିର ଚାହିଦା ବିଶେଷ କରି ତୈଳ ଦର ବୃଦ୍ଧି ଓ ପରିବେଶ ପ୍ରଦୂଷଣ ଏବଂ ସରକାରୀ ସହାୟତା ଯୋଗ ବଢ଼ିଛି। ଏପରିକି ୨୦୨୨-୨୩ରେ ୮ଲକ୍ଷରୁ ଅଧିକ ଇଭି ବିକ୍ରି କରାଯାଇଛି। ଏହାରି ମଧ୍ୟରେ ୨ ଚକିଆ ଇଭି ଯାନର ବିକ୍ରି ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ ବର୍ଷରେ



ପ୍ରାୟ ୨.୫ ଗୁଣା ବଢ଼ିଥିବା ଇଲେକ୍ଟ୍ରିକ୍ ଯାନ ନିର୍ମାତାଙ୍କ ସଙ୍ଗଠନ ସୋସାଇଟି ଅଫ୍ ମ୍ୟାନୁଫ୍ୟାକଚରିଂ ଅଫ୍ ଇଲେକ୍ଟ୍ରିକ୍ ଭେହିକିଲ୍ (ଏସ୍ଏମ୍ଇଭି) ପକ୍ଷରୁ କୁହାଯାଇଛି। ଏ ନେଇ ସୋମବାର ଇଲେକ୍ଟ୍ରିକ୍ ଯାନ ନିର୍ମାତାଙ୍କ ସଙ୍ଗଠନ ସୋସାଇଟି ଅଫ୍ ମ୍ୟାନୁଫ୍ୟାକଚରିଂ ଅଫ୍ ଇଲେକ୍ଟ୍ରିକ୍ ଭେଇକିଲ୍ (ଏସ୍ଏମ୍ଇଭି)ର ରିପୋର୍ଟ ପ୍ରକାଶ କରାଯାଇଛି। ଉକ୍ତ ରିପୋର୍ଟ ଅନୁସାରେ ଦେଶର ଦୁଇଚକିଆ ଇଭି ଯାନର ବିକ୍ରି ପ୍ରାୟ ୨.୫ ଗୁଣା ଅଧିକ ହୋଇଥିବା ନେଇ ରିର୍ପୋଟରେ ଉଲ୍ଲେଖ କରାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ଗତ ଆର୍ଥିକ ବର୍ଷରେ ଦୁଇଚକିଆ ଇଭି ଯାନ ବିକ୍ରି ବୃଦ୍ଧି ଘଟି ୮,୪୬,୯୭୬ ୟୁନିଟରେ ପହଞ୍ଚିଛି। ସେହିଭଳି ୨୦୨୨-୨୩ରେ ଇଭି ବିକ୍ରି ୨୦୨୧-୨୨ ତୁଳନାରେ ୨.୫ ଗୁଣାରୁ ଅଧିକ ହୋଇଛି। ଏପରିକି ୨୦୨୧-୨୨ରେ ଦେଶରେ ୩,୨୭,୯୦୦ ଇଲେକ୍ଟ୍ରିକ୍ ଦୁଇ ଚକିଆ ଯାନ ବିକ୍ରି ହୋଇଥିଲା। ଅପରପକ୍ଷରେ ଏସଏମଇଭି କହିଛି, ଗତ ବର୍ଷକ ମଧ୍ୟରେ ୨୫କିମି ବେଗର ୧.୨ ଲକ୍ଷ ଇ-ସ୍କୁଟର ବିକ୍ରି ହୋଇଥିଲା ବେଳେ ୨୫ କିଲୋମିଟରରୁ ଅଧିକ ବେଗର ୭,୨୬,୯୭୬ ୟୁନିଟ୍ ବିକ୍ରି ହୋଇଛି। ତେବେ ଦ୍ରୁତ ବୃଦ୍ଧି ପରେ ବି ଇଭି ଦୁଇଚକିଆ ଯାନ ବିକ୍ରି ନୀତି ଆୟୋଗଙ୍କ ଲକ୍ଷ୍ୟଠାରୁ ୨୫% ପଛରେ ରହିଥିବା ଜଣାପଡିଛି।

## କେଏଫ୍‌ସିର ନୂଆ ଚିକେନ୍ ରୋଲ

ନୂଆଦିଲ୍ଲୀ,୧୦।୪

ଫୁଡ୍ ପ୍ଲାଟଫର୍ମ କେଏଫସି ପକ୍ଷରୁ ଆକର୍ଷଣୀୟ ସୁବିଧା ଓ ନୂତନ ଚିକେନ ରୋଲ ସମ୍ପର୍କରେ ଘୋଷଣା କରାଯାଇଛି। ସ୍ୱାଦ ଓ ବଜେଟ ମଧ୍ୟରେ ଚୟନ କରିବାକୁ ପଡୁଥିବା ଖାଦ୍ୟପ୍ରେମୀମାନଙ୍କ ପାଇଁ ନୂଆ କେଏଫ୍‌ସି ଚିକେନ୍ ରୋଲ୍ ବର୍ତ୍ତମାନ କେବଳ ୯୯ ଟଙ୍କାର ଅବିଶ୍ୱସନୀୟ ମୂଲ୍ୟରେ ଉପଲବ୍ଧ। ଏପରିକି କେଏଫ୍‌ସି ଚିକେନ୍ ରୋଲ୍‌ରେ ଏକ ଓଜି ହ୍ୟାଣ୍ଡ-ବ୍ରେଡେଡ୍ ଏକ୍ସଟ୍ରା କ୍ରିସ୍ପି ଓ ଜୁସି ଚିକେନ ଷ୍ଟ୍ରିପ୍ ମଧ୍ୟ ରହିଛି, ଯାହା ଗରମ ଫ୍ଲାକି ପରଟାରେ ରାପ୍ ହୋଇଥିବା ବେଳେ ସ୍ପାଇସି ଗାର୍ଲିକ୍, ନାସ୍‌ଭିଲେ ସସ୍ ଓ କ୍ରିସ୍ପି ଅନିଅନ ଆଦିରେ ସୁସଜ୍ଜିତ ରହିଛି। ଅପରପକ୍ଷରେ କ୍ଲାସିକ୍ ଚିକେନ ରୋଲ୍ କେବଳ ୯୯ ଟଙ୍କା ଏବଂ ଡବଲ ଚିକେନ୍ ରୋଲ୍ ୧୪୯ ଟଙ୍କାରେ ଉପଲବ୍ଧ ହେବା ସହିତ ଏହି ସୁସ୍ୱାଦୁ ନୂଆ ଉତ୍ପାଦ ଆପଣଙ୍କୁ ପ୍ରତ୍ୟେକ ବାଇଟ୍‌ରେ ଚିକେନ୍‌ର ସ୍ୱାଦ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛି।

## କ୍ୟାରଟ୍‌ଲେନ୍‌ର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୧୦।୪




ଭାରତର ଅଗ୍ରଣୀ ଓମ୍ନି ଚ୍ୟାନେଲ ଜୁଏଲେରି ବ୍ରାଣ୍ଡ୍ କ୍ୟାରଟ୍‌ଲେନ୍‌ର ଆଉ ଏକ ଏକ୍ସକ୍ଲୁସିଭ ଆଉଟଲେଟ ସୋମବାର ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଉଛି। ଏପରିକି ଭୁବନେଶ୍ୱର ବରମୁଣ୍ଡାସ୍ଥିତ ସୌଭାଗ୍ୟନଗରଠାରେ କ୍ୟାରଟ୍‌ଲେନ୍‌ର ଏକ୍ସକ୍ଲୁସିଭ ଆଉଟଲେଟ ଉଦଘାଟିତ ହୋଇଯାଇଛି। ଏହି ଅବସରରେ କ୍ୟାରଟ୍‌ଲେନ୍‌ର ଆରବିଏମ ଦୀପାଞ୍ଜନ ସେନଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଉଟଲେଟର ସ୍ୱତ୍ୱାଧିକାରୀ ମାଣିକ ହଂସ ଏବଂ ଲିପ୍ସା ହଂସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ଏଠାରେ ବ୍ରାଣ୍ଡର ଭିନ୍ନ ଭିନ୍ନ ଡିଜାଇନର ଗହଣା ଉପଲବ୍ଧ ରହିଛି। ଏ ସମ୍ପର୍କରେ କ୍ୟାରଟ୍‌ଲେନ୍‌ର ବରିଷ୍ଠ ଉପାଧ୍ୟକ୍ଷ ଅତୁଲ ସିହ୍ନା କହିଛନ୍ତି, ଓଡ଼ିଶା ବଜାରରେ ବ୍ରାଣ୍ଡର ଆଉ ଏକ ନୂତନ ଷ୍ଟୋର ଶୁଭାରମ୍ଭ ହୋଇଥିବାର ଆମେ ବେଶ ଆନନ୍ଦିତ। ଏପରିକି ଗ୍ରାହକମାନଙ୍କୁ ଅନଲାଇନ କିମ୍ୱା ଅଫ୍‌ଲାଇନ ଜରିଆରେ ସ୍ୱତନ୍ତ୍ର କିଣାକିଣିର ଅନୁଭୂତି ପ୍ରଦାନ କରିବା ଆମର ମୂଳ ଲକ୍ଷ୍ୟ। ଆମେ ବିଶ୍ୱାସ କରୁ ଯେ ଆମର ଏହି ରିଟେଲ୍ ଅନୁଭୂତି ଓ ଗହଣା ସମ୍ଭାର ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ବେଶ ଆଦୃତ ହେବ। ଏଠାରେ ଗ୍ରାହକମାନେ ହୀରା ମୂଲ୍ୟ ଉପରେ ୨୦% ଫ୍ଲାଟ୍ ରିହାତି ମଧ୍ୟ ପାଇପାରିବେ। ବ୍ରାଣ୍ଡର ୪୦୦୦ ରୁ ଅଧିକ ଡିଜାଇନ୍ ଉପରେ ଉକ୍ତ ରିହାତି ଗ୍ରାହକମାନେ ପାଇପାରିବେ।

## ଟିଏସ୍ଏମ୍ଏଲ୍ ପକ୍ଷରୁ ମଲ୍‌ଟି ମୋଡାଲ୍ ପରିବହନ

ଭୁବନେଶ୍ୱର,୧୦।୪

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ (ଟିଏସ୍ଏମ୍ଏଲ୍) ପକ୍ଷରୁ ସୋମବାର ଫେରୋ ଆଲଏଜ୍‌ର ପ୍ରଥମ ମଲ୍‌ଟି ମୋଡାଲ୍ ପରିବହନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ତା'ର ଲଜିଷ୍ଟିକ୍ ସହଯୋଗୀ ୟୁନିଫିଡର ସହଯୋଗରେ ଉକ୍ତ ସେବାର ଶୁଭାରମ୍ଭ କରିଥିବା ବେଳେ ଓଡ଼ିଶାର ଥିବା କମ୍ପାନୀର କାରଖାନାଗୁଡ଼ିକରୁ ଫେରୋ ଆଲଏଜ୍‌କୁ ସଡ଼କ, ରେଳପଥ ଓ ସମୁଦ୍ରପଥ ବ୍ୟବହାର କରି ଭାରତୀୟ ଉପକୂଳ ମାଧ୍ୟମରେ ବିଭିନ୍ନ ସ୍ଥାନକୁ ପରିବହନ କରିବ। ବିଶେଷ କରି ଓଡ଼ିଶାରେ ଫେରୋ ଆଲଏଜ୍‌ର ଉପକୂଳ ମଲ୍‌ଟି ମୋଡାଲ୍ ପରିବହନ ବ୍ୟବସ୍ଥାରେ ଥିବା ଟିଏସ୍ଏମ୍ଏଲ୍‌ର ଫେରୋ ଆଲଏଜ୍ କାରଖାନାରୁ ବିପୁଳ ପରିମାଣରେ ଫେରୋ ଆଲଏଜ୍‌କୁ ପାରାଦୀପ ଇଣ୍ଟରନ୍ୟାଶନାଲ୍ କାର୍ଗୋ ଟର୍ମିନାଲ୍ (ପିଆଇସିଟି)କୁ ପରିବହନ କରାଯାଇ ତାହାକୁ ଏକ ଜାହାଜରେ ଭାରତୀୟ ଉପକୂଳ ମାଧ୍ୟମରେ ଭି.ଓ. ଚିଦାମ୍ବରନାର ବନ୍ଦର (ପୂର୍ବରୁ ଟୁଟିକୋରିନ ବନ୍ଦର) ଦେଇ ଦୀନଦୟାଲ ବନ୍ଦର (ପୂର୍ବରୁ କାଣ୍ଡଲା ବନ୍ଦର)କୁ ପଠାଯିବ। ଏ ସମ୍ପର୍କରେ ଟିଏସଏମଏଲର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, କମ୍ପାନୀ ଉପକୂଳ ମଲ୍‌ଟି-ମୋଡାଲ୍ ପରିବହନ ବ୍ୟବସ୍ଥାକୁ ଆପଣାଇବା ସହ ଲୋୟର କାର୍ବନ୍ ଫୁଟ୍‌ପ୍ରିଣ୍ଟ ପ୍ରତି ତା'ର ପ୍ରତିବଦ୍ଧତାକୁ ଦର୍ଶାଉଛି। ଉଲ୍ଲେଖଯୋଗ୍ୟ ପାରାଦୀପରୁ ଫେରୋ ଆଲଏଜ୍‌ର ଉପକୂଳ ମଲ୍‌ଟି-ମୋଡାଲ୍ ପରିବହନକୁ ପତାକା ଦେଖାଇ ଶୁଭାରମ୍ଭ କରିବା ଅବସରରେ ଟିଏସଏମଏଲର ଏଜିଏମ୍-ସପ୍ଲାଏ ଚେନ୍ ଅମିତ ଚୌବେ, ଏଡିଏମ୍-ସପ୍ଲାଏ ଚେନ୍ ସୌମ୍ୟ ବସୁ, ୟୁନିଫିଡରର ପ୍ରବନ୍ଧକ ସତ୍ୟ ଶ୍ରୀନିବାସ ରାଓ, ଜେଏମ୍ ବକ୍ସିର ବରିଷ୍ଠ ପ୍ରବନ୍ଧକ ମନଶ୍ରୀ ରଞ୍ଜନ ପଣ୍ଡା, ସିୱେଜ୍ ସିପିଂ ଆଣ୍ଡ ଲଜିଷ୍ଟିକ୍ସ ଲିମିଟେଡ୍‌ର ଉପସଭାପତି କ୍ୟାପ୍‌ଟେନ୍ ଦେବବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଜିୟୁରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କର୍ମଶାଳା

ଭୁବନେଶ୍ୱର,୧୦।୪

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସି ଭି ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ) ରେ ଜି-୨୦ ଶୀର୍ଷକ ଅବସରରେ ସି ଭି ରମଣ ଗ୍ଲୋବାଲ୍ ୟୁନିଭରସିଟି ପରିସରରେ ଏକ ଦିନିକିଆ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ବକ୍ତା ତଥା ଇନୋଭାରେ କର୍ପୋରେଶନ୍‌ର ସହ-ପ୍ରତିଷ୍ଠାତା ତଥା ସିଟିଓ ମୋହର ମନୋହର ମିଶ୍ର, ବାଟୋଇ ସିଷ୍ଟମର ନିର୍ଦ୍ଦେଶକ ତଥା ସିଇଓ ଅଶ୍ୱିନୀ ରଥ ଏବଂ ୟୁନିଭଏଆଇର ସହ-ପ୍ରତିଷ୍ଠାତା ତଥା ସିଇଓ ଡକ୍ଟର ସିଦ୍ଧାର୍ଥ ଦାସ ପ୍ରମୁଖ ଯୋଗ ଦେଇ ଭବିଷ୍ୟତରେ ମଣିଷଜାତିର ବିକାଶ ଦିଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପଯୋଗିତା ଉପରେ ବିସ୍ତୃତ ବକ୍ତୃତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏବଂ ବାଲେଶ୍ୱର ଜିଲାର ବିଭିନ୍ନ ଆଇଟିଆଇ ଏବଂ ପଲିଟେକ୍ନିକ୍‌ର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ।




ଅପରପକ୍ଷରେ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଏକ ଆଙ୍କର୍ ପ୍ରତିଷ୍ଠାନ ଭାବେ ପରିଚିତ ଭୁବନେଶ୍ୱରର ସି ଭି ରମଣ ଗ୍ଲୋବାଲ ୟୁନିଭରସିଟି, ଢେଙ୍କାନାଳ ଏବଂ ବାଲେଶ୍ୱର ଜିଲାରେ ଭାରତର ଜି ୨୦ ପ୍ରେସିଡେନ୍ସି ସହିତ ଅଂଶଗ୍ରହଣ ଏବଂ ମାଲିକାନା ସମ୍ବନ୍ଧୀୟ ଜନସଚେତନତା କାର୍ଯକ୍ରମ ଆୟୋଜିତ ହୋଇଯାଇଛି। ଉପରୋକ୍ତ ଜିଲା ଓ ଅନୁଷ୍ଠାନରେ ପ୍ରବନ୍ଧ, କୁଇଜ୍, ସ୍ଲୋଗାନ୍ ଲେଖା, ବର୍ଣ୍ଣନା ଏବଂ ରଙ୍ଗୋଲି ଭଳି ବିଭିନ୍ନ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ଏକ ଅଂଶ ଭାବେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସୋମବାର ଏକ ଆଲୋଚନ ଚକ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭବିଷ୍ୟତରେ ସୁଯୋଗ ଏବଂ ଆହ୍ୱାନ ଶୀର୍ଷକ ସେମିନାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସି ଭି ରମଣ ଗ୍ଲୋବାଲ ୟୁନିଭରସିଟିର କୁଳପତି ପ୍ରଫେସର ସୁଧୀନ୍ଦ୍ର ନାଥ ପଣ୍ଡା ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ର ଯେପରିକି ଦକ୍ଷତା କ୍ଷେତ୍ର, ଷ୍ଟାର୍ଟ ଅପ୍, ଏଆଇ ଓ ବିଭିନ୍ନ କଲେଜ ଛାତ୍ରୀଛାତ୍ର ତଥା ଇଣ୍ଡଷ୍ଟ୍ରି ସମୂହରୁ ୨୫୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

## ବେଦାନ୍ତର ପୁସ୍ତକ ସଂଗ୍ରହ ଅଭିଯାନ

ଭୁବନେଶ୍ୱର,୧୦।୪

ଭାରତର ବୃହତ୍ତମ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ଶିଶୁପୁସ୍ତକ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ ଝାରସୁଗୁଡ଼ା ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷ କରି କମ୍ପାନୀର କାର୍ଯ୍ୟକ୍ଷେତ୍ର ଅଞ୍ଚଳର ପିଲାମାନଙ୍କ ପାଇଁ ପୁସ୍ତକ ଦାନ କରିବା ଲାଗି କର୍ମଚାରୀଙ୍କ ଦ୍ୱାରା ଏକ ପୁସ୍ତକ ସଂଗ୍ରହ ଡ୍ରାଇଭ୍‌ର ଆୟୋଜନ କରାଯାଇଥିଲା। ଅପରପକ୍ଷରେ କମ୍ପାନୀର କର୍ମଚାରୀମାନେ ଝାରସୁଗୁଡ଼ାର ଜିଲା ଲାଇବ୍ରେରିକୁ ୬୦୦ରୁ ଅଧିକ ପୁସ୍ତକ ଏବଂ ବେଦାନ୍ତ ଦ୍ୱାରା ପରିଚାଳିତ ଆଧୁନିକ ଅଙ୍ଗନୱାଡ଼ି, ବଡମାଲ, ଭୁର୍ଖାମୁଣ୍ଡା, ହରିଜନପଡା ଏବଂ ଭାଗିପାଲି ଗ୍ରାମ ଦ୍ୱାରା ସମର୍ଥିତ ନନ୍ଦଘରଗୁଡିକରେ ସ୍ଥାପିତ ମିନି ଲାଇବ୍ରେରିକୁ ମଧ୍ୟ ଦାନ କରିବାକୁ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ (ଝାରସୁଗୁଡା ୟୁନିଟ)ର ସିଇଓ ସୁନୀଲ ନାୟକ କହିଛନ୍ତି, ଆମେ ଦୃଢ ଭାବେ ଶିକ୍ଷାର ବିକାଶ ଓ ଉନ୍ନତିକୁ ବିଶ୍ୱାସ କରିଥାଉ। କାରଣ ଶିକ୍ଷା ଦ୍ୱାରା ଉଭୟ ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିର ପରିବର୍ତ୍ତନ ହୋଇପାରିବ। ବିଶେଷ କରି ଆମର କର୍ମଚାରୀମାନେ ସ୍ଥାନୀୟ ପିଲାମାନଙ୍କର ଶିକ୍ଷା ପାଇଁ ପୁସ୍ତକ ଦାନ ଡ୍ରାଇଭ୍‌ର ଏକ ଅଂଶ ହୋଇଥିବାରୁ ଆମେ ବେଶ୍ ଆନନ୍ଦିତ। ସେହିଭଳି ଆମର ଦୃଢ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମଗୁଡିକ ମଧ୍ୟ ସ୍ଥାନୀୟ ଅଞ୍ଚଳର ଅଭିବୃଦ୍ଧି ଏବଂ ପ୍ରଗତିର ସାରଥି ହୋଇପାରିବ। ଏପରିକି ଏଭଳି ଏକ କାର୍ଯ୍ୟକ୍ରମ ଶିକ୍ଷାର ମୂଳଦୁଆକୁ ଦୃଢ କରିବା ସହ ଆଗ୍ରହୀ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ଶିକ୍ଷାରେ ବ୍ୟାପକ ସହାୟକ ହେବ। ସେହିଭଳି ନନ୍ଦ ଘରର ଶିକ୍ଷକ ଦେଶବନ୍ଧୁ ଭାରତ ସିଂ କହିଛନ୍ତି, ବେଦାନ୍ତ କର୍ମଚାରୀଙ୍କ ଦ୍ୱାରା ସ୍ନେହପୂର୍ଣ୍ଣ ଭାବେ ଦାନ କରାଯାଇଥିବା ଏହି ପୁସ୍ତକଗୁଡ଼ିକ ନିଶ୍ଚିତ ଭାବେ ପିଲାମାନଙ୍କ ମଧ୍ୟରେ ପଢିବାର ଇଚ୍ଛା ସୃଷ୍ଟି କରିବା ସହିତ ସେମାନଙ୍କର ଜ୍ଞାନ ବୃଦ୍ଧି କରାଇବ।

ଫୁରସତ୍

## ଯିଶୁଙ୍କ ବଳିଦାନକୁ ମନେପକାଇ ଶୂଳିରେ ଚଢ଼ିଲେ ଲୋକେ



**ମାନିଲା:** ଗୁଡ୍ ଫ୍ରାଇଡେକୁ ଯିଶୁଙ୍କ ବଳିଦାନ ଦିବସ ଭାବେ ଲୋକେ ପାଳନ କରିଥା'ନ୍ତି। ଏହି ଦିନ ଯିଶୁଙ୍କୁ ଏକ କାଠରେ କଣ୍ଟା ବାଡ଼େଇ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ହେଲେ ସୋସିଆଲ ମିଡିଆରେ ଏପରି ଏକ ଦୃଶ୍ୟ ଭାଇରାଲ ହେଉଛି, ଯେଉଁଥିରେ ଲୋକେ ଯିଶୁଙ୍କ ପ୍ରତି ଥିବା ଭକ୍ତିକୁ ଜାହିର କରିବାକୁ ଯାଇ ନିଜକୁ ଶୂଳିରେ ଚଢ଼ାଇଛନ୍ତି। ଯିଶୁଙ୍କ ଦେହରେ କଣ୍ଟା ବାଡ଼ାଯାଇଥିବା ଭଳି ନିଜ ଦେହରେ ମଧ୍ୟ କଣ୍ଟା ବାଡ଼ଉଛନ୍ତି। ଏହି ଘଟଣା ଫିଲିପାଇନ୍ସରେ ଦେଖିବାକୁ ମିଳିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟ ମୁତାବକ, ଚଳିତ ବର୍ଷର ଗୁଡ୍ ଫ୍ରାଇଡେରେ ଫିଲିପାଇନ୍ସର ୮ ଜଣ ଲୋକ ନିଜକୁ ହିଁ ଶୂଳିରେ ଚଢ଼ାଇ ଦେଇଛନ୍ତି। ସେମାନେ ଯିଶୁଙ୍କ କଷ୍ଟକୁ ମନେପକାଇ ନିଜ ହାତ, ଗୋଡ଼ ଏବଂ ଦେହରେ କଣ୍ଟା ବାଡ଼େଇଲେ। ଫଳରେ ସେମାନଙ୍କ ଦେହରୁ ରକ୍ତ ବାହାରିଥିଲା। ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହେଲେ ଏହି ପ୍ରଥାକୁ କ୍ୟାଥୋଲିକ୍ ଚର୍ଚ୍ଚ ପକ୍ଷରୁ ରଦ୍ଦ କରାଯାଇଛି। ତେବେ ଶୂଳିରେ ଚଢ଼ିଥିବା ଜଣେ ୬୨ ବର୍ଷୀୟ ରୁବେନ ଇନାଜେ କହିଛନ୍ତି, ସେ ୩୪ଥର ଏପରି କରିସାରିଲେଣି। ସେ ଆସନ୍ତା ବର୍ଷ ମଧ୍ୟ ନିଜକୁ ଏପରି କଷ୍ଟ ଦେବାକୁ ଇଚ୍ଛା ରଖିଛନ୍ତି। ରୁବେନଙ୍କ ଏପରି ସାହସକୁ ନେଇ ଲୋକେ ତାଙ୍କୁ ପ୍ରଶଂସା କରିଛନ୍ତି। ରିପୋର୍ଟ ମୁତାବକ, ରୁବେନ ଥରେ ୩ ତାଲା ବିଲ୍ଡିଂରୁ ଗଳିପଡ଼ିଥିଲେ। ହେଲେ ତାଙ୍କର କିଛି ହୋଇ ନ ଥିଲା। ସେବେଠାରୁ ସେ ଏହି ପ୍ରଥା କରିଆସୁଛନ୍ତି। କୁହାଯାଏ, ଗୁଡ୍ ଫ୍ରାଇଡେର ୩ୟ ଦିନ ରବିବାର ଯିଶୁ ପୁଣିଥରେ ଜୀବିତ ହୋଇଥିଲେ। ସେଥିପାଇଁ ଲୋକେ ଏହି ଇଷ୍ଟର ପର୍ବ ମନାଉଥିବା କହିଛନ୍ତି।

## ପରଦାକୁ ଫେରୁଛନ୍ତି ରିୟା



**ମୁମ୍ବାଇ:** ବଲିଉଡ୍ ଲୋକପ୍ରିୟ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ପଛରେ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କୁ ଦାୟୀ କରାଯାଇଥିଲା। ପରେ ସେ ବେଆଇନ ଡ୍ରଗ୍ସ ମାମଲାରେ ଜେଲ ଯାଇଥିଲେ। ଏସବୁ ହେବା ପରେ ରିୟା ଆଉ ପରଦାକୁ ଫେରିବେନି ବୋଲି ଚର୍ଚ୍ଚା ହେଉଥିଲା। ହେଲେ ସେ ୩ ବର୍ଷ ପରେ ପୁଣି ପରଦାକୁ ଫେରୁଛନ୍ତି। ଟିଭି ଶୋ' ଏମଟିଭି ରୋଡିଜ-୧୯ରେ ସେ ଜଣେ ଗ୍ୟାଙ୍ଗଲିଡର ଭାବେ ନଜରକୁ ଆସିବେ। ତେବେ ନିର୍ମାତା ରିୟାଙ୍କ ଏକ ପ୍ରୋମୋ ରିଲିଜ୍ କରିଛନ୍ତି। ଯେଉଁଥିରେ ଅଭିନେତ୍ରୀ ତୃତୀୟ ଗ୍ୟାଙ୍ଗ ଲିଡର ବୋଲି ଦେଖାଯାଇଛି। ସେ କହିଛନ୍ତି, ଆପଣମାନେ କ'ଣ ଭାବିଥିଲେ, ମୁଁ ଆଉ ଆସିବିନି। ଡରିଯିବି। ଏବେ ମୁଁ ନୁହେଁ ଆଉ କିଏ ଡରିବ। ଅଡିସନରେ ଦେଖା ହେବା। ରିୟାଙ୍କ ଏହି ଭିଡିଓ ଦେଖି ଅନେକେ ଏହାକୁ ପସନ୍ଦ କରିଥିବା ଅନ୍ୟ କିଛି ଲୋକ ଏହାକୁ ନାପସନ୍ଦ କରିଛନ୍ତି। ଶୋ'ରେ ଗ୍ୟାଙ୍ଗ ଲିଡର ପାଇଁ ଲୋକେ ନିର୍ମାତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି।

## ଜନନୀ ସୁରକ୍ଷା ଜରୁରୀ

### ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ

ପିଲାଟିଏ ଜନ୍ମହେବା ସହିତ ଉଭୟ ନବଜାତ ଶିଶୁ ଏବଂ ପ୍ରସୂତିଙ୍କ ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଜନନୀଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଏପ୍ରିଲ ୧୧ରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳନ କରାଯାଇଥାଏ । ଗର୍ଭାବସ୍ଥାରେ, ପ୍ରସବ ସମୟରେ ଏବଂ ପ୍ରସବକାଳୀନ ସେବାରେ ପର୍ଯ୍ୟାପ୍ତ ଯତ୍ନନେବା କ୍ଷେତ୍ରରେ ସଚେତନତା ସୃଷ୍ଟିକରିବା ପାଇଁ ଏହା ଭାରତୀୟ ହ୍ୱାଇଟ ରିବନ ଆଲାଏନ୍ସର ଏକ ସ୍ୱତନ୍ତ୍ର ପଦକ୍ଷେପ। ଭାରତରେ ମାତୃ ମୃତ୍ୟୁ ହାର ୧୫ ପ୍ରତିଶତ, ଯାହାକି ପୃଥିବୀରେ ସର୍ବାଧିକ। ଗର୍ଭାବସ୍ଥାରେ ଯତ୍ନ ଅଭାବରୁ ପ୍ରତିବର୍ଷ ଭାରତରେ ୪୪,୦୦୦ ମହିଳାଙ୍କର ମୃତ୍ୟୁ ଘଟିଥାଏ । ୧୮୦୦ ସଂଗଠନର ମିଳିତ ମଞ୍ଚ ଭାରତୀୟ ହ୍ୱାଇଟ ରିବନ ଆଲାଏନ୍ସର ଅନୁରୋଧକ୍ରମେ ଭାରତ ସରକାର ଏପ୍ରିଲ ୧୧କୁ ୨୦୦୩ରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ଭାବରେ ଘୋଷଣା କରିଥିଲେ ।



ଏହିଦିନଟି କସ୍ତୁରବା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଭାବେ ମଧ୍ୟ ପାଳନ କରାଯାଇଥାଏ ।

ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ପ୍ରସୂତି ସୁବିଧା ବିଷୟରେ ସଚେତନତା ସୃଷ୍ଟିକରିବା ଲାଗି ଏହି ଦିବସ ପାଳନ ଅବସରରେ ଅଭିଯାନ ଆୟୋଜିତ ହୋଇଥାଏ । ମହିଳାମାନଙ୍କର ନିରାପତ୍ତା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ନିରାପଦ ପ୍ରସବ ଏବଂ ଗର୍ଭଧାରଣ ସମେତ ଯେକୌଣସି ଅବସ୍ଥାରେ ସେମାନଙ୍କ ପାଇଁ ଜୀବନ ବଞ୍ଚିବାର ଅଧିକାରକୁ ସୁନିଶ୍ଚିତ କରିବା ଲାଗି ଏହି ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ଗୁଡ଼ିକରେ ଲକ୍ଷ୍ୟ ରଖାଯାଇଥାଏ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ, ଗର୍ଭଧାରଣ ଏବଂ ପ୍ରସବ ସମ୍ବନ୍ଧୀୟ ପ୍ରତିରୋଧକ କାରଣରୁ ପ୍ରତିଦିନ ପ୍ରାୟ ୮୩୦ ମହିଳାଙ୍କର ମୃତ୍ୟୁ ଘଟିଥାଏ । ବିକାଶଶୀଳ ଦେଶଗୁଡ଼ିକରେ ମାତୃ ମୃତ୍ୟୁହାର ମଧ୍ୟ ଅଧିକ ରହିଛି। ପ୍ରସବ ପୂର୍ବରୁ, ସମୟରେ ଏବଂ ପରେ ମା'ଙ୍କର ଏବଂ ନବଜାତ ଶିଶୁଙ୍କର ଜୀବନ ରକ୍ଷା କରିବା ଲାଗି ଏହି ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

## ୧୩୮ ବର୍ଷ ପରେ ପରିବାରରେ ଝିଅ ଜନ୍ମ



ଲାନ୍‌ସିଂ

ବର୍ତ୍ତମାନ ଯୁଗ ବହୁତ ଆଗକୁ ବଢ଼ିଥିଲେ ମଧ୍ୟ କିଛି ସ୍ଥାନରେ କନ୍ୟାଭ୍ରୁଣ ହତ୍ୟା ଏବେ ବି ହେଉଛି। ଘରେ ଝିଅ ଅପେକ୍ଷା ପୁଅକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ହେଲେ ଅନେକ ଘରେ ଝିଅକୁ ଲକ୍ଷ୍ମୀଙ୍କ ଦାନ ଭାବେ ଗ୍ରହଣ କରିଥାନ୍ତି। ଏଥିସହ ଝିଅ ଜନ୍ମ ପରେ ବେଶ୍ ଧୁମ୍‌ଧାମ୍‌ରେ ଉତ୍ସବ ମନାଇଥାନ୍ତି। ନିକଟରେ ମିଚିଗାନ୍‌ର ଜଣେ ଦମ୍ପତିଙ୍କ ଝିଅ ଜନ୍ମ ହୋଇଛି। ତାଙ୍କ ପରିବାର ଏହି ଝିଅ ଜନ୍ମକୁ ନେଇ ବହୁତ ଖୁସିରେ ଉତ୍ସବ ମନାଉଛନ୍ତି। କାରଣ ତାଙ୍କ ଘରେ ଦୀର୍ଘ ୧୩୮ ବର୍ଷ ପରେ ଝିଅ ଜନ୍ମ ହୋଇଛି। ଏହା ପୂର୍ବରୁ ୧୮୮୫ରେ ଶେଷଥର ପାଇଁ ତାଙ୍କ ପରିବାରରେ ଝିଅ ଜନ୍ମ ହୋଇଥିଲା। ସେବେଠାରୁ ଆଉ କନ୍ୟାସନ୍ତାନ ଜନ୍ମ ହୋଇନାହିଁ। କରୋଲିନା ନାମ୍ନୀ ମହିଳା ଯେତେବେଳେ ଗର୍ଭବତୀ ହୋଇଥିଲେ, ତାଙ୍କ ପରିବାର ଲୋକଙ୍କ ସହ ସେ ମଧ୍ୟ ଭାବୁଥିଲେ ତାଙ୍କର ଏକ ପୁଅ ଜନ୍ମ ହେବ। ହେଲେ ଝିଅ ଜନ୍ମ ହେବା ତାଙ୍କ ପରିବାର ପାଇଁ ବହୁତ ଆଶ୍ଚର୍ଯ୍ୟ ଏବଂ ଖୁସିର କଥା ବୋଲି କରୋଲିନା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଦମ୍ପତି କହିଛନ୍ତି, ତାଙ୍କର ପୁଅ କିମ୍ୱା ଝିଅରେ କିଛି ଫରକ ପଡ଼େନି। ହେଲେ ଝିଅ ଜନ୍ମ ତାଙ୍କ ପରିବାର ପାଇଁ ବହୁତ ଖୁସିର କଥା। ତାଙ୍କର ୨୦୨୧ରେ ପ୍ରଥମ ଗର୍ଭ ନଷ୍ଟ ହୋଇଯାଇଥିଲା। ଏହାପରେ ତାଙ୍କର ଝିଅ ଜନ୍ମ ହେବା ସେମାନଙ୍କ ପାଇଁ ବରଦାନ ବୋଲି କହିଛନ୍ତି।



ୟୁକ୍ରେନ୍‌କୁ ସମର୍ଥନ ଜଣାଇବା ସଚ୍ଚା ବିଶ୍ୱଗୁରୁର ଏକମାତ୍ର ପସନ୍ଦ ବୋଲି ୟୁକ୍ରେନ୍‌ର ବହିର୍ବ୍ୟାପାର ଉପମନ୍ତ୍ରୀ ଏମିନ୍ ଝାପରୋଭା କହିଛନ୍ତି। ୪ ଦିନିଆ ଭାରତ ଗସ୍ତରେ ଆସିଥିବା ଝାପରୋଭା କହିଛନ୍ତି, ଭରତ ବିଶ୍ୱଗୁରୁ ହେବାକୁ ଚାହୁଁଛି। ରୁଷିଆ ଆକ୍ରମଣ ଫଳରେ ୟୁକ୍ରେନ୍ ଲୋକମାନେ ବହୁ ଦୁଃଖକଷ୍ଟ ଦେଇ ଗତି କରୁଛନ୍ତି। ବହୁ ନିରୀହ ଲୋକ ପ୍ରାଣ ହରାଇବା ସହ ଅନେକ ଶିଶୁ ପ୍ରଭାବିତ ହେଉଛନ୍ତି। ୟୁକ୍ରେନ୍‌କୁ ସମର୍ଥନ କରିବା ହିଁ ପ୍ରକୃତ ବିଶ୍ୱଗୁରୁର ସଠିକ୍ ପସନ୍ଦ ବୋଲି ଝାପରୋଭା କହିଛନ୍ତି।



# ଆମେରିକାର ସାମରିକ ଦସ୍ତାବିଜ୍ ପ୍ରଘଟ

## ପେଣ୍ଟାଗନ୍, ନ୍ୟାୟ ବିଭାଗର ତଦନ୍ତ

ୱାଶିଂଟନ୍, ୧୦।୪

ୟୁକ୍ରେନ୍ ଯୁଦ୍ଧ ଉପରେ ଆମେରିକାର ଅତ୍ୟନ୍ତ ଗୋପନ ଦସ୍ତାବିଜ୍ ସୋସିଆଲ ମିଡିଆରେ ଲିକ୍ ହୋଇଯାଇଥିବା ଏହାର ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। କେହି ଜଣେ ଦସ୍ତାବିଜ୍‌ର ଫଟୋ ଉଠାଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟେଲିଗ୍ରାମରେ ଛାଡ଼ିଛନ୍ତି। ଉକ୍ତ ପ୍ଲାଟଫର୍ମର ୫୦ କୋଟିରୁ ଊର୍ଦ୍ଧ୍ୱ ୟୁଜର ଥିବା କୁହାଯାଉଛି। ସେଠାରୁ ଏହାକୁ ଟୁଇଟରରେ ଛଡ଼ାଯାଇଛି। ପେଣ୍ଟାଗନ୍ ଅଧିକାରୀମାନେ ସୋସିଆଲ ମିଡିଆରୁ ଏହି କ୍ଲାସିଫାଏଡ୍ ତଥ୍ୟକୁ ହଟାଇବାକୁ ଲାଗିପଡ଼ିଛନ୍ତି। ଉକ୍ତ ଡକ୍ୟୁମେଣ୍ଟରେ କେବଳ ୟୁକ୍ରେନ୍‌ଯୁଦ୍ଧ ସମ୍ପର୍କିତ




ତଥ୍ୟ ନ ଥିଲା, ବିଶ୍ୱର ଅନ୍ୟ ଭାଗର ଗୋପନ ତଥ୍ୟ ମଧ୍ୟ ରହିଥିଲା। ପେଣ୍ଟାଗନ୍ ଗୋପନୀୟତା ସହ ବଡ଼ ଧରଣର ସାଲିସ୍ କରାଯାଇଥିବା ସନ୍ଦେହ କରାଯାଉଛି। ରୁଷିଆ ସପକ୍ଷବାଦୀ ଟେଲିଗ୍ରାମ ଚ୍ୟାନେଲରେ ଗୁରୁବାର ଡକ୍ୟୁମେଣ୍ଟ ଫଟୋର ୫ଟି ସ୍ଲାଇଡ୍ ପ୍ରକାଶ ପାଇଥିଲା। ୟୁକ୍ରେନ ଯୁଦ୍ଧ ବେଳେ ରୁଷିଆର ୧୬,୦୦୦ରୁ ୧୭,୫୦୦ ସୈନ୍ୟ ମରିଥିବା ଗୋଟିଏ ସ୍ଲାଇଡ୍‌ରେ ଉଲ୍ଲେଖ ରହିଛି। ଏହା ମାସେ ତଳର ଦସ୍ତାବିଜ୍।

ଗୋପନ ଦସ୍ତାବିଜ୍ ଲିକ୍ ଘଟଣା ସାମ୍ନାକୁ ଆସିବା ପରେ ପେଣ୍ଟାଗନ୍ ସମେତ ନ୍ୟାୟ ବିଭାଗ ତଦନ୍ତରେ ଲାଗିପଡ଼ିଛନ୍ତି। ଗୁପ୍ତ ସାମରିକ ଦସ୍ତାବିଜ୍ କିପରି ଲିକ୍ ହେଲା ଓ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଗଲା ତାହାର ଖୋଳତାଡ଼ ଚାଲିଛି। ପ୍ରଥମେ ଟେଲିଗ୍ରାମ ଓ ଟୁଇଟରରେ ଉକ୍ତ ଡକ୍ୟୁମେଣ୍ଟ ମିଳିବା ପରେ ଖବରଦାତା, ଗବେଷକ ଓ ସୋସିଆଲ ମିଡିଆ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ, ମାର୍ଚ୍ଚ ୧ରେ ଅନ୍ୟ ସାଇଟ୍‌ରେ ଲିକ୍ ହୋଇଥିବା ଅତିରିକ୍ତ ଡକ୍ୟୁମେଣ୍ଟ ଖୋଜିବାରେ ଲାଗିପଡ଼ିଥିଲେ। ତେବେ ଡକ୍ୟୁମେଣ୍ଟ ଚୋରି କିମ୍ବା ଲିକ୍ କରିବା ପାଇଁ କିଏ ଦାୟୀ ତାହା କୁହାଯାଇ ନାହିଁ। ଏହା ପଛରେ ରୁଷିଆର ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି।

# ୨୦୨୪ ନିର୍ବାଚନ ଲଢ଼ିବାକୁ ବାଇଡେନ୍‌ଙ୍କ ଯୋଜନା



ଜୋ ବାଇଡେନ୍

**ୱାଶିଂଟନ, ୧୦।୪:** ୨୦୨୪ ନିର୍ବାଚନ ଲଢ଼ିବା ଲାଗି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯୋଜନା କରୁଥିବା କହିଛନ୍ତି। ତେବେ ସେ ଏନେଇ ଘୋଷଣା କରିବାକୁ ପ୍ରସ୍ତୁତ ହୋଇନାହାନ୍ତି ବୋଲି ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଛନ୍ତି। ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲାଗି ଡେମୋକ୍ରାଟିକ୍ ପ୍ରାର୍ଥୀ ହେବାକୁ ଚାହାନ୍ତି। ଉପରାଷ୍ଟ୍ରପତି କମଳା ହାରିସ୍ ମଧ୍ୟ ପୁନର୍ବାର ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ଥିବା କହିଛନ୍ତି। ବାଇଡେନ୍‌ଙ୍କ ନିର୍ବାଚନ ପ୍ରଚାର ସମ୍ପର୍କରେ ହ୍ୱାଇଟ୍ ହାଉସ୍‌ର ଉପଦେଷ୍ଟାମାନେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କେତେକ ସୂତ୍ରରୁ କୁହାଯାଇଛି।

# ନମାଜ ପାଠ ବେଳେ ମସ୍‌ଜିଦ୍‌ରେ ଭଙ୍ଗାରୁଜା

**ଚଣ୍ଡିଗଡ଼, ୧୦।୪:** ହରିୟାଣା ସୋନିପତ୍‌ର ସାନ୍ଦଲ କାଲନ ଗ୍ରାମରେ ଯୁବଗୋଷ୍ଠୀ ଏକ ମସ୍‌ଜିଦ୍‌ରେ ପଶି ଭଙ୍ଗାରୁଜା କରିଛନ୍ତି। ମସ୍‌ଜିଦ୍‌ରେ ନମାଜ ପାଠ ଚାଲିଥିବାବେଳେ ଉପସ୍ଥିତ ଲୋକଙ୍କୁ ଯୁବଗୋଷ୍ଠୀ ମାଡ଼ ମାରିଥିଲେ। ଘଟଣାରେ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। ଆକ୍ରମଣରେ ୬ ଜଣ ଆହତ ହୋଇଛନ୍ତି। ହିଂସାକାଣ୍ଡ ବଢ଼ିବା ଆଶଙ୍କାରେ ଗ୍ରାମରେ ପୋଲିସ ମୁତୟନ କରାଯାଇଛି।


No.D-09

ବିଜ୍ଞାପନ

**ଦୁର୍ଗପତି କାର୍ଯ୍ୟାଳୟ, ତୃତୀୟ ଇଣ୍ଡିଆ ସଂରକ୍ଷିତ ବାହିନୀ**
**କଳିଙ୍ଗନଗର, ଯାଜପୁର**

ନାମ- ହାବିଲଦାର (ଆରମ୍) ରାଜେଶ କୁମାର ଲେଙ୍କା
ପିତା- ଶ୍ରୀ ଅଶୋକ କୁମାର ଲେଙ୍କା
ଗ୍ରାମ- ଭଣ୍ଡାରୀପୋଖରୀ
ପୋ- ବେଗନା
ଥାନା- ବନ୍ତ
ଜିଲ୍ଲା- ଭଦ୍ରକ

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଯେ ଆପଣ ତା–13.10.2022ରିଖ ଅପରାହ୍ଣଠାରୁ ତା–18.10.2022ରିଖ ଅପରାହ୍ଣ ପର୍ଯ୍ୟନ୍ତ 06 ଦିନ ସାମୂହିକ ଛୁଟି ନେଇ ଯାଇଥିଲେ । ଆପଣ ତା–19.10.2022ରିଖ ପୂର୍ବାହ୍ଣରେ କାର୍ଯ୍ୟରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବିଭାଗୀୟ କାର୍ଯ୍ୟାଳୟରୁ ବାରମ୍ବାର ପତ୍ର ମାଧ୍ୟମରେ ଜଣାଇବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ସରକାରୀ ନିୟମକୁ ଅବମାନନା କରିଛନ୍ତି ।

ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର 15 ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ଦୁର୍ଗପତି
କଳିଙ୍ଗନଗର, ଯାଜପୁର


# ସଂକ୍ରମଣର ମୁକାବିଲା ପାଇଁ ଦେଶବ୍ୟାପୀ ମକ୍ ଡ୍ରିଲ୍

## ସକ୍ରିୟ ମାମଲା ୩୫,୧୯୯

ନୂଆଦିଲ୍ଲୀ, ୧୦।୪

ଦେଶରେ କୋଭିଡ୍–୧୯ ଭୂତାଣୁ ସଂକ୍ରମଣ ପୁଣିଥରେ ମୁଣ୍ଡଟେକିଛି। ବୃଦ୍ଧି ପାଉଥିବା ଆକ୍ଟିଭ୍ ମାମଲାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ସୋମବାର ଦେଶବ୍ୟାପୀ ହସ୍ପିଟାଲଗୁଡ଼ିକରେ କୋଭିଡ୍ ମକ୍ ଡ୍ରିଲ୍ ଆରମ୍ଭ ହୋଇଛି। ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ରାମ ମନୋହର ଲୋହିଆ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଡାକ୍ତରଖାନାରେ କରୋନା ଚିକିତ୍ସା ପାଇଁ ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା ସୁବିଧା ତଦାରଖ କରିଛନ୍ତି ମାଣ୍ଡବ୍ୟ।

ଗତ ୨୪ ଘଣ୍ଟା ମଧ୍ୟରେ ମୋଟ ୫,୮୮୦ କୋଭିଡ୍ ଆକ୍ରାନ୍ତ ଚିହ୍ନଟ କରାଯାଇଛି।



ଦେଶରେ ଆକ୍ଟିଭ୍ ମାମଲା ୩୫,୧୯୯ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁସାରେ ସୋମବାର ସକାଳ ୮ଟା ସୁଦ୍ଧା ୧୪ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଅଦ୍ୟାବଧି ଦେଶରେ ମୋଟ ୫,୩୦,୯୭୯ ଜଣ କରୋନାରେ ପ୍ରାଣ ହରାଇ ସାରିଛନ୍ତି।

ଗତ ୭ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧୀନରେ ରିଭ୍ୟୁ ମିଟିଂ ବସିଥିଲା। ପ୍ରତି ରାଜ୍ୟରର ସ୍ୱାସ୍ଥ୍ୟମନ୍ତ୍ରୀମାନେ ୧୦ ଏବଂ ୧୧ ତାରିଖରେ ହସ୍ପିଟାଲ ପରିଦର୍ଶନ ସାଙ୍ଗକୁ କୋଭିଡ୍ ଚିକିତ୍ସା ପାଇଁ ଉପଯୁକ୍ତ ବ୍ୟବସ୍ଥାର ତଦାରଖ କରିବା ପାଇଁ ମାଣ୍ଡବ୍ୟ ପରାମର୍ଶ ଦେଇଥିଲେ। କୋଭିଡ୍–୧୯ ଭୂତାଣୁ ଭାରିଏଣ୍ଟ ଏକ୍ସବିବି.୧.୫, ବିକ୍ୟୁ.୧, ବିଏ. ୨.୭୫, ସିଏଚ୍.୧.୧, ଏକ୍ସବିବି, ଏକ୍ସବିଏଫ୍ ଏବଂ ଏକ୍ସବିବି.୧.୧୬ ଦ୍ୱାରା ଲୋକେ ଅଧିକମାତ୍ରାରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି।

# ବିରୋଧୀଙ୍କ ଉପରେ ନଜର ରଖିବାକୁ କେନ୍ଦ୍ର ଆଣୁଛି ନୂଆ ସ୍ପାଏୱେର

**ନୂଆଦିଲ୍ଲୀ, ୧୦।୪:** ବିରୋଧୀ ଦଳ ନେତାଙ୍କ ଉପରେ ଗୁପ୍ତଚରଗିରି ପାଇଁ କେନ୍ଦ୍ର ସରକାର ଇସ୍ରାଏଲ୍ ସ୍ପାଏୱେର୍ 'ପେଗାସସ୍' ଭଳି 'କଗ୍‌ନାଇଟ୍' ନାମରେ ଏକ ସ୍ପାଏୱେର କିଣିବାକୁ ଯୋଜନା କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ସରକାର ୯୮୬ କୋଟି ଟଙ୍କାରେ ଏହି ସ୍ପାଏୱେର କିଣିବାକୁ ଥିବା କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ସୋମବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉକ୍ତ ସ୍ପାଏୱେର୍ ବିରୋଧୀ ନେତାଙ୍କ ସମେତ ଗଣମାଧ୍ୟମ, ସାମାଜିକକର୍ମୀ ଏବଂ ଏନ୍‌ଜିଓ ଉପରେ ନଜର ରଖିବ।

# ଦଳିତଙ୍କୁ ମନ୍ଦିର ପ୍ରବେଶ ଅନୁମତି ନ ମିଳିବାରୁ ଭିଲ୍ଲୁପୁରମ୍‌ରେ ଉତ୍ତେଜନା

**ଚେନ୍ନାଇ, ୧୦।୪:** ତାମିଲନାଡୁର ଭିଲ୍ଲୁପୁରମ୍‌ରେ ଥିବା ଶ୍ରୀଧର୍ମରାଜ ଦ୍ରୌପତି ଅମ୍ମନ ମନ୍ଦିରରେ ଦଳିତଙ୍କୁ ପ୍ରବେଶ ଅନୁମତି ନ ମିଳିବାରୁ ସୋମବାର ଉତ୍ତେଜନା ପ୍ରକାଶ ପାଇଛି। ମେଲପାଠି ଗ୍ରାମରେ ଥିବା ଏହି ମନ୍ଦିର ରାଜ୍ୟ ସରକାରଙ୍କ ହିନ୍ଦୁ ଧର୍ମ ଓ ଦାତବ୍ୟ ଏଣ୍ଡାଓମେଣ୍ଟ ବିଭାଗ ଦ୍ୱାରା ପରିଚାଳିତ। କାଥିରାଭନ (୨୩) ନାମକ ଦଳିତ ଯୁବକ ତାଙ୍କର ଦୁଇ ଭାଇଙ୍କ ସହ ଶୁକ୍ରବାର ମନ୍ଦିରକୁ ଯାଇଥିବାବେଳେ ହିନ୍ଦୁ ଧର୍ମର କେତେଜଣ ସେମାନଙ୍କୁ ଗାଳିଗୁଲଜ କରିବା ସହ ମନ୍ଦିର ପ୍ରବେଶକୁ ବାରଣ କରିଥିଲେ। ଏହା ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା।


**GOVERNMENT OF ODISHA**
**ZILLA PARISHAD, KALAHANDI**
**E-Procurement Notice**
E-mail: drdakalahandi@gmail.com
**Bid Identification No. ZP-KLD-T-7/2022-23**
No.CAD-100 **No.2220 Dated: 10.04.23**

| | | |
|---|---|---|
| 1 | No. of the work | : Building works 6(six) nos. |
| 2 | Estimated cost | : Rs. 32.00 Lakhs to Rs. 62.00 lakhs |
| 3 | Class of Contractor | : "C" & "B" |
| 4 | Period of completion | : 6 Calendar Months. |
| 5 | Date and time of availability of bid document in the portal | : 11.00 hrs of 12.04.2023 to 17.00 hrs of 21.04.2023 |
| 6 | Last date/Time for receipt of bid in the portal | : 17.00 hour of 21.04.2023 |
| 7 | Name and address of the Officer Inviting Bid | : Zilla Parishad, Kalahandi |
| 8 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid. | : On 22.04.2023 at 11.00 AM in the Office of the Zilla Parishad, Kalahandi |

Further details can be seen from the e-procurement portal **https://tendersodisha.gov.in**

**Sd./- CDO-cum-EO**
OIPR-19287/11/0002/2324 **Zilla Parishad, Kalahandi**



ବିଜ୍ଞାପନ

**ଦୁର୍ଗପତି କାର୍ଯ୍ୟାଳୟ, ତୃତୀୟ ଇଣ୍ଡିଆ ସଂରକ୍ଷିତ ବାହିନୀ**
**କଳିଙ୍ଗନଗର, ଯାଜପୁର**

ନାମ- ଅରୁଣ ମଲ୍ଲିକ (କନେଷ୍ଟବଲ-470)
ପିତା- ଶ୍ରୀ ଗୁରୁ ଚରଣ ମଲ୍ଲିକ
ଗ୍ରାମ- ଶକୁନ୍ତଳାପୁର
ପୋ- ଶକୁନ୍ତଳାପୁର
ଥାନା- ବଡଚଣା
ଜିଲ୍ଲା- ଯାଜପୁର

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଆପଣ ତା–18.02.2021ରିଖ ଅପରାହ୍ଣଠାରୁ ତା20.03.2021ରିଖ ପର୍ଯ୍ୟନ୍ତ 30 ଦିନ ଅର୍ଜିତ ଛୁଟି ନେଇ ଘରକୁ ଯାଇଥିଲେ । ଆପଣ ତା–21.03.2021ରିଖ ପୂର୍ବାହ୍ଣରେ କାର୍ଯ୍ୟରେ ଯୋଗ ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବିଭାଗୀୟ କାର୍ଯ୍ୟାଳୟରୁ ବାରମ୍ବାର ପତ୍ର ମାଧ୍ୟମରେ ସୂଚିତ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଯାହାକି ଆପଣ ସରକାରୀ ନିୟମକୁ ଅବମାନନା କରିଆସୁଛନ୍ତି । ଏତାଦୃଶ୍ୟ ଅନୁପସ୍ଥିତି ଯୋଗୁଁ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନଂ. 06 ତା–05.08.2022ରିଖରେ ଆରମ୍ଭ କରାଯାଇଅଛି ।

ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଅବଗତ କରାଯାଉଛି କି, ଆପଣ ବିଜ୍ଞାପନ ପ୍ରକାଶନର 15 ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ । ନଚେତ୍ ଏହି ବିଜ୍ଞପ୍ତି କି ଶେଷ ବିଜ୍ଞପ୍ତି ଭାବେ ଧରାଯାଇ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ଦୁର୍ଗପତି
OIPR-12029/11/0001/2324 କଳିଙ୍ଗନଗର, ଯାଜପୁର



**BHUBANESWAR DEVELOPMENT AUTHORITY**
**AKASH SHOVA BUILDING,**
**SACHIVALAYA MARG, BHUBANESWAR - 751001**
**No.10906/BDA, Bhubaneswar, dt.10.04.2023**
**OE-I-23/16**

**WALK IN INTERVIEW**

**No.CAD-107:** Applications are invited from eligible candidates not above the year of 63 years for the post of 1(one) Executive Engineer(Elect) at BDA for a period of one year. The requisite qualifications for the above post is given below:-

Interested candidates are requested to attend a walk-in-interview for the post mentioned above on 27.04.2023 at 11.00 A.M. in BDA office building along with copies of testimonials in support of their service records. The engagement is purely temporary in nature and is not intended to fill up any sanctioned posts.

| Sl. No. | Name of the Position | Minimum Qualification | Monthly remuneration | Maximum age limit | Tenure of contract | Work experience |
|---|---|---|---|---|---|---|
| 1 | Executive Engineer (Elect) | M.Tech (Ele)/B. Tech (Ele). The candidate should have comprehensive knowledge in Engg. Work | As per Finance Deptt. Office Memorandum No.24533, dt.29.9.22 | 63 Years | 1 (One year) | Minimum 20 years of relevant work experience in any Govt./ Non Govt. Social Development Sector. |

The selected candidates shall furnish an affidavit regarding non-pending of any criminal case/ Vigilance case/ disciplinary proceeding against him at the time of joining.

**Sd./- SECRETARY, BDA**
**OIPR-13033/11/0004/2324**



GOVERNMENT OF ODISHA
**GENERAL ADMINISTRATION & PUBLIC GRIEVANCE DEPARTMENT**
**QUOTATION CALL NOTICE**

No. T-08: Sealed quotations are invited in the prescribed format from Travel agencies/tour operators/ individual vehicle owners having valid uptodate PAN/ GST Registration number for providing **1 (One) Vehicle (TUV300 / Bolero / Sumo Gold / Ertiga or equivalent class)** for engagement in G.A. & P.G. Department on monthly rent basis. The details of the terms and conditions of the above service along with the tender document can be downloaded from State Government website **http://ga.odisha.gov.in/tenders-advertisement**. Last date for submission of quotation is **24.04.2023 at 02.00 P.M.**

**Sd./- Under Secretary to Government**
OIPR-09014/11/0002/2324



**BHUBANESWAR MUNICIPAL CORPORATION**
**E-Mail Id: ee2@bmc.gov.in**
**No. C-40**
**E-Procurement Notice**

1. Bid Reference No. : BMC-EED-II-01/2023-24, Dt.06.04.2023
2. Tender Call Notice No. : No. 16255 Dtd.06.04.2023
3. No. of Works : 11 Nos.
4. Bid Value : Rs.1,89,313.00/- to Rs.39,00,911.00/-
5. Period of Completion : 30 to 90 days

Date and time Schedule

| Start | End | Opening |
|---|---|---|
| 11.00 A.M. of 11.04.2023 | 5.00 P.M. of 20.04.2023 | 11.00 A.M. of 21.04.2023 |

6. Tender details can be seen for the e-Procurement portal **https://www.tendersodisha.gov.in.** BMC website: **https://www.bmc.gov.in**

**Sd./- Executive Engineer, Div.-II**
**OIPR-13002/11/0004/2324 Bhubaneswar Municipal Corporation**



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR**
**Tel-0663-2548268, E-mail id-serwcirclesbp@yahoo.com**
**e-Procurement No. 803/ Dated: 05.04.2023**

No.O-29:- Chief Construction Engineer, Rural Works Circle, Sambalpur on behalf of Odisha State Rural Roads Agency invites Percentage (%) bids through e-Procurement from eligible class of experienced bidders for construction of Bridges including maintenance for 5 years under **Pradhan Mantri Gram Sadak Yojana PMGSY- III, Batch-I of 2022-23**.

| | | |
|---|---|---|
| 1. | Name of work | : Construction of Bridge/Bridge with Bandhara works including five year maintenance under PMGSY-III, Batch-I of 2022-23. |
| 2. | Class of Contractor | : As mentioned in Annexure. |
| 3. | No of packages | : 07 Nos. of Package. |
| 4. | Estimated cost | : **Varies from Approx. Rs.350.30 Lakhs to Rs.743.89 Lakh (Information in DTCN will be Final).** |
| 5. | Bid submission fee | : Rs.10,000/- (Non-Refundable) per set of package. |
| 6. | Mode of submission of tender | : Only through online in website **www.pmgsytenders.gov.in**. |
| 7. | Summary of key dates are provided below: | |

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Last Date and time of submission of Original documents | Date & Time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| Chief Construction Engineer, Rural Works Circle, Sambalpur | PMGSY-Online-RWCSBP-1/2023-24 | 15.04.2023 From 11.00. A. M. | 05.05.2023 Up to 05.00 P.M. | 03.05.2023 Up to 5.00 P.M. | 10.05.2023 By 5.00 PM | 06.05.2023 At 11.00 A.M. | Will be intimated later |

***Special conditions:** 1-EPF registration is mandatory before drawl of agreement. 2- Rate quoted by the contractor shall be excluding GST. 3. Bid submission fee and original affidavits should be submitted at the O/o Chief Construction Engineer, Rural Works Circle, Sambalpur **Or** O/o Executive Engineer/Superintending Engineer of Concern Rural Works Division.
*Details can be seen from the e-procurement portal **www.pmgsytenders.gov.in**
*Subsequent modification/corrigendum/Addendum if required shall be appeared in the website only.

**Sd./- Chief Construction Engineer**
OIPR-25091/11/0003/2324 **Rural Works Circle, Sambalpur**



GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)
**Office of the Executive Engineer**
**Boudh Irrigation Division, Boudh, Pin-762014**
**e-mail i.d-eebidboudh@gmail.com, Telephone No.-06841-222039**
**"e"- procurement Notice No.- 01/2023-24**
**Bid Identification No. EE BOD-01/23-24**

No.A-15:- Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | RE Restoration, RE State plan and Maintenance & Repair works |
| 2 | No of Works | 26 Nos. (Individual Works) |
| 3 | Class of Contractor | "B", "C" & "D" Class (Odisha PWD or relevant class of other licensing Authority.) |
| 4 | Bid Identification No. | EE-BOD-01/2023-24 |
| 5 | Estimated Cost | Varies Approximately from 6.60 Lakhs to 26.63 Lakhs |
| 6 | Period of Completion | 6 (Six) Calendar Months. |
| 7 | Date & time of availability of bid documents in the Portal | From 11.04.2023 (10.00 AM) to 24.04.2023 (05.00 P.M). |
| 8 | Last date/time for receipt of bids through online. | 24.04.2023 upto 05.00 P.M. |
| 9 | Date of Opening of Bid through online | 25.04.2023 (11.00 AM onwards in the Office of the undersigned.) |
| 10 | Name of the Officer inviting Bid | Executive Engineer, Boudh Irrigation Division, Boudh (Dist.-Boudh) |

Further details can be seen from the e-Procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

**Sd./- Executive Engineer, Boudh Irrigation Division, Boudh**
OIPR-32111/11/0001/2324



**ZILLA SWASTHYA SAMITI GANJAM**
**(UNDER NATIONAL HEALTH MISSION)**
**Adv. No. 5331/2023 Date:10.04.2023**
**Request for Proposal (RFP) for Operation & Management of Urban Health & Wellness Centre (UHWC) under PPP of Ganjam**

**No.E-17:** Zilla Swasthya Samiti (ZSS), Ganjam invite applications as per the prescribed RFP document from eligible entities registered under Society Registration Act/ Indian Trust Act/ Company Act/ Pvt. Hospitals (with registration from appropriate authority) for Operation & Management of Urban Health & Wellness Centre (U-HWC) in partnership mode. The eligibility criteria and detailed requirements for "Operation & Management of UHWC" are set forth in the RFP document which can be downloaded from the website: **https//ganjam.nic.in** interested bidders fulfilling the eligibility criteria may submit their application, required documents & EMD as set forth in this RFP. The interested bidders can submit the proposal with required documents through Speed post/Registered post/Courier only clearly super scribing the name of the U-HWC applied for management of UHWC on the envelop to **the CDM & PHO, Ganjam, Near City Hospital, Berhampur, PIN-760001) latest by 10.05.2023 at 5 P.M** . Incomplete applications/applications received from the blacklisted NGOs/ Trusts/ Company/ Pvt. Medical Colleges/ Hospitals will be summarily rejected. The authority reserves the right for cancellation of the advertisement /selection / modification of guidelines for selection without assigning any reason thereof. No personal inquiry shall be entertained.

**Sd./- CDM&PHO-cum-**
**OIPR-10041/11/0001/2324 District Mission Director, Ganjam**



**Annexure - II**
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), DHENKANAL DISTRICT**
**Phone: (06762) 295760, District Website: www.dhenkanal.nic.in**
**Tender No. 687** **Dated: 06.04.2023**

No. CAD-99: District Manager, Odisha State Civil Supplies Corporation Ltd., **Dhenkanal** District invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for Transportation of Food grains from FSD, FCI to RRCs. |
| 2 | Availability of bid document in the portal | From Dt.06.04.2023 |
| 3 | Last date/time for receipt of bids in the portal | Dt.20.04.2023 upto 5.00 P.M. |
| 4 | Date/Time of Opening of Technical Bid | Dt.21.04.2023 at 11.00 A.M. |
| 5 | Name and address of the Office Inviting Tender | District Manager, OSCSC Ltd., Dhenkanal (District). |

Tender documents & other details can be seen from the e-procurement portal of **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Retenders etc. if any shall be published only in above websites.

**OIPR-07005/11/0003/2324 Sd./- District Manager, OSCSC Ltd., Dhenkanal**



**WESTERN ODISHA URBAN TRANSPORT SERVICE LIMITED, SAMBALPUR**
**Regd. Office: Plot No. 214, Ring Road, SMC Complex, Durgapali (Near NH-53), Sambalpur, Odisha - 768006**
**Email Id: woutslsbp@gmail.com/sambalpurm.hud@nic.in**
**CIN: U60221OR2013PLC017182**
**RFP No. 143/WOUTSL** **Date: 03.04.2023**

**Request for Proposal for Selection of Advertising Agency for allotment of Advertisement Space rights on City Bus Stops of Western Odisha Urban Transport Services Limited in Sambalpur, Bargarh and Jharsuguda Urban Cluster**

No. CAD-105: Western Odisha Urban Transport Services Limited (WOUTSL) invites bids from interested advertising agencies for allotment of advertisement rights on the City Bus Stops of WOUTSL. Please refer the RFP document for details. The RFP document can be downloaded from: **www.sambalpur.nic.in/smcsambalpur.nic.in**. Applicants are required to submit duly filled proposal as per the prescribed formats on or before 10.05.2023 by 12.00 Noon. The technical bids will be opened on 10.05.2023 at 01.00 P.M. in the Office Chamber of Commissioner, SMC-cum-CEO, WOUTSL.
WOUTSL reserves the right to accept or reject bid process without assigning any reasons thereof.

**Sd./- Chief Executive Officer**
**Western Odisha Urban Transport Services Limited**
**OIPR-38036/11/0001/2324**



**Annexure - II**
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), DHENKANAL DISTRICT**
**Phone: (06762) 295760, District Website: www.dhenkanal.nic.in**
**Tender No. 686** **Dated: 06.04.2023**

No. CAD-98: District Manager, Odisha State Civil Supplies Corporation Ltd., **Dhenkanal** District invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of **Handling Contractor** (Labour Works) for Handling of Food grains (Rice, Wheat) at the RRCs (except in those PEG godowns where godown onwer is undertaking handling work) in the district of the State of Odisha |
| 2 | Availability of bid document in the portal | From Dt.06.04.2023 |
| 3 | Last date/time for receipt of bids in the portal | Dt.20.04.2023 upto 5.00 P.M. |
| 4 | Date/Time of Opening of Technical Bid | Dt.21.04.2023 at 11.00 A.M. |
| 5 | Name and address of the Office Inviting Tender | District Manager, OSCSC Ltd., Dhenkanal (District) |

Tender documents & other details can be seen from the e-procurement portal of **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Retenders etc. if any shall be published only in above websites.

**OIPR-07005/11/0002/2324 Sd./- District Manager, OSCSC Ltd., Dhenkanal**



**Annexure - II**
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), DHENKANAL DISTRICT**
**Phone: (06762) 295760, District Website: www.dhenkanal.nic.in**
**Tender No. 688** **Dated: 06.04.2023**

No. CAD-97: District Manager, Odisha State Civil Supplies Corporation Ltd., **Dhenkanal** District invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of **Level-II Transport Contractor** for Transportation of Food grains from RRCs to Retail Centers (FPS) |
| 2 | Availability of bid document in the portal | From Dt.07.04.2023 |
| 3 | Last date/time for receipt of bids in the portal | Dt.22.04.2023 upto 5.00 P.M. |
| 4 | Date/Time of Opening of Technical Bid | Dt.25.04.2023 at 12.00 Noon. |
| 5 | Name and address of the Office Inviting Tender | District Manager, OSCSC Ltd., Dhenkanal (District) |

Tender documents & other details can be seen from the e-procurement portal of **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Retenders etc. if any shall be published only in above websites.

**Sd./- District Manager**
**OIPR-07005/11/0001/2324 OSCSC Ltd., Dhenkanal**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭବାନୀ ନିଆଲ ବିଜେଡିରୁ ବହିଷ୍କୃତ

## ମହଙ୍ଗା ପଡ଼ିଲା ଦଳ ବିରୋଧୀ କାର୍ଯ୍ୟ

ଭୁବନେଶ୍ୱର(ବ୍ୟୁରୋ)/ ଭବାନୀପାଟଣା, ୧୦।୪(ସ୍ୱ.ପ୍ର.)


ଭବାନୀ ଶଙ୍କର ନିଆଲ।

କଳାହାଣ୍ଡି ଜିଲା ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ପରିଷଦ ସଦସ୍ୟ ଭବାନୀ ଶଙ୍କର ନିଆଲଙ୍କୁ ସୋମବାର ବିଜେଡିରୁ ବହିଷ୍କୃତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ଯୋଗୁ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ତାଙ୍କୁ ବହିଷ୍କାର କରିଥିବା ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭବାନୀପାଟଣାରେ ଗତ ମାର୍ଚ୍ଚ ୨୬ ତାରିଖରେ ସାଇନିଂ କଳାହାଣ୍ଡି ପକ୍ଷରୁ ବେଦାନ୍ତକୁ ବକ୍ସାଇଟ ଖଣି ଲିଜରେ ଦିଆଯାଉ ବୋଲି ଏକ ବିରାଟ ଶୋଭାଯାତ୍ରା ସହ ଟାଉନ ହଲରେ ଏକ ଜନସମ୍ପଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଇନିଂ କଳାହାଣ୍ଡି ଅଧ୍ୟକ୍ଷ ତଥା ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଡ. ଭବାନୀ ଶଙ୍କର ନିଆଲଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବିଜେଡିର ଭବାନୀପାଟଣା ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଦଳୀୟ ନେତା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପରେ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହାକୁ ପ୍ରତିବାଦ କରି ସଭା କରାଯାଇଥିଲା। ଏପରିକି ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ କଡା ସମାଲୋଚନା କରାଯିବା ସହ ବିତର୍କ ସୃଷ୍ଟି ହୋଇଥିଲା। ଏପରିକି ସାଇନିଂ କଳାହାଣ୍ଡି ପକ୍ଷରୁ ଏହି କାର୍ଯ୍ୟକ୍ରମ ବିଜେଡି ସମର୍ଥନରେ ହେଉଥିବା ସାଧାରଣରେ ଆଲୋଚନା ହୋଇଥିଲା। ଆଦିବାସୀଙ୍କ ବିରୋଧ ସତ୍ତ୍ୱେ ବେଦାନ୍ତକୁ ଖଣି ଲିଜରେ ଦେବା ଦାବି ନେଇ ଆଦିବାସୀ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରି ଆନ୍ଦୋଳନ କରାଯିବା ପାଇଁ ସଜବାଜ ହେଉଥିବା ଶୁଣିବାକୁ ମିଳୁଥିଲା। ଏହା ପୂର୍ବରୁ ଗତ ମଙ୍ଗଳବାର ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ରାଜ୍ୟ ପରିଷଦ ସଦସ୍ୟ ଡ. ଭବାନୀ ନିଆଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ଏହାର ରିପୋର୍ଟ ୭ ଦିନ ମଧ୍ୟରେ ଦେବାକୁ କହିଥିଲେ। ଏହି ଘଟଣା ନେଇ ଗତ ବୁଧବାର କଳାହାଣ୍ଡି ବିଜେଡି ପକ୍ଷରୁ ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ପୂର୍ବତନ ପୌରାଧ୍ୟକ୍ଷ ଆଦିତ୍ୟ ନନ୍ଦ, ଜିଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ଜିଲା ଉପସଭାପତି ଜିତେନ୍ଦ୍ର ମହାନ୍ତି, ଚିତ୍ତ ରଞ୍ଜନ ମଣ୍ଡଳ, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇ ସାଇନିଂ କଳାହାଣ୍ଡି ସହ ବିଜେଡିର କୌଣସି ସମ୍ପର୍କ ନାହିଁ ବୋଲି କହିଥିଲେ। ଏପରିକି ବେଦାନ୍ତକୁ ଖଣି ଲିଜରେ ଦେବା ପାଇଁ ଦାବି ବିଷୟରେ ସେମାନେ ପୂର୍ବରୁ ଜାଣି ନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେବା ପରେ ଘଟଣାର ଦାବି ବିଷୟରେ ଜାଣିଥିଲେ। ଦୀର୍ଘବର୍ଷ ଧରି ଆଦିବାସୀଙ୍କ ପ୍ରତିବାଦ ଓ ବିରୋଧ ପରେ ବେଦାନ୍ତକୁ ନିୟମଗିରି ଖଣି ଖନନ ନ କରିବା ପାଇଁ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଉପରୋକ୍ତ କାର୍ଯ୍ୟକ୍ରମ ଦ୍ୱାରା ଆଦିବାସୀମାନଙ୍କ ମାନସିକତାକୁ ଆଘାତ ହୋଇଥିବା ମନେ କରି ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଥିଲା। ଆଦିବାସୀଙ୍କ ସହ ବିଜେଡି ସଦାସର୍ବଦା ରହିଛି ବୋଲି କହିଥିଲେ। ଜିଲାରେ ଏକ ଆଦିବାସୀ ଭବନ ପାଇଁ ୩୦ ଡେସିମିଲ ସ୍ଥାନ ସହ ୫୦ ଲକ୍ଷ ଟଙ୍କାର ଅନୁଦାନ ମୁଖ୍ୟମନ୍ତ୍ରୀ ଘୋଷଣା କରି ଆଦିବାସୀଙ୍କୁ ଉତ୍ସାହିତ କରିଛନ୍ତି ବୋଲି କୁହାଯାଇଥିଲା।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବାସଭବନ ଆଗରେ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଲାଗି ଖାର୍ଗେଙ୍କ ନାଁ ଉଠାଇଲେ ଶିବକୁମାର

## କର୍ନାଟକ ବିଧାନସଭା ନିର୍ବାଚନ


ମଲ୍ଲିକାର୍ଜୁନ ଖାର୍ଗେ


ଡି.କେ. ଶିବକୁମାର

ବେଙ୍ଗାଲୁରୁ, ୧୦।୪

କର୍ନାଟକ ବିଧାନସଭା ନିର୍ବାଚନ ଜିତିବା ପାଇଁ କଂଗ୍ରେସ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ କିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ଏହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ରାଜ୍ୟର ସର୍ବୋଚ୍ଚ ପଦବୀ ଲାଗି ବରିଷ୍ଠ ନେତା ସିଦ୍ଧରମୈୟା ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଡି.କେ. ଶିବକୁମାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ଏହି ଦୌଡ଼କୁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଆଣିବା ଲାଗି ଶିବକୁମାର ଉଦ୍ୟମ କରିଛନ୍ତି, ଯାହା ଦଳୀୟ ମହଲରେ ବିସ୍ମୟ ସୃଷ୍ଟି କରିଛି। ସିଦ୍ଧରମୈୟାଙ୍କୁ ଚେକ୍ ଦେବା ଲାଗି ଶିବକୁମାର ଖାର୍ଗେଙ୍କ ନାଁ ଉଠାଇ ଦଳ ଭିତରେ ଦଳିତ ମୁଖ୍ୟମନ୍ତ୍ରୀ ଏବଂ ସ୍ଥାନୀୟ ବନାମ ପ୍ରବାସୀକୁ ନେଇ ବିତର୍କ ବଢ଼ାଇବାକୁ ଉଦ୍ୟମ କରିଥିବା କୁହାଯାଉଛି। ଯଦି ଖାର୍ଗେ କର୍ନାଟକ ମୁଖ୍ୟମନ୍ତ୍ରୀ ହୁଅନ୍ତି, ତେବେ ତାଙ୍କ ଅଧୀନରେ କାର୍ଯ୍ୟ କରିବାକୁ ପସନ୍ଦ କରିବି ବୋଲି କେପିସିସି ସଭାପତି କହିଥିଲେ। ଅତୀତରେ ଏହି ବର୍ଷୀୟାନ ନେତାଙ୍କ ପ୍ରତି ଅନ୍ୟାୟ ହୋଇଥିବା ଦଳ ଭିତରେ ସ୍ୱର ଉଠିଛି। ତେବେ ଦଳର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଶିବକୁମାର କହିଛନ୍ତି।

# ଜଲନ୍ଧର ଉପନିର୍ବାଚନ ପୂର୍ବରୁ କଂଗ୍ରେସକୁ ଝଟକା

## ଏଏପିରେ ସାମିଲ ହେଲେ ପୂର୍ବତନ ବିଧାୟକ

ଚଣ୍ଡିଗଡ,୧୦।୪:

ପଞ୍ଜାବର ଜଲନ୍ଧର ଲୋକ ସଭା ଉପନିର୍ବାଚନ ଚଳିତମାସ ୧୦ ତାରିଖରେ ଅନୁଷ୍ଠିତ ହେବ। ମାତ୍ର ଏହା ପୂର୍ବରୁ କଂଗ୍ରେସକୁ ବଡ଼ ଝଟକା ଲାଗିଛି। କରତାରପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ଚୌଧୁରୀ କଂଗ୍ରେସ ଛାଡ଼ି ଏଏପିରେ ସାମିଲ ହୋଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ସୁରେନ୍ଦ୍ରଙ୍କୁ ଦଳରେ ବିଧିବଦ୍ଧ ଭାବେ ସାମିଲ କରାଇଛନ୍ତି। ଏଏପିରେ ଯୋଗଦେବା ପରେ ସୁରେନ୍ଦ୍ର ପ୍ରତିକ୍ରିୟା ଦେଇ କହିଛନ୍ତି, ଆମ୍ ଆଦ୍‌ମୀ ପାର୍ଟିର ଜନ କଲ୍ୟାଣକାରୀ ନୀତି ଦ୍ୱାରା ପ୍ରଭାବିତ ହେବା ପରେ ମୁଁ ଏହି ପଦକ୍ଷେପ ନେଇଛି। ପଞ୍ଜାବର ଭବିଷ୍ୟତ କେବଳ ଭଗୱନ୍ତ ମାନଙ୍କ ହାତରେ ସୁରକ୍ଷିତ। ସୂଚନାଯୋଗ୍ୟ ନିକଟରେ ଜଲନ୍ଧର ପଶ୍ଚିମ ବିଧାନସଭା ଆସନର ପୂର୍ବତନ କଂଗ୍ରେସ ବିଧାୟକ ସୁଶୀଲ ରିଙ୍କୁ ଏଏପିରେ ସାମିଲ ହୋଇଛନ୍ତି। ଜଲନ୍ଧରର ପୂର୍ବତନ ଏମ୍‌ପି ସ୍ୱର୍ଗତ ସନ୍ତୋଷ ଚୌଧୁରୀଙ୍କ ମୃତ୍ୟୁ ପରେ ଏଠାରେ ଉପନିର୍ବାଚନ ହେଉଛି। ପୂର୍ବତନ ବିଧାୟକ ସୁରେନ୍ଦ୍ର ଦିବଙ୍ଗତ ଏମ୍‌ପି ସନ୍ତୋଷ ଚୌଧୁରୀଙ୍କ ପୁତୁରା। ତେବେ ଏହି ୨ପୂର୍ବତନ କଂଗ୍ରେସ ବିଧାୟକଙ୍କ ଏଏପିରେ ସାମିଲ ହେବାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।


ଏଏପିରେ ଯୋଗଦେବା ଅବସରରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ସହ ପୂର୍ବତନ କଂଗ୍ରେସ ବିଧାୟକ ସୁରେନ୍ଦ୍ର ଚୌଧୁରୀ।

# ଏଏପିର ୧୦ଲକ୍ଷରୁ ଊର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ

## ସିସୋଡିଆ-ଜୈନଙ୍କ ଗିରଫଦାରିକୁ ବିରୋଧ

ନୂଆଦିଲ୍ଲୀ,୧୦।୪

ଆମ୍ ଆଦ୍‌ମୀ ପାର୍ଟି(ଏଏପି)ନେତା ମନୀଷ ସିସୋଡିଆ ଓ ସତ୍ୟେନ୍ଦ୍ର ଜୈନଙ୍କ ଗିରଫଦାରୀ ବିରୋଧରେ ଘରକୁ ଘର ଅଭିଯାନରେ ଦଳ ୧୦ଲକ୍ଷରୁ ଅଧିକ ଦସ୍ତଖତ ସଂଗ୍ରହ କରିଛି। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏ ସମ୍ପର୍କିତ ଏକ ଚିଠି ପଠାଯିବ ବୋଲି ଏଏପି ଦିଲ୍ଲୀ ୟୁନିଟ୍ ସଂଯୋଜକ ଗୋପାଳ ରାୟ ସୋମବାର କହିଛନ୍ତି। ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ ପାଇଁ ଦଳ ଗତ ମାସରେ ସମସ୍ତ ୱାର୍ଡରେ ଘରକୁ ଘର ଅଭିଯାନ ଆରମ୍ଭ କରିଥିଲା। ୧୦ଲକ୍ଷ ଦସ୍ତଖତ ସଂଗ୍ରହ ଲାଗି ଆମର ଲକ୍ଷ୍ୟ ରହିଥିଲା ଏବଂ ରବିବାର ଏହାକୁ ହାସଲ କରିଛୁ । ଏହି ଅଭିଯାନରେ ଜିଲା ପ୍ରଭାରୀ, ଲୋକ ସଭା ପ୍ରଭାରୀ ଏବଂ କାଉନସିଲର ସାମିଲ ହୋଇଥିଲେ। ତେବେ ସିସୋଡିଆ ସରକାରୀ ବିଦ୍ୟାଳୟରେ ପରିବର୍ତ୍ତନ ଆଣିଥିବା ବେଳେ ସତ୍ୟେନ୍ଦ୍ର ଜୈନ ମୋହଲ୍ଲା କ୍ଲିନିକ ମଡେଲ ଦେଇଥିଲେ। ତାଙ୍କୁ ଜେଲରେ ରଖାଯିବା ନେଇ ଦିଲ୍ଲୀବାସୀ କ୍ରୋଧ ପ୍ରକାଶ କରିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ରାୟ କହିଛନ୍ତି । ତେବେ ଏହି ଅଭିଯାନକୁ ସମର୍ଥନ କରିଥିବାରୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଦିଲ୍ଲୀବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନୂତନ ୮୨୦୦ ଇଭିଏମ୍‌ର ଯାଞ୍ଚ ଆରମ୍ଭ

## କାର୍ଯ୍ୟକ୍ରମରେ ୧୦ ଅଧିକାରୀ, ୬୨ କର୍ମଚାରୀ ସାମିଲ

ପୁରୀ ଅଫିସ, ୧୦।୪

ଆଗାମୀ ୨୦୨୪ ମସିହାରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ହାଇଦ୍ରାବାଦସ୍ଥିତ ଇସିଆଇଏଲ୍ କମ୍ପାନୀରୁ ୮୨୦୦ଟି ନୂତନ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଗତ ୪ତାରିଖରେ କଡ଼ା ସୁରକ୍ଷା ମଧ୍ୟରେ ଆସି ପୁରୀରେ ପହଞ୍ଚିଥିଲା। ୪୧୦୦ ବାଲାଟ ୟୁନିଟ ଓ ୪୧୦୦ କଣ୍ଟ୍ରୋଲ ୟୁନିଟ ପୁରୀରେ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ପେଣ୍ଟକଟାସ୍ଥିତ ଇଭିଏମ୍ ଗୋଦାମରେ ରଖାଯାଇଛି। ସୋମବାର ଏହି ମେଶିନଗୁଡ଼ିକର ଟେଷ୍ଟିଂ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏହି ଟେଷ୍ଟିଂ ପ୍ରକ୍ରିୟାକୁ ଅନୁଧ୍ୟାନ କରିଛନ୍ତି। ନୋଡାଲ ଅଫିସର ତଥା ପିକେଡିଏ ସେକ୍ରେଟାରୀ ଲଳାଟେନ୍ଦୁ ସାହୁ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ଏବଂ ଓଡ଼ିଶା ପ୍ରଶାସନିକ ସେବାର ପ୍ରୋବେଶନର ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ୬୦ଟି ଟିମ୍ ମାଧ୍ୟମରେ ଏହି ଟେଷ୍ଟିଂ କରାଯାଉଛି। ଇସିଆଇଏଲ୍‌ର ସେକ୍ସନ ଅଧିକାରୀ ପଵନ କୁମାର ଭଟ୍ଟ ସୁପରଭାଇଜିଂ ଅଧିକାରୀ ଭାବେ ଯୋଗଦେଇ ମେଶିନଗୁଡ଼ିକର କାର୍ଯ୍ୟଦକ୍ଷତା ସମ୍ପର୍କରେ ବୁଝାଇବା ସହ ସମସ୍ୟାର ସମାଧାନ କରିବାକୁ ଉପସ୍ଥିତ ରହିଛନ୍ତି। ନୂଆ ମେଶିନ ଆସିଲେ ତାହାର କାର୍ଯ୍ୟକାରିତା ଜାଣିବା ପାଇଁ ଟେଷ୍ଟିଂ କରାଯିବା ଏକ ନିୟମିତ ଓ ସ୍ୱାଭାବିକ ପ୍ରକ୍ରିୟା। ଟେଷ୍ଟିଂରେ ଯେଉଁ ମେଶିନରେ ସମସ୍ୟା ଥିବ ତାହାକୁ ଇସିଆଇଏଲର ଇଞ୍ଜିନିୟରମାନେ ସମାଧାନ କରିବେ ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନୂତନ ଇଭିଏମ୍‌ଗୁଡ଼ିକର ପରୀକ୍ଷା କରାଯାଉଛି। ମେଶିନ୍ ସବୁ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ଇତ୍ୟାଦି ଯାଞ୍ଚ କରାଯିବ। ଏହାପରେ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟକୁ ରିପୋର୍ଟ ପଠାଯିବ। ଏହି ଟେଷ୍ଟିଂ ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଜିଲାର ୧୦ ଜଣ ଅଧିକାରୀ ଓ ୬୨ କର୍ମଚାରୀ ସାମିଲ ଥିବାବେଳେ ପିକେଡିଏ ସେକ୍ରେଟାରୀ ନୋଡାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି।

**Classified Everyday**
**0674-2580101, 2549949**


REAL ESTATE

**SALE**

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ- 800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

**Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ)** D-0023

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Grandbazar** ସମ୍ମୁଖରୁ **walkable** ଦୂରତାରେ ଘର ଉପଯୋଗୀ **plot** କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। **8249310759.** D-74841


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


FOR RENT

ଘର ଭଡା ଦିଆଯିବ ବଡଶଂଖ ନିକଟ ବାଘ ଆଖଡା ଲେନ୍‌ରେ। ୨ୟ ମହଲାରେ ୩ଟି ଘର ଖାଲିଅଛି, ଭଡା ନେବାକୁ ଇଚ୍ଛୁକ ବ୍ୟକ୍ତି ନିମ୍ନ phoneରେ ଯୋଗାଯୋଗ କରନ୍ତୁ। Mob- 9040533062, 9437523421. D-0066




**Full Body massage by Experience Therapist @999 only- 9078484455. (Bhubaneswar).** D-3134

Newly open SPA positively health benefits with expert therapist. 7849011931. D-73698

Newly open health benefits SPA special Offer @ 799, Jaydev Vihar. 8018429809. D-73697

Fullbody massage, refresh, relaxed by expert Lady Therapist. Contact: 8480939300. D-0029

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

All types of professional body massage by professional therapy. Contact: 9556924059, 7077933109. D-0046

Full body massage in homely atmosphere all therapy. Mob: 8114881641. D-73427

Asribada Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669

Newly open Spa Positively health benefit with expert. Contact- 7749976301 D-74532

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I stated that my name is Soumya Sucharita Jena, D/o Suratha Chandra Jena, At- Durgapur, P.O.- Dakhina Radas, P.S.- Balanga, Dist.-Puri, Odisha Pin-752114. In my PAN card, Aadhaar card, Voter Identity card my name is written as Soumya Sucharita Jena, but in my HSC certificate it is wrongly written as Saumya Sucharita Jena. Soumya Sucharita Jena and Saumya Sucharita Jena is one and same person. Hence, by this Affidavit No-175 dated 17.03.2023,from now and onwards, I shall be known as Soumya Sucharita Jena for all purpose. D-0075

By virtue of an affidavit near Executive Magistrate, Cuttack on 28th March 2023 Kaushal Agarwal and Kaushal Kumar Agarwal, S/o Ghanshyam Agarwal flat NO.-3/B, Jubliee Tower, PS Purighat, Cuttack-753009 both the name pertain to the one and the same person. D-0072

CLASSIFIED DISPLAY
MORE SPACE ' SAME PRICE
ALL EDITION - BW (Everyday)

**SONY MOBILE NETWORK**
ନିଜଛାତ,ଜମି,ଜଳିନ୍‌କୁ ରୋଜଗାର ପନ୍ଥା ବନାନ୍ତୁ 5G Network Tower ଲଗାନ୍ତୁ.
ପ୍ରତିମାସ, 20 ବର୍ଷର ଚୁକ୍ତି, ଚୁକ୍ତି ଶୁଳ୍କ 650/-ମାତ୍ର
**ADVANCE : 30 LAKH**
ଭଡା : ୧୫,୦୦୦/- ମାସିକ, ଚାକିରି-୧ଜଣ, ଦରମା : ୧୫,୦୦୦/- + PF + Bonos + ବୋଲେରୋ ଗାଡି
**6390061477**
**7380925927**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
**୧୧।୦୪।୨୦୨୩ (ମଙ୍ଗଳବାର)**



**ଏପୁଷ୍ପାଞ୍ଜଳି ରଥ**
ବାନାବଗିଚା, ଶେଖ୍‌ବଜାର, କଟକ
ଆବିର୍ଭାବ- ୦୧।୦୫।୧୯୫୫
ତିରୋଧାନ- ୨୧।୦୪।୨୦୨୨
ଆପଣଙ୍କ ସରଳ ହୃଦୟର ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁତ୍ର: ଶିଳାଦିତ୍ୟ, ଝିଅ: ଅନୁରୂପା, ଅନୁରାଧା, ନାତି: ଅୟସ୍କାନ୍ତ, ବିଶ୍ୱାସରଞ୍ଜନ, ରୂପେଶ, ନିଖିଳେଶ୍ ଓ ପରିବାରବର୍ଗ।
ଧ-୩୦୧୫

**IN MEMORIAM**



IN MEMORY OF BRAVE HEART
No 10259895
**LATE SEP NARAHARI MAHANTA**
120 INF BN (TA) BIHAR YOU WILL ALWAYS BE PART OF US IN OUR HEARTS & PRAYERS. WE ALL WISH YOU AND FONDLY REMEMBER YOU FOR YOUR SUPREME SACRIFICE FOR THE NATION ON 11 APR 1990 AT ALFA DET, SRINAGAR (J&K) DURING MILITANT ACTION. NO WORDS ARE ENOUGH TO EXPRESS OUR GRATITUDE TO YOU. YOU ARE THE REAL HERO OF THE NATION.
**FONDLY REMEMBERED BY KALINGA TERRIERS**
ଧ-୦୦୬୭

# ପିଲାଙ୍କ ସମର କ୍ୟାମ୍ପ

**ବର୍ତ୍ତମାନ ଅଧିକାଂଶ ପିଲାଙ୍କଠାରେ ନୃତ୍ୟ, ସଙ୍ଗୀତ, ଅଭିନୟ, ଚିତ୍ରାଙ୍କନ ହେଉ ଅବା କ୍ରୀଡ଼ା ଭଳି ବିଭିନ୍ନ କ୍ଷେତ୍ରରେ ରହିଛି ବିଶେଷ ରୁଚି। ହେଲେ କେବେ ସ୍କୁଲ ପାଠ ପଢ଼ାର ଚାପ ହେଉ ଅବା ଏସବୁ ଦିଗରେ ଶିକ୍ଷା ଗ୍ରହଣ କରିବାର ସୁବିଧା ଅଭାବରୁ ନିଜ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରିବାରୁ ବଞ୍ଚିତ ହୁଅନ୍ତି ଅନେକେ। ଏମିତିରେ ନିଜ ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ସହ ଲୋକଲୋଚନକୁ ଆଣିବା ଲାଗି ଅଭିଭାବକଙ୍କ ପାଇଁ ବେଶ୍ ସହାୟକ ହୋଇପାରିଛି ସମର କ୍ୟାମ୍ପ...**







ସବୁ ଅଭିଭାବକ ଚାହାନ୍ତି ନିଜ ପିଲା ଭଲ ପଢ଼ିବା ସହ ନୃତ୍ୟ, ସଙ୍ଗୀତ, ଅଭିନୟ, ଚିତ୍ରାଙ୍କନ ହେଉ ଅବା କ୍ରୀଡ଼ା ଭଳି ବିଭିନ୍ନ କ୍ଷେତ୍ରରେ ବି ଦକ୍ଷ ହେଉ। ସେଥିପାଇଁ କେତେଜଣ ଅଭିଭାବକ ପିଲାଙ୍କୁ ରୁଚି ଥିବା କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ତାଲିମ ମଧ୍ୟ ଯୋଗାଇଦେଇଥାନ୍ତି। ହେଲେ ପିଲାଙ୍କ ପଢ଼ାରେ ଅବହେଳା ହେବ ଭାବି ହେଉ ଅବା ନିକଟରେ ଶିଖାଇବା ଲାଗି କୌଣସି ସୁବିଧା ନ ଥିବାରୁ ଆଉ କେତେଜଣଙ୍କ ପିଲା ଏସବୁ ସୁଯୋଗରୁ ବଞ୍ଚିତ ହୋଇଥାନ୍ତି। ହେଲେ ବର୍ତ୍ତମାନ ଏସବୁ ସମସ୍ୟା ସମାଧାନର ସବୁଠୁ ବେଷ୍ଟ ଅପ୍ସନ ପାଲଟିଛି ସମର କ୍ୟାମ୍ପ। ଯେଉଁଠି ପିଲାମାନେ ଛୁଟି ସମୟରେ ବି ଏସବୁ ଶିଖି ନିଜ ପ୍ରତିଭାକୁ ପରିପ୍ରକାଶ କରିବାର ସୁଯୋଗ ପାଇପାରିବେ। ସେଠାରେ ସେମାନେ କେବଳ ନିଜ ସ୍କୁଲ ଛାତ୍ରୀଛାତ୍ରଙ୍କ ବ୍ୟତୀତ ଅନ୍ୟ ପିଲାଙ୍କ ସହ ବନ୍ଧୁତା ଓ ମଜାମସ୍ତି କରିବାର ସୁଯୋଗ ପାଇବେ। ଏହା ବ୍ୟତୀତ ଅଧିକ ପିଲାଙ୍କ ଗହଣରେ କ୍ୟାମ୍ପରେ ଥିବା ଟ୍ରେନରମାନଙ୍କ ଆଗରେ କହିବା ଦ୍ୱାରା ସେମାନଙ୍କ ମନରୁ ଧୀରେ ଧୀରେ ପବ୍ଲିକ ସ୍ପିକିଂ ଭୟ ବି ଦୂର ହୋଇପାରିବ।

**ପିଲାଙ୍କୁ ସମର କ୍ୟାମ୍ପ ପଠାଉଥିଲେ କେତେକ ଦିଗ ପ୍ରତି ଧ୍ୟାନ ରଖିବା ଆବଶ୍ୟକ...**

❖କେତେକ ସମର କ୍ୟାମ୍ପରେ ବିଭିନ୍ନ କ୍ଷେତ୍ରରେ ତାଲିମ ଦିଆଯାଉଥିବା ବେଳେ କେତେକ କ୍ୟାମ୍ପ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତାଲିମ ଦେବା ଲାଗି ଆୟୋଜନ କରାଯାଇଥାଏ। ତେଣୁ ଆପଣଙ୍କ ପିଲାର ରୁଚି କେଉଁଥିରେ ଅଛି ଜାଣିବା ପରେ ଉକ୍ତ କ୍ୟାମ୍ପକୁ ପଠାନ୍ତୁ।

❖ନିକଟରେ ଏକାଧିକ କ୍ୟାମ୍ପ ଆୟୋଜନ ହୋଇଥିଲେ ଏହାର ଦୂରତା ଅନୁଯାୟୀ ଆପଣଙ୍କୁ ପିଲାଙ୍କ ନେବା ଆଣିବାରେ ସୁବିଧା ହେବା ଭଳି କ୍ୟାମ୍ପ ବାଛନ୍ତୁ।

❖ପ୍ରତିବର୍ଷ ଆୟୋଜନ ହୋଇଆସୁଥିବା କ୍ୟାମ୍ପରେ ଯଦି କେହି ପରିଚିତଙ୍କ ପିଲା ପୂର୍ବରୁ ଯାଇଥିବେ ତେବେ ତାଙ୍କଠାରୁ ତଥ୍ୟ ଜାଣିଲେ ପିଲାଙ୍କ ପାଇଁ ଅଧିକ ସୁବିଧା ହୋଇପାରିବ।

❖କେତେକ କ୍ୟାମ୍ପରେ ପିଲାଙ୍କ ରହିବାର ବ୍ୟବସ୍ଥା ଥାଏ। ଯଦି ସେଭଳି କ୍ୟାମ୍ପକୁ ପିଲାଙ୍କୁ ଛାଡୁଥାନ୍ତି ତେବେ ସେଠାରେ ରହିବା, ଖାଇବା ଆଦି ବିଷୟରେ ଭଲ ଭାବେ ବୁଝିନିଅନ୍ତୁ। ପିଲାଙ୍କ ବ୍ୟାଗ୍‌ରେ ଆବଶ୍ୟକ ପରିମାଣର ଶୁଖିଲା ଖାଦ୍ୟ ଏବଂ ଏକ୍ସଟ୍ରା ପୋଷାକ ଦିଅନ୍ତୁ। ଯଦି ପିଲା କୌଣସି ଔଷଧ ଖାଉଥାଏ ତେବେ ଏହାକୁ ଦେବା ସହ କ୍ୟାମ୍ପ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏନେଇ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।

❖କ୍ୟାମ୍ପରେ କେଉଁସବୁ ସାମଗ୍ରୀ ଆବଶ୍ୟକ ଯେପରି ସୁଇମିଂ ସୁଟ୍, ପେଣ୍ଟିଂ ପାଇଁ ଡ୍ରଇଁ ବୁକ୍, କଲର ଆଦି ଭଲ ଭାବେ ବୁଝି ପିଲା ସହ ପଠାନ୍ତୁ ଯେପରି ତା'ର ଶିଖିବାରେ କୌଣସି ଅସୁବିଧା ନ ହୁଏ।

### ଏମାନେ କ'ଣ କରନ୍ତି



**ମନିତା ମହାପାତ୍ର**(ଗୃହିଣୀ, ରସୁଲଗଡ଼, ଭୁବନେଶ୍ୱର)- ପିଲାଙ୍କ ପ୍ରତିଦିନ ସ୍କୁଲ ପଢ଼ା ବ୍ୟତୀତ ଛୁଟିରେ କିଛି ନୂଆ ଶିଖିବା ଲାଗି ସମର କ୍ୟାମ୍ପ ସବୁଠୁ ଭଲ। ପ୍ରଥମ ଥର ଯେବେ ପୁଅ ସମର କ୍ୟାମ୍ପ ଯାଇଥିଲା। ଡାନ୍ସ, ମ୍ୟୁଜିକ୍‌ଠାରୁ ଆରମ୍ଭ କରି ସୁଇମିଂ ପର୍ଯ୍ୟନ୍ତ ଶିଖିବାର ସୁଯୋଗ ପାଇଥିଲା। ମାତ୍ର ୫ ଦିନିଆ କ୍ୟାମ୍ପରେ ତା'ର ଏତେ ଉନ୍ନତି ଦେଖି ମୋତେ ବହୁତ ଖୁସି ଲାଗିଥିଲା। ପରେ ୨ବର୍ଷ କରୋନା ପାଇଁ କ୍ୟାମ୍ପ ଆୟୋଜନ ହୋଇ ନ ଥିଲା। ଚଳିତ ବର୍ଷ ସମର କ୍ୟାମ୍ପ ଯିବା ଲାଗି ପୁଅ ଯେତିକି ଅପେକ୍ଷା ନ କରିଛି ତାକୁ ପଠାଇବା ଲାଗି ମୁଁ ବେଶି ଉତ୍କଣ୍ଠିତ ଅଛି।



**ନୀଲିମା ପାଣ୍ଡେ**(କର୍ମଜୀବୀ, ମୋହିନୀପୁର, ପୁରୀ)- ଭଲ ପାଠ ପଢ଼ିବା ସହ ମୋ ଝିଅର ନୃତ୍ୟ, ସଙ୍ଗୀତ, ଅଭିନୟ ଆଦିରେ ଆଗ୍ରହ ରହିଛି। ଏସବୁ ଶିଖିବା ପାଇଁ ମଧ୍ୟ ଛାଡୁଛୁ। ଏହା ବ୍ୟତୀତ ଆର୍ଟ, କ୍ରାଫ୍ଟରେ ବି ରୁଚି ରହିଛି। ହେଲେ ସମୟ ଅଭାବରୁ ସେ ଶିଖିପାରିନି। ତେଣୁ ସ୍କୁଲ ଛୁଟିରେ ସମର କ୍ୟାମ୍ପରେ ଏସବୁ ଶିଖିବାର ଭଲ ସୁଯୋଗ ଥିବାରୁ ଏ ବର୍ଷ ନିଶ୍ଚୟ ପଠାଇବି। ତା'ଛଡ଼ା ସେଠାକୁ ଗଲେ ବିଭିନ୍ନ ଦିଗରେ ତାଲିମ ପାଇବା ସହ କମ୍ୟୁନିକେଶନ ସ୍କିଲ୍ ମଧ୍ୟ ବଢ଼ିବ ବୋଲି ମୋର ବିଶ୍ୱାସ।



**ସୁନ୍ଦର ଏବଂ ସ୍ଲିମ୍ ଫିଗର କାହାକୁ ବା ଭଲ ନ ଲାଗେ। ହେଲେ ଆବଶ୍ୟକରୁ ଅଧିକ ପତଳା ହେବା ଦ୍ୱାରା ବି ସୁନ୍ଦରତା କମାଇଦିଏ। ଏ କ୍ଷେତ୍ରରେ ଅନେକେ ଓଜନ ବୃଦ୍ଧି କରି ସାଉଣ୍ଡ ଫିଗର ପାଇବା ଲାଗି ବିଭିନ୍ନ ଖାଦ୍ୟଠାରୁ ଆରମ୍ଭକରି ଔଷଧ ସେବନ କରିବାକୁ ବି ପଛାଇ ନ ଥାନ୍ତି; ଯାହାକି ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। ତେଣୁ ପ୍ରାକୃତିକ ଉପାୟରେ ଓଜନ ବଢ଼ାଇବା ଲାଗି ଆପଣାନ୍ତୁ କେତେକ ଉପାୟ...**

# କେମିତି ହେବେ ମୋଟା

★ ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍, ଫୁଡ୍ ସପ୍ଲିମେଣ୍ଟ, ପ୍ରୋଟିନ୍ ପାଉଡର ଆଦି ଖାଇଲେ ଶୀଘ୍ର ଓଜନ ବୃଦ୍ଧି ହୋଇଯିବ ଭାବି ଅନେକେ ପ୍ରତିଦିନ ଏଭଳି ଖାଦ୍ୟ ଖାଆନ୍ତି। ହେଲେ ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ସୁଷମ ଆହାର ଗ୍ରହଣ କରନ୍ତୁ। ଖାଦ୍ୟ ତାଲିକାରେ ସବୁ ପ୍ରକାର ପୌଷ୍ଟିକ ଖାଦ୍ୟକୁ ସାମିଲ କରନ୍ତୁ। ଖାଦ୍ୟରେ କ୍ୟାଲୋରି ମାତ୍ରା ବଢ଼ାନ୍ତୁ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଯେତେ ଅଧିକ ଗ୍ରହଣ କରିବେ ସେତେ ଶୀଘ୍ର ଲାଭ ପାଇବେ।

★ଶସ୍ୟଜାତୀୟ ଖାଦ୍ୟ, ଫଳ, ପନିପରିବା ଆଦିରେ ପର୍ଯ୍ୟାପ୍ତ ପରିମାଣରେ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲକଲେ ଓଜନ ବଢ଼ିବାରେ ସାହାଯ୍ୟ କରିବ।

★ଫଳ ମଧ୍ୟରେ ଓଜନ ବଢ଼ାଇବା ଲାଗି କଦଳୀ ସବୁଠୁ ଭଲ। ପ୍ରତିଦିନ ଦୁଇଟି ପାଚିଲା କଦଳୀ ଖାଆନ୍ତୁ। ନ ହେଲେ ସକାଳୁ ଏହାର ସେକ୍ ପିଇପାରିବେ। କ୍ଷୀର କଦଳୀ ଚକଟି ଖାଇବା ବି ଲାଭଦାୟକ।

★ପନିରର ବିଭିନ୍ନ ଆଇଟମ୍ ଖାଆନ୍ତୁ। ସେହିପରି ଆମିଷ ଖାଇବା ବି ଓଜନ ବଢ଼ାଇବାରେ ସାହାଯ୍ୟ କରିଥାଏ।

★ସକାଳ ଜଳଖିଆରେ ବ୍ରେଡ୍ ସହ ୨ଟି ସିଝା ଅଣ୍ଡା କିମ୍ବା ଆମ୍‌ଲେଟ୍ ଖାଆନ୍ତୁ। ଏହା ଖୁବ୍ ଶୀଘ୍ର ଆପଣଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିବ।

★ଖାଦ୍ୟ ତାଲିକାରେ ବଟର ସାମିଲ କରନ୍ତୁ। ବିଶେଷକରି ପିନଟ୍ ବଟରରେ ଥିବା ମୋନୋସାଚୁରେଟେଡ୍ ଫ୍ୟାଟ୍ ଆପଣଙ୍କ ଓଜନ ଶୀଘ୍ର ବଢ଼ାଇବ।

★ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଜନ ବଢୁଛି କି ନାହିଁ ଜାଣିବା ଲାଗି ମାସକୁ ଥରେ ମାପିବାକୁ ଭୁଲନ୍ତୁ ନାହିଁ। ନଚେତ୍ ଆବଶ୍ୟକରୁ ଅଧିକ ମୋଟା ହେବା ଦ୍ୱାରା ବି ଅସୁବିଧା ହୋଇପାରେ।

# କର୍ମଜୀବୀଙ୍କ ପାଇଁ...

**ପ୍ରତ୍ୟେକ କର୍ମଜୀବୀ ମହିଳାଙ୍କୁ ପରିବାରର ସହ ଜବ୍ ଉଭୟ ଦାୟୀତ୍ୱ ଠିକ୍ ଭାବେ ତୁଲାଇ ସମସ୍ତଙ୍କ ମନ ଜିଣିବାକୁ ହେଲେ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...**

➤ଟାଇମ୍ ମ୍ୟାନେଜମେଣ୍ଟ ଠିକ୍ ଭାବେ କରିବା କର୍ମଜୀବୀ ମହିଳାଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ। ଏଥିପାଇଁ କେଉଁ କାମ କେବେ କରିବେ ଏକ ସମୟ ସୀମା ନିର୍ଦ୍ଧାରଣ କଲେ କାମ କରିବା ସହଜ ହୋଇଥାଏ।

➤ଯଦି ଯୌଥ ପରିବାରରେ ରହୁଥାନ୍ତି ତେବେ ପରିବାରର ଅନ୍ୟ ସଦସ୍ୟଙ୍କ ସହ ବୁଝାମଣା ଠିକ୍ ରଖି କାମ ବାଣ୍ଟି ପାରିବେ। ଏହାଦ୍ୱାରା ଆପଣଙ୍କ କାମ ଅପେକ୍ଷାକୃତ କମିଯିବ।

➤ଅଫିସ୍ କାମ କରିବା ସମୟରେ ପରିବାର ଏବଂ ପିଲାମାନଙ୍କ ପାଇଁ ଚିନ୍ତିତ ରହିବା ଦ୍ୱାରା ଏହାର ନକରାତ୍ମକ ପ୍ରଭାବ ଆପଣଙ୍କ କାମ ଉପରେ ପଡିଥାଏ। ତେଣୁ ଏପରି ନ ହେବା ଲାଗି ଆପଣ ଅଫିସ୍ କାମରେ ଏକାଗ୍ରତା ରଖନ୍ତୁ। ଲଞ୍ଚ ବ୍ରେକ୍ କିମ୍ବା ଟିକିଏ ଫାଙ୍କା ସମୟ ମିଳିଲେ ଆପଣ କଲ୍ କରି ପିଲାଙ୍କ ହାଲଚାଲ ବୁଝିପାରିବେ।

➤ଅଫିସ୍‌ରୁ ଫେରିବା ସମୟରେ ପିଲାଙ୍କ ପାଇଁ କିଛି ଉପହାର ଆଣିପାରିବେ। ଏହାସହ ଆପଣଙ୍କ ଅନୁପସ୍ଥିତିରେ ଘରର ସଦସ୍ୟମାନେ ପିଲାର ଯତ୍ନ ନେଇଥିବାରୁ ସେମାନଙ୍କୁ କୃତଜ୍ଞତା ଜଣେଇବାକୁ ଭୁଲନ୍ତୁ ନାହିଁ।

➤ଯେଉଁଦିନ ଆପଣଙ୍କ ଅଫିସ ଛୁଟି ଅଛି, ସେଦିନ ପରିବାର ସଦସ୍ୟମାନଙ୍କୁ ନେଇ ବାହାରକୁ ବୁଲିବାକୁ ଯାଆନ୍ତୁ।

### ସୌନ୍ଦର୍ଯ୍ୟ

# ତ୍ୱଚାର ଘରୋଇ ଯତ୍ନ

**ସୁନ୍ଦର ଏବଂ ଆକର୍ଷଣୀୟ ତ୍ୱଚା ଚାହୁଁଥିଲେ ଆପଣଙ୍କ ଘରେ ଦୈନନ୍ଦିନ ବ୍ୟବହୃତ କେତେକ ସାମଗ୍ରୀରେ ହିଁ ଲୁଚି ରହିଛି ଏହାର ରହସ୍ୟ। ଜାଣିରଖନ୍ତୁ ଘରୋଇ ଉପାୟରେ କିପରି ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ ...**



★ଖରାଦିନେ ସନ୍ ଟ୍ୟାନ୍ ହେବା ଏବଂ କଳା ପଡିବା ଏକ ବଡ ସମସ୍ୟା। ତେଣୁ ଡାର୍କ ସ୍କିନ୍‌ଟୋନ୍‌କୁ ଲାଇଟ୍ କରିବା ପାଇଁ ଖଣ୍ଡେ ପାଚିଲା କଖାରୁକୁ ଗ୍ରାଇଣ୍ଡକରି ସେଥିରେ ଅଣ୍ଡା, କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଏହାକୁ ଲଗାନ୍ତୁ ଖୁବ୍ କମ୍ ଦିନ ମଧ୍ୟରେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ଜାଣିପାରିବେ।

★୨ ଚାମଚ ହଳଦୀଗୁଣ୍ଡରେ ୧ ଚାମଚ ଲେମ୍ବୁରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଡ୍ରାଏ ତ୍ୱଚା ହୋଇଥିଲେ ଏଥିରେ ଏକ ଚାମଚ କାକୁଡ଼ି ରସ ମିଶାନ୍ତୁ। ମୁହଁକୁ ଧୋଇ ହାଲୁକା ପୋଛି ଦିଅନ୍ତୁ ଏବଂ ଏହି ପ୍ୟାକ୍‌କୁ ଲଗାନ୍ତୁ। ୧୫ମିନିଟ୍ ରଖିବା ପରେ ସାଦା ପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ୨ ଥର ଏହି ପ୍ୟାକ୍ ଲଗାଇବା ଦ୍ୱାରା ମୁହଁରେ ବ୍ରଣ, ଦାଗ ଆଦି ନ ହେବା ସହ ରଙ୍ଗ ଗୋରା ଏବଂ ଉଜ୍ଜ୍ୱଳ କରାଇଥାଏ।

★୨ ଚାମଚ ବେସନ, ଚିମୁଟାଏ ହଳଦୀଗୁଣ୍ଡ, ଆବଶ୍ୟକ ପରିମାଣରେ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଅଧିକ ଡ୍ରାଏ ତ୍ୱଚା ପାଇଁ ଏହି ପ୍ୟାକ୍‌ରେ ଅଧଚାମଚ ସର ମିଶାଇପାରିବେ। ଏହାକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାଇ ଅଳ୍ପ ଶୁଖିବା ଯାଏ ରଖନ୍ତୁ। ଏହାପରେ ଧୀରେ ଧୀରେ ଆଙ୍ଗୁଳି ଟିପ ସାହାଯ୍ୟରେ ଘଷି ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ଦୁଇଥର ଏହି ପ୍ୟାକ୍ ଲଗାଇଲେ ରଙ୍ଗ ଗୋରା ହେବା ସହ କଳା ଦାଗ, ଟ୍ୟାନିଂ, କୁଞ୍ଚନ ଦାଗ, ବ୍ରଣ ଆଦି ଦୂର ହୋଇଥାଏ।

★ମୁହଁରେ ବ୍ରଣ ସମସ୍ୟା ଥିଲେ ମୁଗଡାଲିକୁ ପାଣିରେ ଭିଜାଇ ଗ୍ରାଇଣ୍ଡକରି ଉକ୍ତ ପେଷ୍ଟକୁ ଲଗାନ୍ତୁ। ୧୦ ମିନିଟ୍ ରଖିବା ପରେ ପାଣିରେ ହାଲ୍‌କା ଘଷି ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ମୁଗରେ ଥିବା ଭିଟାମିନ୍ ଏବଂ ପ୍ରୋଟିନ୍ ବ୍ରଣ, ଦାଗ ଆଦି ଦୂର କରିବା ସହ ମୁହଁର ଗ୍ଲୋ ବଢ଼ାଇଥାଏ।



### ଖାଦ୍ୟରୁଚି

# ମେକ୍ସିକାନ୍ ଫ୍ରାଏଡ୍ ରାଇସ୍



**ଆବଶ୍ୟକ ସାମଗ୍ରୀ:** ୨କପ୍ ଭାତ, ୧/୪ କପ୍ ଛୋଟ ଛୋଟ କଟାହୋଇ ସିଝା ହୋଇଥିବା ବିନ୍ସ, ସିଝା ରାଜ୍‌ମା, ଗୋଟିଏ କଟା ପିଆଜ, ଛୋଟ ଛୋଟ କଟାଯାଇଥିବା ଗୋଟିଏ ଗାଜର, କ୍ୟାପ୍ସିକମ୍, କଟା ଟମାଟୋ ୧/୨ କପ୍, ସିଝା ମକା , କଟା ପିଆଜ, ୩ଟି ରସୁଣ କୋଳା, ତେଲ ୨ ଚାମଚ, ଜିରା ୧/୪ ଚାମଚ, ଧନିଆ ପାଉଡର ୧/୨ ଚାମଚ, ଓରିଗାନୋ ୧/୨ ଚାମଚ , ଲାଲ୍ ଲଙ୍କା ପାଉଡର ୧/୨ ଚାମଚ, ଚିଜ୍ କ୍ୟୁବ୍ ୨ ଟା, ଟମାଟୋ ସସ୍ ୧ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ସେଥିରେ ଜିରା ଏବଂ କଟା ପିଆଜ, ରସୁଣ ପକାଇ ଭାଜନ୍ତୁ। ସେଥିରେ କଟା କ୍ୟାପ୍ସିକମ୍, ଗାଜର, ଟମାଟୋ ଏବଂ ଅଳ୍ପ ଲୁଣ ପକାଇ ଭଲ ଭାବେ ଭାଜନ୍ତୁ। ବର୍ତ୍ତମାନ ଏଥିରେ ବିନ୍ସ, ରାଜ୍‌ମା, ସିଝା ମକା ଏବଂ ସବୁ ମସଲା ପକାଇ ୫ ମିନିଟ୍ ଘୋଡ଼ାଇ ଦିଅନ୍ତୁ। ଏହା ପରେ ଏଥିରେ ଭାତ ଏବଂ ଟମାଟୋ ସସ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମେକ୍ସିକାନ୍ ଫ୍ରାଏଡ୍ ରାଇସ୍। ଏହା ଉପରେ ଚିଜ୍ ପକାଇ ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ମଜା ନିଅନ୍ତୁ।



# ଶେଷ ବଲ୍‌ରେ ଜିତିଲା ସୁପର ଜାଏଣ୍ଟ୍ସ

**ବେଙ୍ଗାଲୁରୁ, ୧୦।୪**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି)କୁ ପରାସ୍ତ କରିଛି। ଆର୍‌ସିବି ୨୦ ଓଭରରେ ୨ ଉଇକେଟ ହରାଇ ୨୧୨ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ଶେଷ ବଲ୍‌ରେ ହିଁ ମ୍ୟାଚ୍ ଜିତି ନେଇଥିଲା। ଲକ୍ଷ୍ନୌର ନିକୋଲସ ପୁରନ ୧୯ ବଲ୍‌ରୁ ୬୨ ରନ ସଂଗ୍ରହ କରି ଆରସିବି ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟ ସହ ଲକ୍ଷ୍ନୌ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି।

୨୧୩ ରନ୍ ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଲକ୍ଷ୍ନୌର ଆରମ୍ଭ ଭଲ ହୋଇ ନ ଥିଲା। ଦଳ ୨୩ ରନ୍ ମଧ୍ୟରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ମିଡିଲ ଅର୍ଡରରେ ମାର୍କୁସ ଷ୍ଟୋଇନିସ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଦଳ ଲକ୍ଷ୍ୟପଥକୁ ଫେରିଥିଲା। ଷ୍ଟୋଇନିସ୍ ୩୦ ବଲ୍‌ରୁ ୬ ଚୌକା ଓ ୫ ଛକା ସହାୟତାରେ ୬୫ ରନ୍ କରି ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ଦର୍ଶକଙ୍କୁ ନୀରବ କରିଦେଇଥିଲେ। ସେ ଆଉଟ ହେବାପରେ ନିକୋଲାସ ପୁରନ ଧୂଆଁଧାର ବ୍ୟାଟିଂ କରି ଦଳକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ମାତ୍ର ୧୫ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ପୁରନ ୧୯ ବଲ୍‌ରୁ ୬୨(୪ ଚୌକା, ୭ ଛକା) ରନ୍ କରିଥିଲେ। ଆୟୁଷ ବଦୋନୀ ଉପଯୋଗୀ ୩୦ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ। ଗତ ମ୍ୟାଚ୍‌ରେ କୋଲ୍‌କାତା ନାଇଟ ରାଇଡର୍ସଠାରୁ ପରାଜୟରୁ ଶିକ୍ଷାଲାଭ କରିଥିବା ଆର୍‌ସିବି ଏଠାରେ ଯେ କେବଳ ଭଲ ଆରମ୍ଭ କରିଥିଲା ତା' ନୁହେଁ, ଉଇକେଟ ନ ପଡ଼ିବା ଉପରେ ମଧ୍ୟ ଧ୍ୟାନ ଦେଇଥିଲା। ଉଭୟ ବିରାଟ କୋହଲି ଓ ଅଧିନାୟକ ଫାଫ୍ ଡୁ'ପ୍ଲେସି ଦ୍ରୁତହାରରେ ରନ୍ ସଂଗ୍ରହ କରି ଦଳକୁ ଏକ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଆରସିବି ପକ୍ଷରୁ ଆକ୍ରମଣ ଆରମ୍ଭ କରିଥିଲେ ବିରାଟ। ସେ ଲକ୍ଷ୍ନୌ ବୋଲରଙ୍କୁ ସଫଳ ମୁକାବିଲା କରି ବଡ଼ ଶଟ୍‌ମାନ ମାରିଥିଲେ। ଓପନିଂ ଯୋଡ଼ିରେ ବିରାଟ ଓ ଡୁ'ପ୍ଲେସି ୬୯ ବଲ୍‌ରୁ ୯୬ ରନ ସଂଗ୍ରହ କରିଥିଲେ। କୋହଲି ୪୪ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ସହିତ ୬୧ ରନ କରି ଆଉଟ ହେବା ସହିତ ଏହି ଯୋଡ଼ି ଭାଙ୍ଗିଥିଲା। ଦ୍ୱାଦଶ ଓଭରର ୩ୟ ବଲ୍‌ରେ ଲକ୍ଷ୍ନୌକୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ ଭେଟେରାନ ସ୍ପିନର ଅମିତ ମିଶ୍ର। କୋହଲିଙ୍କ ସ୍ଥାନରେ କ୍ରିଜ୍‌କୁ ଆସି ଗ୍ଲେନ ମ୍ୟାକ୍ସୱେଲ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଦ୍ୱିତୀୟ ଉଇକେଟରେ ଦୁହେଁ ୫୦ ବଲ୍‌ରୁ ୧୧୫ ରନ୍ ଯୋଗକରିବା ସହ ଆରସିବି ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ୨୦ତମ ଓଭରର ୫ମ ବଲ୍‌ରେ ମ୍ୟାକ୍ସୱେଲ ଆଉଟ ହୋଇଥିଲେ। ସେ ମାତ୍ର ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୬ ଛକା ସହାୟତାରେ ୫୯ ରନ୍ ସ୍କୋର କରିଥିଲେ। ଡୁ'ପ୍ଲେସି ୪୬ ବଲ୍‌ରୁ ୭୯(୫ ଚୌକା, ୫ ଛକା)ରନ୍‌ରେ ଅପରାଜିତ ରହିଥିଲେ। ଆର୍‌ସିବି ୧ରୁ ୬ ଓଭର ମଧ୍ୟରେ ୫୬, ୭ରୁ ୧୩ ଓଭରରେ ୪୮ ଏବଂ ୧୪ରୁ ୨୦ ଓଭର ମଧ୍ୟରେ ୧୦୮ ରନ୍ ସଂଗ୍ରହ କରିଥିଲା। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ମାର୍କ ଉଡ୍ ଓ ଅମିତ୍ ମିଶ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୨୧୨/୨ (ଫାଫ୍ ଡୁ'ପ୍ଲେସି-୭୯*, ବିରାଟ କୋହଲି-୬୧, ଗ୍ଲେନ ମ୍ୟାକ୍ସୱେଲ-୫୯, ମାର୍କ ଉଡ୍-୧/୩୨, ଅମିତ୍ ମିଶ୍ର-୧/୧୮)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୧୩/୯ (ମାର୍କୁସ ଷ୍ଟୋଇନିସ-୬୫, ନିକୋଲସ ପୁରନ-୬୨, ଆୟୁଷ ବାଦୋନୀ-୩୦, ମହମ୍ମଦ ସିରାଜ-୩/୨୨, ୱେନ ପାର୍ନେଲ-୩/୪୧, ହର୍ଷଲ ପଟେଲ-୨/୪୮, କର୍ନ ଶର୍ମା-୧/୪୮)।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ନିକୋଲସ ପୁରନ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)

**ଦିଲ୍ଲୀ ବନାମ ମୁମ୍ବାଇ**

ସ୍ଥାନ:ଦିଲ୍ଲୀ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଦୁଲୀପ ଟ୍ରଫିରୁ ଘରୋଇ ସିଜନ ଆରମ୍ଭ

**ନୂଆଦିଲ୍ଲୀ, ୧୦।୪(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ୨୦୨୩-୨୪ ଘରୋଇ କ୍ରିକେଟ ସିଜନ ପାଇଁ କାର୍ଯ୍ୟସୂଚୀ ସୋମବାର ଘୋଷିତ ହୋଇଛି। ଏହି ପ୍ରତିଯୋଗିତାରେ ୫ ଜୋନାଲ ଦଳ ଅଂଶଗ୍ରହଣ କରିଥାନ୍ତି। ଜୁନ୍ ୨୮ରୁ ଦୁଲୀପ ଟ୍ରଫି ସହ ଘରୋଇ ସିଜନ ଆରମ୍ଭ ହେବ। ସମ୍ମାନଜନକ ରଣଜୀ ଟ୍ରଫି କ୍ରିକେଟ ୨୦୨୪ ଜାନୁୟାରୀ ୫ରୁ ଆରମ୍ଭ ହେବ।

ଦୁଲୀପ ଟ୍ରଫି ପରେ ଦେଓଧର ଟ୍ରଫି (ଲିଷ୍ଟ-ଏ) ଟୁର୍ନାମେଣ୍ଟ ଜୁଲାଇ ୨୪ରୁ ଅଗଷ୍ଟ ୩, ଇରାନୀ କପ୍ ଅକ୍ଟୋବର ୧ରୁ ୫, ସୟଦ ମୁସ୍ତାକ ଅଲୀ ଟ୍ରଫି (ପୁରୁଷ ଟି୨୦ ଜାତୀୟ ପ୍ରତିଯୋଗିତା) ଅକ୍ଟୋବର ୧୬ରୁ ନଭେମ୍ବର ୬ ଏବଂ ବିଜୟ ହଜାରେ ଟ୍ରଫି ନଭେମ୍ବର ୨୩ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୁରୁଷ ସିନିୟର କ୍ରିକେଟ କ୍ୟାଲେଣ୍ଡରର ଶେଷ ଟୁର୍ନାମେଣ୍ଟ ରଣଜୀ ଟ୍ରଫି। ପ୍ରତିଯୋଗିତାର ଏଲିଟ୍ ଗ୍ରୁପ୍ ଲିଗ୍ ମ୍ୟାଚ୍‌ଗୁଡ଼ିକ ଜାନୁୟାରୀ ୫ରୁ ଫେବୃୟାରୀ ୧୯ ପର୍ଯ୍ୟନ୍ତ ଖେଳାଯିବ। ନକ୍‌ଆଉଟ ରାଉଣ୍ଡ ଫେବୃୟାରୀ ୨୩ରୁ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ସମୟସୀମା ୭୦ ଦିନ ବିଶିଷ୍ଟ ହେବ। ପ୍ଲେଟ୍ ଗ୍ରୁପ୍‌ର ଲିଗ୍ ମ୍ୟାଚ୍‌ଗୁଡ଼ିକ ଜାନୁୟାରୀ ୫ରୁ ଫେବୃୟାରୀ ୫ ଏବଂ ନକ୍‌ଆଉଟ ରାଉଣ୍ଡ ଫେବୃୟାରୀ ୯ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ରଣଜୀ ଟ୍ରଫିର ୪ଟି ଏଲିଟ୍ ଗ୍ରୁପ୍‌ରେ ୮ଟି ଲେଖାଏ ଦଳ ରହିବେ। ଶ୍ରେଷ୍ଠ ୨ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏକମାତ୍ର ପ୍ଲେଟ ଗ୍ରୁପ୍ ୬ ଦଳ ବିଶିଷ୍ଟ ହେବ। ୬ ଦଳ ମଧ୍ୟରୁ ଶ୍ରେଷ୍ଠ ୪ ଦଳ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ। ଦୁଇ ଫାଇନାଲିଷ୍ଟ ଦଳ ୨୦୨୪-୨୫ ସିଜନରେ ଏଲିଟ ଗ୍ରୁପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟପକ୍ଷରେ ୪ ଏଲିଟ ଗ୍ରୁପ୍‌ରେ ସବୁଠାରୁ କମ୍ ପଏଣ୍ଟ ପାଇଥିବା ୨ ଦଳ ପ୍ଲେଟ ଗ୍ରୁପ୍‌କୁ ଖସିବେ। ପଏଣ୍ଟ, ବୋନସ୍ ପଏଣ୍ଟ, ବିଜୟ ଏବଂ ଅନ୍ୟାନ୍ୟ କେତେକ ବୈଷୟିକ ଦିଗକୁ ବିଚାରକୁ ନିଆଯାଇ କେଉଁ ଦୁଇ ଦଳ ପ୍ରମୋଶନ ପାଇବେ ଏବଂ କେଉଁ ଦୁଇ ଦଳ ରେଲିଗେଟେଡ୍ ହେବେ ତାହା ନିଷ୍ପତ୍ତି ନିଆଯିବ।



**୨୦୨୪ ଜାନୁୟାରୀ ୫ରୁ ରଣଜୀ ଟ୍ରଫି**

## ଅକ୍ଟୋବର ୧୯ରୁ ମହିଳା କ୍ରିକେଟ ସିଜନ

ସିନିୟର ମହିଳା କ୍ରିକେଟ ସିଜନ ଜାତୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରୁ ଆରମ୍ଭ ହେବ। ଏହା ଅକ୍ଟୋବର ୧୯ରୁ ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ। ଏହାପରେ ଆନ୍ତଃ ଜୋନ୍ ଟି୨୦ ଟ୍ରଫି ନଭେମ୍ବର ୨୪ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ଜାନୁୟାରୀ ୪ରୁ ୨୬ ପର୍ଯ୍ୟନ୍ତ ସିନିୟର ମହିଳା ଦିନିକିଆ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସିନିୟର ମହିଳା ଟି୨୦ ଟ୍ରଫି ଏବଂ ଦିନିକିଆ ଟ୍ରଫି ପ୍ରତିଯୋଗିତା ୫ ଗ୍ରୁପ୍ ବିଶିଷ୍ଟ ହେବ। ୨ଟି ଗ୍ରୁପ୍‌ରେ ୮ ଦଳ ଏବଂ ଅନ୍ୟ ୩ ଗ୍ରୁପ୍‌ରେ ୭ଟି ଲେଖାଏ ଦଳ ରହିବେ। ୫ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳକୁ ନେଇ ନକ୍‌ଆଉଟ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଗ୍ରୁପ୍ ପର୍ଯ୍ୟାୟ ପରେ ବିଜୟ, ପଏଣ୍ଟ ଏବଂ ନେଟ୍ ରନ୍‌ହାର ଭିତ୍ତିରେ ଦଳଗୁଡ଼ିକୁ ୧ରୁ ୧୦ ପର୍ଯ୍ୟନ୍ତ ର୍ୟାଙ୍କ୍ କରାଯିବ। ୧ରୁ ୬ ର୍ୟାଙ୍କ୍‌ରେ ରହିଥିବା ଦଳଗୁଡ଼ିକ ସିଧାସଳଖ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅବଶିଷ୍ଟ ୪ ଦଳ ମଧ୍ୟରେ ୨ଟି ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡ ହେବ। ଏହାର ବିଜେତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ।

# ଡବଲ୍ସ କ୍ୱାର୍ଟରରେ ପ୍ରକାଶ-ଶିବତେଜ

**ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି)**

**୧୪ ବର୍ଷରୁ କମ୍ ଏସିଆନ ଡେଭ୍‌ଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭ୍‌ଲପ୍‌ମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇଛି। ବାଳକ ଡବଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଭାରତର ପ୍ରକାଶ ଶରନ-ଶିବତେଜ ଶିରଫୁଲେ ଯୋଡ଼ି ଶ୍ରୀଲଙ୍କାର ପି.ଡବ୍ଲ୍ୟୁ.ରୁକୁନାୟକା-ଏମ୍.ଡବ୍ଲ୍ୟୁ.ମୁଦିୟାସେଲାଗେଙ୍କୁ ୬-୨, ୭-୬(୨) ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶିବତେଜ ବାଳକ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ମଧ୍ୟ ପହଞ୍ଚିଛନ୍ତି। ରାଉଣ୍ଡ ଅଫ୍-୩୨ ମ୍ୟାଚରେ ଶିବତେଜ ଶ୍ରୀଲଙ୍କାର ପି.ଡବ୍ଲ୍ୟୁ.ରୁକୁନାୟକାଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଭାରତୀୟ ଜୋଆଚିମ ମିକା ଗୁନାୱନ ଓ ଇଣ୍ଡୋନେସିଆର ରାଫାଲେଣ୍ଟିନୋ ଅଲି ଡା କୋଷ୍ଟା ଯୋଡ଼ି ଭିଏତନାମର ମିନ୍ ଟ୍ରାନ୍ ଡୁକ୍ ଓ ହୁଇ ହୋଆଙ୍ଗ୍ ଭୁଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରି ବାଳକ ଡବଲ୍ସ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ବାଳିକା ସିଙ୍ଗଲ୍ସରେ କାଜାଖସ୍ତାନର ୟେର୍କଝାନ ଝାଣ୍ଟାୟେଭା, ଭିଏତନାମର ନି କ୍ୱାଙ୍ଗ୍ ଥି ୟେନ, ତୁର୍କମେନିସ୍ତାନର ଇଲିମା ଗୁସେନୋଭା, ମାଲେସିଆର ଜୁଇ ମ୍ୟାକ, କୋରିଆର ୟେରି ହଙ୍ଗ୍, ଉଜବେକିସ୍ତାନର ଇମିଲି କିମ୍ ପ୍ରମୁଖ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ହକି ଇଣ୍ଡିଆ ଲିଗ୍‌ର ପୁନରୁଦ୍ଧାର ପାଇଁ ଯୋଜନା

**ନୂଆଦିଲ୍ଲୀ, ୧୦।୪(ପି.ଟି.)**

ଆସନ୍ତା ବର୍ଷ ପ୍ରାରମ୍ଭରେ ପୁଣି ଆୟୋଜନ ହୋଇପାରେ ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍)। ଖେଳର ଜାତୀୟ ମହାସଂଘ ହକି ଇଣ୍ଡିଆ(ଏଚ୍‌ଆଇ) ସୋମବାର ଇଭେଣ୍ଟ ପାଇଁ ଏହାର ପ୍ରମୁଖ କମର୍ସିଆଲ ଓ ମାର୍କେଟିଂ ପାର୍ଟନରର ନାମ ଘୋଷଣା କରିଛି। ଆର୍ଥିକ ପ୍ରସଙ୍ଗକୁ ନେଇ ୨୦୧୭ ସଂସ୍କରଣ ପରେ ଏଚ୍‌ଆଇଏଲ୍‌କୁ ବନ୍ଦ ରଖାଯାଇଥିଲା। ଲିଗ୍‌ର ପୁନଃ ଆରମ୍ଭ ପାଇଁ ହକି ଇଣ୍ଡିଆ ବର୍ତ୍ତମାନ ନୂଆ ପାର୍ଟନର ସନ୍ଧାନରେ ଅଛି। ଆମେ ଏଚ୍‌ଆଇଏଲ୍‌କୁ ଯଥାଶୀଘ୍ର ଆରମ୍ଭ କରିବା ଲାଗି ଚାହୁଁଥିଲୁ। ଆସନ୍ତା ଫେବୃୟାରୀ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ହକି ମହାସଂଘ(ଏଫ୍‌ଆଇଏଚ୍)ର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି ବୋଲି ହକି ଇଣ୍ଡିଆର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହା ଫଳରେ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଆମକୁ ଯଥେଷ୍ଟ ସମୟ ମିଳିବ। ହକି ଇଣ୍ଡିଆ ସୋମବାର ବିଗ୍ ବ୍ୟାଙ୍ଗ୍ ମିଡିଆ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ୍‌କୁ ଏହାର ପ୍ରମୁଖ କମର୍ସିଆଲ ଓ ମାର୍କେଟିଂ ପାର୍ଟନର ଏଜେନ୍ସି ବୋଲି ଘୋଷଣା କରିଛି। ହକି ଇଣ୍ଡିଆ ଲିଗ୍‌ର ପୁନଃ ଆରମ୍ଭ କ୍ଷେତ୍ରରେ ଏହା ହେଉଛି ଏକ ବଡ଼ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ମୁଁ ଆଜି ବହୁତ ଖୁସି। କାରଣ ମୁଁ ଯେତେବେଳେ ହକି ଇଣ୍ଡିଆ ସଭାପତି ଭାବେ କାର୍ଯ୍ୟଭାର ଗ୍ରହଣ କଲି ସେତେବେଳେ ହକି ଇଣ୍ଡିଆ ଲିଗ୍ ମୋର ପ୍ରାଥମିକତା ଥିଲା। ଭାରତ ପାଇଁ ଏହା ହେଉଛି ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଖୁସିର ବିଷୟ ଯେ ହକି ଇଣ୍ଡିଆ ଲିଗ୍‌ର ଏକ ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି। ଏହା କେବଳ ଭାରତରେ ହକି ନୁହେଁ, ବରଂ ବିଶ୍ୱବ୍ୟାପୀ କ୍ରୀଡ଼ାକୁ ପୁନର୍ଜୀବିତ କରିବ।

# ଓଏଫ୍‌ସି ମହିଳା ଦଳରେ ଫଷ୍ଟିନା

**ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି)**


ଫଷ୍ଟିନା ଓରୋନ୍ୟୋ ଆକ୍‌ପୋ

ଇଣ୍ଡିଆନ ଓମେନ୍ସ ଲିଗ୍‌ର ଆଗାମୀ ସଂସ୍କରଣ ପୂର୍ବରୁ ଘାନାର ପୂର୍ବତନ ୨୦ ବର୍ଷରୁ କମ୍ ଅନ୍ତର୍ଜାତୀୟ ଖେଳାଳି ଫଷ୍ଟିନା ଓରୋନ୍ୟୋ ଆକ୍‌ପୋଙ୍କ ସହ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି। ଗତ ସିଜନରେ ଜୋର୍ଡାନ ଓମେନ୍ସ ଲିଗ୍‌ରେ ଅଲ୍ ନାସେର ଓମେନ୍ସ କ୍ଲବ ପକ୍ଷରୁ ଫଷ୍ଟିନା ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେଠାରେ ଜଣେ ଚତୁର ଗୋଲ ସ୍କୋରର ଭାବେ ସେ ନିଜକୁ ପ୍ରମାଣିତ କରିଥିଲେ। ଅଗ୍ରଭାଗରେ ଆକ୍ରମଣ ଦକ୍ଷତା ଏବଂ ଅଭିଜ୍ଞତା ଓଡ଼ିଶା ଏଫ୍‌ସିକୁ ଆଗାମୀ ସିଜନରେ ଅଧିକ ମଜଭୁତ କରିବ ବୋଲି ଅନୁଭବ କରାଯାଉଛି।

# ପ୍ରୀତିଶା, ଆୟୁଷ୍ମାନ୍ ଚାମ୍ପିୟନ

**ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି)**

କୋରାପୁଟର ସର୍ବୋଦୟ କମ୍ପ୍ଲେକ୍ସରେ ୧୭ ବର୍ଷରୁ କମ୍ (ବାଳିକା ଓ ବାଳକ)ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନ୍‌ସିପ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୩୩ ବାଳିକା ଓ ୫୨ ବାଳକ ଅଂଶଗ୍ରହଣ କରିଥିଲେ। ବାଳିକା ବର୍ଗରେ ପ୍ରୀତିଶା ମିତ୍ର ଚାମ୍ପିୟନ୍ ହୋଇଛନ୍ତି। ସୀମା ପୃଷ୍ଟି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୪ ବର୍ଷରୁ କମ୍ ବର୍ଗରେ ସୋନାଲି ପରଜା, ୧୨ ବର୍ଷରୁ କମ୍ ବର୍ଗରେ ଡଲି ମୁଦୁଲି ଏବଂ ୧୦ ବର୍ଷରୁ କମ୍ ବର୍ଗରେ ସାନ୍‌ଭି ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳକ ବର୍ଗରେ ଆୟୁଷ୍ମାନ୍ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ହିମାଂଶୁ ଶେଖର ପ୍ରଧାନଙ୍କୁ ଦ୍ୱିତୀୟ ସ୍ଥାନ ମିଳିଛି। ବାଳକ ୮ ବର୍ଷରୁ କମ୍ ବର୍ଗରେ ସାଗନିକ ରାୟ,୧୦ ବର୍ଷରୁ କମ୍ ବର୍ଗରେ ପ୍ରତ୍ୟୁଷ କୁମାର ସେଠୀ, ୧୨ ବର୍ଷରୁ କମ୍ ବର୍ଗରେ ସାଇ ଚିରଞ୍ଜିତ,୧୪ ବର୍ଷରୁ କମ୍ ବର୍ଗରେ ଯତୀନ ସେନାପତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୋରାପୁଟ ଜିଲାର ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ସଂଗ୍ରାମ ନାଚିକା, ମୟୂଖ ଦେବାଂଶ ସାହୁ ଏବଂ ବାଳିକା ବର୍ଗରେ ଶୁକ୍ରି ଜାନିଙ୍କୁ କୋରାପୁଟ ଜିଲା ଚେସ୍ ଆସୋସିଏଶନ ତରଫରୁ ଅକ୍ଷୟ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ବାଳକ ଓ ବାଳିକା ବର୍ଗରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୪ ଖେଳାଳି ଆସନ୍ତା ମେ' ୧ରୁ ୯ ପର୍ଯ୍ୟନ୍ତ ପଞ୍ଜାବର ଜଳନ୍ଧରଠାରେ ହେବାକୁଥିବା ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଅଧ୍ୟକ୍ଷ ଜି.ସି. ମହାପାତ୍ର, ମୁଖ୍ୟ ଆର୍ବିଟର ଭବେଶ ମହାନ୍ତି, ସାମାଜିକ କର୍ମୀ ମୀରା ପରିଡ଼ା, କୋରାପୁଟ ଜିଲା ଚେସ୍ ଆସୋସିଏଶନ ସଭାପତି ଲଲାଟେନ୍ଦୁ ପ୍ରତାପ ଦେଓ, ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, କୋଷାଧ୍ୟକ୍ଷ ସୁଶ୍ରୀ ସାଗରିକା ମୁନି, ଚେସ୍ ପ୍ରଶିକ୍ଷକ ଦୀନବନ୍ଧୁ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ଚିତ୍ତରଞ୍ଜନ ବାଗ୍ ଓ ହେମନ୍ତ ସାମଲ ସହଯୋଗ କରିଥିଲେ।

**ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ**


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଭାରତୀୟ ଦଳରେ ପ୍ରମୋଦ, ଦିଲେଶ୍ୱର

**ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି):** ବ୍ରାଜିଲର ସାଓ ପାଓଲୋଠାରେ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ଓଡ଼ିଶାର ୨ ଖେଳାଳି ପ୍ରମୋଦ ଭଗତ, ଦିଲେଶ୍ୱର ରାଓ ଏବଂ କୋଚ୍ ଶିବପ୍ରସାଦ ଦାସ ସାମିଲ ହୋଇଛନ୍ତି। ପ୍ରମୋଦ ସିଙ୍ଗଲ୍ସ ବ୍ୟତୀତ ଡବଲ୍ସରେ ସୁକାନ୍ତ କଦମ୍ ଏବଂ ମିକ୍ସଡ ଡବଲ୍ସରେ ମନିଷା ରାମଦାସଙ୍କୁ ସାଥିକରି ଖେଳିବେ। ଦିଲେଶ୍ୱର ରାଓ ସିଙ୍ଗଲ୍ସ ଖେଳିବେ ଏବଂ ପୁରୁଷ ଡବଲ୍ସରେ ନବୀନଙ୍କୁ ପାର୍ଟନର କରିବେ। ଓଡ଼ିଶା ଖେଳାଳିମାନେ ଭଲ ପ୍ରଦର୍ଶନ ଜାରି ରଖିଥିବାରୁ ଆସନ୍ତା ପାରା ଏସିଆନ୍ ଗେମ୍ସର ବ୍ୟାଡ଼ମିଣ୍ଟନ୍ ଇଭେଣ୍ଟରେ ଓଡ଼ିଶାରୁ ଅତିକମ୍‌ରେ ୨ ଖେଳାଳୀଜାତୀୟ ଦଳରେ ସ୍ଥାନ ପାଇବେ ବୋଲି କୋଚ୍ ଆଶାପ୍ରକାଶ କରିଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଉପନ୍ୟାସ 'ବୁଢ଼ାଏ କାକର' ଉନ୍ମୋଚିତ

କଟକ ଅଫିସ: କଟକ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି କାର୍ଯ୍ୟାଳୟଠାରେ ଉପନ୍ୟାସ 'ବୁଢ଼ାଏ କାକର' ରବିବାର ଉନ୍ମୋଚିତ ହୋଇଯାଇଛି। ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଏହାକୁ ଉନ୍ମୋଚନ କରି କହିଥିଲେ, ଉପନ୍ୟାସରେ ସାମ୍ପ୍ରତିକ ରାଜନୀତିର ଅବ୍ୟବସ୍ଥା ଏବଂ ଭୟାବହତାକୁ ଅତି ନିଖୁଣ ଭାବରେ ବର୍ଣ୍ଣନା କରାଯାଇଛି। ଏହି ଉପନ୍ୟାସର କାହାଣୀ ଏକ ସରଳ ଗ୍ରାମୀଣ ଜୀବନଶୈଳୀ ଉପରେ ଆଧାରିତ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଲକ୍ଷ୍ମଣ ସାହୁ, ଡ. ଏସ୍‌କେ କଲିମୁଲ୍ଲା, ବିଦ୍ୟୁତ୍‌ପ୍ରଭା ମିଶ୍ର, ପ୍ରଶାନ୍ତ ମହାନ୍ତି ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ। ଉପନ୍ୟାସର ଲେଖିକା ଶତପଥୀ ରୋଜାଲିନ ବେହେରା କହିଥିଲେ, ପ୍ରଥମ ଥର ଏହି ଉପନ୍ୟାସକୁ ଲେଖିଛି। ଆଶା କରୁଛି ଉପନ୍ୟାସଟି ପାଠକୀୟ ଆଦୃତି ଲାଭ କରିବ। ରାକେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦେଶୀମଦ ବିକ୍ରିକୁ ବିରୋଧ କରିବାରୁ ଆକ୍ରମଣ

ଖୁଣ୍ଟୁଣୀ, ୧୦।୪(ଡି.ଏନ୍.ଏ.)- ଦେଶୀମଦ ବିକ୍ରିକୁ ବିରୋଧ କରିବାରୁ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କପୁରସିଂ ନିକଟ ଏକ ଗୋଶାଳାର ତତ୍ତ୍ୱାବଧାରକ ବ୍ରଜ ସୁନ୍ଦର ଜେନାଙ୍କୁ ଆକ୍ରମଣ କରାଯାଇଛି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତ ଗ୍ରାମର କେଲୁ ଚରଣ ସାହୁ ନାମକ ଯୁବକ ଗୋଶାଳାର ନିକଟବର୍ତ୍ତି ସ୍ଥାନରେ ଚୋରା ମଦ ବ୍ୟବସାୟ କରୁଥିଲେ। ସେଠାକାର ପରିବେଶ ନଷ୍ଟ ହେବା ସମ୍ଭାବନା ଥିବାରୁ ବ୍ରଜସୁନ୍ଦର ତାଙ୍କୁ ମଦ ବିକ୍ରି ପାଇଁ ବାରଣ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ରାଗ ସୁଝାଇବା ପାଇଁ କେଲୁଚରଣ ସୁଯୋଗ ଅପେକ୍ଷାରେ ଥିଲେ। ରବିବାର ବ୍ରଜସୁନ୍ଦରଙ୍କୁ ଏକୁଟିଆ ପାଇଁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୪୬/୨୩) ରୁଜୁ କରି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି।

### ଚୌଦ୍ୱାରରେ ରାତ୍ରିକାଳୀନ ସଫେଇ ଆରମ୍ଭ

ଚୌଦ୍ୱାର,୧୦।୪(ଡି.ଏନ୍.ଏ.)- ଚୌଦ୍ୱାର ସହରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସୋମବାରଠାରୁ ରାତ୍ରିକାଳୀନ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସନ୍ଧ୍ୟାରେ ଗାନ୍ଧୀଛକ ମାର୍କେଟ୍‌ଠାରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପୌରନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡା, କାଉନ୍‌ସିଲର ସୁବ୍ରତ ସାମଲ, ଦିଲୀପ କୁମାର ସାହୁ, ଅଜୟ ବେହେରା, ଅଜିନି ବେହେରା, ବିଜୟ କୁମାର ସାହୁ, ସୁଜାତା ସାହୁଙ୍କ ସମେତ ସମସ୍ତ କାଉନସିଲର, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପର ଭାଇଜର, ପୌରପାଳିକାର ସ୍ୱଚ୍ଛଭାରତ କର୍ମଚାରୀ ଉପସ୍ଥିତ ଥିଲେ।

### ମୋ ବସ୍ ଯାତ୍ରୀଙ୍କଠାରୁ ଚୋରି, ୪ ଗିରଫ

କଟକ ଅଫିସ,୧୦।୪: ମୋ ବସ୍ ଯାତ୍ରୀଙ୍କଠାରୁ ଟଙ୍କା ଚୋରି କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ଗହ୍ମାଡିଆର ସେକ୍ ସୁଲତାନ, ଢେଙ୍କାନାଳ ଜିଲା ଭାପୁର ଥାନା ଅନ୍ତର୍ଗତ ଝୁମ୍ପୁଡିଆର ପ୍ରଫୁଲ୍ଲ ବାରିକ, ବଡ଼ମ୍ବା ଥାନା ଅଧୀନ ବିଶ୍ୱମ୍ଭରପୁରର ସଞ୍ଜୟ ବାରିକ ଓ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାଲିଆର ମାନସ ମହାନ୍ତି। ସେମାନଙ୍କଠାରୁ ଏକ ବାଇକ୍, ଗୋଟିଏ ମୋବାଇଲ୍ ଫୋନ୍, ୩ଟି ବ୍ଲେଡ୍, ଏଟିଏମ୍ କାର୍ଡ ଓ ପାନ୍ କାର୍ଡ ପୋଲିସ ଜବତ କରିଛି। ଶଙ୍କରପୁର ଦାସସାହିର କୃଷ୍ଣଚନ୍ଦ୍ର ସାମଲ(୬୦) ୧୮ ନମ୍ବର ମୋ ବସ୍‌ରେ ସୋମବାର ଭୁବନେଶ୍ୱରରୁ କଟକ ଆସୁଥିବାବେଳେ ତାଙ୍କ ମନିପର୍ସ ଚୋରି ହୋଇଯାଇଥିଲା। ପର୍ସରେ ୧୧ ହଜାର ଟଙ୍କା ରହିଥିଲା। ଏନେଇ ସେ ଅଭିଯୋଗ କରିବା ପରେ ବାଦାମବାଡି ଥାନାରେ ଏକ ମାମଲା(ନଂ.୧୩୭/୨୩) ରୁଜୁ ହୋଇଥିଲା। ପରେ ପୋଲିସ ଚଢ଼ାଉ କରି ବାଦାମବାଡ଼ି ମୋ ବସ୍ ଷ୍ଟପ୍‌ରୁ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ସତ୍ୟଭାମାପୁର ମଧୁସ୍ମୃତି ପୀଠର ଉନ୍ନତୀକରଣ ହେବ

କଟକ ଅଫିସ, ୧୦।୪


ବୈଠକରେ ଆର୍‌ଡିସି, ବିଧାୟକ, ଜିଲାପାଳ, ସିଡିଏ ଅଧକ୍ଷଙ୍କ ସହ ଅନ୍ୟମାନେ।

- ସୁଖ୍ୟାତ କେନ୍ଦ୍ରରେ ପରିଣତ ହେବ କନ୍ୟାଶ୍ରମ
- କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକୀନିଧି, ମଧୁସ୍ମୃତି ପରିଷଦ ମାଲିକାନାରେ ଥିବା ଜମି ସରକାରୀ ଖାତାକୁ ହସ୍ତାନ୍ତର ହେବ

କଟକ ଜିଲା ସତ୍ୟଭାମାପୁରସ୍ଥିତ ମଧୁବାବୁଙ୍କ ଜନ୍ମପୀଠକୁ ରାଜ୍ୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମିଳିଛି। ରାଜ୍ୟ ସରକାର ମଧୁସ୍ମୃତି ପୀଠର ପାରିପାର୍ଶ୍ୱିକ ବିକାଶ ନିମନ୍ତେ ଏକ ନକ୍ସା ପ୍ରସ୍ତୁତ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ଅଧକ୍ଷତା କରି କହିଥିଲେ, ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଭଳି ଏକ ସୁବିଧା କେନ୍ଦ୍ର, ସଂଯୋଗକାରୀ ରାସ୍ତା, ଯାନ ରହଣିସ୍ଥଳ, ମଧୁବାବୁ ସ୍ମୃତିପୀଠକୁ ଯାତ୍ରା କରିବା ପାଇଁ ବ୍ୟାଟେରୀଚାଳିତ ଯାନ ଉପଲବ୍ଧ କରାଯିବ। ଏଥିସହ ସ୍ମୃତିପୀଠସ୍ଥିତ ମଧୁବାବୁଙ୍କ ଜନ୍ମସ୍ଥଳୀ, ପୈତୃକ ଘର, ପାଠାଗାର, ସଂଗ୍ରହାଳୟ ଓ ସମଗ୍ର ପରିସରର ପାରିପାର୍ଶ୍ୱିକ ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ରାଜ୍ୟ ସରକାର ଯେକୌଣସି ପୀଠର ଉନ୍ନତୀକରଣ କରିବା ପୂର୍ବରୁ ଉକ୍ତ ଜମିର ମାଲିକାନା ସରକାରଙ୍କ ନାମରେ ନାମିତ ହେବା ବିଧେୟ। ଏଣୁ କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକୀନିଧି ଓ ମଧୁସ୍ମୃତି ପରିଷଦ ମାଲିକାନାରେ ଥିବା ଜମିକୁ ସରକାରୀ ଖାତାକୁ ହସ୍ତାନ୍ତର କରିବା ଆବଶ୍ୟକତା ରହିଛି। ସ୍ମୃତିପୀଠରେ ଥିବା କନ୍ୟାଶ୍ରମକୁ ଏକ ସୁଖ୍ୟାତ କେନ୍ଦ୍ରରେ ପରିଣତ କରିବା ନିମନ୍ତେ ଜମି ଉପଲବ୍ଧ କରାଇବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚୟନୀ କହିଥିଲେ। ଉକ୍ତ ବୈଠକରେ କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକୀନିଧିର ରାଷ୍ଟ୍ରୀୟ ଉପାଧକ୍ଷା ଗାୟତ୍ରୀ ଦାସ, ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକ ଯୋଗଦେଇ ଜମି ହସ୍ତାନ୍ତର ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲେ। ତେବେ ବିଧିବଦ୍ଧ ଭାବେ ୭ ଦିନ ମଧ୍ୟରେ ଲିଖିତ ଆକାରରେ ଏ ସମ୍ବନ୍ଧରେ ଅବଗତ କରାଇବେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ସେତୁ ନିର୍ମାଣ ନିଗମର ସ୍ଥପତି ଅକ୍ଷୟ କୁମାର ବେହୁରିଆ ଯୋଗଦେଇ ପ୍ରକଳ୍ପର ପ୍ରସ୍ତାବିତ ରୂପରେଖ ପ୍ରଦର୍ଶନ କରିଥିଲେ।

ମଧୁସ୍ମୃତିପୀଠ ପରିସରସ୍ଥିତ ସଂଗ୍ରହାଳୟରେ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ, ଆଲୋକ ଓ ଧ୍ୱନିର ସମିଶ୍ରଣରେ ସ୍ମୃତିପୀଠର ଇତିବୃତାନ୍ତ ଦୃଶ୍ୟ ଓ ଶ୍ରାବ୍ୟମାନ କରାଯିବା ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସିଡିଏ ଅଧକ୍ଷ ଅନିଲ ସାମଲ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର, ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ଆଶୁତୋଷ ସାମଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଓଡ଼ିଶା ସେତୁ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଜେ.କେ ଦାସ, ଉପନିର୍ଦ୍ଦେଶକ (ପର୍ଯ୍ୟଟନ) ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସୌନ୍ଦର୍ଯ୍ୟକରଣ ପାଇଁ କଟକ ଦରଘାବଜାର ପାଚେରିରେ ଜଣେ ଶିଳ୍ପୀ ଚିତ୍ର ଆଙ୍କୁଛନ୍ତି।

# 'ମହୋତ୍ସବ ଦ୍ୱାରା ଭାଇଚାରା ସୃଷ୍ଟି ହୋଇଥାଏ'


ନାହାଳପୁର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିବୃନ୍ଦ।

କଣ୍ଟାପଡା, ୧୦।୪(ଡି.ଏନ୍.ଏ.)

**ନାହାଳପୁର ମହୋତ୍ସବ**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାବା ବିଶ୍ୱନାଥ ଯୁବ ପରିଷଦ ପକ୍ଷରୁ ପ୍ରଥମ ନାହାଳପୁର ମହୋତ୍ସବ 'ଚୈତାଳୀ-୨୦୨୩' ଶନିବାର ଓ ରବିବାର ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଗ୍ରାମାଞ୍ଚଳରେ ମହୋତ୍ସବ ଆୟୋଜନ ଦ୍ୱାରା ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥାଏ। ସେହିପରି ରବିବାର ପରିଷଦର ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ଜୀନା ଭୋଇ, ମୁଖ୍ୟବକ୍ତା ସାହିତ୍ୟିକ ପ୍ରଶାନ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ନ୍ୟୁଜ୍ ଆଙ୍କର ଭବାନୀ ମହାପାତ୍ର, ସ୍ଥାନୀୟ ସରପଞ୍ଚ ନିରୁପମା ଜେନା, ସମିତି ସଭ୍ୟ ପ୍ରିୟବ୍ରତ ବେଉରା, ବିମାନ ବିହାରୀ ବେହେରା, ଅକ୍ଷୟ ମହାନ୍ତି, ବିଶ୍ୱମ୍ଭର ଜେନା, ଜୟନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ମହିଳା ଆତ୍ମନିର୍ଭରଶୀଳ ତାଲିମ ଶିବିର

ଚୌଦ୍ୱାର, ୧୦।୪(ଡି.ଏନ୍.ଏ.)

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ପଣ୍ଡା ଫାଉଣ୍ଡେସନ୍ ଓ କଟକ ଜନ ଶିକ୍ଷଣ ସଂସ୍ଥାନର ମିଳିତ ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ମହିଳା ଆତ୍ମ ନିର୍ଭରଶୀଳ ତାଲିମ ଶିବିରମାନ ଆୟୋଜନ କରାଯାଇଛି। ଏହି ଅବସରରେ ବାଣୀପଦା ଓ ମଙ୍ଗରାଜପୁର ପଞ୍ଚାୟତରେ ଆୟୋଜିତ ଶିବିରକୁ ଫାଉଣ୍ଡେଶନର ଉପ ସଭାପତି ଅଶୋକ ବେହେରା ଉଦ୍‌ଘାଟନ କରିଥିଲେ। କଟକ ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ଏଥିରେ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ ଫାଉଣ୍ଡେଶନ ପକ୍ଷରୁ ଏହି ତାଲିମ ପ୍ରଦାନ କରାଯାଉଛି। ତେଣୁ ମହିଳା ଓ କିଶୋରୀମାନେ ଏହାର ଲାଭ ଉଠାଇବାକୁ ସେ ପରାମର୍ଶ ଦେଇଥିଲେ। ଇମ୍ଫାର ଲୋକସମ୍ପର୍କ ଡିଜିଏମ୍ ଧ୍ରୁବ ଚରଣ ରାଉତ, ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ, ଅକ୍ସନ୍ ଏଡ଼ର ଜିଲା ପ୍ରତିନିଧି ନିବେଦିତା ପାଣିଗ୍ରାହୀ, ସ୍ଥାନୀୟ ବରିଷ୍ଠ ନାଗରିକ ଲକ୍ଷ୍ମଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନ୍‌ର ଅଧିକାରୀ ଆଶିଷ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବାଣୀପଦା ପଞ୍ଚାୟତ, ମଙ୍ଗରାଜପୁର ପଞ୍ଚାୟତରେ ଆୟୋଜିତ ଫଳ, ପନିପରିବା ପ୍ରକ୍ରିୟାକରଣ ଓ ସଂରକ୍ଷଣ ଏବଂ ଆମ୍ବିଡୋରୀ ତାଲିମ୍ ଶିବିରରେ ସ୍ଥାନୀୟ ଅଞ୍ଚଳର ୭୦ରୁ ଉର୍ଦ୍ଧ୍ୱ ମହିଳା ଓ କିଶୋରୀ ତାଲିମ ନେଇଥିଲେ। ଜନ ଶିକ୍ଷଣ ସଂସ୍ଥାନ୍‌ର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୌମେନ୍ଦ୍ର କୁମାର ରାୟ, ସଙ୍ଗୀତା ମହାନ୍ତି, ଫାଉଣ୍ଡେଶନ୍ ଅଧିକାରୀ ଶୁଭଶ୍ରୀ ନାୟକ, ବର୍ଷାରାଣୀ ବାରିକ, ଅନିଲ କୁମାର ମହାରଣା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ

କଟକ ଅଫିସ,୧୦।୪

**ନାବାଳିକା ବଳାତ୍କାର ମାମଲା**

ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସୋମବାର ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ରାମକାପୁରର ଶ୍ୟାମସୁନ୍ଦର ବେହେରା(୫୯)। ଏଥିସହ ପୀଡ଼ିତାଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରୁ ୪ ଲକ୍ଷ ଟଙ୍କା ପୀଡ଼ିତାଙ୍କ ନାମରେ ଏକ ଜାତୀୟକରଣ ବ୍ୟାଙ୍କରେ ୬ ବର୍ଷ ଯାଏ ସ୍ଥାୟୀ ଜମା ରଖାଯିବା ସହ ଅବଶିଷ୍ଟ ୩ ଲକ୍ଷ ଟଙ୍କା ତାଙ୍କୁ ନଗଦ ଆକାରରେ ପ୍ରଦାନ କରିବାକୁ ଅଦାଲତ ରାୟ ପ୍ରଦାନ କରିଛନ୍ତି। ଗତ ମାର୍ଚ୍ଚ ୩୧ରେ ମାମଲାର ଶୁଣାଣି ଶେଷ ହେବା ସହ ରାୟ ସଂରକ୍ଷିତ ରହିଥିଲା।

ମାମଲାର ବିବରଣୀରୁ ପ୍ରକାଶ, ମାହାଙ୍ଗା ଥାନା ଅଞ୍ଚଳର ନାବାଳିକାଙ୍କୁ ୨୦୧୩ ମସିହା ସରସ୍ୱତୀ ପୂଜା ସମୟରେ ଅଭିଯୁକ୍ତ ୩/୪ ଦିନ ବଳାତ୍କାର କରିଥିଲେ। ଏହାଦ୍ୱାରା ସେ ଗର୍ଭବତୀ ହୋଇ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ୨୦୧୪ ଅକ୍ଟୋବର ୨୬ରେ ମାହାଙ୍ଗା ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୮ ମେ' ୨୯ରେ ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବାଦାମବାଡ଼ି ଶାଖା ଉଦ୍‌ଘାଟିତ


ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବାଦାମବାଡ଼ି ଶାଖାକୁ ଡା. କୃପାସିନ୍ଧୁ ପଣ୍ଡା ଉଦ୍‌ଘାଟନ କରୁଛନ୍ତି।

କଟକ ଅଫିସ,୧୦।୪

ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବାଦାମବାଡ଼ି ଶାଖା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କର୍କଟ ରୋଗ ବିଶେଷଜ୍ଞ ଡା. କୃପାସିନ୍ଧୁ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କର ଜୋନାଲ ହେଡ୍ ଦୀପକ କୁମାର ସିଂହ, କ୍ଲଷ୍ଟର ହେଡ୍ ଅନନ୍ତ ପଟ୍ଟନାୟକ, ଶାଖାମୁଖ୍ୟ ରାଜୀବ ଲୋଚନ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୋମବାରଠାରୁ ଏହି ଶାଖାରେ ଗ୍ରାହକମାନଙ୍କ ନିମନ୍ତେ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ହୋଇଛି। ସୂଚନାଯୋଗ୍ୟ, ଓଡ଼ିଶାରେ ଏବେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୨୦୩ଟି ଶାଖା କାର୍ଯ୍ୟ କରୁଥିବାବେଳେ କଟକ ଜିଲାରେ ୨୫ ଓ କଟକ ସହରରେ ୧୫ଟି ଶାଖା ରହିଛି।

# ୫ କୁଇଣ୍ଟାଲ ଖାଦ୍ୟ ନଷ୍ଟ

କଟକ ଅଫିସ,୧୦।୪

**ଧାକୁଲେଇ ଯାତ୍ରା ଖାଦ୍ୟ ଷ୍ଟଲରେ ଚଢାଉ**
- ୫ ହଜାର ଜରିମାନା
- ଠୁଙ୍କାପୁରି ଦୋକାନ ସିଲ୍
- ବ୍ୟବସାୟୀଙ୍କୁ ତାଗିଦ୍

କଟକ ମହାନଗର ନିଗମ(ସିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ପ୍ରତାପନଗରୀସ୍ଥିତ ଧାକୁଲେଇ ଯାତ୍ରା ପଡିଆରେ ଖୋଲିଥିବା ଶତାଧିକ ଖାଦ୍ୟ ଷ୍ଟଲରେ ଚଢଉ କରାଯାଇ ୫ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଖାଦ୍ୟ ନଷ୍ଟ କରାଯାଇଛି। ଏଥିସହ ଏକାଧିକ ଦୋକାନୀଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଉକ୍ତ ଯାତ୍ରା ପଡିଆରେ ଖୋଲିଥିବା ଷ୍ଟଲରେ ବାସୀ ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଜଣାପଡିବା ପରେ ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ବିଶେଷକରି ଏକ୍ସପାଏରି ତାରିଖ ଚାଲିଯାଇଥିବା ଖାଦ୍ୟ ପ୍ୟାକେଟ୍, ମୃଦୁପାନୀୟ ବୋତଲର ମାନ୍ୟୁଫାକ୍ଚରିଂ ଓ ଏକ୍ସପାଏରି ତାରିଖ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଅନେକ ବ୍ୟବସାୟୀ ବାସୀ, ନିମ୍ନମାନର ଓ ରଙ୍ଗମିଶା ଖାଦ୍ୟ ବିକ୍ରି କରୁଥିବା ଜଣାପଡିଥିଲା। ତେଣୁ ଉକ୍ତ ଖାଦ୍ୟ ନଷ୍ଟ କରାଯିବା ସହ ଗୋଟିଏ ଠୁଙ୍କାପୁରୀ ଦୋକାନ ସିଲ୍ କରାଯାଇଥିଲା। ଆଗାମୀ ଦିନରେ ଏଭଳି ଖାଦ୍ୟ ବିକ୍ରି ନ କରିବା ପାଇଁ ବ୍ୟବସାୟୀଙ୍କୁ ତାଗିଦ୍ କରାଯାଇଥିଲା। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର, ବିଭାସ ମଜୁମ୍‌ଦାର, ଖାଦ୍ୟ ନିରୀକ୍ଷକ ଭଗବାନ ଲେଙ୍କାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ସାମିଲ ହୋଇଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିଙ୍କ ଗ୍ରହଣରେ ଛାତ୍ରୀଛାତ୍ର।

କଟକ ଅଫିସ,୧୦।୪

ଓଡ଼ିଶା ବରିଷ୍ଠ ପୋଲିସ ଅଫିସର୍ସ ମହିଳା ସଂଘ ପକ୍ଷରୁ କଟକ ତୁଳସୀପୁରସ୍ଥିତ ପରିବାର କଲ୍ୟାଣ କେନ୍ଦ୍ରଠାରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ୫୬ ଜଣ ବିଦ୍ୟାଳୟ ଛାତ୍ରୀଙ୍କୁ ୧୨ ଜଣ ପ୍ରଶିକ୍ଷକ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କୁ ମାନସିକ ସ୍ତରରେ ଦୃଢ, ସଶକ୍ତ ଏବଂ ଯେକୌଣସି ଆସନ୍ନ ବିପଦରୁ ରକ୍ଷା କରିବାରେ ଏହି ତାଲିମ ବେଶ୍ ସହାୟକ ହେବ ବୋଲି ଶିବିରରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ସଂଘ ସଭାପତି ଅନୁ ବଂଶଲ, ସମ୍ପାଦିକା ସୋନାଲୀ ମହାନ୍ତି, କୋଷାଧକ୍ଷା ଲାରା ମିଶ୍ର, ସଦସ୍ୟା ଗୀତା ପାଣିଗ୍ରାହୀ, ମାଧୁରୀ ସିଂ ଏବଂ ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ରର ସମ୍ପାଦିକା ସବିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାଜଳ ନିଷ୍କାସନ ପାଇଁ ଯୋଜନା ପ୍ରସ୍ତୁତ

କଟକ ଅଫିସ,୧୦।୪


ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସହ ଅନ୍ୟମାନେ।

**ସିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ବୈଠକ**
- ଆବଶ୍ୟକ ସ୍ଥଳେ ତିଆରି ହେବ ନୂଆ ଡ୍ରେନ୍

ସହରରେ ବର୍ଷାଜଳ ସମସ୍ୟାର ସମାଧାନ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ବିଜୁ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ପୌରୋହିତ୍ୟ କରି ବର୍ଷାଜଳ ଶୀଘ୍ର ନିଷ୍କାସନ ସମ୍ପର୍କରେ ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ସତର୍କତାମୂଳକ ପଦକ୍ଷେପ ସ୍ୱରୁପ ତଳିଆ ଅଞ୍ଚଳରେ ଥିବା ପାଣି ପମ୍ପଗୁଡିକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଅଧିକ ସମ୍ବେଦନଶୀଳ ସ୍ଥାନରେ ଲାଗିଥିବା ସ୍ଥାୟୀ ପମ୍ପଗୁଡିକୁ ବିଦ୍ୟୁତ୍‌କରଣ କରିବା ସହିତ ସେଠାରେ ଏକ ଅତିରିକ୍ତ ପମ୍ପ ବ୍ୟବସ୍ଥା କରିବା ପାଇଁ ସେ କହିଥିଲେ। କିଛିଦିନ ତଳେ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଉପୁଜିଥିଲା। ତେଣୁ ଯଥାଶୀଘ୍ର ଯେପରି ଜଳ ନିଷ୍କାସନ ହୋଇପାରିବ ସେଥିପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମିଶନର ବୈଠକରେ ସ୍ପଷ୍ଟ କରିଥିଲେ। ବିଶେଷକରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଲେଜ ଛକ, ବାଦାମବାଡି ବସ୍‌ଷ୍ଟାଣ୍ଡ, ରକ୍ସି ଲେନ, ପିଠାପୁର, ମାଲ୍‌ଗୋଦାମ, ନୂଆବଜାର, ଗହ୍ମାଡିଆ, ତୁଳସୀପୁର ଓ ସାମନ୍ତସାହି ଅଞ୍ଚଳରେ ବର୍ଷାଜଳ ସମସ୍ୟା ସୃଷ୍ଟି କରୁଥିବାରୁ ତା'ର ସ୍ଥାୟୀ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଜଳ ନିଷ୍କାସନ ପାଇଁ ଯଦି ଡ୍ରେନ୍‌ର ଆବଶ୍ୟକତା ରହିଛି ତେବେ ତୁରନ୍ତ ସର୍ଭେ କରି ସେହି ସ୍ଥାନରେ ଡ୍ରେନ୍ ନିର୍ମାଣ ପାଇଁ କମିଶନର ଯନ୍ତ୍ରୀମାନଙ୍କୁ ଆଦେଶ ଦେଇଥିଲେ। ଏତଦ୍ ବ୍ୟତୀତ ପାଣି ଜମି ରହୁଥିବା ସମସ୍ତ ତଳିଆ ଅଞ୍ଚଳର ଏକ ତାଲିକା ପ୍ରସ୍ତୁତ କରାଯାଉ। ପରେ କମିଶନର ଯନ୍ତ୍ରୀମାନଙ୍କ ସହ ଉକ୍ତ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସହକାରୀ କମିଶନର (ସାନିଟେସନ) ତ୍ରିନାଥ ବେହେରା, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ଶ୍ରବଣ ମହାନ୍ତି, ପରିମଳ ବିଶେଷଜ୍ଞ ଓ ପିଏମ୍‌ୟୁ ସଦସ୍ୟମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୧ ଏପ୍ରିଲ, ୨୦୨୩



# ଶ୍ରେଣୀଗୃହରେ ମଦ ବୋତଲ, ଗଛତଳେ ପଢ଼ିଲେ ପିଲା

## ସ୍କୁଲରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି

ଭୁବନେଶ୍ୱର,୧୦।୪(ବ୍ୟୁରୋ)


ବିଦ୍ୟାଳୟ ପରିସରରେ ପଡିଥିବା ଭଙ୍ଗା ମଦ ବୋତଲ।


ଗଛତଳେ ପିଲାମାନେ ପାଠ ପଢୁଛନ୍ତି।

ରାଜଧାନୀରେ ଥିବା ସ୍କୁଲ ପରିସର ଅସୁରକ୍ଷିତ ହୋଇପଡ଼ିଛି। ଯାହା ଭୁବନେଶ୍ୱର ମହାନଗର ନିମର ୫୨ ନମ୍ବର ୱାର୍ଡ ଅନ୍ତର୍ଗତ ବରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ମଦ ବୋତଲ ପଡ଼ିବା ଚିତ୍ରରୁ ସ୍ପଷ୍ଟ ଜଣାପଡୁଛି। ସ୍କୁଲ ପରିସରରେ ମଦ ବୋତଲ, ଭଙ୍ଗା ଗ୍ଲାସ ଏଣେତେଣେ ପଡିଥିବା ଦେଖିବାକୁ ମିଳିଥିଲା। ଏତେ ପରିମାଣର କାଚ ଭଙ୍ଗା ହୋଇ ପଡିଥିଲା ଯେ ସ୍କୁଲ ଭିତରେ ପିଲା କି ଶିକ୍ଷକ ଶିକ୍ଷୟିତ୍ରୀ ପାଦ ଦେବା କଷ୍ଟକର ହୋଇପଡିଥିଲା। ଶେଷରେ ବାଧ ହୋଇ ପିଲାମାନଙ୍କୁ ଶିକ୍ଷୟିତ୍ରୀ ଶ୍ରେଣୀ ଗୃହ ବାହାରେ ଥିବା ଏକ ଗଛମୂଳେ ପାଲ ପକାଇ ପାଠ ପଢାଇଥିଲେ। ସଫାସୁତାର କରାଯିବା ପରେ ପିଲମାନଙ୍କୁ ଶ୍ରେଣୀ ଗୃହକୁ ନିଆଯାଇଥିଲା। ତେବେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ ସନ୍ଧ୍ୟା ହେଲେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ଏହାକୁ ନିନ୍ଦା କରିବା ସହ ଘଟଣା ବାବଦରେ, ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି। ନଚେତ ପିଲାମାନଙ୍କ ଉପରେ ଏହାର କୁପ୍ରଭାବ ପଡିବ। ଅପରପକ୍ଷେ ରବିବାର ସ୍କୁଲ ପରିସରରେ ୫୦ ନମ୍ବର ୱାର୍ଡର କର୍ପୋରେଟର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଉତ୍ସବର ଆୟୋଜନ କରିଥିଲେ। ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅଭିଯୋଗ ହେଉଛି, ଉତ୍ସବ ଶେଷ ହେବା ପରେ କେହି ସ୍କୁଲ କ୍ୟାମ୍ପସରେ ଏମିତି କରିଥାଇପାରେ। ଏ ନେଇ କର୍ପୋରେଟର କହିଛନ୍ତି, ମହିଳା ସମିତି ମିଟିଂ ଚାଲିଥିଲା। କାର୍ଯ୍ୟକ୍ରମ ପରେ ସମସ୍ତେ ଚାଲିଯାଇଥିଲୁ। ପରେ କେହି ଆସି ଏମିତି କରିଥାଇପାରନ୍ତି। ଏହାସହ ଅସାମାଜିକ ଯୁବକମାନେ ସନ୍ଧ୍ୟା ହେଲେ ପାଚେରି ଡେଇଁ ସ୍କୁଲରେ ପ୍ରବେଶ କରିବା ସହ ନିଶା ସେବନ କରି ବୋତଲ ଭାଙ୍ଗିଥାନ୍ତି। ଏ ନେଇ ବାରମ୍ବାର ପୋଲିସକୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ପୋଲିସ ପକ୍ଷରୁ କଡ଼ାକଡ଼ି ପାଟ୍ରୋଲିଂ କରି ସେମାନଙ୍କ ଆଡ୍ଡା ଉପରେ ଚଢାଉ କରି ଧରିବାକୁ ସେ ଦାବି କରିଛନ୍ତି। ସେହିପରି ପୋଲିସ ପକ୍ଷରୁ ବିଭିନ୍ନ ଖଟି ଜାଗାରେ ଚଢାଉ କରାଯାଉଥିବାରୁ ଧରା ନ ପଡିବା ଲାଗି ଅସାମାଜିକ ଯୁବକମାନେ ସ୍କୁଲ ପରିସରକୁ ଚାଲି ଯାଇ ଉତ୍ପାତ କରୁଥିବା କୁହାଯାଉଛି।

## ସଂକ୍ଷେପରେ

### ବ୍ରାଉନସୁଗାର ସହ ୨ବାଇକ୍ ଜବତ, ୩ ଗିରଫ

ଭୁବନେଶ୍ୱର,୧୦।୪(ବ୍ୟୁରୋ): ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ୩ ଯୁବକଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ଟୁଲୁ ଜେନା ଓ ମୋହନା କିଶୋର ବେହେରା ଓ କେନ୍ଦ୍ରାପଡ଼ାର ଏସ୍.କେ. ରାହିଲ। ପୋଲିସ ସେମାନଙ୍କଠାରୁ ୧୦ଗ୍ରାମ ବ୍ରାଉନସୁଗାର, ୩ ମୋବାଇଲ, ୨ ବାଇକ୍ ଓ ନଗଦ ୩୬ ହଜାର ଟଙ୍କା ଜବତ କରିଛି । ଜବତ ବ୍ରାଉନସୁଗାର ମୂଲ୍ୟ ଲକ୍ଷେ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ୩ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରାହିଲ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ କେନ୍ଦ୍ରାପଡା ଟାଉନ ଥାନାରେ ତାଙ୍କ ନାମରେ ୪ଟି ଆପରାଧିକ ମାମଲା ରହିଛି। ସୂଚନାନୁସାରେ ପଥରବନ୍ଧ ବସ୍ତି ନିକଟରେ ବ୍ରାଉନସୁଗାର ବିକ୍ରି ପାଇଁ ୩ ଅଭିଯୁକ୍ତ ଗ୍ରାହକ ଅପେକ୍ଷାରେ ଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ସେଠାରେ ଚଢାଉ କରି ୩ଜଣଙ୍କୁ ଧରିଥିଲେ।

### ବାଲାଜି ମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଖୋର୍ଦ୍ଧା ଅଫିସ,୧୦।୪:** ଖୋର୍ଦ୍ଧା ବ୍ଲକ ଗୌଡପୁଟ ଗ୍ରାମରେ ବାଲାଜି ମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ନୂତନ ବସ୍ତ୍ର ପରିଧାନ କରି ବାଘମାରୀ ବଡଶଙ୍ଖ ନଦୀ ପଠାରୁ ପୂର୍ଣ୍ଣକଳସରେ ପାଣି ଭରି ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଅନ୍ୟାନ ଦେବନୀତି ସମ୍ପନ୍ନ ହେବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ମଙ୍ଗଳବାରଠାରୁ ପାରାୟଣ ପାଠ, ପ୍ରବଚନ କାର୍ଯ୍ୟକ୍ରମ ରହିଛି। ୧୨ତାରିଖରେ ପୂର୍ଣ୍ଣାହୂତି ସହିତ ୧୩ରେ ପୌରାଣିକ ରାମ ନାଟକ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ଗ୍ରାମରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ବଳରାମ ପାଇକରାୟ, ସଞ୍ଜୟ କୁମାର ବରାଳ, ଧନେଶ୍ୱର ସାହୁଙ୍କ ସମେତ ଗ୍ରାମର ସମସ୍ତ ବୁଦ୍ଧିଜୀବୀ, ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରୁଛନ୍ତି।

### ଟୁରିଷ୍ଟ ବସରୁ ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୧୦।୪ (ବ୍ୟୁରୋ) ଟୁରିଷ୍ଟ ବସ୍‌ର କାଚ ଭାଙ୍ଗି ପର୍ଯ୍ୟଟକଙ୍କ ବ୍ୟାଗରୁ ଟଙ୍କା ଚୋରି କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ସମ୍ପୃକ୍ତ ଲୁଟେରାକୁ ଗିରଫ କରିଛି । ସେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ଗଞ୍ଜାମର କାଳିଆ ସେଠୀ । ତାଙ୍କଠାରୁ ୨ ହଜାର ଟଙ୍କା ଏବଂ ଲୁଟରେ ବ୍ୟବହୃତ ପେଭର ପଥର ଜବତ କରାଯାଇଛି । ସୂଚନାନୁସାରେ, ଝାଡଖଣ୍ଡରୁ ଏକ ଟୁରିଷ୍ଟ ବସରେ ଯାତ୍ରୀ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଗତ ୮ ତାରିଖ ରାତି ପ୍ରାୟ ୯ ଟାରେ ପହଞ୍ଚିଥିଲେ । ଘଟଣା ଦିନ ରାତି ପ୍ରାୟ ୨.୨୦ ରେ ସମସ୍ତ ଯାତ୍ରୀ ବସର ଝରକା ଗୁଡ଼ିକୁ ବନ୍ଦ କରି ଶୋଇଥିବା ସମୟରେ ଅଭିଯୁକ୍ତ କାଳିଆ ଉକ୍ତ ବସ ନିକଟକୁ ଆସି ଡ୍ରାଇଭରଙ୍କ ପାଖ ଝରକାକୁ ଗୋଟିଏ ପଥର ଦ୍ୱାରା ଭାଙ୍ଗି ଝରକା ପାଖରେ ଥିବା ମନି ବ୍ୟାଗରୁ ୨ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ । ସେହିପରି ପୂର୍ବରୁ ମଧ ଟୁରିଷ୍ଟ ବସରୁ ଚୋରି କରି ଗିରଫ ହୋଇଥିବା ନଜିର ରହିଛି। ଅଭିଯୋଗକାରୀ ବିମଲ ଟୁରିଷ୍ଟ ବସରେ କଣ୍ଡକ୍ଟରଭାବେ କାର୍ଯ୍ୟ କରନ୍ତି ।

### ହୋମିଓପାଥି ପ୍ରାକ୍ଟିସନର ଆସୋସିଏଶନର ସମ୍ମିଳନୀ

ଭୁବନେଶ୍ୱର,୧୦।୪(ବ୍ୟୁରୋ): ପ୍ରାଇଭେଟ ହୋମିଓପାଥ ପ୍ରାକ୍ଟିସନର ଆସୋସିଏଶନର ୮ମ ବାର୍ଷିକ ସମ୍ମିଳନୀ ଓ ହୋମିଓପାଥି ଚିକିତ୍ସାର ଜନକ ଡା. ହ୍ୟାନିମାନ୍‌ଙ୍କ ୨୬୯ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଅମର ପଟ୍ଟନାୟକ, ବିଧାୟକ ଡ. ଅରବିନ୍ଦ ଢାଲୀ, ମେୟର ସୁଲୋଚନା ଦାସ, ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ।

# ଅଟୋରେ ଟଙ୍କା ଛାଡ଼ି ଦେଇ ଦମ୍ପତି ହଟହଟା

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଏକ ଘରୋଇ ଇଂଲିଶ୍ ବିଦ୍ୟାଳୟରେ ପୁଅର ନାମ ଲେଖାଇବା ପାଇଁ ବିହାରରୁ ଭୁବନେଶ୍ୱର ଆସି ଜଣେ ଦମ୍ପତି ସୋମବାର ବହୁ ହଟହଟା ହୋଇଛନ୍ତି। ନାମଲେଖା ବାବଦକୁ ସାଙ୍ଗରେ ଆଣିଥିବା ୧ ଲକ୍ଷ ୭୦ହଜାର ଟଙ୍କା, ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବ୍ୟାଗଟିକୁ ଯାତ୍ରା କରୁଥିବା ଅଟୋରେ ଛାଡିଦେଇଛନ୍ତି। ଅଟୋ ଚାଳକଙ୍କୁ ଜାଣିବା ପାଇଁ ଆଖପାଖରେ ଥିବା କେତେଜଣ ଅଟୋ ଚାଳକଙ୍କୁ ପଚରାଉଚରା କରିଥିଲେ ମଧ କେହି ଜାଣି ନ ଥିବା କହିଥିଲେ। ଏହାପରେ ଦମ୍ପତି ସ୍ଥାନୀୟ ଚନ୍ଦ୍ରଶେଖରପୁର ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ବିଭିନ୍ନ ଛକର ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ସହ ଅଟୋ ନମ୍ବର ଜାଣିବା ପାଇଁ ଚେଷ୍ଟା ଚଲାଇଛି। ଘଟଣା ଅନୁଯାୟୀ, ବିହାରରୁ ରିତେଶ କୁମାର ଓ ତାଙ୍କ ସ୍ତ୍ରୀଙ୍କ ସହ ପୁଅର ନାମ ଲେଖାଇବା ପାଇଁ ସ୍କୁଲରେ ପହଞ୍ଚିଥିଲେ । ସେଠାରୁ ପୁଅର ହଷ୍ଟେଲ ବାବଦକୁ କିଛି ଜିନିଷ କିଣିବା ପାଇଁ ନୀଳାଦ୍ରିବିହାରସ୍ଥିତ ଏକ ମଲକୁ ଯାଇ ଅଟୋରେ ଫେରୁଥିଲେ। ଅଟୋରୁ ଓହ୍ଲାଇବା ପରେ ସେ ଜାଣିପାରିଥିଲେ ତାଙ୍କର ଟଙ୍କା ଭର୍ତ୍ତି ବ୍ୟାଗଟିକୁ ଅଟୋରେ ଛାଡି ଦେଇଛନ୍ତି।


ନବୋଦୟ ଶିଶୁ ବିଦ୍ୟାମନ୍ଦିର ଗେଟ୍ ସମ୍ମୁଖରେ ପିଲାମାନେ ଧାରଣାରେ ବସିଛନ୍ତି।

# ଗଣଶିକ୍ଷା ସଚିବଙ୍କୁ ଦାବିପତ୍ର ଦେଲା ଅଭିଭାବକ ମହାସଂଘ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

**ନବମରୁ ଦ୍ୱାଦଶ ନିଃଶୁଳ୍କ ପାଠପଢ଼ା ମାମଲା**

- ଜନସ୍ୱାର୍ଥ ମାମଲାରେ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ
- ଆଜି ମନ୍ତ୍ରୀ, ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ମହାସଂଘ

ଶିକ୍ଷା ଅଧିକାର ଆଇନ (ଆରଟିଇ)ର ଅନୁଚ୍ଛେଦ ୧୨(୧)ର ଧାରା 'ସି' ଅନୁଯାୟୀ ଘରୋଇ ବିଦ୍ୟାଳୟରେ ୨୫ ପ୍ରତିଶତ ସିଟ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲାମାନେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ପାଠପଢ଼ା ସୁବିଧା ପାଇପାରୁଛନ୍ତି। ଏବେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ହୋଇଆସୁଛି। ଏପରିକି ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଅଭିଭାବକ ମହସଂଘ ଅଧକ୍ଷ ବାସୁଦେବ ଭଟ୍ଟ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱସ୍ତି ଏସ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲୋଚନା ସମୟରେ ଏଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସଚିବ କହିଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଏ ବାବଦରେ ମଙ୍ଗଳବାର ମହାସଂଘ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ସାକ୍ଷାତ କରିବା ସହ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବେ ବୋଲି ମହାସଂଘ ସହଅଧକ୍ଷ ପ୍ରସନ୍ନ ବିଷୋୟୀ ସୂଚନା ଦେଇଛନ୍ତି।ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିଶୁଳ୍କ ପଢିବା ପରେ ନବମ ଶ୍ରେଣୀରୁ ନିଜସ୍ୱ ଖର୍ଚ୍ଚରେ ପାଠପଢ଼ାଇବା ଅଭିଭାବକଙ୍କ ପାଇଁ କଷ୍ଟକର ହୋଇପଡୁଛି । ନିରୁପାୟ ହୋଇ ଅନେକ ପିଲା ଅଧାରୁ ପାଠ ଛାଡୁଛନ୍ତି। ତେଣୁ ଏହି ବ୍ୟବସ୍ଥାକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ପାଇଁ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ଦାବି କରାଯାଉଛି। ସରକାରଙ୍କୁ ବାରମ୍ବାର ନିବେଦନ ପରେ କାର୍ଯ୍ୟକାରୀ ନ ହେବାରୁ ମହାସଂଘ ପକ୍ଷରୁ ଅଧକ୍ଷ ଭଟ୍ଟ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଗତ ମାର୍ଚ୍ଚ ୨୯ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବିଦ୍ୟାଳୟ ସମ୍ମୁଖରେ ପିଲାଙ୍କ ଧାରଣା

ବାରଙ୍ଗ,୧୦।୪(ଡି.ଏନ୍.ଏ.)

ବିଦ୍ୟାଳୟ ଗୃହ ଭଗ୍ନ ଅବସ୍ଥାରେ ଥିବାରୁ କିଛି ଦିନ ପୂର୍ବରୁ ବିଦ୍ୟାଳୟ ଛୁଟି ଘୋଷଣା ହୋଇଥିଲା। ଛୁଟି ପରେ ସୋମବାର ବିଦ୍ୟାଳୟ ଖୋଲିବାର ସୂଚନା ମିଳିଥିଲା। ହେଲେ ପିଲାଙ୍କୁ ବିଦ୍ୟାଳୟ ପରିସରକୁ ଛଡ଼ାଯାଇ ନ ଥିଲା, ଯାହାକୁ ନେଇ ପିଲାଙ୍କ ସହ ଅଭିଭାବକମାନେ ବିଦ୍ୟାଳୟ ଗେଟ ଆଗରେ ଧାରଣା ଦେଇଥିଲେ। ଖବରପାଇ ପୋଲିସ ଓ ଶିକ୍ଷା ବିଭାଗ ଅଧିକାରୀ ଅଭିଭାବକଙ୍କୁ ବୁଝାଶୁଝା କରିବା ପରେ ଧାରଣା ହଟିଥିଲା। ସୂଚନା ମୁତାବକ, ନବୋଦୟ ଶିଶୁ ବିଦ୍ୟାମନ୍ଦିର ଜବାହାର ନବୋଦୟ ବିଦ୍ୟାଳୟ ଅଧୀନରେ ଚାଲୁଛି। ଶିଶୁ ମନ୍ଦିରର ଗୃହଗୁଡିକ ବିପଦପୂର୍ଣ୍ଣ ଥିବାରୁ ନବୋଦୟ ବିଦ୍ୟାଳୟ ପକ୍ଷରୁ ଶିଶୁବିଦ୍ୟାମନ୍ଦିର କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯାଇଥିଲା। ଏଥିସହ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିଲା। ବିଦ୍ୟାଳୟ ଖୋଲିବା ନେଇ ସୋମବାର ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କୁ ସୂଚନା ଦିଆଯାଇଥିଲା। ଅଭିବାବକମାନେ ସେମାନଙ୍କ ପିଲାଙ୍କୁ ନେଇ ସକାଳ ୮ଟାରେ ବିଦ୍ୟାଳୟରେ ପହଞ୍ଚିବା ପରେ ପିଲାଙ୍କୁ ସୁରକ୍ଷାକର୍ମୀ ଭିତରକୁ ଛାଡି ନ ଥିଲେ। ତେଣୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପିଲାଙ୍କ ସହ ଅଭିଭାବକମାନେ ବିଦ୍ୟାଳୟ ଗେଟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଖବରପାଇ ବାରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରା, ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଅଭିଭାବକଙ୍କୁ ବୁଝାଶୁଝା କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଯେପର୍ଯ୍ୟନ୍ତ ବିଦ୍ୟାଳୟଗୃହ ମରାମତି ଶେଷ ହୋଇନାହିଁ, ସେପର୍ଯ୍ୟନ୍ତ ମଙ୍ଗଳବାରଠାରୁ ଅନ୍ୟ ଏକ ଗୃହରେ ପିଲାଙ୍କ ପାଠପଢ଼ା ହେବ ବୋଲି ନିଷ୍ପତ୍ତି ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସାଢେ ୨୨ କେଜି ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ୩ ନିଶା ବେପାରୀଙ୍କୁ ଭରତପୁର ଥାନା ପୋଲିସ ଖଣ୍ଡଗିରି ନୂଆବସ୍ଥ୍ୱାଣ୍ଡ ନିକଟସ୍ଥ ଏକ କଲୋନୀ ରାସ୍ତାରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବୌଦ୍ଧର ଦେବେନ୍ଦ୍ର ସାହୁ, କନ୍ଧମାଳର ଭାଗବତ ପ୍ରଧାନ ଓ ଗଞ୍ଜାମର ଅନନ୍ତ ଦିଗଲ। ଏମାନଙ୍କଠାରୁ ପୋଲିସ ସାଢେ ୨୨ କେଜି ଗଞ୍ଜେଇ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ଭୁଶୁଡ଼ି ପଡ଼ିଥିବା ପାଚେରି ଦେଖିଲା ଭାଜପା ଟିମ୍

ଭୁବନେଶ୍ୱର, ୧୦।୪ (ବ୍ୟୁରୋ)

**ମେୟରଙ୍କ ଉପରେ ବର୍ଷିଲେ**

କର୍ପୋରେଶନକୁ ୧ବର୍ଷ ପୂର୍ତ୍ତି ପାଳନ କରି ବିଏମ୍‌ସି ମେୟର ସୁଲୋଚନା ଦାସ ରାଜଧାନୀ ବିକାଶର କଥା କହୁଛନ୍ତି। ଏହା ମଧ୍ୟରୁ ଅଧିକାଂଶ ତଥ୍ୟ ମିଥ୍ୟା ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ରବିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମୁଖ୍ୟ ପାଚେରି ଭୁଶୁଡି ପଡିଥିବାବେଳେ ସେଠାକୁ ଯାଇ ସ୍ଥିତି ସମୀକ୍ଷା ନ କରି ବସନ୍ତ ଉତ୍ସବ ପାଳନ କରିବା ନିନ୍ଦନୀୟ ବୋଲି ଭୁବନେଶ୍ୱର ଜିଲା ଭାଜପା ସଭାପତି ବାବୁ ସିଂ କହିଛନ୍ତି। ସୋମବାର ସିଂଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଯାଇ ଭୁଶୁଡି ପଡିଥିବା ପାଚେରି ସ୍ଥିତି ଦେଖିଥିଲେ। ନିମ୍ନମାନର ନିର୍ମାଣ ପାଇଁ ଏହା ଭୁଶୁଡ଼ି ପଡିଥିବା ଅଭିଯୋଗ ଉଠାଇବା ସହ ମେୟର ତୁରନ୍ତ ଘଟଣାସ୍ଥଳକୁ ଯାଇ ଏହାର ତଦାରଖ କରିବାକୁ ଦାବି କରାଯାଇଛି। ଏଥିସହ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କୁ ଦଣ୍ଡ ଦେବାକୁ ରାଜ୍ୟ ପ୍ରବକ୍ତା ଦିଲୀପ ମହାନ୍ତି ଦାବି କରିଛନ୍ତି। ଏଭଳି ଶାସନ ଓ ପ୍ରଶାସନକୁ ଭାଜପା ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, କର୍ପୋରେଟର ଜୀବନ ରାଉତ, ଶ୍ରୀରାମ ମଣ୍ଡଳ ସଭାପତି ଶଶିପ୍ରଭା ରଥ, ଭାଜପା ନେତା ମନରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ଫେବୃୟାରୀ ୨୭ରୁ ଲୋୟର ପିଏମଜିରେ ଧାରଣାରେ ବସିଥିବା ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନେ ସୋମବାର ଆନ୍ଦୋଳନରୁ ଉଠିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱସ୍ତି ଏସ୍ ଦାବିଗୁଡିକ ଉପରେ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ସର୍ବଶିକ୍ଷା ଅଭିଯାନ ଅଧୀନରେ ଆସୁଥିବା ଅର୍ଥ ବନ୍ଦ ହେବାପରେ ରାଜ୍ୟ ସରକାର କାହାକୁ ଛଟେଇ ନ କରି ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କ ସହ ସଂଯୁକ୍ତ କରିଛନ୍ତି। ଆଗାମୀ ଦିନରେ ଏଥିପାଇଁ ସମ୍ପୂର୍ଣ୍ଣ ନିୟମାବଳୀ ପ୍ରସ୍ତୁତ କରାଯାଇ ସ୍ଥାୟୀ ପ୍ରତିକାର କରାଯିବ ବୋଲି ଆଲୋଚନାରୁ ନିଷ୍କର୍ସ ବାହାରିଥିବା ସଂଘ ଆବାହକ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି। ଆଲୋଚନା ପରେ ଦୀର୍ଘ ୪୩ ଦିନ ଧରି ଚାଲିଥିବା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି।

୨୦୧୩ରୁ ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଭାବେ ସ୍ୱଳ୍ପ ପାରିଶ୍ରମିକରେ ନିଯୁକ୍ତି ପାଇଥିଲେ। ମାତ୍ର ଏହା ମଧ୍ୟରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ବର୍ତ୍ତମାନ ସ୍ଥାୟୀ ନିଯୁକ୍ତି ନ ହେବାରୁ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ପ୍ରାୟ ୪୦ଦିନ ଆନ୍ଦୋଳନରେ ବସିବା ପରେ ସରକାର କୌଣସି ପଦକ୍ଷେପ ନ ନେବା ଫଳରେ ଏପ୍ରିଲ ୬ରେ ଧାରଣାସ୍ଥଳରୁ କଳା ଓ କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକମାନେ ନବୀନ ନିବାସ ଅଭିମୁଖେ ବାହାରିଥିଲେ। ରାଜମହଲ ଛକଠାରେ ପୋଲିସ ଅଟକାଇବା ଫଳରେ ଆନ୍ଦୋଳନକାରୀ ନିରାଶ ହୋଇ ଫେରିଥିଲେ। ସୋମବାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସଚିବାଳୟ ଯାଇ ଗଣଶିକ୍ଷା ସଚିବଙ୍କ ସହ ଆଲୋଚନା କରିଥିଲେ। ତେବେ ସରକାର ଦେଇଥିବା ପ୍ରତିଶ୍ରୁତି ଯଦି ପୂରଣ ନ କରନ୍ତି ପୁଣିଥରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ପ୍ରତିଶ୍ରୁତି ଦେଲେ ଗଣଶିକ୍ଷା ସଚିବ**

# ଧାରଣାରେ ମୃତ ସରକାରୀ କର୍ମଚାରୀଙ୍କ ପରିବାର

**୨୭ ଦିନ ପରେ ମିଳିଲାନି ସମାଧାନ**

ଭୁବନେଶ୍ୱର,୧୦।୪(ବ୍ୟୁରୋ)




ରାଜ୍ୟ ସରକାର ଅଧିନରେ କାର୍ଯ୍ୟନିର୍ବାହ କରିବା ଅବସ୍ଥାରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାର ଗାନ୍ଧୀମାର୍ଗରେ ୨୭ଦିନ ଧରି ଧାରଣାରେ ବସିଛନ୍ତି । ସେମାନଙ୍କ ପରିବାର ପାଇଁ ଉଦ୍ଦିଷ୍ଟ ଆଇନଗୁଡ଼ିକୁ ତର୍ଜମା କରି ସୁପ୍ରିମକୋର୍ଟ ନେଇଥିବା ନିଷ୍ପତ୍ତିକୁ ରାଜ୍ୟ ସରକାର କାର୍ଯ୍ୟକାରୀ ନକରିବା ଫଳରେ ୧୫ହଜାରରୁ ଊର୍ଦ୍ଧ୍ୱ ପରିବାର ଘୋର ଆର୍ଥିକ ସଙ୍କଟଙ୍କରେ ରହି ଭୋକ ଉପାସରେ ଦିନ କାଟୁଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ଏହି କର୍ମଚାରୀ ପରିବାର ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସମ୍ପଦ, ପଞ୍ଚାୟତିରାଜ, ଗୃହ ନିର୍ମାଣ ବିଭାଗ ପ୍ରମୁଖ ୪୪ଟି ବିଭାଗର ମୃତ କର୍ମଚାରୀଙ୍କ ପରିବାର ଧାରରାରେ ବସିଛନ୍ତି। ସ୍ୱର୍ଗତ ବିଜୁବାବୁଙ୍କ ନାମ ଧରି ଓ ବିଜୁ ଲିଗାସୀ ନାମରେ ଓଡ଼ିଶାକୁ ୨୫ବର୍ଷ କାଳ ଅନୁକମ୍ପା ଆଧାରରେ ଖୋଦ୍ ମୁଖ୍ୟମନ୍ତ୍ରୀ ଶାସନ କରି ଆସିଲେଣି। ମନ୍ତ୍ରୀ, ବିଧାୟକଙ୍କ ଅକାଳ ବିୟୋଗ ହେଲେ ତାଙ୍କ ପରିବାରବର୍ଗରୁ ଜଣେ ସଦସ୍ୟଙ୍କୁ ଅନୁକମ୍ପାମୂଳକ ଯୋଜନାରେ ରାଜନୀତିରେ ସ୍ଥାୟୀ କରାଯାଉଛି । ମାତ୍ର ସରକାରୀ ଚାକିରୀରେ ଥାଇ ମୃତ୍ୟୁବରଣ କଲେ ତାଙ୍କ ପରିବାରବର୍ଗରୁ ଜଣକୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନୁକମ୍ପା ମୂଳକ ନିଯୁକ୍ତି ଓ ପୁରୁଣା ପେନସନ ପ୍ରଦାନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠ, ସାଧାରଣ ପ୍ରଶାସନ ବିଭାଗର ଅଭିଯୋଗ ପ୍ରକୋଷ୍ଠ ଦୌଡ଼ି ଦୌଡ଼ି ମୃତ ସରକାରୀ କର୍ମଚାରୀଙ୍କ ପରିବାରନିରାଶ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଗଠନ କରିଥିବା କମିଟି ଓ ପ୍ରଶାସନିକ ଅଧିକାରୀଙ୍କ ସେମାନଙ୍କ ଅଭିଯୋଗକୁ ଅଣଦେଖା କରୁଥିବା କହି ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୪।୨୦୨୩

| | |
|---|---|
| ୪,୭୭,୪୪୮ ଟଙ୍କା | |
| ସୁନା | ୯.୫୫୦ ଗ୍ରାମ୍ |
| ରୁପା | ୨୮ ଗ୍ରାମ୍ |

# ରାଧାକୁଣ୍ଡ ପୋଖରୀ ହେବ ଆଧୁନିକୀକରଣ

ସାକ୍ଷୀଗୋପାଳ, ୧୦।୪(ସ୍ୱ.ପ୍ର./ଡି.ଏନ୍.ଏ.)



- ସାକ୍ଷୀଗୋପାଳ ଠାକୁରଙ୍କ ନୀତି ସହ ଜଡ଼ିତ
- ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ରହିଥିବାରୁ ବିରୋଧ

ସାକ୍ଷୀଗୋପାଳ ଠାକୁରଙ୍କ ସେବାନୀତି ସହ ଜଡ଼ିତ ରାଧାକୁଣ୍ଡ ପୋଖରୀ ଖୁବ୍‌ଶୀଘ୍ର ଆଧୁନିକୀକରଣ ହେବାକୁ ଯାଉଛି। ଯେହେତୁ ଓଡ଼ିଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଏହି ପୋଖରୀ ରହୁଛି, ତେଣୁ ଏହାର ମଧ୍ୟ ଉନ୍ନତୀକରଣ କରାଯିବ ବୋଲି ପ୍ରକଳ୍ପ କାର୍ଯ୍ୟ କରୁଥିବା ଅଧିକାରୀ ସୂଚନା ଦେଇଛନ୍ତି। ଉକ୍ତ ପୋଖରୀକୁ ଅଧିକ ଗଭୀର କରାଯିବା ପାଇଁ ଗର୍ଭରୁ ମାଟି ଖୋଳା ଆରମ୍ଭ ହୋଇଛି। ପୋଖରୀ ଚାରିପଟ ପଥର ପ୍ୟାକିଂ କରିବା ପାଇଁ କାମ ଚାଲିଛି। ଅନ୍ୟପଟେ ଏହି ପୋଖରୀଟି ବିଶ୍ୱବିଦ୍ୟାଳୟ ପରିସରରେ ରହୁଥିବାରୁ ସାକ୍ଷୀଗୋପାଳ ଠାକୁରଙ୍କ କାମରେ କିଭଳି ଲାଗିବ ଓ ଏହାକୁ ଏକ ଚକ୍ରାନ୍ତ କରି ବିଶ୍ୱବିଦ୍ୟାଳୟକୁ ବିକ୍ରି କରାଯାଇଥିବା ନେଇ ମନ୍ଦିର ସେବାୟତମାନେ ଅଭିଯୋଗ କରିଛନ୍ତି। ଏ ନେଇ ନିକଟରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ପାନ୍ଥଶାଳାରେ ହୋଇଥିବା ମନ୍ଦିର ପରିଚାଳନା ପରିଷଦ ବୈଠକରେ ବିସ୍ତୃତ ଆଲୋଚନା ପରେ କିଭଳି ଠାକୁରଙ୍କ ପୋଖରୀ ଠାକୁରଙ୍କ ନିକଟକୁ ଫେରିବ ସେଥିପାଇଁ ସବୁ ବ୍ୟବସ୍ଥା କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱରେ ଥିବା ନିର୍ମାଣ କାର୍ଯ୍ୟ ନେଇଥିବା ସଂସ୍ଥାର ଯନ୍ତ୍ରୀ ଅଭିଷେକ ତ୍ରିପାଠୀ କହିଛନ୍ତି, ସମ୍ପୃକ୍ତ ପୋଖରୀଟି କେବଳ ସାକ୍ଷୀଗୋପାଳ ଠାକୁରଙ୍କ ସମସ୍ତ ନୀତିକାନ୍ତି ପାଇଁ ବ୍ୟବହାର କରାଯିବ। ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ନୁହେଁ। ଏଥିପାଇଁ ମନ୍ଦିର ନୀତିକାନ୍ତି ଲାଗି ଏକ ସ୍ୱତନ୍ତ୍ର ଗେଟ୍ ମଧ୍ୟ ଖୋଲାଯିବ।

## ପଣା ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ



ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।

ପୁରୀ ଅଫିସ,୧୦।୪

ମହାବିଷୁବ ତଥା ପଣା ସଂକ୍ରାନ୍ତି ଓଡ଼ିଆ ନବ ବର୍ଷ ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରି ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ମହାବିଷୁବ ସଂକ୍ରାନ୍ତିକୁ ଶ୍ରୀମନ୍ଦିର ପ୍ରଶାସନ ମହାଆଡମ୍ବରରେ ପାଳିବା ପାଇଁ ପରିଷଦ ୬ଟି ପ୍ରସ୍ତାବ ଦେଇଛି। ଉତ୍କଳୀୟ ନବବର୍ଷରେ ଶ୍ରୀମନ୍ଦିରକୁ ଫୁଲରେ ସଜାଇବା, ପ୍ରବେଶ ଦ୍ୱାରରେ ଶୁଭେଚ୍ଛା ବାର୍ତ୍ତା ଲେଖିବା, ପ୍ରତ୍ୟେକ ଭକ୍ତଙ୍କୁ ପ୍ରସ୍ଥାନ ଦ୍ୱାର ନିକଟରେ ଶୁଖିଲା ମହାପ୍ରସାଦ ବଣ୍ଟନ, ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଲାଗିଥିବା ଡାକବାଜି ଯନ୍ତ୍ରରେ ଓଡ଼ିଆ ନବ ବର୍ଷ ବିଷୟରେ ବିଭିନ୍ନ ଭାଷାରେ ଘୋଷଣା କରାଯାଉ। ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧ୍ୟମରେ ପ୍ରଚାର, ଭକ୍ତନିବାସରେ ଏ ବିଷୟରେ ସୂଚନା ଦେବା ଏବଂ ଶ୍ରୀମନ୍ଦିର ୱେବ୍‌ସାଇଟରେ ଏ ସମ୍ପର୍କରେ ସୂଚନା ଦେବା ଆଦି ରହିଛି। ତେବେ ଫୁଲ ସଜା ପାଇଁ ରାଜି ହେବା ସହ ଅନ୍ୟ ପ୍ରସ୍ତାବ ଉପରେ ଆଲୋଚନା କରିବେ ବୋଲି ଉନ୍ନୟନ ପ୍ରଶାସକ ଅଜୟ ଜେନା ସୂଚନା ଦେଇଥିବା ପରିଷଦର ଅଧ୍ୟକ୍ଷ ମନୋଜ ରଥ କହିଛନ୍ତି। ପରିଷଦ ପକ୍ଷରୁ ସୁକାନ୍ତ ପଣ୍ଡା, ବିଜୟ କୃଷ୍ଣ ବ୍ରହ୍ମା, ବିରଞ୍ଚି ମିଶ୍ର, ସତ୍ୟ ନାରାୟଣ ସାହୁ ଓ କମଳାକାନ୍ତ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ରାସ୍ତା, ଡ୍ରେନ୍ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୦।୪: ପୁରୀ ପୌରସଂସ୍ଥା ଅନ୍ତର୍ଗତ ବଳିଆପଣ୍ଡା ମହେଶ୍ୱରନଗର ଅଞ୍ଚଳରେ ଅବଶିଷ୍ଟ ରାସ୍ତା ଓ ଡ୍ରେନ୍ ନିର୍ମାଣ ନିମନ୍ତେ ଦାବି କରି ସାହିବାସିନ୍ଦା ସୋମବାର ପୌର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ବଳିଆପଣ୍ଡା ମହେଶ୍ୱର ନଗର ପୁଷ୍ପଶ୍ରୀ ହୋଟେଲ ଗଳିରେ ପ୍ରାୟ ୪୫ବର୍ଷ ହେଲା କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ ହୋଇନାହିଁ। ଫଳରେ ବର୍ଷାଦିନେ ସାହିବାସିନ୍ଦା ଦୁର୍ଦ୍ଦଶା ଭୋଗୁଛନ୍ତି। ବର୍ଷାଜଳ ଘରେ ପଶିବା ସହ ୩/୪ ଘଣ୍ଟା ଧରି ଜମିରହୁଛି। ପାଣି ଜମିବା ଯୋଗୁ ପୋକଜୋକ ହେବା ସହ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ଡ୍ରେନ୍ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ପ୍ରବାହିତ ହେବା ସହ ଘରେ ପଶୁଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଡ୍ରେନ୍ ଓ ରାସ୍ତା ନିର୍ମାଣ କରିବା ପାଇଁ ସାହି ବାସିନ୍ଦା ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶିବାନୀ ମଲ୍ଲିକ୍, ଟିକିନା ସାହୁ, ଲକ୍ଷ୍ମୀପ୍ରିୟା ମଲ୍ଲିକ୍, ସୁବାସିନୀ ବାରିକ୍ ଏବଂ ଅନୀତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ବଟି ଆଦାୟ କରି ୨ ଗିରଫ

ପୁରୀ ଅଫିସ ୧୦।୪ - ବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ତାଳ ବଣିଆ ଥାନା ଅନ୍ତର୍ଗତ ଅଜୟ କୁମାର ଶୁକ୍ଲା (୨୨) ଏବଂ ଟାଉନଥାନା ଅନ୍ତର୍ଗତ ହରିହର ଛକ ନିକଟର ଶ୍ରୀ କୁମାର ପ୍ରଧାନ (୨୭) । ପୋଲିସ ଅଭିଯୁକ୍ତ ମାନଙ୍କ ନିକଟରୁ ୨୦୦ ଟଙ୍କା ଓ ଗୋଟିଏ ଛୁରୀ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ ଦୁଇଜଣ ଯୁବକ ବସଷ୍ଟାଣ୍ଡ ଠାରେ ଦୋକାନୀ ମାନଙ୍କ ଠାରୁ ବଟି ଆଦାୟ କରୁଥିବା ଖବର ପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି ଥାନାକୁ ଆଣିବା ସହ ସୋମବାର କୋର୍ଟ ଚାଲାଣ କରିଛି ।

### ୮୧ ଗ୍ରାମ୍ ବ୍ରାଉନସୁଗାର ଜବତ: ଯୁବକ ଗିରଫ

ପୁରୀ ଅଫିସ,୧୦।୪: ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଏବଂ ସାତପଡ଼ା ଅବକାରୀ ଥାନା ଅଧିକାରୀ ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ବ୍ରହ୍ମଗିରି ଥାନା ଅଧୀନ ବିଦୁରବାଙ୍କ ଗ୍ରାମରେ ଚଢ଼ାଉ କରି ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ କଂଗ୍ରେସ ପ୍ରଧାନ (୪୦)ଙ୍କୁ ଗିରଫ କରିଛି। ତାଙ୍କଠାରୁ ୮୧ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୮, ୧୦,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ପୋଲିସ ପକ୍ଷରୁ କୁହାଯାଇଛି। ଏ ନେଇ ସାତପଡ଼ା ଅବକାରୀ ଥାନାରେ କେସ୍ ନଂ-୩/୨୩-୨୪ ରୁଜୁ ହୋଇଛି।

# ୨ଟି ଫୋର୍ ଲେନ୍ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ତଳଅଣ୍ଡିଆ ଛକଠାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଫୋର୍ ଲେନ୍ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ନିମାପଡ଼ା,୧୦।୪(ଡି.ଏନ୍.ଏ.)

ନିମାପଡ଼ା ପୂର୍ତ୍ତ ବିଭଗ ପକ୍ଷରୁ ୧୦ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ା ଏନ୍ଏସି ଅନ୍ତର୍ଗତ ତଳଅଣ୍ଡିଆ ଛକଠାରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ୩.୬ କିମି ଫୋର୍ ଲେନ୍ ପକ୍କା ସୌନ୍ଦର୍ଯ୍ୟକରଣ ପୂର୍ତ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଅନୁଷ୍ଠିତ ହୋଇଛି। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ୪ କୋଟି ଟଙ୍କା ବ୍ୟରରେ ସ୍ଥାନୀୟ ଏନ୍ଏସି ଅନ୍ତର୍ଗତ ଅମଲାପଡ଼ା ଛକଠାରୁ ଜେଲ ରୋଡ଼ ପେଟାଘାଇ ପର୍ଯ୍ୟନ୍ତ ୪.୫ କିମି କଂକ୍ରିଟ୍ ରାସ୍ତା ନିର୍ମାଣ ଓ ରାସ୍ତାର ଉନ୍ନତୀକରଣ ନିମନ୍ତେ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପ୍ରାୟ ୧୫ କୋଟି ବ୍ୟୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ବହୁ ପ୍ରତୀକ୍ଷିତ ୨ଟି ରାସ୍ତା ନିର୍ମାଣ ପାଇଁ ମୁଖ୍ୟ ଅତିଥି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଆନୁଷ୍ଠାନିକ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାଉନ୍ସିଲର ଅନସୂୟା ପାଣି, ବିଜେଡି ନଗର ସଭାପତି ଅରୁଣ ପ୍ରସାଦ ଦାଶ, ସମ୍ପାଦକ ସନ୍ତୋଷ ଓଝା, କାଉନ୍ସିଲର ରାଜକିଶୋର ସାହୁ, ଧନୁର୍ଦ୍ଧର ଦାସ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କୁଶାଳ କୁମାର ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ଦିଲୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ନୂତନ ପୂର୍ତ୍ତ ସଡ଼କର ନିର୍ମାଣ କାର୍ଯ୍ୟ ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବିଭାଗୀୟ ଅଧିକାରୀମାନେ କହିଛନ୍ତି। ଏହି ଫୋର୍ ଲେନ୍ ରାସ୍ତାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ନିମାପଡ଼ା ସହର ବଜାର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସହ ଏହି ରାସ୍ତା, ଗମନାଗମନ ଓ ଯାନବାହନ ଚଳାଚଳ କ୍ଷେତ୍ରରେ ବହୁଳ ଭାବେ ସହାୟକ ହେବ ବୋଲି ନିମାପଡ଼ାବାସୀ ଓ ବାହାର ଅଞ୍ଚଳର ଜନସାଧାରଣ ବହୁଳ ଭାବେ ଉପକୃତ ହେବେ। ଏହି ଅବସରରେ ଏନ୍ଏସି ଅଞ୍ଚଳର ଶହଶହ ସଂଖ୍ୟାରେ ବିଜେଡି କର୍ମୀ, ନେତୃବୃନ୍ଦ, ବହୁ ସଂଖ୍ୟାରେ ମହିଳାମାନେ ମନ୍ତ୍ରୀ ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏନେଇ ଦଳୀୟ କର୍ମୀଙ୍କର ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ପଞ୍ଚାୟତ ରାମହରି ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ

ପୁରୀ ଅଫିସ, ୧୦।୪

ପୁରୀ ସଦର ଅନ୍ତର୍ଗତ ଶାସନ ଦାମୋଦରପୁର ଗ୍ରାମର ପଞ୍ଚାୟତ ରାମହରି ନୋଡ଼ାଲ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟ ପରିସରସ୍ଥ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକାର ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଇଁ ଖେଳପଡ଼ିଆ ବ୍ୟବସ୍ଥା କରିବା ସହ ପିଲାମାନେ ପାଠ ପଢ଼ିବା ଓ ଖେଳକୁଦରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ୍ ଶାରିରୀକ ଶିକ୍ଷାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ସମସ୍ତ ଛାତ୍ରୀଛାତ୍ର ପାଠ ପଢ଼ିବା ସହ ଗୁରୁଜନଙ୍କୁ ଉଚିତ୍ ସମ୍ମାନ ପ୍ରଦାନ କରିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶାସନ ଦାମୋଦରପୁର ସରପଞ୍ଚ ରାଜେଶ ଦାସ, ସମଙ୍ଗ ସରପଞ୍ଚ ମୀନା କୁମାରୀ ସ୍ୱାଇଁ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସ୍ୱାଇଁ, ନମିତା ହିମାତ୍ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦିତା ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଦାଶିବ ପରିଡ଼ା ବିଦ୍ୟାଳୟର ପରିଚାଳନାରେ ସମସ୍ତ ଅଭିଭାବକଙ୍କ ସହଯୋଗ କାମନା କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସଭାପତି ପ୍ରଶାନ୍ତ ମିଶ୍ର ବିଦ୍ୟାଳୟର ନାମ ଯଥାଶୀଘ୍ର ସଂଶୋଧିତ କରି ପଞ୍ଚାୟତ ହାଇସ୍କୁଲ ରଖିବା ପାଇଁ ଦାବି ଉପସ୍ଥାପନ କରିଥିଲେ । ବିଦ୍ୟାଳୟ ଆଲୁମିନି କମିଟି ସଭ୍ୟମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ସଭା ହୋଇଥିଲା। କାର୍ଯ୍ୟକ୍ରମକୁ ପୁରାତନ ଶିକ୍ଷକ ନିରଞ୍ଜନ ପରିଡ଼ା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ରଶ୍ମି ମିଶ୍ର ଏବଂ ପୁରାତନ ଶିକ୍ଷୟିତ୍ରୀ ଅଞ୍ଜଳି ମିଶ୍ରଙ୍କ ଦ୍ୱାରା ବିଦ୍ୟାଳୟର ଦୁଇଜଣ ଅଲରାଉଣ୍ଡର ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଗତବର୍ଷ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଶଙ୍କର ପଲାଇ ଅତିଥି ପରିଚୟ, ବରିଷ୍ଠ ଶାରିରୀକ ଶିକ୍ଷକ ନିହାର ରଞ୍ଜନ ପଲାଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ବ୍ରହ୍ମା ଓ ଶୁଭଶ୍ରୀ ସିଂହାରୀ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

## ୧୧ ନଂ. ଜିଲାପରିଷଦ ଜୋନ୍ ଉପନିର୍ବାଚନ

ପୁରୀ ଅଫିସ ୧୦।୪:

ଆସନ୍ତା ମେ ୨ରେ ପୁରୀ ଜିଲାର ୧୧ ନମ୍ବର ଜିଲା ପରିଷଦ ଜୋନରେ ଜିଲା ପରିଷଦ ସଭ୍ୟ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଥିବାବେଳେ ସୋମବାର ସମସ୍ତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ସମସ୍ତଙ୍କ ନାମ ବଳବତ୍ତର ରହିଛି। ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଭାଗୀରଥି ସେନାପତି, ଭାଜପା ପକ୍ଷରୁ ପ୍ରମୋଦ ରାୟ, କଂଗ୍ରେସ ପକ୍ଷରୁ ପ୍ରତାପ ଚନ୍ଦ୍ର ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ସ୍ୱାଧୀନ ଭାବେ ଉମାକାନ୍ତ ସାହୁ, ଅଶୋକ ଦାଶ, ବିଶ୍ୱଜିତ ମହାନ୍ତି, ଲକ୍ଷ୍ମୀପ୍ରିୟା ଦାଶ, ଉଲ୍ଲାସ କୁମାର ପ୍ରଧାନ, ଅଜୟ କୁମାର ଭଞ୍ଜ ଏବଂ ସୁବାସ ଚନ୍ଦ୍ର ଜେନା ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଭାଗୀରଥି ସେନାପତିଙ୍କୁ ଶଙ୍ଖ, ପ୍ରମୋଦ ରାୟଙ୍କୁ ପଦ୍ମ, ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ହାତ ଚିହ୍ନ ମିଳିଛି। ସେହିପରି ସ୍ୱାଧୀନ ଭାବେ ଲଢୁଥିବା ଉମାକାନ୍ତ ସାହୁଙ୍କୁ ଡଙ୍ଗା, ଅଶୋକ ଦାଶଙ୍କୁ ଖଟ, ବିଶ୍ୱଜିତ ମହାନ୍ତିଙ୍କୁ ଟିଭି, ଲକ୍ଷ୍ମୀପ୍ରିୟା ଦାଶଙ୍କୁ ଜଗ୍, ଉଲ୍ଲାସ କୁମାର ପ୍ରଧାନଙ୍କୁ ବାଳକ ବାଳିକା, ଅଜୟ କୁମାର ଭଞ୍ଜଙ୍କୁ ପାଣିବୋତଲ ଏବଂ ସୁବାସ ଚନ୍ଦ୍ର ଜେନାଙ୍କୁ ବାଲ୍‌ଟି ଚିହ୍ନ ମିଳିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ୨୦୨୨ ସେପ୍ଟେମ୍ବର ୨୪ରେ ୧୧ ନଂ. ଜୋନର ଜିଲା ପରିଷଦ ପ୍ରାର୍ଥୀ ବିଜେଡିର ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟିଥିଲା। ଫଳରେ ଏହି ଆସନ ଖାଲିପଡ଼ିଥିଲା। ତେଣୁ ମେ ୨ରେ ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।



ପୁରୀଠାରେ ସୋମବାର କିରଣ ଜ୍ୟୋତି ସଙ୍ଗୀତ ପରିଷଦ ପକ୍ଷରୁ ନଦିଆ ସଂକୀର୍ତ୍ତନ ସଙ୍ଗୀତର ଶୁଭ ଉନ୍ମୋଚନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ‘ନବନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ ଖୁବ୍‌ଶୀଘ୍ର ଲୋକାର୍ପଣ ହେବ’

ନିମାପଡ଼ା,୧୦।୪(ଡି.ଏନ୍.ଏ.)

ନିମାପଡ଼ା ଏନ୍ଏସି ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ନବନିର୍ମିତ ୧୩ ବଖରା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଗୃହ ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ। ସୋମବାର ଏନ୍ଏସି କାଉନ୍ସିଲ ବୈଠକରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ଅନ୍ୟପକ୍ଷେ ନୂତନ ବସଷ୍ଟାଣ୍ଡ ପରିସରରେ ୮୬ ଲକ୍ଷ ଟଙ୍କା ବ୍ୟୟରେ ୨୮ ବଖରା ବିଶିଷ୍ଟ ଅନ୍ୟ ଏକ ନୂତନ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ମୁକ୍ତା ଯୋଜନାରେ ଚଳିତବର୍ଷ ଚାଲିଥିବା ୧୯ଟି ନୂତନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ କରାଯାଉ। ସେହିପରି ପରିଷଦର ୧୧ଟି ୱାର୍ଡରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଯିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ମନ୍ତ୍ରୀ ଦାଶ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍ଏସିର ବିଭିନ୍ନ ୱାର୍ଡରେ ଡ୍ରେନ୍, କଂକ୍ରିଟ ରାସ୍ତା, ଭେଣ୍ଡିଂ ଜୋନ୍, ମିନି ପାର୍କ, ମୁକ୍ତସ୍ଥାନର ସୌନ୍ଦର୍ଯ୍ୟକରଣ ସମେତ ବିଭିନ୍ନ ବିକାଶମୂଳକ ୧୮୦ଟି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଆଗତ ପ୍ରସ୍ତାବର ଅନୁମୋଦନ ହୋଇଥିବା ଏନ୍ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି ୨୦୨୨କୁ ଏନ୍ଏସିରେ ମଞ୍ଜୁର କରାଯାଇଥିବାବେଳେ ନିମାପଡ଼ା ଏନ୍ଏସିକୁ ପ୍ଲାଷ୍ଟିକ ସାମଗ୍ରୀ ମୁକ୍ତ ଏନ୍ଏସିରେ ପରିଣତ କରାଯିବାକୁ ପରିକଳ୍ପନା କରାଯାଇଛି। ମୋଟାମୋଟି ଭାବେ ୧୬ କୋଟି ଟଙ୍କା ବ୍ୟୟରେ ଚଳିତବର୍ଷ ଏନ୍ଏସିର ୧୧ଟି ୱାର୍ଡରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ବହୁ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଏନ୍ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବୈଠକରେ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ମୋହନ ବେହେରା, ୱାର୍ଡକୋର ପ୍ରବନ୍ଧକ ଶଶିଭୂଷଣ ମହାନ୍ତି, ସିଟି ମିଶନ ମ୍ୟାନେଜର ଶୁଭ୍ରଜିତ୍ ସେନାପତି, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ମୁକ୍ତାର ପ୍ରୋଗ୍ରାମ କୋଅର୍ଡିନେଟର ରୋହନ ରାକେଶ ରାୟ, ଯନ୍ତ୍ରୀ ରିତିକେଶ ରତ୍ନପୂର୍ଣ୍ଣା ନାୟକ, ବିରୋଧୀ ଦଳ ନେତା, କାଉନ୍ସିଲର ନିରଞ୍ଜନ ନାୟକଙ୍କ ସମେତ ସମସ୍ତ କାଉନ୍ସିଲର ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ

ନିମାପଡ଼ା,୧୦।୪(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଡେଣ୍ଡୁଆଁ ପଞ୍ଚାୟତର ଡେଣ୍ଡୁଅାଁବସ୍ତ ଗ୍ରାମର ବିଜୟ ରାଉତଙ୍କ ଘରେ ସୋମବାର ମଧ୍ୟାହ୍ନରେ ହଠାତ୍ ଅଗ୍ନିକାଣ୍ଡ ଘଟିଛି। ସେଥିରେ ତାଙ୍କର ଏକ ବାଇକ୍, ଗ୍ୟାସ ସିଲିଣ୍ଡର, ଟିଭି, ଫ୍ୟାନ, କାଠ ସାମଗ୍ରୀ ସମେତ ପ୍ରାୟ ୨ ଲକ୍ଷ ଟଙ୍କାର ବିଭିନ୍ନ ଆସବାବପତ୍ର ନିଆଁରେ ପୋଡି ନଷ୍ଟ ହୋଇଯାଇଛି। ଏଥିସହ ନଗଦ ଲକ୍ଷାଧିକ ଟଙ୍କା ନିଆଁରେ ପୋଡ଼ିଯାଇଥିବା ବିଜୟ କହିଛନ୍ତି। ଅଗ୍ନିକାଣ୍ଡରେ ତାଙ୍କର ୨ ବଖରା ଆଜ୍‌ବେଷ୍ଟସ୍ ଘର ନିଆଁରେ ପୋଡିଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରେ ଦାବି କରିଛନ୍ତି।

# ମିଟର ରିଡର୍, ବିଲ୍ କଲେକ୍ଟର ସଂଘର ଦାବିପତ୍ର ପ୍ରଦାନ

ପୁରୀ ଅଫିସ,୧୦।୪

ଓଡ଼ିଶା ଶ୍ରମ ଆଇନ ଅନୁଯାୟୀ ମିଟର ରିଡର୍ ଓ ବିଲ୍ କଲେକ୍ଟରମାନଙ୍କୁ କୁଶଳୀ ମାନ୍ୟତା ପ୍ରଦାନ ଓ ବାକିଥିବା ଅନ୍ୟାନ୍ୟ ଦାବିଗୁଡ଼ିକ ପୂରଣ କରିବାକୁ ଦାବି କରି ସେସୁ ମିଟର ରିଡିଂ ଓ କଲେକ୍ସନ କର୍ମଚାରୀ ସଂଘ ପକ୍ଷରୁ ସୋମବାର ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଟିପିସିଓଡିଏଲ୍‌ଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ସଂଘ ତରଫରୁ ବିଗତ ଦିନରେ କର୍ମଚାରୀମାନଙ୍କୁ କୁଶଳୀ ମାନ୍ୟତା ସହ ବିଭିନ୍ନ ଦାବି ନେଇ ବାରମ୍ବାର ଜଣାଇଥିଲେ ମଧ୍ୟ ଏହାର ସମାଧାନ ଏଯାଏ ହେଲାନାହିଁ। ଏପରିକି ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା ପରେ ହୋଇଥିବା ନିଷ୍ପତ୍ତି ମଧ୍ୟ କାର୍ଯ୍ୟକାରୀ ହେଲାନି। ତେଣୁ ୧୫ ଦିନ ମଧ୍ୟରେ ଯଦି ସମସ୍ୟା ସମାଧାନ ନ କରାଗଲେ ୨୫ ତାରିଖଠାରୁ ଧାରଣା ଦିଆଯିବ। ସେଥିପାଇଁ ଟାଟା ପାୱାର ଅଧିକାରୀମାନେ ଦାୟୀ ରହିବେ । ସମସ୍ତ ମିଟର ଭିତର ଓ ବିଲ୍ କଲେକ୍ଟର, ମେଣ୍ଟେନାନ୍ସ କର୍ମଚାରୀ, ମିଟର ଲଗାଉଥବା ଓ ବିଏ ମାଧ୍ୟମରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହିତ ସମାନ କାମକୁ ସମାନ ଦରମା ପ୍ରଦାନ ଆଦି ବିଭିନ୍ନ ଦାବି ରହିଛି।





ସିଏନ୍‌ଜି ଗ୍ୟାସ ଯୋଗାଣ ଓ ନୂତନ ଟାଙ୍କି ଖୋଲିବା ଦାବିରେ ସୋମବାର ଗ୍ୟାସ୍ ଅଟୋଚାଳକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

# ଉଠାଦୋକାନୀଙ୍କୁ କ୍ଷତିପୂରଣ, ଥଇଥାନ ଦାବିରେ ବିକ୍ଷୋଭ

ପୁରୀ ଅଫିସ, ୧୦।୪:





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଠାଦୋକାନୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ପ୍ରଶାସନ ପକ୍ଷରୁ ପେଣ୍ଠକଟାଠାରୁ ପିକେଆର୍‌ଆଇଟି ଦେଇ ଭୂଦାନ ରାସ୍ତା ପ୍ରଶସ୍ତୀକରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିଯୋଗୁ ପିକେଆର୍‌ଆଇଟି ଭୂଦାନ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଦୋକାନ ହଟାଯିବ। ଫଳରେ ସମ୍ପୃକ୍ତ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେବେ। ତେଣୁ ଉଚ୍ଛେଦକୁ ବିରୋଧ କରି ପିକେଆର୍‌ଆଇଟି ଭୂଦାନ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଦାବିପତ୍ର ଦିଆଯାଇଛି। ସଂଘର ଉପଦେଷ୍ଟା ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି, ପେଣ୍ଠକଟାଠାରୁ ପିକେଆର୍‌ଆଇଟି ଦେଇ ଭୂଦାନ ରାସ୍ତା ପ୍ରଶସ୍ତୀକରଣ ହେବ। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘଦିନ ଧରି ଶତାଧିକ ଉଠାଦୋକାନୀ ବ୍ୟବସାୟ କରିବା ସହ ମ୍ୟୁନିସିପାଲିଟିକୁ ଇଜିରା ଦେଇଆସୁଛନ୍ତି। ଜୀବନ ଜୀବିକା ସୁରକ୍ଷା ପାଇଁ ଷ୍ଟ୍ରିଟ ଭେଣ୍ଡର ଆକ୍ଟ -୨୦୧୪ ଅନୁଯାୟୀ ଉଠାଦୋକାନୀଙ୍କ ସାମାଜିକ ସୁରକ୍ଷା ପାଇଁ ମ୍ୟୁନିସିପାଲିଟି ପଦକ୍ଷେପ ନେବା ବଦଳରେ ରାସ୍ତା ପ୍ରଶସ୍ତୀକରଣ ନାଁରେ ଦୋକାନୀଙ୍କୁ ଉଚ୍ଛେଦ କରୁଛନ୍ତି। ଷ୍ଟ୍ରିଟ ଭେଣ୍ଡର ଆକ୍ଟର ଧାରା ଅନୁଯାୟୀ, ସୁରକ୍ଷା ପାଇଁ ଟାଉନ ଭେଣ୍ଡିଂ କମିଟି କରି ସେମାନଙ୍କୁ ପଞ୍ଜୀକରଣ ଓ ଥଇଥାନ ବିନା ଉଚ୍ଛେଦ କରିବା କିମ୍ବା ଏ ନେଇ ଧମକ ଦେବା ବେଆଇନ। ତେବେ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ପ୍ରଶାସନ କ୍ଷତିପୂରଣ ଦେବା ସହ ରାସ୍ତା ଉଭୟ ପାର୍ଶ୍ୱରେ ଭେଣ୍ଡିଂ ଜୋନ କରି ଥଇଥାନ କରିବାକୁ ରାୟଗୁରୁ ଦାବି କରିଥିଲେ। ବିକ୍ଷୋଭରେ ସଂଘ ସମ୍ପାଦକ ପ୍ରସନ୍ନ ବେହେରା, ରଞ୍ଜନ ମହାନ୍ତି, ନବ କିଶୋର ଗିରି, କାଳିଆ ବେହେରା, ସତ୍ୟ ପ୍ରଧାନ, ବିଶ୍ୱନାଥ ତ୍ରିପାଠୀ, ମାଧବାନନ୍ଦ ପଣ୍ଡା, କୁମାରୀ ମଳିକ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଗୋ'ମାଂସ ବୋଝେଇ କଣ୍ଟେନର ଜବତ



**ଖୋର୍ଦ୍ଧା ଅଫିସ,୧୦।୪:** କିଛିଦିନର ବ୍ୟବଧାନ ପରେ ଏକ ଗୋ'ମାଂସ ବୋଝେଇ କଣ୍ଟେନର ଜବତ କରାଯାଇଛି। ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ବାଟମଙ୍ଗଳା ଛକରୁ ସୋମବାର ରାତିରେ ଏହି କଣ୍ଟେନରକୁ ଗୋଭକ୍ତମାନେ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ କଣ୍ଟେନର ଜବତ କରିବା ସହ ଡ୍ରାଇଭର ଓ ହେଲ୍‌ପରଙ୍କୁ ମିଶାଇ ମୋଟ୍ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଜଟଣୀ ବେଣାପଞ୍ଜୁରୀରୁ ଗୋ'ମାଂସ ଉତ୍ତରପ୍ରଦେଶ ଚାଲାଣ ହେଉଥିବା କୁହାଯାଉଛି।

### ବୈଷ୍ଣବ ଚରଣ ସାମଲ ପାଇବେ ଖୋର୍ଦ୍ଧା ବିଷୁବ ସମ୍ମାନ

**ଖୋର୍ଦ୍ଧା ଅଫିସ,୧୦।୪:** ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ପକ୍ଷରୁ ସ୍ଥାନୀୟ ଗୀତାଭବନ ପରିସରରେ ଆସନ୍ତା ୧୪ ତାରିଖରେ ଖୋର୍ଦ୍ଧା ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଖୋର୍ଦ୍ଧା ବିଷୁବ ସମ୍ମାନ ପାଇବେ ଗାଳ୍ପିକ, ସାରସ୍ୱତ ସାଧକ ଡ. ବୈଷ୍ଣବ ଚରଣ ସାମଲ। ଏହି ଉତ୍ସବରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ସଭାପତି ଡ. ସୁରେଶ ଛୋଟରାୟ ଓ ସମ୍ପାଦକ ଜ୍ଞାନରଞ୍ଜନ ଦାଶ ଏକ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି। ଉକ୍ତ ଦିନ କବିତା ଆସର, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପର୍ବ ରହିଥିବା ଦାଶ ଜଣାଇଛନ୍ତି।

### ଚୋରି ଅଭିଯୋଗରେ ଜଣେ ଗିରଫ

**ଜଟଣୀ,୧୦।୪(ଡି.ଏନ୍.ଏ.):** ଘରେ ପଶି ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋଡ଼ାଧର୍ମସାଗର ଅଞ୍ଚଳର କାହ୍ନୁଚରଣ ନାୟକ(୨୧)। ଏଥିସହ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ସୂଚନା ମୁତାବକ, ରାମଚନ୍ଦ୍ରପୁର ଅଞ୍ଚଳର ଅମିତ କୁମାର ଅଗ୍ରୱାଲଙ୍କ ଘରେ ପଶି କାହ୍ନୁ ଲିଫ୍ଟ ସାମଗ୍ରୀ ଏବଂ ୧୫.୫ ମିଟର ତାର ଚୋରିକରି ନେଇଥିଲେ। ଏନେଇ ଅମିତ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୨/୨୩)ରୁଜୁକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ରାମଚରିତ ମାନସ ନବାହ୍ନ ପାରାୟଣ

**ବୋଲଗଡ଼, ୧୦।୪: (ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ବାରଦାଣ୍ଡି-ହଳଦୀପଦାସ୍ଥିତ ମା' ଅପୂଜା ଚଣ୍ଡୀଙ୍କ ପୀଠରେ ୨୬ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ମହାଯଜ୍ଞ ଗତ ୨ ତାରିଖ ରବିବାରଠାରୁ ଆୟୋଜିତ ହୋଇଥିବା ବେଳେ ୧୧ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଚାଲୁ ରହିବ। ସନ୍ଧ୍ୟାରେ ପ୍ରବଚନ ଶୁଣିବା ପାଇଁ ଏଠାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଆୟୋଜିତ ମା' ଅପୂଜା ଚଣ୍ଡୀ ମାନସ ପରିଚାଳନା ପରିଷଦ ପକ୍ଷରୁ ସୁଦର୍ଶନ ଦେବତାଙ୍କ ସୂଚନା ଅନୁଯାୟୀ, ରବିବାର ଶୁଭ ଅଧିବାସ ପରେ ଜଳଯାତ୍ରା, ଶ୍ରୀବିଗ୍ରହଙ୍କ ଜୀବନ୍ୟାସ ପରେ ଅଖଣ୍ଡ ପ୍ରଜ୍ୱଳନ କରାଯାଇଥିଲା। ବ୍ୟାସ ଭାବେ ମଦନ ମୋହନ ଦାସ ମହାରାଜ ଏବଂ ଆଚାର୍ଯ୍ୟ ଭାବେ ପଣ୍ଡିତ ରମେଶ ଚନ୍ଦ୍ର କର ଦାୟିତ୍ୱ ତୁଲାଉଥିବା ବେଳେ ପ୍ରବଚକମାନେ ସନ୍ଧ୍ୟାରେ ପ୍ରବଚନ ଦେଉଛନ୍ତି।

# ପୂର୍ବ ଶତ୍ରୁତାରୁ କାଠଫାଳିଆରେ ପିଟି ମାରିଦେଲେ

■ ମହିଳାଙ୍କ ସମେତ ୪ ଅଟକ
■ ତଦନ୍ତ ଚାଲିଛି: ଥାନାଧିକାରୀ

**ନିରାକାରପୁର,୧୦।୪(ଡି.ଏନ୍.ଏ.)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ନୂଆଗଡ଼ ପଞ୍ଚାୟତ ହରିପୁର ମାଝିସାହିର କୃଷ୍ଣଚନ୍ଦ୍ର ମାଝି ଓରଫ କୁଶିଆ(୪୫)। ଏନେଇ ମୃତକଙ୍କ ମା' ବଦନୀ ମାଝିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୯୫/୨୩)ରୁଜୁକରି ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଗ୍ରାମର ଭାଗବତ ଘରେ କୁଶିଆ ଶୋଇଥିବା ବେଳେ ସେହି ଗ୍ରାମର ନିତେଇ ମାଝିଙ୍କ ପୁଅ ପହଞ୍ଚି କୌଣସି କାରଣକୁ ନେଇ ଗାଳିଗୁଲଜ କରିବା ସହ ଛେପ ପକାଇଥିଲେ। କିଛି ସମୟ ପରେ ସେଠାରୁ କୁଶିଆ ଆସି ଘରେ ପହଞ୍ଚି ବାରିପଟକୁ ଯାଇଥିଲେ। ତେବେ ପାଟିତୁଣ୍ଡ ହେଉଥିବା ଶୁଣି ବଦନୀ ମଧ୍ୟ ବାରିପଟକୁ ଯାଇଥିଲେ। ସୁଦାମ ମାଝି, ନିତେଇ ମାଝି, ଭାରତୀ ମାଝି, ସୁମନ୍ତ ମାଝି, ଧରମା ମାଝି, ରବି ମାଝି ପ୍ରମୁଖ ତାଙ୍କ ପୁଅକୁ କାଠ ଫାଳିଆରେ ଆକ୍ରମଣ କରୁଥିବା ବଦନୀ ଦେଖିବାକୁ ପାଇଥିଲେ। ପୁଅକୁ ଛାଡ଼ିଦେବା ପାଇଁ ସେ ଆକ୍ରମଣକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏପରି କି ଆକ୍ରମଣକାରୀମାନେ ତାଙ୍କୁ ମଧ୍ୟ ତଳେ ପକାଇ ମାଡ଼ ମାରିଥିଲେ। ଏହାପରେ କୁଶିଆ ଅଚେତ୍ ହୋଇଯିବାରୁ ଆକ୍ରମଣକାରୀମାନେ ସେଠାରୁ ପଳାଇଥିଲେ। ଖବରପାଇ ବଦନୀଙ୍କ ସମ୍ପର୍କୀୟ ପହଞ୍ଚି କୁଶିଆଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଥାନାରେ ଅଟକ ଥିବା ଭାରତୀ କୁହନ୍ତି, ଦୀର୍ଘ ୧୨ବର୍ଷ ହେବ କୁଶିଆ ତାଙ୍କ ପରିବାର ସଦସ୍ୟଙ୍କୁ ହଇରାଣ କରିଆସୁଥିଲେ। ସୋମବାର ସକାଳେ ଶ୍ୱଶୁରଙ୍କ ଶ୍ରାଦ୍ଧ ଥିବାରୁ ଖିରି ବସାଇଥିଲି। ସେହି ସମୟରେ କୁଶିଆ ପହଞ୍ଚି ଗାଳିଗୁଲଜ କରିବା ସହିତ ତାଙ୍କ ମୁହଁରେ ଛେପ ପକାଇଥିଲା। ମଦ ପିଇଥିବାରୁ କିଛିବାଟ ଯିବାପରେ ସେ ତଳେ ପଡ଼ିଯାଇଥିଲା। ଏହାପରେ କୁଶିଆଙ୍କୁ ସେ କାଠଫାଳିଆରେ ବାଡ଼େଇଥିଲେ। ମୋ ଦୁଇ ପୁଅ ଓ ସ୍ୱାମୀଙ୍କ ଏଥିରେ ସମ୍ପୃକ୍ତି ନାହିଁ ବୋଲି ଭାରତୀ କହିଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।



୨୨ତମ ଜଟଣୀ ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଗଢ଼ିଲା ଶିକ୍ଷା ସଚେତନତା ରଥ



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଚେତନତା ରଥ ଉଦ୍‌ଘାଟନ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୧୦।୪**

ଶିକ୍ଷା ହେଉଛି ସଫଳତାର ମାର୍ଗ। ସମାଜର ଅଜ୍ଞାନରୂପକ ଅନ୍ଧକାର ମଧ୍ୟରୁ ଆଲୋକ ବାଟ ଦେଖାଇଥାଏ। ବିଦ୍ୟାଳୟରେ ମଧ୍ୟ ଛାତ୍ରୀଛାତ୍ରଙ୍କ ପୂର୍ଣ୍ଣାଙ୍ଗ ବିକାଶ ଘଟିଥାଏ। ଶିକ୍ଷାପ୍ରାପ୍ତି କେବଳ ବିଦ୍ୟାଳୟରେ ହୋଇପାରିବ। ଏଠାରୁ କୁନି ଛାତ୍ରୀଛାତ୍ର ଶୃଙ୍ଖଳା ଜ୍ଞାନ, ଉତ୍ତମ ଚରିତ୍ର, ଆଚାର, ବ୍ୟବହାର, ସଂସ୍କାର ଆଦି ଶିକ୍ଷା ଗ୍ରହଣ କରିଥାନ୍ତି। ତେଣୁ କୁନି କୁନି ପିଲାମାନଙ୍କୁ ବିଦ୍ୟାଳୟମୁଖୀ ଉଦ୍ଦେଶ୍ୟରେ ସୋମବାରଠାରୁ ଆରମ୍ଭ ହୋଇଛି ଶିକ୍ଷା ସଚେତନତା ରଥ। ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଶୁଭାରମ୍ଭ ହୋଇଥିବା ଏହି ରଥକୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ରଥ ଖୋର୍ଦ୍ଧା ବ୍ଲକ ଓ ମ୍ୟୁନିସିପାଲିଟିର ସମସ୍ତ କ୍ଲଷ୍ଟର ବୁଲି ଅଭିଭାବକ, ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସମ୍ପର୍କରେ ସଚେତନ କରିବ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ସଂଯୋଜନା କରିଥିଲେ। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଆଞ୍ଚଳିକ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ରେବତୀ ପଣ୍ଡା, ରବି ପ୍ରଧାନ, ରବିନାରାୟଣ ପଣ୍ଡା, ରବି ସାହୁ, ପ୍ରଦ୍ୟୁମ୍ନ କୁମାର ମିଶ୍ର, ଅମିୟ କୁମାର ପରିଡ଼ା, ଧ୍ରୁବଚରଣ ରଣା, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ସୁଶାନ୍ତ କୁମାର ସାହୁ, ବିକାଶ କୁମାର ମୁଦୁଲି, ଅମିୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତାଭାବ ଦୂର ଲାଗି କାମ କରିବ ଜାଗ ଓଡ଼ିଶା ଜାଗ

**ଖୋର୍ଦ୍ଧା ଅଫିସ,୧୦।୪**

ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଜାଗା ଓଡ଼ିଶା ଜାଗର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଓରମାସର ନିର୍ଦ୍ଦେଶକ ଗୁଣ୍ଡିଚା ବେହେରା ମୁଖ୍ୟ ଅତିଥି ଏବଂ ସାମ୍ବାଦିକ ସଂଘ(ଓୟୁଜେ) ସଭାପତି ତପନ କୁମାର ନାୟକ, ଜାଗ ଓଡ଼ିଶା ଜାଗର ସଭାପତି ନାରାୟଣ ମହାନ୍ତି, ସନ୍ତୋଷ ପଣ୍ଡା, ସୌମେନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ରଥ, ନରେଶ ଅଗ୍ରୱାଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ, ସାମାଜିକ କର୍ମୀ ଶରତ କୁମାର ସୁବୁଧି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ରକ୍ତଦାନ, ଅଙ୍ଗଦାନ ସମେତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ ଲାଗି ନିଷ୍ପତ୍ତି ନିଆଯାଇଛି। ରକ୍ତର ଅଭାବ ଦୂର ଲାଗି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରାଯିବ। ମୃତ୍ୟୁ ପରେ ନିଜର ଅଙ୍ଗକୁ ନଷ୍ଟ ନ କରି ଅନ୍ୟଜଣଙ୍କୁ ବ୍ୟବହାର କରିବାରେ ସହାୟ ହୋଇ ଦାନ କରିବା ହିଁ ସମାଜରେ ଶ୍ରେଷ୍ଠତା ପ୍ରମାଣିତ କରେ ବୋଲି ସାମ୍ବାଦିକ ସଂଘ ସଭାପତି ନାୟକ କହିଛନ୍ତି।

# 'ଭକ୍ତି ଓ ସମର୍ପଣ ଶ୍ରୀଜଗନ୍ନାଥଙ୍କୁ ପ୍ରାପ୍ତି ମାର୍ଗ'

**ଖୋର୍ଦ୍ଧା ଅଫିସ,୧୦।୪**

ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ହେଉଛନ୍ତି କୋଟି କୋଟି ହିନ୍ଦୁଙ୍କ ଆରାଧ୍ୟ ଦେବତା। ଭାରତୀୟ ସଂସ୍କୃତିରେ ରାମାୟଣ ହେଉଛି ଏକ ଅମୂଲ୍ୟ ଗ୍ରନ୍ଥ। ଏହାକୁ ନିୟମିତ ପାଠ ଦ୍ୱାରା ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ସହ ଜୀବନଶୈଳୀରେ ପରିବର୍ତ୍ତନ ଆସିଥାଏ। ଶ୍ରୀରାମଙ୍କ ଆଦର୍ଶ, ତ୍ୟାଗ, ସୌର୍ଯ୍ୟ, ପରାକ୍ରମ ଅତୁଳନୀୟ। ସଂସାରରେ ବ୍ୟକ୍ତିର ଆଚାର,ବ୍ୟବହାର, ଚରିତ୍ର, ସଂସ୍କାର କିଭଳି ହେବା ଆବଶ୍ୟକ ପ୍ରଭୁ ଶ୍ରୀରାମ ପ୍ରତିକ୍ଷଣରେ ଶିକ୍ଷା ଦେଇଛନ୍ତି। ଶ୍ରୀରାମଙ୍କ ଆଦର୍ଶ ହିଁ ଏକ ଶୃଙ୍ଖଳିତ ସମାଜ, ସମୃଦ୍ଧ ରାଷ୍ଟ୍ର ଗଠନ କରିପାରିବ ବୋଲି ମା' ଗୋଷ୍ଠେଶ୍ୱରୀ ଶ୍ରୀରାମଚରିତ ମାନସ ପରିଷଦ ପକ୍ଷରୁ ସାମନ୍ତରାପୁର ଠେଙ୍ଗାହାଟ ମେଲଣ ପଡ଼ିଆରେ ଚାଲିଥିବା ଶ୍ରୀରାମଚରିତ ମାନସ ପାରାୟଣରେ ପ୍ରବକ୍ତା ପୁରୀ ଜିଲା ବଳଙ୍ଗା ଅଲାରପୁରର ମହାମଣ୍ଡଳେଶ୍ୱର ମହନ୍ତ ଗୋବିନ୍ଦ ଦାସଜୀ ମହାରାଜ ଏହା କହିଛନ୍ତି। ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ପାରାୟଣ ମହାଯଜ୍ଞ ବୁଧବାର ଶେଷ ହେବ। ପ୍ରତି ସନ୍ଧ୍ୟାରେ ଆଳତି, ନାମ ସଂକୀର୍ତ୍ତନ, ଭକ୍ତିସଙ୍ଗୀତ ସହ ପ୍ରତ୍ୟହ ସନ୍ଧ୍ୟା ୭ଟାଠାରୁ ରାତି ୧୧ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ ମହନ୍ତ ଗୋବିନ୍ଦ ଦାସଜୀ ମହାରାଜ କହିଲେ ଯେ, ଭାଗବତ ହେଉଛି ଓଡ଼ିଆ ଜାତିର ଅସ୍ମିତା। ପ୍ରତିଦିନ ଭାଗବତ ପାଠ ପରିବାରରେ ଏକ ଆଧ୍ୟାତ୍ମିକ ବାତାବରଣ ଏବଂ ଭକ୍ତିଭାବକୁ ଜାଗ୍ରତ କରିଥାଏ। ପ୍ରତ୍ୟେକ ସମସ୍ୟାର ସମାଧାନ ଏଥିରେ ନିହିତ ରହିଛି। ଭାଗବତ ପାଠ ମନକୁ ଶାନ୍ତି, ଈଶ୍ୱରତ୍ୱ ପ୍ରାପ୍ତିର ମାର୍ଗ ପ୍ରଶସ୍ତ କରିଥାଏ। ସେ ଆହୁରି କହିଥିଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ବ୍ରହ୍ମାଣ୍ଡ ଠାକୁର। ଭକ୍ତର ଭଗବାନ। ଭକ୍ତର ସକଳ ମନୋବାଞ୍ଛା ପୂରଣ କରନ୍ତି। ଯିଏ ଯେପରି ତାଙ୍କୁ ଯେଉଁଭଳି ଭାବେ ସ୍ମରଣ କରେ, ସେ ତାଙ୍କୁ ସେଭଳି ଦର୍ଶନ ଦିଅନ୍ତି। ଶ୍ରୀଜଗନ୍ନାଥଙ୍କୁ ତର୍କ, ଆଲୋଚନା, ଗବେଷଣା ମଧ୍ୟରେ ନୁହଁ ବରଂ ଭକ୍ତିଭାବ ଦ୍ୱାରା ପ୍ରାପ୍ତ କରିହେବ ବୋଲି ସେ କହିଥିଲେ। ଆସନ୍ତା ୧୨ତାରିଖ ଶ୍ରୀବିଗ୍ରହମାନଙ୍କ ପୂଜନ, ଆଳତି, ମାଲ୍ୟାର୍ପଣ, ଭୋଗ ଅର୍ପଣ ପରେ ହନୁମାନ ଚାଳିଶା ପାଠ କରାଯିବ। ଅପରାହ୍ନ ସାଢେ ୫ଟାରେ ପୂର୍ଣ୍ଣାହୁତି କରାଯିବ। ବ୍ୟାସ ଭାବେ ଡେଲାଙ୍ଗ ଚାଇଁପୁରର ସନ୍ତୋଷ କୁମାର ବାହିନୀପତି, ଆଚାର୍ଯ୍ୟ ଭାବେ ଦାଣ୍ଡମୁକୁନ୍ଦପୁରର ପଣ୍ଡିତ ସୁଦର୍ଶନ ମିଶ୍ର ଯୋଗଦେଇଥିବା ବେଳେ ସୁରେନ୍ଦ୍ର ପୃଷ୍ଟି କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି ବୋଲି କମିଟି ସଦସ୍ୟ ଲଳିତ ମୋହନ ମହାପାତ୍ର ସୂଚନା ଦେଇଛନ୍ତି।



ଶ୍ରୀରାମଚରିତ ମାନସ ପାରାୟଣରେ ପ୍ରବଚନ ଦିଆଯାଉଛି।

## ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ ଉତ୍ସବ

**ଜଟଣୀ,୧୦।୪(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ କନ୍ତିଆ ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ୬ତମ ପ୍ରତିଷ୍ଠା ଦିବସ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଏବଂ ମନ୍ଦିର ପରିଚାଳନା ସମିତି ପକ୍ଷରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହିତ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ଜଗତ ମଙ୍ଗଳ ପାଇଁ କାମନା କରିଥିଲେ। ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ପକ୍ଷରୁ ସାଂସ୍କୃତିକ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥିଭାବେ ହୃଦୟକୃଷ୍ଣ ସାମନ୍ତରାୟ, ହେମନ୍ତ ପାତ୍ର, ଭଗବାନ ପାତ୍ର, ସନ୍ତୋଷ ନାୟକ, ଜଳଧର ପ୍ରଧାନ, ଗୁରୁ ନିରଞ୍ଜନ ରାଉତ, ଗୋପାଳ ନାୟକ, ମାଗୁଣି ପାଇକରାୟ, ଅଧିକାରୀ ରାଉଳ ପ୍ରମୁଖ ଯୋଗଦେଇଥିଲେ। ନୃତ୍ୟଅନୁଷ୍ଠାନ 'ନୁପୁର'ର କଳାକାରମାନଙ୍କ ଦ୍ୱାରା ଆମ ଓଡ଼ିଶା, ବସନ୍ତରାସ, ଡାଲଖାଇ ଓ କେଶରୀ ନୃତ୍ୟ ସହିତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଛୋଟ ମୋର ଗାଁଟି ନୃତ୍ୟକୁ ଗୁରୁ ରାମହରି ଦାସ ସଂଯୋଜନା କରିଥିଲାବେଳେ ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ସମସ୍ତ ନୃତ୍ୟ ସଂଯୋଜନା ଗୁରୁ ନିରଞ୍ଜନ ରାଉୟ ଦାଇତ୍ୱ ତୁଲାଇଥିବା ବେଳେ ପରିଚାଳନା କରିଥିଲେ ଶ୍ରୀନିବାସ ଘଟୁଆରୀ। ଗ୍ରାମବାସୀଙ୍କ ସେମତ ପାଖଆଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା। ସମିତି ପକ୍ଷରୁ ହୃଦୟକୃଷ୍ଣ ସାମନ୍ତରାୟ ଏବଂ ଚିତ୍ତରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦାବିରେ ଧାରଣା



ଜଟଣୀ ନାଗରିକ କମିଟି ପକ୍ଷରୁ ଧାରଣା ଦିଆଯାଇଛି।

**ଜଟଣୀ,୧୦।୪(ଡି.ଏନ୍.ଏ.)**

ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦାବିରେ ସୋମବାର ଜଟଣୀ ନାଗରିକ କମିଟି ପକ୍ଷରୁ ଏକ କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦିଆଯିଆଥିଲା। ଜଟଣୀ ବ୍ଲକ ପଦନପୁର ପଞ୍ଚାୟତ ଅଞ୍ଚଳରେ ନୂତନ ଭାବେ ଗଢ଼ି ଉଠିଥିବା ଏକ କମ୍ପାନୀରେ ନିଯୁକ୍ତି ପ୍ରକ୍ରିୟା ଚାଲୁରହିଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ଶିକ୍ଷିତ ଯୁବତୀଯୁବକ ଉକ୍ତ କମ୍ପାନୀରେ ନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ତେବେ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ବାହାର ରାଜ୍ୟ ଏବଂ ଜିଲାର ପିଲାଙ୍କୁ ନିଯୁକ୍ତ କରୁଛନ୍ତି। ଏହାର ପ୍ରତିବାଦରେ ନାଗରିକ କମିଟି ସଭାପତି କ୍ୟାପ୍‌ଟେନ ମନ୍ମଥ ରାଉତରାୟଙ୍କ ନେତୃତ୍ୱରେ ଉକ୍ତ କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସରପଞ୍ଚ ସୁନୀଲ କୁମାର ରାଉତରାୟ, କଳିଙ୍ଗ କୁମାର ସାହୁ, ନୌସର ଅଲୀ, ସୌମ୍ୟ ଶ୍ରୀଚନ୍ଦନଙ୍କ ସହିତ ବହୁ ନେତା ଓ ଶତାଧିକ ସ୍ଥାନୀୟ ଯୁବତୀଯୁବକ ଧାରଣାରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ସ୍ଥାନୀୟ ପିଲାଙ୍କୁ ଯୋଗ୍ୟତାଭିତ୍ତିରେ କମ୍ପାନୀ ପକ୍ଷରୁ ନିଯୁକ୍ତି ଦିଆ ନ ଯାଏ ତେବେ କମ୍ପାନୀରେ ତାଲା ପକାଇ ଦିଆଯିବ ବୋଲି ବିଧାୟକ ରାଉତରାୟ କହିଛନ୍ତି।

# ୧୬ରୁ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବୋଲଗଡ଼,୧୦।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଏପ୍ରିଲ ୧୬ରୁ ବୋଲଗଡ଼ ପ୍ରିମିୟର ଲିଗ(ବିପିଏଲ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ପ୍ରାୟ ଏକମାସ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨୮ଟି ମ୍ୟାଚ୍ ଖେଳାଯିବ। ଏଥିଲାଗି ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ବିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ କମିଟି ଆନୁକୂଲ୍ୟରେ



ଖେଳାଳିଙ୍କୁ ନିଲାମରେ ଡକାଯାଉଛି।

**ଖେଳାଳି ନିଲାମ ପ୍ରକ୍ରିୟା ଶେଷ**

ସ୍ଥାନୀୟ ଟାଉନ୍ କ୍ଲବଠାରେ ଆୟୋଜିତ ନିଲାମ ପ୍ରକ୍ରିୟାରେ ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆବେଦନ କରିଥିବା ୧୪୦ ଖେଳାଳିଙ୍କ ମଧ୍ୟରୁ ୮ଟି ଫ୍ରାଞ୍ଚାଇଜ୍ ଦଳ ପାଇଁ ସେମାନଙ୍କ ମାଲିକମାନେ ଖେଳାଳି ଚୟନ କରି ନିଲାମ ମାଧ୍ୟମରେ ସେମାନଙ୍କୁ କ୍ରୟ କରିଥିଲେ। ୮ଟି ଟିମ୍ ପାଇଁ ପ୍ରତି ଦଳରେ ୧୫ ଜଣ ଖେଳାଳି ହିସାବରେ ମୋଟ୍ ୧୨୦ ଜଣଙ୍କୁ କ୍ରୟ କରାଯାଇଛି। ପ୍ରତ୍ୟେକ ଖେଳାଳିଙ୍କ ବେସିକ୍ ନିଲାମ ମୂଲ୍ୟ ୧୦୦ ଟଙ୍କା ରହିଥିଲା। ନିଲାମରେ ଖେଳାଳି ଶିଶିର ଜେନାଙ୍କୁ ଲକ୍ଷ୍ମୀ ୱାରିୟର ଦଳ ୫ହଜାର ୯ଶହ ଟଙ୍କାରେ କ୍ରୟ କରିଛି। ବି.ବି. ରକ୍‌ଷ୍ଟାର, ରିୟଲ ଫାଇଟର, ଫିଲ୍ଡ ଫାଇଟର, ରାନୀ ବ୍ଲାଷ୍ଟର, ଆର୍ମି ଇଲେଭେନ, ଡବ୍ଲ୍ୟୁ ୱାରିୟର, ବାବୁ ସୁପର କିଙ୍ଗ ଓ ରୟାଲ ଷ୍ଟ୍ରାଇକର ଆଦି ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ଟୁର୍ଣ୍ଣାମେଣ୍ଟରେ ପରସ୍ପର ସହ ଦୁଇଥର ଲେଖାଏ ଖେଳିବେ। ଲିଗ୍ ପର୍ଯ୍ୟାୟ ପରେ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ୪ଟି ଟିମ୍ ଏଲିମିନେଟର ମ୍ୟାଚ୍ ମାଧ୍ୟମରେ ଖେଳି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ବଣ୍ଟି, କାଳୁ, ଅଜୁ ସିଂ, ଶିବ ଦାସ, ମଣ୍ଟୁ, ଦୀପନ ସହଯୋଗ କରିଥିଲେ।

# ଆରମ୍ଭ ହେଲା ମା' ଅଳେଇଁଙ୍କ ଦଣ୍ଡଯାତ୍ରା

**ଖୋର୍ଦ୍ଧା ଅଫିସ,୧୦।୪**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଉଇଲ୍‌କିଶନ ନଗରର ଆରାଧ୍ୟା ଦେବୀ ମା' ଅଳେଇଁଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ତଥା ଝାମୁଯାତ୍ରା ସୋମବାର ଠାରୁ ପାରମ୍ପରିକ ବିଧିବିଧାନପୂର୍ବକ ଆରମ୍ଭ ହୋଇଛି। କାହିଁ ଅନାଦି କାଳରୁ ଅଳେଇଁ ଠାକୁରାଣୀ ଏଠାରେ ବିଜେ କରିଛନ୍ତି। ମା'ଙ୍କ ବାରମାସ ତେର ଯାତ୍ରା ମଧ୍ୟରେ ଅନ୍ୟତମ ଚୈତମାସ ଝାମୁଯାତ୍ରା। ୫ ଦିନ ଧରି ଏହି ଯାତ୍ରା ଚାଲିବ। ଗ୍ରାମବାସୀ ଏବଂ ଆଖପାଖ ଅଞ୍ଚଳର ମାନସିକ ବ୍ରତଧାରୀମାନେ ଏହି ଯାତ୍ରାରେ ସାମିଲ ହୋଇ ଉପବାସ କରିଥାନ୍ତି। ରବିବାର ନିଶାର୍ଦ୍ଧରେ ମା'ଙ୍କ ଘଟକୁ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା କରାଯାଇ କାମନା ଗୃହରୁ ବାହାରକୁ ଅଣାଯାଇଥିଲା।



ଦଣ୍ଡଯାତ୍ରା ପାଇଁ ପୂଜାର୍ଚ୍ଚନା କରାଯାଉଛି।

ବ୍ରତଧାରୀମାନେ ନିକଟ ପୁଷ୍କରିଣୀରେ ସ୍ନାନକରି ଶୁଦ୍ଧପୂତ ହୋଇ ମା'ଙ୍କ ଘଟକୁ ପୂଜା କରିଥିଲେ। ମଧ୍ୟାହ୍ନରେ ବ୍ରତଧାରୀମାନେ ପୁଷ୍କରିଣୀ ସ୍ନାନସାରି ଗ୍ରାମର ସମସ୍ତ ଠାକୁର, ଠାକୁରାଣୀଙ୍କୁ ଆବାହନ କରି ମାନସିକଧାରୀଙ୍କ ଦାଣ୍ଡଦୁଆରେ ଦଣ୍ଡ ଭାଙ୍ଗିବା ପରମ୍ପରା ରହିଛି। ଆସନ୍ତା ୧୩ ତାରିଖ ମାସାନ୍ତରେ ମେରୁପର୍ବ ଓ ୧୪ରେ ମା'ଙ୍କ ଝାମୁଯାତ୍ରା ହେବ। ମାନସିକଧାରୀ, ପାଟଭକ୍ତା, କାଳିସି ପ୍ରମୁଖ ଉକ୍ତ ଦିନ ଅଗ୍ନିରେ ଚାଲିବେ। କରୋନା କଟକଣା ଯୋଗୁ ଦୁଇ ବର୍ଷ ଧରି ବିନା ଭକ୍ତରେ ଯାତ୍ରା ସମାପନ ହୋଇଥିବା ବେଳେ ଚଳିତବର୍ଷ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ମା'ଙ୍କ ଦର୍ଶନ ଲାଗି ଭକ୍ତମାନଙ୍କ ମଧ୍ୟରେ ଏକ ଅପୂର୍ବ ଆନନ୍ଦଉଲ୍ଲାସ ଭରିରହିଛି। ଚଳିତବର୍ଷ ଗ୍ରାମବାସୀଙ୍କ ଉପସ୍ଥିତିରେ ମା'ଙ୍କ ଝାମୁଯାତ୍ରା ସମାରୋହରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ୧୨ ଓ ୧୩ ତାରିଖ ଦୁଇଦିନ ଧରି ଗ୍ରାମରେ ହନୁମାନ ଜୟନ୍ତୀ ଓ ବିଶ୍ୱର କଲ୍ୟାଣ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯିବ ବୋଲି ଗ୍ରାମ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସନାତନ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଧାର୍ଯ୍ୟ ସମୟରେ କାମ ସରିବା ନେଇ ଅନିଶ୍ଚିତତା

## ଓଡ଼ିଆ ବିଶ୍ୱବିଦ୍ୟାଳୟ

ସାକ୍ଷୀଗୋପାଳ, ୧୦।୪(ସ୍ୱ.ପ୍ର./ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଦ୍ୱାରା ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଞ୍ଚଳରେ ବହୁ ପ୍ରତୀକ୍ଷିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ପ୍ରଶାସନ ପକ୍ଷରୁ ବିଶ୍ୱବିଦ୍ୟାଳୟ କାମ ଯଥାଶୀଘ୍ର ସାରିବା ପାଇଁ ତତ୍ପରତା ଲାଗିରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ କାର୍ଯ୍ୟ ସରିଥିବା ସୂଚନା ମିଳିଛି। ତେବେ ଆସନ୍ତା ଜୁନ୍ ୭ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଏବେ ମାତ୍ର ୨ ମାସ ବାକି ରହିଛି। ଏହି ୨ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ କି ନାହିଁ ସେନେଇ ନାନା ଆଶଙ୍କା ଲାଗିରହିଛି। ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ



ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୩୦କୋଟି ୩୦ଲକ୍ଷ ୩ ହଜାର ୩ ଶହ ୩ ଟଙ୍କାର ବ୍ୟୟବରାଦ କରିଥିଲେ। ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବା ପାଇଁ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନ(ଓବିସିସି)କୁ ରାଜ୍ୟ ସରକାର ଦାୟିତ୍ୱ ଦେଇଥିଲେ। ଓବିସିସି ଅଧୀନରେ ଭୁବନେଶ୍ୱରର ଏକ କମ୍ପାନୀ ଏହାର ନିର୍ମାଣ କାର୍ଯ୍ୟ କରୁଛି। ୨୦୨୧ ଡିସେମ୍ବର ୮ରୁ ଏହାର କାମ ଆରମ୍ଭ ହୋଇଥିଲା। ଅନ୍ୟପଟେ ଆଡ୍‌ମିନି ବ୍ଲକ, ଷ୍ଟୁଡେଣ୍ଟ ହଷ୍ଟେଲ, ସ୍କଲାର ହଷ୍ଟେଲ, ସ୍କୁଲ ଅଫ୍ ଲର୍ନିଂ, ଲାଇବ୍ରେରି ଆଦି ବିଲ୍ଡିଂର ଟପ୍ ଛାତ ପଡ଼ି ପ୍ଲାଷ୍ଟର ଓ କଲର କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଚାରିପଟ ପାଚେରି ସମ୍ପୂର୍ଣ୍ଣ ହୋଇଥିବା ବେଳେ ରଙ୍ଗ କାମ, ଜଳଯୋଗାଣ, ବିଦ୍ୟୁତ୍‌କରଣ ବ୍ୟବସ୍ଥା ବାକି ରହିଛି। ତେବେ ପ୍ରକଳ୍ପ ଆରମ୍ଭ ଦିନରୁ ଏଯାଏ ଶତକଡ଼ା ୫୦% କାର୍ଯ୍ୟ ସରିଥିବାବେଳେ ଅବଶିଷ୍ଟ କାର୍ଯ୍ୟ ସମୟ ସୁଦ୍ଧା ସାରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କାର୍ଯ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅଭିଷେକ ତ୍ରିପାଠୀ କହିଛନ୍ତି।

### ଏମାନେ ଯାହା କୁହନ୍ତି...

"ପଞ୍ଚସଖାଙ୍କ ଜନ୍ମଭୂମି ଓ କର୍ମଭୂମିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରୁଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ। ବିଶ୍ୱବିଦ୍ୟାଳୟର ପାଠ୍ୟଖସଡ଼ା କିପରି ହେବ। କେଉଁ ଛାତ୍ରୀଛାତ୍ର ଏଥିରେ ନାମ ଲେଖାଇବେ। ସ୍ନାତକୋତ୍ତର ଓ ଗବେଷଣା ସମ୍ବନ୍ଧୀୟ ପାଠ୍ୟକ୍ରମ ରାଜ୍ୟରେ ପ୍ରଚଳିତ ବିଭିନ୍ନ ଭାଷାରେ ହେବ ନା କେବଳ ଓଡ଼ିଆ ଭାଷାରେ ସୀମିତ ରହିବ, ଏହା ଉପରେ ଉଚ୍ଚଶିକ୍ଷା ବିଭାଗ ଏକ ସ୍ପଷ୍ଟୀକରଣ ଦେବା ଆବଶ୍ୟକ। –ରାଜକିଶୋର ପତି, ବୁଦ୍ଧିଜୀବୀ

"ରାଜ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କରିବା ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ୱପ୍ନ ଥିଲା। ତାହା ଏବେ ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି। ସରକାର ଏହାର ପାଠ୍ୟକ୍ରମ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଆଶା। ସେହିପରି ଏହି ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ ସାଧାରଣ ମହାବିଦ୍ୟାଳୟଗୁଡିକ ସହ ସହବନ୍ଧିତ ରହିବ ନା ଏକକ ବିଶ୍ୱବିଦ୍ୟାଳୟ ହେବ ତାହା ଆଗକୁ ଜଣାପଡ଼ିବ। –ପ୍ରଣବ କୁମାର ମିଶ୍ର, ଶିକ୍ଷାବିତ୍

"ସତ୍ୟବାଦୀରେ ପ୍ରତିଷ୍ଠା ହେଉଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଭିନ୍ନ ନିଯୁକ୍ତି ସୃଷ୍ଟି ହେବ। ଏଥିପାଇଁ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେବା ଲାଗି ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ଅନୁରୋଧ।
– ଗୁଣ୍ଡିଚା ବରାଳ, ବରିଷ୍ଠ ଆଇନଜୀବୀ

"ଆଉ ଅଳ୍ପ କିଛି ମାସ ଭିତରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ତେବେ ଏଥିପାଇଁ ଚଳିତବର୍ଷ ପାଠପଢ଼ା ହେବ କି ନାହିଁ ସେନେଇ ସରକାର ଆଭିମୁଖ୍ୟ ସ୍ପଷ୍ଟ କରିବା ଆବଶ୍ୟକ। ଯାହାଦ୍ୱାରା ସେଠାରେ ପଢ଼ିବାକୁ ଥିବା ଆଗ୍ରହୀ ଛାତ୍ରୀଛାତ୍ର ଆଗରୁ ପ୍ରସ୍ତୁତ ରହିବେ। –ନୀହାର ରଞ୍ଜନ, ସାମାଜିକ କର୍ମୀ

## ଅଁଳାଯୋଡ଼ିରେ ପୋଷ୍ଟ ଅଫିସ୍ ପ୍ରତିଷ୍ଠା ପାଇଁ ସମ୍ବିତ ପାତ୍ରଙ୍କ ପ୍ରୟାସ

ପୁରୀ ଅଫିସ, ୧୦।୪:
କଣାସ ବ୍ଲକ୍‌ର ଅଁଳାଯୋଡ଼ି ପଞ୍ଚାୟତରେ ପୋଷ୍ଟ ଅଫିସ୍ ନାହିଁ। ଫଳରେ ସେଠାକାର ଲୋକେ ଚିଠି ପଠାଇବା, ଟଙ୍କା ଜମା କରିବା, ମନି ଅର୍ଡର, ପାର୍ଶଲ ପଠାଇବା ଆଦି କାମ ପାଇଁ ହଇରାଣ ହେଉଛନ୍ତି। ତେଣୁ ଏହି ପଞ୍ଚାୟତରେ ଏକ ପୋଷ୍ଟ ଅଫିସ ପ୍ରତିଷ୍ଠା କରିବାକୁ ଭାଜପାର ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରୟାସ କରିଛନ୍ତି। ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସୋମବାର ଦିଲ୍ଲୀରେ ଭେଟି ପୋଷ୍ଟ ଅଫିସ ପ୍ରତିଷ୍ଠା ପାଇଁ ଦାବିପତ୍ର ଦେଇଛନ୍ତି। ଯଥାଶୀଘ୍ର ଅଁଳାଯୋଡ଼ି ପଞ୍ଚାୟତରେ ପୋଷ୍ଟ ଅଫିସ ପ୍ରତିଷ୍ଠା କରିବାକୁ ସେ ଅନୁରୋଧ କରିଛନ୍ତି। ମନ୍ତ୍ରୀ ଏହି ପତ୍ର ଗ୍ରହଣ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ପାତ୍ର ସୂଚନା ଦେଇଛନ୍ତି। ନିକଟରେ ପାତ୍ର ଅଁଳାଯୋଡ଼ି ବୁଲିବାକୁ ଯାଇଥିଲେ। ଏହି ସମୟରେ ସେଠାକାର ଲୋକେ ବିଭିନ୍ନ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ପୋଷ୍ଟ ଅଫିସ ପ୍ରତିଷ୍ଠା ପାଇଁ ପାତ୍ରଙ୍କୁ ଅନୁରୋଧ କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ କରି ଲୁଟ୍

କୋଣାର୍କ,୧୦।୪(ଡି.ଏନ୍.ଏ.)- କୋଣାର୍କ ଏନ୍‌ଏସି ଅଧୀନ ୮ନଂ. ୱାର୍ଡ ଚନ୍ଦ୍ରଭାଗା ତେଲୁଗୁ ସାହିର ଜଣେ ମହିଳାଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପ୍ରାଥମିକ ଭାବେ ତଦନ୍ତ ଚଳାଇଛି। ତେଲୁଗୁ ସାହିର କ୍ଷୋଡ଼ପିଲ ଲୋକାମା ନାମକ ମହିଳା ମାଛ ନେଇ ଭୁବନେଶ୍ୱରରେ ବିକ୍ରି କରିଥିଲେ। ମାଛ ବିକ୍ରି ବାବଦରେ ମିଳିଥିବା ଟଙ୍କା ଗାଁରେ ପହଞ୍ଚି ଗଣୁଥିବାବେଳେ ସେଠାରେ ଥିବା ଜଣେ ଯୁବକ ପାଖକୁ ଆସି ଆକ୍ରମଣ କରିଥିଲେ। ମହିଳା ଜଣକ ବିରୋଧ କରିବାରୁ ଯୁବକ ଅଧିକ ମାଡ଼ ମାରି ତାଙ୍କଠାରୁ ୨୨ହଜାର ୪୩୪ ଟଙ୍କା ଛଡାଇ ନେଇ ପଳାଇ ଯାଇଥିଲେ। ଏନେଇ ମହିଳା ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଯୁବକ ଜଣକ ଅସ୍ତରଙ୍ଗ ଅଞ୍ଚଳର ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କ ତୁରନ୍ତ ଗିରଫ କରିବା ସହ ତାଙ୍କ ଚୋରି ଅର୍ଥ ଫେରସ୍ତ କରିବା ପାଇଁ ମହିଳା ପୋଲିସ ନିକଟରେ ନିବେଦନ କରିଛନ୍ତି।

### ଜାଲ୍ ପ୍ରମାଣପତ୍ର ଦେଇ ଚାକିରି

#### କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କୁ ଅଭିଯୋଗ

ପୁରୀ ଅଫିସ, ୧୦।୪: ଜାଲ୍ ପ୍ରମାଣପତ୍ର ଦେଇ ପୁରୀ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରିଥିବା କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବରାଳ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ୨୦୦୫ ଅକ୍ଟୋବର ୨୭ଠାରୁ ଜଣେ ମହିଳା କର୍ମଚାରୀ ପୁରୀ କେଡିଏମ୍‌ଏମ୍ ହୋମ୍‌ରେ ଆଟେଣ୍ଡାଣ୍ଟ ପଦବୀରେ କାର୍ଯ୍ୟ କରିଆସୁଛନ୍ତି। ୨୦୧୪ରେ ତାଙ୍କ ଚାକିରି ନିୟମିତ ହୋଇଛି। ତେବେ ସେ ଜାଲ୍ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଛନ୍ତି। ଆଟେଣ୍ଡାଣ୍ଟ ଜଣଙ୍କ ବାଲେଶ୍ୱର ଜିଲା ବସ୍ତା ବାଳିକା ଉଚ୍ଚ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀରେ ସର୍ବମୋଟ ୫୫୦ରୁ ୧୮୦ ନମ୍ବର ରଖି ପାସ୍ କରିଥିବାବେଳେ ୪୭୦ ମାର୍କ ରଖିଥିବାର ଜାଲ୍ ପ୍ରମାଣପତ୍ର ଦାଖଲ କରିଥିଲେ। ତେଣୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବରାଳ ଦାବି କରିଛନ୍ତି।

### ୧୦୦ ଲିଟର ବିଦେଶୀ ମଦ ଜବତ: ଜଣେ ଗିରଫ

ବଳଙ୍ଗା,୧୦।୪(ଡି.ଏନ୍.ଏ.)-ବଳଙ୍ଗା ଥାନା ରୂପଦେଈପୁର ଛକଠାରେ ଏକ ପାନ ଦୋକାନରୁ ସୋମବାର ବଳଙ୍ଗା ପୋଲିସ ଚଢ଼ାଉ କରି ୧୦୦ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛି। ସେ ହେଲେ ରୂପଦେଈପୁର ଗ୍ରାମର କାଳିଆ ବାରିକ। ଏନେଇ ପୋଲିସ ୫୫/୨୩ରେ ଏକ ଅବକାରୀ ମାମଲା ରୁଜୁ କରିଥିବାବେଳେ ମଙ୍ଗଳବାର କାଳିଆଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ଦୀର୍ଘ ଦିନ ଧରି କାଳିଆ ରୂପଦେଈପୁର ଛକଠାରେ ଏକ ପାନ ଦୋକାନ କରି ସେଠାରେ ଚୋରାମଦ ବେପାର ଚଳାଇ ଆସୁଥିଲେ। ସୋମବାର ବହୁ ପରିମାଣର ବିଦେଶୀ ମଦ ଆଣିଥିବା ପୋଲିସ ସୂଚନା ପାଇଥିଲା। ଏହାପରେ ସଦଳବଳେ କାଳିଆ ଦୋକାନରେ ଚଢ଼ାଉ କରି ୧୦୦ ଲିଟର ବିଦେଶୀ ମଦ ଜବତ କରିଥିଲା।

# 'ମଧୁସୂଦନ, ଗୋପବନ୍ଧୁଙ୍କ ଚିନ୍ତାଧାରା ପ୍ରେରଣାଦାୟୀ'

ସାକ୍ଷୀଗୋପାଳ,୧୦।୪(ଡି.ଏନ୍.ଏ.)

ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ବାଲେଶ୍ୱର ପକ୍ଷରୁ ସତ୍ୟବାଦୀର ଐତିହ୍ୟ ଗ୍ରାମ ସୁଆଣ୍ଡୋ ଗସ୍ତକରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପରିଦର୍ଶନ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗୋପବନ୍ଧୁଙ୍କ କୁଳ ଦେବତା ବିନୋଦ ବିହାରୀଙ୍କ ମନ୍ଦିର ନିକଟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡ. ଶରତ ଚନ୍ଦ୍ର ରଥ, ଡ. ଉମାକାନ୍ତ ବେହେରା, ସୀତାବଲ୍ଲଭ ମହାପାତ୍ର, ପୁରୁଷୋତ୍ତମ ବିଶ୍ୱାଳ, ଲକ୍ଷ୍ମୀନାରାୟଣ ମହାନ୍ତି, ତୁଷାରକାନ୍ତି ମହାପାତ୍ର, ଯଯାତି କେଶରୀ ରାୟ, ବାସନ୍ତୀ କର, ପ୍ରତାପ ମହାନ୍ତି, ପର୍ଶୁରାମ ଦ୍ୱିବେଦୀ, ସଚ୍ଚିକାନ୍ତ ବିଶ୍ୱାଳ, ରାମନାରାୟଣ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ମାନବ ସମାଜର ମଣି। ତାଙ୍କ ତ୍ୟାଗ, ଦେଶଭକ୍ତି, ସେବା ଓ ଜାତିପ୍ରୀତିର ତୁଳନା ନାହିଁ। ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭକରି ଓଡ଼ିଶାର ଶିକ୍ଷା, ସାହିତ୍ୟ, ସଂସ୍କୃତି, ରାଜନୀତି, ସେବା ଓ ମାନବିକତାର ସେ ନୂଆ କୀର୍ତ୍ତି ସ୍ଥାପନ କରିଥିଲେ। ଓଡ଼ିଶାରେ ଜାତୀୟବାଦୀ ଚେତନାର ବିକାଶର ସେ ଥିଲେ କର୍ଣ୍ଣଧାର। "ଭାଷା ନୁହେଁ, ତ୍ୟାଗ ହିଁ ମହାନ୍, ସେବା ହିଁ ଶ୍ରେଷ୍ଠ" ଏହା ଥିଲା ଗୋପବନ୍ଧୁଙ୍କ ଜୀବନର ବାର୍ତ୍ତା। ସେ ସର୍ବଦା ଆମ ପାଇଁ ପ୍ରେରଣା ହୋଇ ରହିଛନ୍ତି ଓ ରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ମଧୁବାବୁ ଥିଲେ ସମଗ୍ର ଓଡ଼ିଆଙ୍କ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ। ମଧୁବାବୁଙ୍କ ଚିନ୍ତାଧାରା ସମାଜର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିବ। ସେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା, ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶା ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ କରିବା ସହ ଜଣେ ବିଜ୍ଞ, ଆଇନବିଶାରଦ ଭାବେ ସାରା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ପ୍ରଜ୍ଞା ପାରମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରର ବିହାରୀଲାଲ ଲାୟନ୍ସ ଚାମ୍ପିୟନ



ବିହାରୀଲାଲ ଲାୟନ୍ସ ଟିମ୍‌କୁ ପିପିଲି–ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

ପିପିଲି,୧୦।୪(ଡି.ଏନ୍.ଏ.)

## ପ୍ରଭାକର ରଥ ମେମୋରିଆଲ କପ୍

ପିପିଲି ବ୍ଲକ ଅନ୍ତର୍ଗତ ସାତଶଙ୍ଖ ଉତ୍ତରାୟଣୀ ବିଦ୍ୟାପୀଠ ଖେଳପଡ଼ିଆରେ ୨ ଦିନିଆ ପ୍ରଭାକର ରଥ ମେମୋରିଆଲ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଭରଗ୍ରିନ୍ ଓ ବିହାରୀଲାଲ ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ମ୍ୟାଚର ଆୟୋଜନ କରିଥିଲା। ରବିବାର ଆୟୋଜିତ ଫାଇନାଲ ମ୍ୟାଚରେ ୟଙ୍ଗ ଭେଟରାନ ଭୁବନେଶ୍ୱରକୁ ହରାଇ ଭୁବନେଶ୍ୱର ବିହାରୀଲାଲ ଲାୟନ୍ସ ଚାମ୍ପିୟନ ହୋଇଥିଲା। ବିହାରୀଲାଲ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା। ଜବାବରେ ବିପକ୍ଷ ଦଳ ୬ ଉଇକେଟ ହରାଇ ୧୪୩ ରନ୍ କରିବାରେ ସକ୍ଷମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପିପିଲି–ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସାମାଜିକ କର୍ମୀ ନଗେନ୍ଦ୍ର ମହାନ୍ତି, ସରପଞ୍ଚ ଅକ୍ଷୟ ବେହେରା, ସମିତି ସଭ୍ୟ ରଶ୍ମିରଞ୍ଜନ ଭଞ୍ଜ, ଜିଲା ପରିଷଦ ଧରଣୀଧର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇ ବିଜୟୀ ଚାମ୍ପିୟନ ଓ ରନସର୍ପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ରାକେଶ ମହାନ୍ତି, ମ୍ୟାନ ଅଫ୍ ଦି ସିରିଜ ଭାବେ ପବିତ୍ର ବରାଳ, ବେଷ୍ଟ ବୋଲର ଅଫ୍ ଟୁର୍ନାମେଣ୍ଟ ଭାବେ ଗୌତମ ସ୍ୱାଇଁ ବିବେଚିତ ହୋଇଥିଲେ। ସେହିପରି ସେଠାରେ ଆର୍‌ପିଏମ୍ ଦଳ ଏବଂ ମିଡିଆ–୧୧ ପିପିଲି ମଧ୍ୟରେ ୫ ଓଭର ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମିଡିଆ–୧୧ ୪ ଉଇକେଟ ହରାଇ ୨୩ ରନ୍ କରିଥିବାବେଳେ ଆର୍‌ପିଏମ୍ ଦଳ ବିନା ଉଇକେଟରେ ୨୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସମସ୍ତ ଖେଳକୁ ପ୍ରତାପ ରଥ, ସନ୍ତୋଷ ବେହେରା, ଶୁଭନାରାୟଣ ମିଶ୍ର, କାହ୍ନୁଚରଣ ସ୍ୱାଇଁ ପରିଚାଳନାରେ ସହଯୋଗ କରୁଥିବାବେଳେ ଯୁବ ଆଇନଜୀବୀ ଶିବସୁନ୍ଦର ଜେନା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସତ୍ୟସାଗର ଦାସ ଓ ପ୍ରଶାନ୍ତ ଶତପଥୀ ଅମ୍ପାୟରର ଦାୟିତ୍ୱ ତୁଲାଇଥିଲେ।

## ପୂର୍ବ ଶତ୍ରୁତାରୁ କାଠଫାଳିଆରେ ପିଟି ମାରିଦେଲେ: ୪ ଅଟକ

ନିରାକାରପୁର,୧୦।୪(ଡି.ଏନ୍.ଏ.)
ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ନୂଆଗଡ଼ ପଞ୍ଚାୟତ ହରିପୁର ମାଝିସାହିର କୃଷ୍ଣଚନ୍ଦ୍ର ମାଝି ଓରଫ କୁଶିଆ(୪୫)। ଏନେଇ ମୃତକଙ୍କ ମା' ବଦନୀ ମାଝିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୯୫/୨୩)ରୁଜୁକରି ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗ୍ରାମର ଭାଗବତ ଘରେ କୁଶିଆ ଶୋଇଥିବା ବେଳେ ସେହି ଗ୍ରାମର ନିତେଇ ମାଝିଙ୍କ ପୁଅ ପହଞ୍ଚି କୌଣସି କାରଣକୁ ନେଇ ଗାଳିଗୁଲଜ କରିବା ସହ ଛେପ ପକାଇଥିଲେ। କିଛି ସମୟ ପରେ ସେଠାରୁ କୁଶିଆ ଆସି ଘରେ ପହଞ୍ଚି ବାରିପଟକୁ ଯାଇଥିଲେ। ତେବେ ପାଟିତୁଣ୍ଡ ହେଉଥିବା ଶୁଣି ବଦନୀ ମଧ ବାରିପଟକୁ ଯାଇଥିଲେ। ସୁଦାମ ମାଝି, ନିତେଇ ମାଝି, ଭାରତୀ ମାଝି, ସୁମନ୍ତ ମାଝି, ଧରମା ମାଝି, ରବି ମାଝି ପ୍ରମୁଖ ତାଙ୍କ ପୁଅକୁ କାଠ ଫାଳିଆରେ ଆକ୍ରମଣ କରୁଥିବା ବଦନୀ ଦେଖିବାକୁ ପାଇଥିଲେ। ପୁଅକୁ ଛାଡ଼ିଦେବା ପାଇଁ ସେ ଆକ୍ରମଣକାରୀଙ୍କୁ ଅନୁରୋଧ କରିଥିଲେ ମଧ କେହି ଶୁଣି ନ ଥିଲେ। ଏପରି କି ଆକ୍ରମଣକାରୀମାନେ ତାଙ୍କୁ ମଧ ତଳେ ପକାଇ ମାଡ଼ ମାରିଥିଲେ। ଏହାପରେ କୁଶିଆ ଅଚେତ୍ ହୋଇଯିବାରୁ ଆକ୍ରମଣକାରୀମାନେ ସେଠାରୁ ପଳାଇଥିଲେ। ଖବରପାଇ ବଦନୀଙ୍କ ସମ୍ପର୍କୀୟ ପହଞ୍ଚି କୁଶିଆଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଥାନାରେ ଅଟକ ଥିବା ଭାରତୀ କୁହନ୍ତି, ଦୀର୍ଘ ୧୨ବର୍ଷ ହେବ କୁଶିଆ ତାଙ୍କ ପରିବାର ସଦସ୍ୟଙ୍କୁ ହଇରାଣ କରିଆସୁଥିଲେ। ସୋମବାର ସକାଳେ ଶ୍ୱଶୁରଙ୍କ ଶ୍ରାଦ୍ଧ ଥିବାରୁ ଖିରି ବସାଇଥିଲି। ସେହି ସମୟରେ କୁଶିଆ ପହଞ୍ଚି ଗାଳିଗୁଲଜ କରିବା ସହିତ ତାଙ୍କ ମୁହଁରେ ଛେପ ପକାଇଥିଲା। ମଦ ପିଇଥିବାରୁ କିଛିବାଟ ଯିବାପରେ ସେ ତଳେ ପଡ଼ିଯାଇଥିଲା। ଏହାପରେ କୁଶିଆଙ୍କୁ ସେ କାଠଫାଳିଆରେ ବାଡ଼େଇଥିଲେ। ମୋ ଦୁଇ ପୁଅ ଓ ସ୍ୱାମୀଙ୍କ ଏଥିରେ ସମ୍ପୃକ୍ତି ନାହିଁ ବୋଲି ଭାରତୀ କହିଛନ୍ତି।

# ବିଦ୍ୟାଳୟରୁ ଚୋରି କରି ଧରାପଡ଼ିଲେ ୨ ଯୁବକ




୨ଗିରଫ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

ଗୋପ,୧୦।୪(ଡି.ଏନ୍.ଏ.)

ଗୋପ ଥାନା ଗଣେଶ୍ୱରପୁରୁ ପଞ୍ଚାୟତ ମାଟିଆଖାତ ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ପଶି ଚୋରି କରି ୨ ଯୁବକ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡିବା ପରେ ପୋଲିସ ଜିମା ଦିଆଯାଇଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଡଭାର ପଞ୍ଚାୟତର ବିଜୟ ପ୍ରଧାନ (୨୫) ଓ ସତ୍ୟଜିତ ମହାରଣା(୨୮)। ଏ ନେଇ ପୋଲିସ ନଂ. ୧୬୫/୨୩ରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଗୋପ ମାଟିଆଖାତଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ବାର୍ଷିକ ଉତ୍ସବ ପାଳନ ହେଉଥିଲା। ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କ ପାଖରେ ରହିଥିବା ସମୟରେ ଦୁଇ ସେମାନଙ୍କର ବ୍ୟାଗ ମୋବାଇଲ, ସୁନା ଅଳଙ୍କାରକୁ ନିକଟସ୍ଥ ଏକ ଖୋଲା କୋଠରିରେ ପାଖରେ ରଖିଥିଲେ। ଯୁବକଦ୍ୱୟ ପୂର୍ବ ଯୋଜନା ଅନୁଯାୟୀ ବିଦ୍ୟାଳୟ ନିକଟରେ ପହଞ୍ଚି ସୁଯୋଗକୁ ଅପେକ୍ଷା କରି ଉକ୍ତ କୋଠରିକୁ ଯାଇ ମୋବାଇଲ, ଅଳଙ୍କାର ନେବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ସ୍କୁଲର ଜଣେ ଶିକ୍ଷୟିତ୍ରୀ କୌଣସି କାମରେ କୋଠରି ମଧ୍ୟକୁ ଯିବାରେ ଅଭିଯୁକ୍ତମାନେ ଦୌଡ଼ି ପଳାଇଥିଲେ। ପାଟି ଶୁଣି ସେଠାରେ ଉପସ୍ଥିତ ଲୋକେ ଦୌଡି ପଳାଉଥିବା ଅଭିଯୁକ୍ତମାନଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ।

## ଅବକାରୀ ଚଢ଼ାଉ: ମହିଳାଙ୍କ ସମେତ ୩ ଗିରଫ

ଗୋପ,୧୦।୪(ଡି.ଏନ୍.ଏ.)

ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଞ୍ଚଳରେ ଚୋରା ଦେଶୀ ବିଦେଶୀ ମଦ ବିକ୍ରି ହେବାର ଅଭିଯୋଗ ହୋଇଆସୁଥିଲା। ଏ ନେଇ କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ୭୫ ଲିଟର ଚୋରା ମଦ ସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ନୟାହାଟ ବଜାରର ବିକ୍ରମ କୁମାର ସାହୁ, ଫାଣ୍ଡି ଅଞ୍ଚଳ ବାଲିଦଣ୍ଡାର ସୁବାସ ମଲ୍ଲିକ ଏବଂ ରିତା ନାୟକ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ନଂ.୪, ୫, ୬/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଗୋପ ଥାନାର ନୟାହାଟ ଫାଣ୍ଡି ଅଞ୍ଚଳରେ ଚୋରା ମଦ ବ୍ୟବସାୟର ପେଣ୍ଠସ୍ଥଳୀ ହୋଇଥିବା ବେଳେ ବେପାରୀମାନେ ଚୋରାରେ ଦେଶୀ ବିଦେଶୀ ମଦ ଗୋପ ଥାନାର ଅନେକ ସ୍ଥାନରେ ବିକ୍ରି କରୁଛନ୍ତି। ଖୁଚୁରା ବେପାରୀମାନେ ବଡ଼ ଚୋରା ବେପାରୀଙ୍କଠାରୁ ମଦ କିଣି ବିଭିନ୍ନ ସ୍ଥାନରେ ବିକ୍ରି କରିଥାନ୍ତି। ଗୋପ ଥାନାର ନାଗପୁରୁ, ଗୋପ ବଜାର ,ପରିବା ହାଟ, କୁସୁପୁରୁ, ବେଗୁନିଆ,ଏରବଙ୍ଗ, ଗଣେଶ୍ୱରପୁରୁ ,ସବୁ ଜାଗାରେ ଚୋରା ମଦ ବ୍ୟାପକ ପରିମାଣର ବିକ୍ରି ହେଉଛି। କୋଣାର୍କ ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା ଟିମ୍ ସହ ନୟାହାଟ ବଜାରରେ ଏକ ଚୋରା ମଦ ଦୋକାନରେ ଚଢ଼ାଉ କରି ୨୫ ଲିଟର ଦେଶୀ ମଦ ଜବତ କରିବା ସହ ବିକ୍ରମଙ୍କୁ ଗିରଫ କରିଥିବାବେଳେ ଫାଣ୍ଡି ଅଞ୍ଚଳ ବାଲିଦଣ୍ଡା ଉପରେ ଚଢ଼ାଉ କରି ସୁବାସ ଓ ରିତାଙ୍କୁ ଗିରଫ କରାଯାଇଛି।

# ଜିଲାରେ କୋଭିଡ୍ ମୁକାବିଲା ପାଇଁ ମକ୍‌ଡ୍ରିଲ୍

ପୁରୀ ଅଫିସ, ୧୦।୪:

ଦେଶର ବିଭିନ୍ନ ରାଜ୍ୟରେ ଏବେ କୋଭିଡ୍ ମହାମାରୀ ବୃଦ୍ଧି ପାଉଛି। ଏପରିକି ଓଡ଼ିଶାରେ ମଧ କୋଭିଡ୍ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ମକ୍‌ଡ୍ରିଲ କରାଯାଇଛି।



ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମକ୍ ଡ୍ରିଲ କରାଯାଉଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସୋମବାର ସ୍ଥାନୀୟ ଟିବି ଆଇଡିଏଚ୍ ହସ୍ପିଟାଲ ପରିଦର୍ଶନରେ ଯାଇ ମକ୍‌ଡ୍ରିଲ୍ ମାଧ୍ୟମରେ ସେଠାକାର ପ୍ରସ୍ତୁତିର ତଦାରଖ କରିଥିଲେ। ଟିବି ଆଇଡିଏଚ୍ ହସ୍ପିଟାଲରେ ୨୦ ଶଯ୍ୟା ଏବଂ ତତ୍‌ସହିତ ଅନ୍ୟାନ୍ୟ ସମସ୍ତ ସୁବିଧାର ଯାଞ୍ଚ କରାଯାଇଛି। ଟେଷ୍ଟିଂ ସୁବିଧା, ଆବଶ୍ୟକୀୟ ଔଷଧ, ଅମ୍ଳଜାନ କନ୍‌ସେନଟ୍ରେଟର, ଅଗ୍ନିନିର୍ବାପକ ଯନ୍ତ୍ରର କାର୍ଯ୍ୟକାରିତା ଇତ୍ୟାଦି ନିରୀକ୍ଷଣ କରାଯାଇଥିଲା। ଏହି ଟିମ୍‌ରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ, ଡିପିଏମ୍‌ଟି ନାରାୟଣ ରାଓ, ଟିବି ଆଇଡିଏଚ୍ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ଗଣେଶ ପ୍ରସାଦ ଦାସ, ଡା. ଉତ୍ପଳ ନନ୍ଦୀ, ଡା. ସୁଦର୍ଶନ ପୋଥାଳଙ୍କ ସମେତ ଫାର୍ମାସିଷ୍ଟ, ନର୍ସିଂ ଷ୍ଟାଫମାନେ ସାମିଲ ଥିଲେ। ଏଥିସହିତ ଜିଲାର ଅନ୍ୟ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ–୧୯ ମୁକାବିଲା ପାଇଁ ମଧ ମକ୍‌ଡ୍ରିଲ କରାଯାଇଥିଲା। ସମସ୍ତ ପୂର୍ବ ପ୍ରସ୍ତୁତିର ତଦାରଖ କରାଯିବା ସହ ଏହି ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# 'ସାଲବେଗ ଥିଲେ ଅନନ୍ୟ ଭକ୍ତ, ପ୍ରମୁଖ ସନ୍ଥ'

ପୁରୀ ଅଫିସ, ୧୦।୪:

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଭକ୍ତକବି ସାଲବେଗ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ସୋମବାର ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରେ ଭକ୍ତକବି ସାଲବେଗଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏକାଡେମୀ ସଦସ୍ୟା ଅଧ୍ୟାପିକା ଡ. ପ୍ରତିଭା ମହାରଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭକ୍ତ ସାଲବେଗ ଜଣେ ଅନନ୍ୟ ଭକ୍ତ ଥିଲେ, ଯିଏ ଅନ୍ତରର ନୈବେଦ୍ୟକୁ ଭଜନ ଓ ଜଣାଣ ରୂପରେ ପ୍ରଭୁଙ୍କ ପାଦପଦ୍ମରେ ଅର୍ପଣ କରିଛନ୍ତି। ସେହି ଭଜନ, ଜଣାଣ ଆଜି ପୁରପଲ୍ଲୀରେ ଲୋକମୁଖରେ ଆଦୃତ ହେଉଛି। ସେ ଆଜି ନ ଥିଲେବି ତାଙ୍କର ଭକ୍ତି ନୈବେଦ୍ୟ ସ୍ମୃତି ରୂପରେ ଲୋକମୁଖରେ ଏବେ ବି ପ୍ରଚାରିତ।



ସାଲବେଗଙ୍କ ପୀଠରେ ଅନୁଷ୍ଠାନର ଅତିଥି ଏବଂ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ସାଲବେଗ ଉତ୍କଳୀୟ ଜନମାନସରେ ଜଣେ ପ୍ରମୁଖ ସନ୍ଥ ଓ ସାଧକ ବୋଲି ମହାରଥୀ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ପ୍ରମୋଦା ଦାଶ ଏବଂ ସମ୍ମାନିତ ଅତିଥି ଭାବେ ପରିଷଦର ସଭାପତି ଚକ୍ରଧର ମହାପାତ୍ର ଓ ସାଧାରଣ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସାଲବେଗଙ୍କ ଜୀବନୀ, କାବ୍ୟାଦର୍ଶ ଓ ଜୀବନ ଦର୍ଶନ ସମ୍ପର୍କରେ

## ମହାପ୍ରୟାଣ ଦିବସ ପାଳିତ

ଆଲୋକପାତ କରିଥିଲେ। ସାହିତ୍ୟିକା କ୍ରିଷ୍ଣା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଲୋଚନାରେ ବୀରେନ୍ଦ୍ର ମହାନ୍ତି, ବିପିନ ବିହାରୀ ଦଳାଇ, ବିଜୟଲକ୍ଷ୍ମୀ ଦାଶ, ମିନତି ମିଶ୍ର, ଡ. କାର୍ତ୍ତିକ ଚନ୍ଦ୍ର ଦାସ, ବିଜୟ କୁମାର ମିଶ୍ର, ଅରବିନ୍ଦ ଶତପଥୀ, ଚନ୍ଦ୍ରଶେଖର ମହାରାଣା, ତୃପ୍ତି ପଣ୍ଡା, ଗଦାଧର ନନ୍ଦ, ସନ୍ତୋଷ ଦଳାଇ, ଦେବରାଜ ପ୍ରଧାନ, ପ୍ରଜ୍ଞା ପରମିତା ପାଣି, ରାଜେଶ ପତି, ସସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଦେବାଂଶୀ ଦାଶ ସାଲବେଗଙ୍କ ରଚନାରୁ ଆହେ ନୀଳ ଶଇଳ ଏବଂ ଜଗବନ୍ଧୁ ହେ ଗୋସାଇଁ ଭକ୍ତିସଙ୍ଗୀତ ଗାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଘଟଣାରେ ସ୍ୱାମୀ ଗିରଫ

**ଆଠଗଡ ୧୦।୪(ସ୍ୱ.ପ୍ର.) :** ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗାଁରେ ସ୍ତ୍ରୀଙ୍କୁ ଯୌତୁକ, ମାନସିକ, ଶାରୀରିକ ନିର୍ଯାତନା ଘଟଣାରେ ସ୍ୱାମୀଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। କୋରଙ୍ଗା ଗାଁର ସୁଧାକର ପରିଡା ଅନୁଗୋଳ ଜିଲା ବନ୍ତଳା ଥାନା ଗଡତରାସ ଗାଁର ସୁପ୍ରଭାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ମଧ ଦିବାକର ସ୍ତ୍ରୀ ସୁପ୍ରଭାଙ୍କୁ ମାଡ ମାରିବା ସହ ଯୌତୁକ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ସୁପ୍ରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୬୬/୨୩ରେ ମାମଲା ରୁଜୁ କରିଛି।

### ବିଦ୍ୟୁତ୍ ଉପଭୋକ୍ତା ଅଭିଯୋଗ ପ୍ରକୋଷ୍ଠ ଉଦ୍‌ଘାଟିତ

**ଚୌଦ୍ୱାର, ୧୦।୪(ଡି.ଏନ୍.ଏ.):** ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଅଭିଯୋଗ ଗ୍ରହଣ ଓ ଏହାର ସମାଧାନ ପାଇଁ ଚୌଦ୍ୱାର ନୂଆସାହିରେ ଟାଟାପାୱାର ପକ୍ଷରୁ ଏକ ଅଭିଯୋଗ ପ୍ରକୋଷ୍ଠ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୌରପାଳିକାର ୯, ୧୭ ଓ ୧୮ନଂ. ୱାର୍ଡର ଗ୍ରାହକମାନଙ୍କ ପାଇଁ ହୋଇଥିବା ଏହି ପ୍ରକୋଷ୍ଠକୁ ୯ନଂ. ୱାର୍ଡ କାଉନ୍‌ସିଲର ରଙ୍ଗଲତା ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପିଓଡିସିଏଲ୍‌ର ମ୍ୟାନେଜର ସମୀରକାନ୍ତ ପଢ଼ିହାରୀ, ଯନ୍ତ୍ରୀ ଜଗନ୍ନାଥ ସାହୁ, ବିଜୟ୍ କୁମାର ଜେନା, କାଉନ୍‌ସିଲର ବିଜୟ୍ କୁମାର ସାହୁ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା ଯୋଗଦେଇଥିଲେ। ଉପଭୋକ୍ତାମାନଙ୍କୁ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ଆଗାମୀ ଦିନରେ ଟାଟାପାୱାର ଆହୁରି ଉନ୍ନତ ପଦକ୍ଷେପମାନ ଗ୍ରହଣ କରିବ ବୋଲି ପଢ଼ିହାରୀ କହିଛନ୍ତି। ଲାଇନ୍‌ମ୍ୟାନ୍ କେଦାରେଶ୍ୱର ଲେଙ୍କା, ରଜତ୍ ପଣ୍ଡା, ସଂଗ୍ରାମ କିଶୋର ସାହୁ, ଶିବରାମ ସାହୁ, ଅଜୟ୍ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୁରାତନ ଛାତ୍ର ସଂସଦ ଗଠିତ

**କଟକ ସଦର, ୧୦।୪(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ୭୫ବର୍ଷ ପୂର୍ତ୍ତି ପାଳନ ପାଇଁ ରବିବାର ବିଦ୍ୟାପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସାଧୁ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ବିଶ୍ୱାଳଙ୍କ ସମେତ ଅନେକ ପୁରାତନ ଛାତ୍ର ଯୋଗଦେଇଥିଲେ। ତାପସ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ପୁରାତନ ଛାତ୍ର ସଂସଦ ଗଠିତ ହୋଇଥିଲା। ସଭାପତି ଭାବେ ରଘୁନାଥ ପୃଷ୍ଟି, ଉପ ସଭାପତି ଅକ୍ଷୟ୍ ଭୂୟାଁ ଓ କରୁଣାକର ପ୍ରଧାନ, ସାଧାରଣ ସମ୍ପାଦକ ଉମେଶ ଚନ୍ଦ୍ର ଜେନା ମନୋନିତ ହୋଇଥିଲେ।

### ଜଳ ଜୀବନ ମିଶନରେ ବିଦ୍ୟାଳୟକୁ ସାମିଲ ପାଇଁ ଦାବି

**କଟକ ସଦର, ୧୦।୪(ଡି.ଏନ୍.ଏ.):** ୨୦୨୪ ସୁଦ୍ଧା ଜଳ ଜୀବନ ମିଶନ ବସୁଧା ଯୋଜନାରେ ପ୍ରତି ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲକ୍ଷ୍ୟରେ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ଛୋଟବଡ଼ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମାତ୍ର ଗ୍ରାମରେ ଥିବା ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଅଭିଭାବକଙ୍କ ଅସନ୍ତୋଷ ପ୍ରକାଶ ପାଇଛି। ଏବେସୁଦ୍ଧା ୨୫ଟି ସ୍ଥାନରେ ଓହରହେଡ୍ ପାଣିଟାଙ୍କି କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ସନ୍ନିକଟ ବିଦ୍ୟାଳୟ ଛାତ ଉପରେ ଥିବା କ୍ଷୁଦ୍ର ଟାଙ୍କି ଶୁଖିଲା ପଡୁଛି। କାରଣ ଟାଙ୍କିକୁ ପାଇପ ଲାଇନ୍‌ରେ ପାଣି ଉଠି ପାରୁନି। ଅନ୍ୟପକ୍ଷରେ ଅଧିକାଂଶ ବିଦ୍ୟାଳୟରେ ୧୦୦୦ ଲିଟର କ୍ଷମତା ବିଶିଷ୍ଟ କ୍ଷୁଦ୍ର ପାଣି ଟାଙ୍କି ସ୍ଥାପନ କରାଯାଇ ନ ଥିବା ସମ୍ପର୍କରେ ଗତ ୫ ତାରିଖରେ ଅନୁଷ୍ଠିତ ସମିତି ବୈଠକରେ ସଭ୍ୟାସଭ୍ୟମାନେ ଅଭିଯୋଗ କରିଥିଲେ। ଏହାଛଡା ଶେଷମୁଣ୍ଡକୁ ପାଣି ପାଇପ ଲାଇନ୍‌ରେ ପହଞ୍ଚି ପାରୁ ନ ଥିବା ସରପଞ୍ଚମାନେ ଅଭିଯୋଗ ଉଠାଇଥିଲେ। ସେହିପରି ଅଧିକାଂଶ ନଳକୂପରୁ ଲୌହଯୁକ୍ତ ପାଣି ବାହାରୁଥିବା ବିଷୟ ବୈଠକରେ କୁହାଯାଇଥିଲା। ସ୍ଥାନୀୟ ସରପଞ୍ଚମାନଙ୍କ ଦେଖାରଖାରେ ପାନୀୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ବୈଠକରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନ୍‌ର ସହକାରୀ ଯନ୍ତ୍ରୀ ଏଲିଜା ମଲ୍ଲିକ ସୂଚନା ଦେଇଥିଲେ। ଏଥିସହ ବିଦ୍ୟାଳୟରେ ପାନୀୟ ସମସ୍ୟା ଉପରେ ଦିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୧୧ରେ ଏହି ବ୍ଲକ ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀବେଳେ ବିଦ୍ୟାଳୟ ଛାତ ଉପରେ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ସେହି ସବୁ ଟାଙ୍କିରେ ଜଳ ସଂଯୋଗ ଅଗ୍ରାଧିକାର ଭିତ୍ତିରେ କରିବାକୁ ବୈଠକରେ ଦାବି କରାଯାଇଥିଲା।

# ଜବରଦଖଲରେ ଝୋଟେଶ୍ୱର ମନ୍ଦିର ଜମି

**ମଙ୍ଗୁଳି-ଜଗତପୁର, ୧୦।୪(ଡି.ଏନ୍.ଏ.)**

### ଅତିରିକ୍ତ ତହସିଲଦାରଙ୍କୁ ଭେଟିଲେ ଅଭିଯୋଗକାରୀ


ଅତିରିକ୍ତ ତହସିଲଦାରଙ୍କୁ ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

ଚୌଦ୍ୱାର ପୌରପାଳିକା ଅଧୀନ ୬ନଂ. ୱାର୍ଡ ମୁଣ୍ଡମାଳ ଗ୍ରାମରେ ଥିବା ବହୁ ପୁରାତନ ଝୋଟେଶ୍ୱର ମନ୍ଦିର ଜମିକୁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି। ସେମାନଙ୍କ କବଳରୁ ଏହି ଜମି ମୁକୁଳାଇବା ପାଇଁ ଗ୍ରାମବାସୀ ବାରମ୍ବାର ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଫଳରେ ମନ୍ଦିର ମାର୍ଫତଦାର ଏବଂ ଗ୍ରାମବାସୀ କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ମନ୍ଦିର ଜମିକୁ କେତେଜଣ ଅସାଧୁ ବ୍ୟକ୍ତି ଜବରଦଖଲ କରି ଗୃହ ଓ ରାସ୍ତା ନିର୍ମାଣ କରିଛନ୍ତି। ଜବର ଦଖଲ ନ ହଟିଲେ ଭବିଷ୍ୟତରେ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଅପରପକ୍ଷରେ ଜବରଦଖଲକାରୀଙ୍କୁ ଗ୍ରାମବାସୀ ପ୍ରତିବାଦ କଲେ ହତ୍ୟା ଧମକ ମିଳୁଛି। ଅଭିଯୋଗ ପାଇବା ପରେ ଗତ ୫ ତାରିଖରେ ମନ୍ଦିର ଜମି ମାପଚୁପ କରି ତୁରନ୍ତ ମାର୍ଫତଦାରଙ୍କ ଦାୟିତ୍ୱରେ ଦେବା ପାଇଁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ତହସିଲଦାର ସ୍ଥାନୀୟ ଆର୍‌ଆଇଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଧାର୍ଯ୍ୟ ତାରିଖରେ ତହସିଲ ପକ୍ଷରୁ ଜମି ମାପଚୁପ କରାଯାଇ ନଥିଲା। ଫଳରେ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରି ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣାଙ୍କୁ ସୋମବାର ଲିଖିତ ଆକାରରେ ଜଣାଇଥିଲେ। ଏ ନେଇ ଅତିରିକ୍ତ ତହସିଲଦାର ମହାରଣା କହିଛନ୍ତି, ଆରଆଇଙ୍କୁ ଜ୍ୱର ହେଇଥିବାରୁ ସେ ଛୁଟିରେ ଥିଲେ। ସେଥିପାଇଁ ଧାର୍ଯ୍ୟଦିନ ମାପଚୁପ କରାଯାଇପାରିନାହିଁ। ଆସନ୍ତା ୧୦ଦିନ ମଧ୍ୟରେ ମନ୍ଦିର ଜମି ମାପଚୁପ କରାଯିବ। ବେଆଇନ ଭାବେ ମନ୍ଦିର ଜମି ଜବରଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଅତିରିକ୍ତ ତହସିଲଦାରଙ୍କ ସହ ଆଲୋଚନାବେଳେ ଗ୍ରାମର ରାମଚନ୍ଦ୍ର ଶତପଥୀ, ଅମରଜିତ୍ କର, ସଞ୍ଜୟ କୁମାର ଜେନା, ହୃଷୀକେଶ କର, ରମେଶ କର, ହୃଦାନନ୍ଦ ମହାନ୍ତି, ସଞ୍ଜୀତ ମହାନ୍ତି, ରାମଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭଲ ପଢ଼ିଲେ ପିଲା ଶୀର୍ଷସ୍ଥାନ ଛୁଇଁ ପାରିବେ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ମାହାଙ୍ଗା, ୧୦।୪(ସ୍ୱ.ପ୍ର.)**

### ଆନନ୍ଦ ମାର୍ଗ ଇଂଲିଶ ମିଡିୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତସ୍ଥିତ ମଣିଯୋରୀଠାରେ ଥିବା ଆନନ୍ଦ ମାର୍ଗ ଇଂଲିଶ ମିଡିୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଘରୋଇ ବିଦ୍ୟାଳୟ ସଂଘ ଜଗତ୍‌ସିଂହପୁର ଜିଲା ସଭାପତି ଚିତ୍ତରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ଚକ୍ରଧର ବେହେରା ଯୋଗଦେଇ ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ପ୍ରତ୍ୟେକ ଛାତ୍ରୀଛାତ୍ରମାନେ ଭଲ ଭାବେ ଅଧ୍ୟୟନ କଲେ ଶୀର୍ଷସ୍ଥାନରେ ପହଞ୍ଚି ପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆନନ୍ଦ ମାର୍ଗ ପ୍ରଚାରକ ସଂଘ ଏସି. ଗୁଣାକର ନନ୍ଦ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ମାହାଙ୍ଗା ଥାନା ଆଇଆଇସି ବିଜୟ କୁମାର ମଲିକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ଲିପ୍ସା ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସର୍ବଶ୍ରୀ ସୁଚିସ୍ମିତା ନାୟକ, ଶୁଭଦର୍ଶନୀ ପ୍ରଧାନ, କୌଶଲ୍ୟା ବେହେରା, ରୋଜାଲିନ ପ୍ରଧାନ, ପ୍ରତିଭା ମଞ୍ଜରୀ ଦାସ, ପ୍ରଭାସିନୀ ସାହୁ, ରାଜକିଶୋର ପରିଡା, ଅଭିଷିକ୍ତ ଦାସ, ରଶ୍ମିରେଖା ସାମଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ସମସ୍ତ ଅତିଥିମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ମିଳିତ ଜନ ଶୁଣାଣିରେ ୧୦୮ ଅଭିଯୋଗ



ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଲୋକେ ଅଭିଯୋଗ ଜଣାଉଛନ୍ତି।

**ବଡ଼ମ୍ବା, ୧୦।୪(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର କଟକ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏଥିରେ ଅଧ୍ୟକ୍ଷତା କରିବା ସହିତ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ୧୦୮ ବିଭିନ୍ନ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସମସ୍ତ ଅଭିଯୋଗର ସମାଧାନ କରାଯାଇଛି। ୧୦୨ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୬ଟି ସାମୂହିକ ରହିଥିଲା। ସେହିପରି ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ୪ଟି, ଜାତୀୟ ପରିବାର ମଙ୍ଗଳ ଯୋଜନା ପାଇଁ ୨ଟି ଓ ବିଭିନ୍ନ ଭତ୍ତା ଲାଗି ୨୩ଟି ଅଭିଯୋଗ ଥିଲା। ବିଶେଷ କରି ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟକଳାପକୁ ନେଇ ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯିବା ସହ ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଦୃଷ୍ଟିଆକର୍ଷଣ କରାଯାଇଥିଲା। ସେହିପରି ଶଙ୍ଖାମେରୀ ଚାଷୀଙ୍କ ପକ୍ଷରୁ ସାମାଜିକ କର୍ମୀ ପ୍ରମୋଦ ବିଶ୍ୱାଳ ଓ ଅନ୍ୟମାନେ ଶଙ୍ଖାମେରୀ, କନ୍ତପଡ଼ା ଗହୀରରୁ ବର୍ଷା ଓ ବନ୍ୟା ଜଳ ନିଷ୍କାସନ ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଦିଆଯିବା ସହ ତୁରନ୍ତ ପଦକ୍ଷେପ ପାଇଁ ନିବେଦନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ଜିଲା ପୋଲିସ ଅଧୀକ୍ଷକ ପି. ଯୁଗଳ କିଶୋର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଉପଜିଲାପାଳ ଆଠଗଡ଼ ହେମନ୍ତ କୁମାର ସ୍ୱାଇଁ, ଏସ୍‌ଡିପିଓ ଆଠଗଡ଼ ବିଜୟ କୁମାର ବିଶି, ବିଡିଓ ରମେଶ କୁମାର ଜେନା, ତହସିଲଦାର ନୀଳକଣ୍ଠ ବେହେରା ପ୍ରମୁଖ ଯୋଗଦେଇ ସହାୟତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବ୍ଲକ, ଉପଖଣ୍ଡ ଓ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉମେଶ କୁମାର ପ୍ରଧାନ ଓ ଏବିଡିଓ ଯାଜ୍ଞସେନୀ ଗୋଛାୟତଙ୍କ ସମେତ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଏକତା ବଜାୟ ରଖିବାକୁ ଆହ୍ୱାନ

### ଏକାଠି ହେଲେ କଟକର ଟେନିସ୍ ବଲ୍ ଖେଳାଳି

**କଟକ ଅଫିସ, ୧୦।୪**

କଟକ ସହରରେ ଥିବା ଟେନିସ୍ ବଲ ଖେଳାଳି ଏକାଠି ହୋଇ ମିଳିତ ଭାବେ ଏକ ସଂଘ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜଗତପୁରସ୍ଥିତ ଡାକବଙ୍ଗଳାରେ ରବିବାର ଏକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଟକରେ ଖେଳୁଥିବା ୧୩ଟି ଟିମ୍‌ର ଶତାଧିକ ଖେଳାଳୀ ଯୋଗଦେଇ ସଂଘ ଗଠନ ଦିଗରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ବିଶେଷକରି ଜିଲା ବାହାରେ ଖେଳୁଥିବା କଟକର ଟେନିସ୍ ବଲ୍ ଖେଳାଳିମାନେ କିଭଳି ଏକତା ବଜାୟ ରଖିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏହାସହ ନୂଆ ଢଙ୍ଗରେ 'କଟକ ପ୍ରିମିୟର୍ ଲିଗ୍' ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇଥିଲେ। କଟକର ଟେନିସ୍ ବଲ୍ ଖେଳାଳିଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କର ପଞ୍ଜିକରଣ କରିବାକୁ ବିଧାୟକ ବିଶ୍ୱାଳ ମତ ଦେଇଥିଲେ। ସତ୍ୟଶିଷ ରାଉତ, ସୌମ୍ୟ ମହାନ୍ତି, ସୂର୍ଯ୍ୟ ବିଶ୍ୱାଳ, ମିଥୁନ୍ ମଜୁମଦାର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଦରଦୀ ମଣିଷ ଥିଲେ ଗୁରୁପଦ ନନ୍ଦ


ଜୟନ୍ତୀ ଉତ୍ସବରେ ବାଳାଶ୍ରମରେ ଅତିଥିଙ୍କ ଗହଣରେ ପିଲାମାନେ।

**ସାଲେପୁର, ୧୦।୪(ଡି.ଏନ.ଏ.)**

### ସ୍ୱପ୍ନେଶ୍ୱର ବାଳାଶ୍ରମରେ ଜୟନ୍ତୀ ଉତ୍ସବ

ଓଡ଼ିଶା ବିଧାନସଭାର ପୂର୍ବତନ ମୁଖ୍ୟ ସଚେତକ, ରାଉରକେଲାର ପ୍ରାକ୍ତନ ବିଧାୟକ, ସମବାୟବିତ୍ ସ୍ୱର୍ଗତ ଗୁରୁପଦ ନନ୍ଦଙ୍କ ୭୯ତମ ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସାଲେପୁର ବ୍ଲକ ରଟିଲୋ ପଞ୍ଚାୟତ ବୋଇଲୋସ୍ଥିତ ସ୍ୱପ୍ନେଶ୍ୱର ବାଳାଶ୍ରମରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାଲେପୁର ବ୍ଲକ ଆମ୍ବା ସଭାପତି ଦିଲୀପ ଦାଶ ଯୋଗଦେଇ ଗୁରୁପଦବାବୁ ଜଣେ ଜନପ୍ରିୟ ନେତା ଓ ଦରଦୀ ମଣିଷ ଥିଲେ ମତବ୍ୟକ୍ତ କରିଥିଲେ। ଏଥିସହ ବାଳାଶ୍ରମର ଅଧିକ ବିକାଶ ହେଲେ ସ୍ୱର୍ଗତ ନନ୍ଦଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। ସ୍ୱର୍ଗତ ନନ୍ଦଙ୍କ ବଡ଼ ପୁଅ ରୋମିଓକାନ୍ତ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଦିଲୀପ ଦାଶ, ସମ୍ମାନିତ ଅତିଥି ଭାବେ ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା, ଶିକ୍ଷାବିତ୍ ବିଷ୍ଣୁ ଚରଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ପରିଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନନ୍ଦ ଜଣେ ନିଆରା ମଣିଷ ଓ ରାଜନେତା ଭାବେ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିଥିଲେ। ଗୁରୁପଦ ନନ୍ଦ ଜୟନ୍ତୀ କମିଟି ସଭାପତି ହେମନ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ପ୍ରଧାନ ସଭା ପରିଚାଳନା କରିଥିଲେ। ବାଳାଶ୍ରମର ସଭାପତି ତ୍ରୈଲୋକ୍ୟ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାଳାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ସୁସନ୍ଧ୍ୟା ଶତପଥୀ, ପରିଚାଳକ ସୁବାସ ଚନ୍ଦ୍ର ସାହୁ, ପୂର୍ବତନ ସମିତିସଭ୍ୟ ବିଜୟ କୁମାର ମହାନ୍ତି, ଖବରଦାତା ତାରାକାନ୍ତ ନାୟକ, ରଘୁନାଥ ପାତ୍ର, ପ୍ରଦୀପ୍ତ କୁମାର ମଲ୍ଲିକଙ୍କ ସମେତ ବହୁ ଶୁଭେଚ୍ଛୁ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କର ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱର୍ଗତ ନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ନୀରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମକୁ କମିଟିର କର୍ମକର୍ତ୍ତା, ବୋଇଲୋ ଗ୍ରାମବାସୀ ଓ ବାଳାଶ୍ରମର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଜୟନ୍ତୀ କମିଟି ସଭ୍ୟ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଜିମ୍‌ରେ ତାଲା ପଡିବା ଘଟଣା

# ୩ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**କଟକ ଅଫିସ, ୧୦।୪**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଜିମ୍‌ରେ କର୍ତ୍ତୃପକ୍ଷ ତାଲା ପକାଇବା ନେଇ ଛାତ୍ରୀଛାତ୍ର ପ୍ରତିବାଦ କରିଥିଲେ। ଏହାପରେ ସୋମବାର ୩ଜଣ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସୋମବାର ରେସିଡେନ୍ସ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଷ୍ଟ ହଷ୍ଟେଲର ୩ଜଣ ଛାତ୍ର ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ସେମାନଙ୍କୁ ହଷ୍ଟେଲରୁ ବାହାର କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ସମ୍ପୃକ୍ତ ୩ ଛାତ୍ରଙ୍କୁ ଲଳିତଗିରି ହଷ୍ଟେଲ, ନ୍ୟୁ ହଷ୍ଟେଲ ଏବଂ ଜଗନ୍ନାଥ ହଷ୍ଟେଲରେ ରହିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କମିଟିର ଏଭଳି ନିଷ୍ପତ୍ତିକୁ ନେଇ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସେମାନଙ୍କ କହିବାନୁଯାୟୀ, ପୂର୍ବରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜିମ୍ ବନ୍ଦ କରିବାକୁ ନେଇ ସ୍ୱର ଉତ୍ତୋଳନ କରାଯାଇଥିଲା। ସମସ୍ତ ହଷ୍ଟେଲର ଅନ୍ତେବାସୀ ଜିମ୍‌କୁ ଆସୁଥିବାବେଳେ ବିନା କୌଣସି କାରଣରୁ ଜିମ୍ ବନ୍ଦ ରଖାଯାଇଛି। ଏହି ଘଟଣା ବ୍ୟତୀତ ସେମାନେ କୌଣସି ବିଶୃଙ୍ଖଳା ସୃଷ୍ଟି କରି ନ ଥିବାବେଳେ ସେମାନଙ୍କୁ ବିନା କୌଣସି କାରଣରେ ହଷ୍ଟେଲରୁ ବାହାର କରିଦିଆଯାଇଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଇଷ୍ଟ ହଷ୍ଟେଲର ୱାର୍ଡେନ ଡ. ପୂର୍ଣ୍ଣେନ୍ଦୁ ପାଢ଼ୀ କହିଛନ୍ତି, ସମ୍ପୃକ୍ତ ଛାତ୍ରମାନେ ବିଶୃଙ୍ଖଳିତ ଆଚରଣ କରିଥିଲେ। ତେଣୁ ସେମାନଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହଷ୍ଟେଲରେ ରହୁଥିବା ଅନ୍ୟ ଅନ୍ତେବାସୀଙ୍କ ଭଲ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

# ମଧୁବାବୁ ଜୟନ୍ତୀ କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ


ଜୟନ୍ତୀ କମିଟି କାର୍ଯ୍ୟାଳୟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ସାଲେପୁର, ୧୦।୪(ଡି.ଏନ.ଏ)**

ଆସନ୍ତା ୨୬ରୁ୨୮ତାରିଖ ପର୍ଯ୍ୟନ୍ତ ମଧୁବାବୁ ଜୟନ୍ତୀ କମିଟି ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବ ପାଳନ କରାଯିବ। ଏହି ଅବସରରେ ସୋମବାର ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ପଞ୍ଚାୟତ ରାଲି, ମଶାଲ ଶୋଭାଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ହେବାସହ ଉତ୍କଳ ଗୌରବ ମଧୁବାବୁ ଭାରତରତ୍ନ ସମ୍ମାନ ପ୍ରଦାନ କମିଟିର ମୁଖ୍ୟ ଦାବି ରହିବ ବୋଲି ସ୍ଥିର କରାଗଲା। ଉକ୍ତ ଉତ୍ସବରେ ବହୁ ବିଶିଷ୍ଟ ଅତିଥିଙ୍କ ସହ କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଦାସ, ସରୋଜ କର, ଶ୍ରୀକାନ୍ତ ପଣ୍ଡା, ସମ୍ରାଟ ଲେଙ୍କା, ଭାନୁ ପ୍ରକାଶ ଦାଶ, ସୁଜିତ ମହାରଣା, ଗୁରୁଚରଣ ମଲ୍ଲିକ, ସନ୍ତୋଷ ଭୂୟାଁ, ରାମଚନ୍ଦ୍ରସାହୁପ୍ରମୁଖ ଉପସ୍ଥିତଥିଲେ।

# ଖରାରେ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା

- ଶିକ୍ଷକଙ୍କ ବଦଳି ରେ ପ୍ରତିବାଦ
- ଖଣ୍ଡାୟତ ପଟ୍ଟକିରା ଉଚ୍ଚ ବିଦ୍ୟାଳୟ

**ନିଶ୍ଚିନ୍ତକୋଇଲି, ୧୦।୪(ସ୍ୱ.ପ୍ର.)**


ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରତ।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡାୟତ ପଟ୍ଟକିରା ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳିକୁ ବାତିଲ କରାଯିବା ଦାବି ନେଇ ସୋମବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବରୁ ୨ଥର ଛାତ୍ରୀଛାତ୍ରମାନେ ପ୍ରତିବାଦ କରିଥିଲେ ମଧ ଏଥିପ୍ରତି କାହାରି ନିଘା ନ ଥିଲା। ବିଦ୍ୟାଳୟର ଇଂଲିଶ ଶିକ୍ଷକ ସେକ୍ ବେଲାଲ ଉଦ୍ଦିନ ଅହମ୍ମଦିଙ୍କୁ କଟକ ଜିଲା ଶିକ୍ଷାଧିକାରୀ ଆଠଗଡ଼ ବ୍ଲକ ପାଟେଣୀ ଗାଁସ୍ଥିତ ସର୍ପେଶ୍ୱର ବିଦ୍ୟାପୀଠକୁ ଡେପୁଟେଶନରେ ପଠାଇଛନ୍ତି। ତାଙ୍କ ବଦଳରେ ବିଦ୍ୟାଳୟକୁ କୌଣସି ନୂତନ ଶିକ୍ଷୟିତ୍ରୀଶିକ୍ଷକ ଯୋଗାଇ ଦିଆଯାଇନାହିଁ। ସମ୍ପୃକ୍ତ ଶିକ୍ଷକଙ୍କ ଏହି ଡେପୁଟେଶନକୁ ବାତିଲ କରାଯିବା ନିମନ୍ତେ ନିକଟରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଲିଖିତ ଦାବି କରିଥିଲେ। ଏପରି କି ଛାତ୍ରୀଛାତ୍ରମାନେ ମଧ୍ୟ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ହେଲେ ଏଥିପ୍ରତି କେହି ହେଲେ କର୍ଣ୍ଣପାତ କରି ନ ଥିଲେ। ଏହାର ପ୍ରତିବାଦରେ ସୋମବାର ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ମଧ୍ୟ ଛାତ୍ରୀଛାତ୍ରମାନେ ବିଭିନ୍ନ ନାରାବାଜି ଦେଇ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ବାତିଲ କରିବା ନିମନ୍ତେ ଦାବି କରିଥିଲେ। ଅପରପକ୍ଷରେ ଏହି ଧାରଣା ୩ୟ ଥରକୁ ପହଞ୍ଚି ଥିଲେ ମଧ୍ୟ ଶିକ୍ଷା ବିଭାଗର କୌଣସି ପଦାଧିକାରୀ ଏଥିରେ ହସ୍ତକ୍ଷେପ ନ କରିବାରୁ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଇଓ ଲକ୍ଷହୀରା ଲାବଣ୍ୟବତୀ ବେହେରାଙ୍କୁ ପଚାରିବାରେ ଧାରଣା ସମ୍ପର୍କରେ ଆମେ ଅବଗତ ନାହୁଁ। ତେଣୁ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କୁ ମଙ୍ଗଳବାର କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସେ କହିଥିଲେ।